# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

◆VOLUME- 43 ◆ISSUE-46 ◆SATURDAY ◆9 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୪୬ ◆ଶନିବାର ◆୯ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





**ମୃଣାଳଙ୍କ ପ୍ରେମରେ ଧନୁଷ**

▶ପୃଷ୍ଠା ୧୧ ଦେଖନ୍ତୁ...

## ୧୦ ଗ୍ରାମ ପିଛା ୧.୦୨ ଲକ୍ଷ ଉପରେ ସୁନା ଦର



■ **ନୂଆଦିଲ୍ଲୀ, ୮।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦%ର ଭାରି ଶୁଳ୍କ ଲାଗୁ କରିବା ପରେ ଘରୋଇ ବଜାରରେ ସୁନା ମୂଲ୍ୟ ଏକ ନୂତନ ଶିଖର ଛୁଇଁଛି। ଶୁଳ୍କ ଲାଗୁର ତତ୍କ୍ଷଣାତ୍ ଏହାର ପ୍ରଭାବ ସ୍ୱରୂପ ଶୁକ୍ରବାର ସୁନା ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି। ଯାହାଫଳରେ ରକ୍ଷାବନ୍ଧନ ପୂର୍ବରୁ ସୁନା ମୂଲ୍ୟ ଏଭଳି ଶୀର୍ଷ ସ୍ତରରେ ପହଞ୍ଚିଛି। ଇଣ୍ଡିଆନ୍ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ଆଜି ବଜାରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧,୦୨,୫୦୦ ଟଙ୍କାରେ ପହଞ୍ଚିଛି। ଏହାବାଦ୍ ଗତ ୮ ମାସ ମଧ୍ୟରେ ବଜାରରେ ସୁନା ୨୫ ହଜାର ମହଙ୍ଗା ହୋଇଛି। ଅନ୍ୟପକ୍ଷରେ, ରୁପା ମୂଲ୍ୟ କିଲୋଗ୍ରାମ ପିଛା ୧,୧୭,୦୦୦ ଟଙ୍କାରେ କାରବାର ହେଉଛି। ଗୁରୁବାର ଏହା କିଲୋ ପିଛା ୧,୧୪,୫୦୫ ଟଙ୍କା ପ୍ରତି କିଲୋଗ୍ରାମ ରହିଲା। ଗତ ଦୁଇ ଦିନ ମଧ୍ୟରେ ରୁପା ମୂଲ୍ୟରେ ୨୫୦୦ ଟଙ୍କାରୁ ଅଧିକ ବୃଦ୍ଧି ପାଇଛି।



**ଟ୍ରମ୍ପ ଟାରିଫ୍**

## ଭାରତରୁ ଅର୍ଡର ବନ୍ଦ କଲେ ୱାଲ୍‌ମାର୍ଟ, ଆମାଜନ୍

■ **ନୂଆଦିଲ୍ଲୀ, ୮।୮ (ଏଜେନ୍ସି):** ଭାରତ ଉପରେ ପଡିଛି ଟ୍ରମ୍ପ୍ ଶୁଳ୍କର ପ୍ରଭାବ। ଆମେରିକା ୫୦% ଶୁଳ୍କ ଲାଗୁ କରିବା ପରେ ୱାଲମାର୍ଟ, ଆମାଜନ୍, ଟାର୍ଗେଟ୍ ଓ ଗ୍ୟାପ୍ ଭଳି ପ୍ରମୁଖ ଆମେରିକୀୟ ରିଟେଲ ବିକ୍ରେତା ଭାରତରୁ ଆସୁଥିବା ଅର୍ଡରଗୁଡିକୁ ଏବେ ସ୍ଥଗିତ ରଖିଛନ୍ତି। ତେବେ ଭାରତୀୟ ରପ୍ତାନିକାରୀ ପୂର୍ବରୁ ଜାଣିଥିଲେ ଯେ, ଶୁଳ୍କ ବଢିଲେ ସେମାନଙ୍କ ଅର୍ଡର ପ୍ରଭାବିତ ହେବ। ରିପୋର୍ଟ ଅନୁସାରେ ଭାରତୀୟ ରପ୍ତାନିକାରୀଙ୍କୁ ଆମେରିକୀୟ କ୍ରେତାଙ୍କଠାରୁ ଏ ସମ୍ପର୍କରେ ପତ୍ର ଓ ଇ-ମେଲ ମିଳିଛି। ଏଥିରେ କୁହାଯାଇଛି ଭାରତୀୟ ରପ୍ତାନୀକାରୀ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ କପଡ଼ା ରପ୍ତାନି ରୋକିଦିଅନ୍ତୁ। ତେବେ ଶୁଳ୍କ ଯୋଗୁଁ ବଢୁଥିବା ବ୍ୟୟ ଭାର ଭାରତୀୟ ରପ୍ତାନିକାରୀ ବହନ କରନ୍ତୁ ବୋଲି ଆମେରିକୀୟ କମ୍ପାନୀ ଚାହୁଁଛନ୍ତି। ଆମେରିକାରେ ବିକ୍ରି ହେଉଥିବା ସାମଗ୍ରୀଗୁଡିକର ମୂଲ୍ୟ ୩୦ରୁ ୩୫% ବଢିଯିବ ବୋଲି ଆକଳନ କରାଯାଉଛି। ଭାରତର ୱେଲସ୍ପନ ଲିଭିଂ, ଗୋକଲଦାସ ଏକ୍ସପୋର୍ଟସ୍, ଇଣ୍ଡୋ କାଉଣ୍ଟ ଓ ଟ୍ରାଇଡେଣ୍ଟ ଭଳି ପ୍ରମୁଖ ରପ୍ତାନୀକାରୀ ସଂସ୍ଥା ଆମେରିକାରେ ୪୦ରୁ ୭୦% ପର୍ଯ୍ୟନ୍ତ ଉତ୍ପାଦ ବିକ୍ରି କରୁଛନ୍ତି। କୁହାଯାଉଛି ଆମେରିକା ଯାଉଥିବା ଅର୍ଡର ଏବେ ସ୍ଥଗିତ ହେବା ଯୋଗୁଁ ବାଣିଜ୍ୟରେ ୪୦ରୁ ୫୦% ହ୍ରାସ ହୋଇପାରେ। ଉଲ୍ଲେଖଯୋଗ୍ୟ, ଭାରତରୁ ବହୁମାତ୍ରାରେ କପଡ଼ା ଆମେରିକା ରପ୍ତାନୀ ହୋଇଥାଏ। ଟାରିଫ ଯୋଗୁଁ ଏହି ସବୁ ଅର୍ଡର ବାଂଲାଦେଶ ବା ଭିଏତ୍‌ନାମକୁ ଚାଲିଯାଇପାରେ।

### ଖରିଫ୍‌ରେ ଜଟିଳ ଚାଷୀ ପଞ୍ଜୀକରଣ ବ୍ୟବସ୍ଥା

# ଚାଷୀଙ୍କୁ ଅଡୁଆ 'ପୂର୍ବପୁରୁଷ'

■ **ଭୁବନେଶ୍ୱର, ୮।୮ (ସମିସ):** ଖରିଫ ଧାନ ବିକ୍ରି ନିମନ୍ତେ ପଞ୍ଜିକରଣରେ ଜଟିଳ ବ୍ୟବସ୍ଥା ଚାଷୀଙ୍କ ପାଇଁ ସୃଷ୍ଟିକରିଛି ସମସ୍ୟା। ଜମିପଟ୍ଟାରେ ବାପା-ଜେଜେବାପାଙ୍କ ନାମ ରହିଥିବାରୁ ପଞ୍ଜିକରଣ କରିବାରୁ ଚାଷୀମାନେ ବଞ୍ଚିତ ହୋଇଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସରକାର ସରଳ ସୂତ୍ର ବାହାର କରିବା ପରିବର୍ତ୍ତେ ଯେଉଁ ସାନି ବ୍ୟବସ୍ଥା କରିଛନ୍ତି ତାହା ପୂର୍ବଠାରୁ ଅଧିକ ଜଟିଳ। ଚାଷୀମାନେ ପଞ୍ଜିକରଣ ନିମନ୍ତେ ସ୍ୱ-ଘୋଷଣାନାମା (ସେଲ୍ଫ ଡିକ୍ଲାରେସନ) ଦେଇ ପାରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ମାତ୍ର ଏହି ସ୍ୱ-ଘୋଷଣାନାମାରେ ଜମିର ସମସ୍ତ ଅଂଶୀଦାରଙ୍କ ଆଧାର ନମ୍ବର, ଦସ୍ତଖତ ବାଧ୍ୟତାମୂଳକ କରାଯାଇଛି। ତିନି ଚାରି ପିଢ଼ିର ସମସ୍ତ ଅଂଶୀଦାରଙ୍କ ନାମ, ଆଧାର,

**କମ୍ ଧାନ କିଣିବାକୁ ସରକାରୀ ଷଡ଼ଯନ୍ତ୍ର !**

ଦସ୍ତଖତ ସହ ପଞ୍ଜିକରଣ ବ୍ୟବସ୍ଥା ଚାଷୀଙ୍କ ପାଇଁ ଅସମ୍ଭବ ହୋଇ ପଡ଼ିଛି। ଏକପକ୍ଷରେ ନିଜ ପେଟପାଟଣା ପାଇଁ ବାହାରେ ରହୁଥିବା ପରିବାରର ପିଲାମାନଙ୍କ ଦସ୍ତଖତ ସଂଗ୍ରହ କରିବା ମୁସ୍କିଲ ବ୍ୟାପାର, ଅନ୍ୟପକ୍ଷରେ ଅନେକ କ୍ଷେତ୍ରରେ ତିକ୍ତ ପାରିବାରିକ ସମ୍ପର୍କ ଯୋଗୁଁ ପଞ୍ଜିକରଣରେ ଦସ୍ତଖତ କରିବାରେ ଅଂଶୀଦାରମାନଙ୍କ ଅନାଗ୍ରହ ଚାଷୀଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି। ଫଳରେ ଚାଷୀଙ୍କ ପାଇଁ ସ୍ୱ-ଘୋଷଣାନାମା ଦେବା ଏକପ୍ରକାର ଅସମ୍ଭବ ହୋଇଛି ଓ ପୂର୍ବାପେକ୍ଷା ପଞ୍ଜିକରଣ ସଂପୂର୍ଣ୍ଣ ଧୀମା ହୋଇଯାଇଛି। ବ୍ୟବସ୍ଥାର ସରଳୀକରଣ ନେଇ ଚାଷୀମାନେ ବାରମ୍ବାର ଦାବି କରୁଥିଲେ ହେଁ ତାହା କର୍ଣ୍ଣପାତ କରୁନାହାନ୍ତି। ତେଣୁ ଖରିଫରେ ଚାଷୀଙ୍କ ଠାରୁ କମ୍ ଧାନ କିଣିବାକୁ ସରକାର ବ୍ୟବସ୍ଥାଗତ ଷଡ଼ଯନ୍ତ୍ର କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ପୂର୍ବ ସରକାର ସମୟରେ ପଞ୍ଜିକରଣ ଓ ଋଣ ପ୍ରଦାନ ସମୟରେ ଏପରି ଜଟିଳ ବ୍ୟବସ୍ଥା ନ ଥିଲା। ମାତ୍ର ଏବେ ସରକାରୀ କଟକଣା ଯୋଗୁଁ ଚାଷୀମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପଟେ ଜମି ପଟ୍ଟା ସଂଶୋଧନ କାର୍ଯ୍ୟ ଚାଲିଥିଲେ ବି ଭଉଣୀ (ପରିବାରର କନ୍ୟାସନ୍ତାନ)ଙ୍କ ନାମକୁ ଏଥିରେ ସାମିଲ କରାଯିବାକୁ ନେଇ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଏଥିପାଇଁ ଅନେକ ଲୋକ ପଟ୍ଟା ସଂଶୋଧନ କରିପାରି ନାହାନ୍ତି। ▶ପୃଷ୍ଠା-୭

## ଆୟକର ବିଲ୍ ପ୍ରତ୍ୟାହୃତ

### ୧୧ରେ ଲୋକସଭାରେ ଆସିବ ସଂଶୋଧିତ ବିଲ୍

■ **ନୂଆଦିଲ୍ଲୀ, ୮।୮ (ଏଜେନ୍ସି):** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ଲୋକସଭାରୁ ଆୟକର ବିଲ୍ ୨୦୨୫କୁ ପ୍ରତ୍ୟାହାର କରିନେଇଛନ୍ତି। ବିଲ୍ ଯାଞ୍ଚ ପାଇଁ ଗଠିତ ସିଲେକ୍ଟ କମିଟିର ରିପୋର୍ଟ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବିଲ୍ ଫେବୃଆରୀରେ ଲୋକସଭାରେ ଆଗତ କରାଯାଇଥିଲା। କୁହାଯାଉଛି ଯେ ଅଗଷ୍ଟ ୧୧ ରେ ଲୋକସଭାରେ ନୂତନ ବିଲ୍ ଆଗତ କରାଯିବ। କେନ୍ଦ୍ର ସରକାର ଫେବୃଆରୀ ୧୩ ରେ ଲୋକସଭାରେ ଆୟକର ବିଲ୍ ୨୦୨୫ ଆଗତ କରିଥିଲେ। ବିଲ୍ ଯାଞ୍ଚ ପାଇଁ ୩୧ ସଦସ୍ୟ ବିଶିଷ୍ଟ ସିଲେକ୍ଟ କମିଟି ଗଠନ କରାଯାଇଥିଲା। କମିଟି ବିଲ୍ ଯାଞ୍ଚ କରି ୨୮୫ଟି ପରାମର୍ଶ ଦେଇଥିଲା। କମିଟି ୨୧ ଜୁଲାଇ ୨୦୨୫ରେ ଲୋକସଭାରେ ଏହାର ରିପୋର୍ଟ ଦାଖଲ କରିଥିଲା। କେନ୍ଦ୍ର ସରକାର ସିଲେକ୍ଟ କମିଟିର ପ୍ରାୟ ସମସ୍ତ ସୁପାରିସକୁ ଗ୍ରହଣ କରିଛନ୍ତି।

**ସିଲେକ୍ଟ କମିଟି ରିପୋର୍ଟ ଆଧାରରେ ନିଷ୍ପତ୍ତି**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶୁକ୍ରବାର ଲୋକସଭାରେ ଆୟକର ବିଲ୍, ୨୦୨୫ ପ୍ରତ୍ୟାହାର କରି କହିଛନ୍ତି କମିଟିର କିଛି ପରାମର୍ଶକୁ ସଠିକ୍ ଆଇନଗତ ଅର୍ଥ ଦେବା ପାଇଁ ନୂଆ ବିଲ୍‌ରେ ସାମିଲ କରାଯିବା ଆବଶ୍ୟକ। ସିଲେକ୍ଟ କମିଟି ଦ୍ୱାରା ପରାମର୍ଶିତ ପରିବର୍ତ୍ତନଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପରେ ସରକାର ବିଲ୍‌କୁ ଏକ ନୂତନ ରୂପରେ ଆଣିବେ। କୁହାଯାଉଛି ଯେ ବିଲ୍‌ର ନୂତନ ସଂସ୍କରଣ ଅଗଷ୍ଟ ୧୧ରେ ଲୋକସଭାରେ ଉପସ୍ଥାପନ କରାଯିବ। ବିଲ୍‌ର ବିଭିନ୍ନ ସଂସ୍କରଣ ଯୋଗୁଁ ଦ୍ୱନ୍ଦ୍ୱ ଏଡାଇବା ଏବଂ ସମସ୍ତ ପରିବର୍ତ୍ତନକୁ ଅନ୍ତର୍ଭୁକ୍ତ କରି ଆୟକର ବିଲ୍‌ର ନୂତନ ସଂସ୍କରଣ ସୋମବାର ଗୃହରେ ବିଚାର ପାଇଁ ଆଗତ କରାଯିବ, ଯାହା କମିଟି ତା'ର ରିପୋର୍ଟରେ କହିଛି।

## ଏମ୍ସରେ ନିଯୁକ୍ତି ଜାଲିଆତି

**ଏମ୍ସର ଅଭିଯୋଗ ପରେ ୬ଜଣଙ୍କ ନାମରେ ମାମଲା ରୁଜୁ**

**ପ୍ରଶାସନିକ ଅଧିକାରୀ ସହ ମିଶି ଶ୍ରୁତି କରିଥିଲେ ଜାଲିଆତି**

**ଜାଲ୍ ମେଡିକାଲ ପ୍ରମାଣପତ୍ର ଦାଖଲ କରି ଚାକିରି କରିଥିଲେ**

**୫ ସ୍ଥାନରେ ସିବିଆଇ ଚଢ଼ଉ; ୩ ଅଟକ**

■ **ଭୁବନେଶ୍ୱର, ୮।୮ (ସମିସ):** ଏମ୍ସରେ ଜାଲିଆତି କରି ଚାକିରି କରିବା ଘଟଣାରେ ସିବିଆଇ ଶୁକ୍ରବାର ଭୁବନେଶ୍ୱର ସମେତ ଜଗତସିଂହପୁର ଜିଲ୍ଲାର ଏକାଧିକ ସ୍ଥାନରେ ଚଢ଼ଉ କରିଛି। ୮ ଘଣ୍ଟା ଧରି ସିବିଆଇର ୧୫ଟି ଟିମ୍ ଚଢ଼ଉ କରି ଏକାଧିକ ଗୁରୁତପୂର୍ଣ୍ଣ ଦସ୍ତାବିଜ୍ ଏବଂ ଡିଜିଟାଲ ପ୍ରମାଣ ଜବତ କରିବା ସହ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଏମ୍ସରେ ଠିକା ସଂସ୍ଥା ନିଜ ସମ୍ପର୍କୀୟଙ୍କ ନାମରେ ଜାଲ୍ ଦସ୍ତାବିଜ୍ ବାହାର କରି ଚାକିରି କରାଯାଇଥିବା ଏମ୍ସ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ ଏନେଇ ସିବିଆଇକୁ ଚିଠି କରି ▶ପୃଷ୍ଠା-୭

## ସ୍କିମାଟିକ୍ ଶିକ୍ଷକଙ୍କୁ ଧକ୍କା

### ପ୍ରସ୍ତାବ ପ୍ରତ୍ୟାହାର କଲା ଗଣଶିକ୍ଷା ବିଭାଗ

■ **ଭୁବନେଶ୍ୱର, ୮।୮ (ସମିସ):** ମାତ୍ର ସପ୍ତାହେ ମଧ୍ୟରେ ସ୍କିମାଟିକ୍ ଶିକ୍ଷକଙ୍କୁ ଲାଗିଛି ବଡ଼ ଧକ୍କା। ମଉଳି ଯାଇଛି ସେମାନଙ୍କର ଚାକିରି ନିୟମିତ ହେବାର ଆଶା। ସ୍କିମାଟିକ୍ ଶିକ୍ଷକମାନଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସ୍ତାବକୁ ପ୍ରଥମେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୱେବସାଇଟ୍‌ରୁ ଉଡ଼ାଇ ଦିଆଯାଇଥିଲା। ଏବେ ଆନୁଷ୍ଠାନିକ ଭାବରେ ଏ ସଂକ୍ରାନ୍ତ ପ୍ରସ୍ତାବକୁ ସରକାର ଶୁକ୍ରବାର ପ୍ରତ୍ୟାହାର କରି ନେଇଛନ୍ତି। ନିୟମିତ କରିବାର ଆଶା ଦେଖାଇ ସରକାର ସେମାନଙ୍କୁ ପ୍ରତାରିତ କରିଛନ୍ତି ଓ ୧୬୦୦୦ ଶିକ୍ଷକଙ୍କ ଭବିଷ୍ୟତ ଅନ୍ଧାରକୁ ଚାଲି ଯାଇଛି ବୋଲି ସ୍କିମାଟିକ ଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ରାଜ୍ୟରେ ଶିକ୍ଷକ ନିଯୁକ୍ତି, ସ୍କିମାଟିକ୍ କନିଷ୍ଠ ଶିକ୍ଷକ ପଦ ଉଚ୍ଛେଦ, ନିୟମିତ ଶିକ୍ଷକ ନିଯୁକ୍ତି ପରି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବସିଥିବା ବୈଠକର ସାରାଂଶ ସମ୍ପର୍କରେ ଗତ ୨ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ଜାରି କରିଥିଲା। ଗଣଶିକ୍ଷା ବିଭାଗର ୱେବସାଇଟ୍‌ରେ ଏହା ଅପଲୋଡ୍

**ଅନ୍ଧାରରେ ୧୬,୦୦୦ ଶିକ୍ଷକଙ୍କ ଭବିଷ୍ୟତ**

ମଧ୍ୟ ହୋଇଥିଲା। ସ୍କିମାଟିକ୍ ପଦକୁ ଉଚ୍ଛେଦ କରାଯାଇ ମାଧ୍ୟମିକ ଶିକ୍ଷକଙ୍କ ପରି ନିୟମିତ ପ୍ରାଥମିକ ଶିକ୍ଷକ ନିଯୁକ୍ତି ପାଇଁ ପ୍ରସ୍ତାବ ରହିଥିଲା। ଫଳରେ ସ୍କିମାଟିକ୍ ଶିକ୍ଷକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ସ୍କିମାଟିକ୍ ଶିକ୍ଷକଙ୍କ ଏହି ଉତ୍ସାହ ଅଧିକ ଦିନ ▶ପୃଷ୍ଠା-୭

**ବୋମା ଭିଡ଼ିବା ବେଳେ ଅଘଟଣ**

## ବିସ୍ଫୋରଣରେ ଥରିଲା ଗାଁ; ଜଣେ ମୃତ

■ **ନିରାକାରପୁର/ଭୂଷଣ୍ଡପୁର, ୮।୮ (ସମିସ):** ପ୍ରଚଣ୍ଡ ବିସ୍ଫୋରଣରେ ଥରିଲା ଗାଁ। ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତ ହରିପୁର ଗ୍ରାମ ମାଝୀସାହିରେ ଗୁରୁବାର ଅପରାହ୍ଣରେ ଏପରି ଏକ ଅଘଟଣ ଘଟିଛି। ବୋମା ଭିଡ଼ିବା ବେଳେ ଗୋଟିଏ ଫାଟିଯିବାରୁ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, ଗ୍ରାମର ରମେଶ ମହାପାତ୍ର (୩୭)। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ୩ ବଖରା ଘରର ଛାତ ଉଡ଼ିଯାଇଛି। ଗତକାଲି ଏହି ଘଟଣା ଘଟିଥିବା ବେଳେ ଆଜି ପଦାକୁ ଆସିଛି। ସୂଚନାନୁଯାୟୀ, ବାରହା ଶିକାର ପାଇଁ ▶ପୃଷ୍ଠା-୭



**ଉଡ଼ିଗଲା ୩ ବଖରା**

## ନିଅଣ୍ଟିଆ ବର୍ଷା, ସାର ଅଭାବ ବଢ଼ାଉଛି ଚିନ୍ତା

### ୧୩ ପରେ ବର୍ଷା ବଢ଼ିବ; ନିଅଣ୍ଟିଆ ଭରଣା ହେବନି

■ **ଭୁବନେଶ୍ୱର, ୮।୮ (ସମିସ):** ନିଅଣ୍ଟିଆ ବର୍ଷା ଏବଂ ସାରର ଅଭାବ ଏବେ ଚାଷୀଙ୍କ ପାଇଁ ଚିନ୍ତା ବଢ଼ାଇଛି। ନିଷ୍କ୍ରିୟ ମୌସୁମୀ ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବହୁ ମାତ୍ରାରେ ହ୍ରାସ ପାଇଥିବା ବେଳେ ଚାଷ କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇଛି। ଯେଉଁ ସ୍ଥାନରେ ରୁଆ ସରିଛି, ସେଠାରେ ପାଣିର ଅଭାବ ହେତୁ ତଳି ମରିବା ସ୍ଥିତି ସୃଷ୍ଟି ହୋଇଛି। ଏହାସହିତ ଅନେକ ସ୍ଥାନରେ ରୁଆ ବେଉଷଣ ପାଇଁ ପାଣିର ଅଭାବ ହେତୁ ଚାଷୀକୁଳ ବର୍ଷାକୁ

**ଜରୁରୀକାଳୀନ ପଦକ୍ଷେପ ନେବାକୁ ବିଶେଷଜ୍ଞଙ୍କ ପରାମର୍ଶ**

**ସାରର ଉପଲବ୍ଧତା ସୁନିଶ୍ଚିତ ନ କରାଇଲେ ସ୍ଥିତି ବିଗିଡ଼ିବ**

ଅପେକ୍ଷା କରି ରହିଛି। ଏସବୁ ଭିତରେ ରାଜ୍ୟର ଚାଷୀମାନଙ୍କ ପାଇଁ ସାରର ଅଭାବ ବଡ଼ ସମସ୍ୟା ସୃଷ୍ଟି କରିଛି। ରୁଆ ପରେ ଧାନଗଛ ବୃଦ୍ଧି ପାଇଁ ସାରର ଆବଶ୍ୟକତା ରହୁଥିବା ବେଳେ ପ୍ରତି ଜିଲ୍ଲାରେ ସାର ଉପଲବ୍ଧ କରାଇବାରେ ସରକାର ବିଫଳ ହେଉଛନ୍ତି। ଫଳରେ ଚାଷୀଙ୍କ ପାଇଁ ବର୍ଷା ସାଙ୍ଗକୁ ସାର ସମସ୍ୟା ଚିନ୍ତା ବଢ଼ାଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ମୌସୁମୀ ନିଷ୍କ୍ରିୟ ରହିଛି। ଆସନ୍ତା ୧୩ରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ପରବର୍ତ୍ତୀ ▶ପୃଷ୍ଠା-୭









## ଦିଲ୍ଲୀରେ ଅଭିନେତ୍ରୀ ହୁମା କ୍ୟୁରେଶିଙ୍କ ଭାଇଙ୍କୁ ହତ୍ୟା



ନୂଆଦିଲ୍ଲୀ, ୮।୮(ଏଜେନ୍ସି): ଦିଲ୍ଲୀର ନିଜାମୁଦ୍ଦିନ୍ ଅଞ୍ଚଳରେ ଜଣାଶୁଣା ବଲିଉଡ୍ ଅଭିନେତ୍ରୀ ହୁମା କ୍ୟୁରେଶିଙ୍କ ଦାଦା ପୁଅ ଭାଇ ଆସିଫଙ୍କୁ ହତ୍ୟା କରାଯାଇଛି। ଗୁରୁବାର ରାତି ୧୧ଟାରେ ଜଙ୍ଗପୁରା ଗଗୋଲ ଲେନ୍‌ରେ ଏହି ଆପରାଧିକ ଘଟଣା ଘଟିଛି। ଗାଡ଼ି ପାର୍କିଂ ବିବାଦକୁ ନେଇ ଦୁର୍ବୃତ୍ତମାନେ ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ମେନ୍ ଗେଟ୍ ସାମ୍ନାରେ ସ୍କୁଟର୍ ରଖିବା ନେଇ ଆସିଫ୍ ଓ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଭିଯୁକ୍ତମାନେ ଆସିଫ୍‌ଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଆସିଫଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିହାତି ମାମୁଲି ଘଟଣା ତଥା ସାମାନ୍ୟ ଯୁକ୍ତିତର୍କ ପାଇଁ ଆସିଫ୍‌ଙ୍କ ଉପରେ ଆକ୍ରମଣ କରାଯାଇଥିଲା ବୋଲି ତାଙ୍କ ପତ୍ନୀ ସାଇନା କ୍ୟୁରେଶି କହିଛନ୍ତି।

## ଚଳନ୍ତା ବସ୍ ଉପରେ ଗଛ ପଡ଼ି ୫ ମୃତ

ବାରାବଙ୍କୀ, ୮।୮(ଏଜେନ୍ସି): ଉତ୍ତରପ୍ରଦେଶର ବାରାବଙ୍କୀ ଜିଲ୍ଲାରେ ଏକ ଚଳନ୍ତା ବସ୍ ଉପରେ ଏକ ବଡ଼ ଗଛ ଭାଙ୍ଗି ପଡ଼ିବାରୁ ୫ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ୨ ଜଣ ଶିକ୍ଷକ, ଦୁଇଜଣ ବ୍ଲକ ଅଧିକାରୀ ରହିଛନ୍ତି। ଅନ୍ୟ ଜଣେ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସୂଚନାନୁଯାୟୀ, ୬୦ ଯାତ୍ରୀଙ୍କୁ ନେଇ ଏହି ବସ୍ ବାରାବଙ୍କୀରୁ ହାଇଦରଗଡ଼ ଯାଉଥିଲା। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ହରଖ ଛକଠାରେ ବସ୍ ଆଗକୁ ଏକ ଗାଇ ଚାଲିଆସିଥିଲା। ତାକୁ ବଞ୍ଚାଇବାକୁ ଯାଇ ବସ୍‌ଟି ପ୍ରଥମେ ଏକ ଇଲେକଟ୍ରିକ୍ ଖୁଣ୍ଟ ଓ ପରେ ଏକ ଗଛକୁ ଧକ୍କା ଦେଇଥିଲା। ଏହାର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି।

## କପିଲ ଶର୍ମାଙ୍କୁ ଲରେନ୍ସ ଗ୍ୟାଙ୍ଗର ଧମକ

ନୂଆଦିଲ୍ଲୀ, ୮।୮(ଏଜେନ୍ସି): ଖ୍ୟାତନାମା କମେଡିଆନ କପିଲ ଶର୍ମାଙ୍କ ପଛରେ ପଡ଼ିଛି ଦୁର୍ଦ୍ଦାନ୍ତ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ। କାନାଡାରେ କପିଲଙ୍କ କାଫେ ଉପରେ ଗୁଳିମାଡ଼ କରିବା ପରେ ଏବେ ତାଙ୍କୁ ଗ୍ୟାଙ୍ଗ୍ ତରଫରୁ ଧମକ ମିଳିଛି। ଗ୍ୟାଙ୍ଗର ହ୍ୟାରି ବକ୍ସର ନାମରେ ଏକ ଅଡିଓ ସାମ୍ନାକୁ ଆସିଛି। ଏଥିରେ କପିଲଙ୍କ ସମେତ ପୂରା ବଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଧମକ ଦିଆଯାଇଛି। ଯିଏ ବି ଅଭିନେତା ସଲମାନ ଖାନଙ୍କ ସହ କାମ କରିବ, ତାକୁ ମାରି ଦିଆଯିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, 'ଦି ଗ୍ରେଟ୍ ଇଣ୍ଡିଆନ କପିଲ ଶୋ'ର ଦ୍ୱିତୀୟ ସଂସ୍କରଣରେ ସଲମାନଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। ଏଥିପାଇଁ କପିଲଙ୍କ କାନାଡ଼ାସ୍ଥିତ କାଫେ ଉପରେ ଆକ୍ରମଣ କରାଯାଇଛି ବୋଲି ଗ୍ୟାଙ୍ଗ୍ ପକ୍ଷରୁ କୁହାଯାଇଛି। ଉଲ୍ଲେଖଥାଉ କି, କପିଲଙ୍କ କାଫେ ଉପରକୁ ପ୍ରଥମେ ଜୁଲାଇ ୧୦ରେ ଗୁଳିମାଡ଼ ହୋଇଥିଲା।

## ପରମାଣୁ ବୈଜ୍ଞାନିକଙ୍କୁ ଫାଶୀ ଦେଲା ଇରାନ

ତେହେରାନ, ୮।୮(ଏଜେନ୍ସି): ଇରାନ ଦୁଇଟି ଭିନ୍ନ ଭିନ୍ନ ମାମଲାରେ ବୁଧବାର ଦୁଇଜଣ ବ୍ୟକ୍ତିଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଛି। ଏମାନଙ୍କ ମଧ୍ୟରେ ଜଣେ ପରମାଣୁ ବୈଜ୍ଞାନିକ ରହିଛନ୍ତି। ସେ ହେଲେ, ରୌଜବେ ଭାଦୀ। ସେ ଇସ୍ରାଏଲର ଗୁଇନ୍ଦା ସଂସ୍ଥା 'ମୋସାଦ' ପାଇଁ ଗୁପ୍ତଚର ଭାବେ କାର୍ଯ୍ୟ କରୁଥିଲେ ଏବଂ ଦେଶର ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରୁଥିଲେ ବୋଲି ଅଭିଯୋଗ ହୋଇଥିଲା। ସେ ଇରାନର ଆଟୋମିକ ଏନର୍ଜି ଅର୍ଗାନାଇଜେସନ୍ ଅଧୀନରେ ଥିବା ନ୍ୟୁକ୍ଲିୟର୍ ସାଇନ୍ସ ଆଣ୍ଡ ଟେକନୋଲୋଜି ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ର ସଦସ୍ୟ ଥିଲେ। ସେ ଜଣେ ବୈଜ୍ଞାନିକଙ୍କ ବିଷୟରେ ସମ୍ବେଦନଶୀଳ ସୂଚନା 'ମୋସାଦ'କୁ ଦେଇଥିଲେ। ସେ ଦେଶର ସୁରକ୍ଷା ବ୍ୟବସ୍ଥା ପାଇଁ ବିପଦ ସୃଷ୍ଟି କରିଥିଲେ ବୋଲି ଇରାନ ତରଫରୁ କୁହାଯାଇଛି।

## ୟୁପିର ୨୪ ଜିଲ୍ଲାରେ ବନ୍ୟା

ନୂଆଦିଲ୍ଲୀ/ ଲକ୍ଷ୍ନୌ, ୮।୮(ଏଜେନ୍ସି): ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌ ସମେତ ୧୦ଟି ସହରରେ ଶୁକ୍ରବାର ପ୍ରବଳ ବର୍ଷା ଜାରି ରହିଛି। ଲକ୍ଷ୍ନୌରେ କ୍ରମାଗତ ୭ଦିନ ହେବ ବର୍ଷା ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ବାରଣାସୀ- ବିଜନୋରରେ ଦ୍ୱାଦଶ ଶ୍ରେଣୀ ଓ ଲକ୍ଷ୍ନୌ- ଜୋନପୁରରେ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲଗୁଡ଼ିକୁ ବନ୍ଦ କରି ଦିଆଯାଇଛି। ଅପରପକ୍ଷେ, ଲଗାଣ ବର୍ଷା ଯୋଗୁଁ ରାଜ୍ୟର ୨୪ଟି ଜିଲ୍ଲାରେ ୧୨୪୫ ଗାଁ ବନ୍ୟା ଘେରରେ ରହିଛି। ଏପର୍ଯ୍ୟନ୍ତ ୩୬୦ ଘର ଭୁଶୁଡ଼ିଛି। ହିମାଚଳରେ ୪୫୦ରୁ ଊର୍ଦ୍ଧ୍ୱ ସଡ଼କ ବନ୍ଦ ରହିଛି। ଏଥିରେ ୩୦୫ ଓ ୫ ନଂ ଜାତୀୟ ରାଜପଥ ସାମିଲ ରହିଛି। ହିମାଚଳରେ ବର୍ଷା ଜନିତ କାରଣରୁ ଏପର୍ଯ୍ୟନ୍ତ (ଜୁନ ୨୦ରୁ ଅଗଷ୍ଟ ୭) ପର୍ଯ୍ୟନ୍ତ ୨୦୨ ଜଣ ଲୋକ ମୃତ୍ୟୁବରଣ କରିସାରିଲେଣି। ସେହିପରି ଝାଡ଼ଖଣ୍ଡରେ ସମାନ କାରଣରୁ ୪୩୧ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ତେବେ ମଧ୍ୟପ୍ରଦେଶରେ ଗତ ୭ ଦିନ ହେବ ବର୍ଷା ହୋଇନାହିଁ। ଫଳରେ ରାଜ୍ୟରେ ତାପମାତ୍ରରେ ବୃଦ୍ଧି ଘଟିଛି। ସେହିପରି ବିହାର ଓ ତାମିଲନାଡୁ ସମେତ ୯ଟି ରାଜ୍ୟରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଦିଲ୍ଲୀର ଯମୁନା ନଦୀରେ ଜଳସ୍ତର ବିପଦ ସଂକେତ ଉପରେ ରହିଛି।

## ୨୦୨୪ରେ ୨ ଲକ୍ଷ ଭାରତୀୟ ନାଗରିକତା ଛାଡ଼ିଛନ୍ତି

ନୂଆଦିଲ୍ଲୀ,୮।୮(ଏଜେନ୍ସି): ୨୦୨୪ରେ ପାଖାପାଖି ୨ ଲକ୍ଷ ଭାରତୀୟ ନାଗରିକତା ତ୍ୟାଗ କରିଛନ୍ତି। ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ଲୋକସଭାରେ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ୨, ୦୬,୩୭୮ଜଣ ବ୍ୟକ୍ତିଗତ କାରଣ ଦର୍ଶାଇ ନାଗରିକତା ଛାଡ଼ି ଅନ୍ୟ ଦେଶର ନାଗରିକତା ଗ୍ରହଣ କରିଛନ୍ତି। ୨୦୨୦ ମସିହା ତୁଳନାରେ ୨୦୨୪ରେ ପାଖାପାଖି ଅଢ଼େଇ ଗୁଣା ଲୋକ ଦେଶ ଛାଡ଼ିଛନ୍ତି। କଂଗ୍ରେସ ସାଂସଦ କେସି ବେଣୁଗୋପାଳଙ୍କ ପ୍ରଶ୍ନର ଉତ୍ତର ଦେଇ କୀର୍ତ୍ତି ଏହି ତଥ୍ୟ ଦେଇଛନ୍ତି। ୨୦୨୦ରେ ୮୫,୨୫୬, ୨୦୨୧ରେ ୧,୬୩, ୩୭୦, ୨୦୨୨ରେ ୨,୨୫,୬୨୦ ଏବଂ ୨୦୨୩ରେ ୨,୧୬,୨୧୯ ଲୋକ ଭାରତର ନାଗରିକତା ଛାଡ଼ିଛନ୍ତି। ପୂର୍ବରୁ ୨୦୧୧ରେ ଏହି ସଂଖ୍ୟା ୧,୨୨,୮୧୯, ୨୦୧୨ରେ ୧,୨୦,୯୨୩ ଓ ୨୦୧୪ରେ ୧,୨୯, ୩୨୮ ଭାରତୀୟ ନାଗରିକତା ପରିତ୍ୟାଗ କରିଥିଲେ।

## ପୁତିନଙ୍କ ସହ ଫୋନ୍‌ରେ କଥା ହେଲେ ମୋଦୀ

# 'ଭାରତରେ ଆପଣଙ୍କୁ ସ୍ୱାଗତ କରିବାକୁ ଉତ୍ସାହିତ ଅଛୁ'



ନୂଆଦିଲ୍ଲୀ, ୮।୮(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଫୋନରେ କଥା ହୋଇଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ବିବାଦ ଚାଲିଥିବା ବେଳେ ଏହା ଦୁଇ ଦେଶ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି। ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୁତ କରିବାକୁ ଦୁଇ ନେତା ସେମାନଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି। ପୁତିନଙ୍କ ସହ କଥା ହେବା ନେଇ ମୋଦୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଫୋନ୍‌ରେ ଭଲ ଭାବେ ବିସ୍ତୃତ ଭାବେ କଥା ହୋଇଥିଲୁ। ସେହିପରି ୟୁକ୍ରେନ୍ ସମ୍ପର୍କରେ ସୂଚନା ଦେଇଥିବାରୁ ପୁତିନଙ୍କୁ ଧନ୍ୟବାଦ ଜଣାଇଥିଲି। ପରସ୍ପର ମଧ୍ୟରେ ସହଯୋଗ ବୃଦ୍ଧି କରିବା ସହ ରଣନୈତିକ ସହଭାଗିତା ଆହୁରି ଦୃଢ଼ କରିବା ନେଇ ପ୍ରତିବଦ୍ଧତାକୁ ଦୋହରାଇଥିଲୁ। ଭାରତରେ ଆପଣଙ୍କୁ ସ୍ୱାଗତ କରିବାକୁ ଆମେ ଉତ୍ସାହିତ ଅଛୁ ବୋଲି ମୋଦି ଫୋନ୍‌ରେ ପୁତିନଙ୍କୁ କହିଥିଲେ। ଏବର୍ଷ ପୁତିନଙ୍କ ଭାରତ ଗସ୍ତକୁ ଅପେକ୍ଷା କରିଛି ବୋଲି ମୋଦୀ ଉଲ୍ଲେଖ କରିଛନ୍ତି।

ଗୋଟିଏ ଦିନ ପୂର୍ବରୁ ଭାରତର ରାଷ୍ଟ୍ରୀୟ ନିରାପତ୍ତା ଉପଦେଷ୍ଟା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ମଧ୍ୟ ପୁତିନଙ୍କୁ ମସ୍କୋରେ ଭେଟିଥିଲେ। ଡୋଭାଲ ପ୍ରତିରକ୍ଷା, ଆର୍ଥିକ ଓ ଶକ୍ତି କ୍ଷେତ୍ରରେ ସହଯୋଗ ନେଇ ପୁତିନଙ୍କ ଆଲୋଚନା କରିଥିଲେ। ପୁତିନ ଚଳିତବର୍ଷ ଶେଷ ସପ୍ତାହରେ ଭାରତ ଆସିବେ। ଏହାପୂର୍ବରୁ ଡୋଭାଲ ରୁଷ୍ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁଙ୍କ ମଧ୍ୟ ଭେଟିଥିଲେ। ଏବେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଯଥେଷ୍ଟ ଉନ୍ନତି ହୋଇଛି ଓ ଏହାକୁ ଆମେ ସମ୍ମାନ କରୁଛୁ। ଦୁଇ ଦେଶ ମଧ୍ୟରେ ଏକ ଦୃଢ଼ ତଥା ଉତ୍ତମ ବୁଝାମଣା ରହିଛି ଓ ଏହାକୁ ଆଗେଇ ନେବୁ ବୋଲି ଡୋଭାଲ ସାକ୍ଷାତ ଅବସରରେ ଶୋଇଗୁଙ୍କୁ କହିଛନ୍ତି। ପୁତିନ ୨୦୨୧ ଡିସେମ୍ବର ୬ରେ ଶେଷଥର ପାଇଁ ଭାରତ ଆସିଥିଲେ ଓ ମାତ୍ର ୪ ଘଣ୍ଟା ରହିଥିଲେ। ସେତେବେଳେ ଭାରତ ଓ ରୁଷ୍ ମଧ୍ୟରେ ୨୮ଟି ବୁଝାମଣା ନେଇ ଚୁକ୍ତି ହୋଇଥିଲା ଓ ଦସ୍ତଖତ ହୋଇଥିଲା। ୨୦୨୨ରେ ୟୁକ୍ରେନ ବିପକ୍ଷରେ ଯୁଦ୍ଧ ଆରମ୍ଭ ହେବା ପରେ ପୁତିନ ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିବେ।

## ବ୍ରାଜିଲ ରାଷ୍ଟ୍ରପତିଙ୍କ ସହ ଆଲୋଚନା

ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡା ସିଲ୍‌ଭା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଏହି ଅବସରରେ ଗତ ମାସରେ ମୋଦୀଙ୍କ ବ୍ରାଜିଲ ଗସ୍ତ ନେଇ ଚର୍ଚ୍ଚା କରିଥିଲେ। ଏଥିରେ ଦୁଇ ନେତା ବାଣିଜ୍ୟ, ବୈଷୟିକ ଜ୍ଞାନ କୌଶଳ, ଶକ୍ତି, ପ୍ରତିରକ୍ଷା ଓ କୃଷି ନେଇ ଆପୋସ ବୁଝାମଣା ଓ ସହମତିକୁ ଆହୁରି ଦୃଢ଼ କରିବାକୁ ସମ୍ମତି ପ୍ରକାଶ କରିଥିଲେ। ଦୁଇ ନେତା ଭାରତ ଓ ବ୍ରାଜିଲ ମଧ୍ୟରେ ରଣନୈତିକ ସହଭାଗିତାକୁ ଆହୁରି ଆଗକୁ ବୃଦ୍ଧି କରିବା ନେଇ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଥିଲେ। ସେହିପରି ଆଞ୍ଚଳିକ ଓ ବିଶ୍ୱସ୍ତରରେ ଚାଲିଥିବା ବିଭିନ୍ନ ପ୍ରସଙ୍ଗକୁ ନେଇ ମଧ୍ୟ ଦୁହେଁ ଆଲୋଚନା କରିଥିଲେ। ଉଲ୍ଲେଖଥାଉ କି, ବୁଧବାର ଲୁଲା ଟ୍ରମ୍ପ ଦେଇଥିବା ଆଲୋଚନା ପ୍ରସ୍ତାବକୁ ପ୍ରତ୍ୟାଖାନ କରିଥିଲେ। ଟାରିଫ୍ ସମ୍ପର୍କରେ ଟ୍ରମ୍ପଙ୍କ ସହ କଥା ନ ହୋଇ ମୋଦୀଙ୍କ ସହ କଥା ହେବେ ବୋଲି କହିଥିଲେ। ଟ୍ରମ୍ପ ଭାରତ ଓ ବ୍ରାଜିଲ ଉପରେ ୫୦ ପ୍ରତିଶତ ଟାରିଫ ଲାଗୁ କରିବାକୁ ଘୋଷଣା କରିସାରିଛନ୍ତି।

## ଉତ୍ତରକାଶୀ ବିପତ୍ତି | ୮୦ ଏକର ଜମିରେ ଆବର୍ଜନାର ପାହାଡ଼

ଡେରାଡୁନ୍, ୮।୮(ଏଜେନ୍ସି): ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ଧରାଲୀ ଗାଁରେ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟକୁ ୪ ଦିନ ବିତି ଗଲାଣି। ଏବେ ମଧ୍ୟ ୧୦୦ରୁ ୧୫୦ ଲୋକ ନିଖୋଜ ରହିଛନ୍ତି। ଏମାନେ ସବୁ କାଦୁଅ ଓ ଆବର୍ଜନା ମଧ୍ୟରେ ଚାପି ହୋଇଥିବା ଆଶଙ୍କା କରାଯାଉଛି। ସମ୍ପୂର୍ଣ୍ଣ ଭାବେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବାକୁ ଆହୁରି ୪ ଦିନ ସମୟ ଲାଗିବ। ଧରାଲୀର ୮୦ ଏକର ଜମିରେ ୨୦ରୁ ୫୦ ଫୁଟ ପର୍ଯ୍ୟନ୍ତ କାଦୁଅ ଓ ଆବର୍ଜନା ଜମି ରହିଛି। ଏହାକୁ ହଟାଇବା ପାଇଁ ମାତ୍ର ୩ଟି ଜେସିବି ମେସିନ ନିୟୋଜିତ ହୋଇଛି। ଏହି ଆବର୍ଜନା ତଳେ ଚାପି ହୋଇଥିବା ଲୋକଙ୍କୁ ଠାବ କରିବା ପାଇଁ ହାଇଟେକ ଥର୍ମାଲ ସେନସିଂ ଉପକରଣର ଆବଶ୍ୟକତା ରହିଛି। କିନ୍ତୁ ଏହି ସବୁ ମେସିନ ତଥା ଉପକରଣ ୬୦ କିମି ଦୂରରେ ଥିବା ଭଟବାଡି ରାସ୍ତା ବନ୍ଦ ହେବା କାରଣରୁ ସେଠାରେ ଦୁଇ ଦିନ ଧରି ଅଟକି ରହିଛି। ଧରାଲୀରୁ ଶୁକ୍ରବାର ୫୩ ଜଣ ଲୋକଙ୍କୁ ଉଦ୍ଧାର କରାଯାଇଛି। ଉତ୍ତରକାଶୀ ଜିଲ୍ଲାରୁ ଏପର୍ଯ୍ୟନ୍ତ ୫୬୬ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଉଦ୍ଧାର କାର୍ଯ୍ୟରେ ଭାରତୀୟ ସେନା ଓ ହେଲିକପ୍ଟର ମଧ୍ୟ ନିୟୋଜିତ ହୋଇଛି। ମହାରାଷ୍ଟ୍ରର ୧୫୧ ଜଣ ପର୍ଯ୍ୟଟକ ଏପର୍ଯ୍ୟନ୍ତ ଫସି ରହିଛନ୍ତି। ସେନା ଓ ଏନ୍‌ଡିଆରଏଫ୍ ଟିମ୍ ୨ ଦିନରେ ୩୦୭ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଛନ୍ତି। ଏହି ବିପତ୍ତି କାରଣରୁ ବଦ୍ରିନାଥ ଯାତ୍ରା ପାଇଁ ପଞ୍ଜିକରଣକୁ ଓ କେଦାରନାଥ ଯାତ୍ରାକୁ ରୋକା ଯାଇଛି।

ଉତ୍ତରକାଶୀରୁ ଗଙ୍ଗୋତ୍ରୀ ଯିବାକୁ ହେଲେ ମାତ୍ର ଗୋଟିଏ ସଡକ ଉପଲବ୍ଧ ରହିଛି ଓ ଏହା ଧରାଲୀ ଦେଇ ଯାଉଛି। ହର୍ଷୀଲରୁ ଧରାଲୀ ପର୍ଯ୍ୟନ୍ତ ୩ କିମି ଲମ୍ବ ରାସ୍ତାର ୪ଟି ସ୍ଥାନରେ ୧୦୦ରୁ ୧୫୦ମିଟର ଲମ୍ବର ସଡକ ନଷ୍ଟ ହୋଇଛି। ସେହିପରି ଭଟବାଡୀରୁ ହର୍ଷୀଲ ପର୍ଯ୍ୟନ୍ତ ଥିବା ରାସ୍ତାରେ ୩ ସ୍ଥାନରେ ଭୂସ୍ଖଳନ ହୋଇଛି। ତେଣୁ ଧରାଲୀ ପର୍ଯ୍ୟନ୍ତ ରାସ୍ତା ସଫା ଓ ଖୋଲିବାକୁ ଆହୁରି ୪ ଦିନ ଲାଗିବ।



ବାଦଲ ଫଟା ବର୍ଷା ଜନିତ ବନ୍ୟା, ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାକୁ ଏକପ୍ରକାର ଧ୍ୱଂସ ସ୍ତୁପରେ ପରିଣତ କରିଛି। ମଙ୍ଗଳବାର ଆସିଥିବା ଏହି ବନ୍ୟା ଓ କାଦୁଅ ସୁଅରେ ଉତ୍ତରକାଶୀର ଧରାଲୀ ଓ ହର୍ଶୀଲ ଗାଁ ସମ୍ପୂର୍ଣ୍ଣ ଭାବେ ମାଟିରେ ମିସିଯାଇଥିଲା। ଉଦ୍ଧାର କାର୍ଯ୍ୟ ଚାଲୁ ରହିଛି। ୨୭୪ ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି। ମଙ୍ଗଳବାର ଅପରାହ୍ଣ ୧.୪୫ରେ ବାଦଲ ଫଟା ବର୍ଷା କାରଣରୁ ଖୀର ଗଙ୍ଗା ନଦୀରେ ଭୟଙ୍କର ବନ୍ୟା ଆସିଥିଲା।

## ସେନା ଓ ବାୟୁସେନାକୁ ମିଳିବ ୨୦୦ ନୂଆ ହେଲିକପ୍ଟର

ନୂଆଦିଲ୍ଲୀ, ୮।୮(ଏଜେନ୍ସି): ଭାରତୀୟ ସେନା ଓ ବାୟୁସେନାକୁ ଏବେ ୨୦୦ଟି ନୂଆ ହେଲିକପ୍ଟର ମିଳିବ। ପୁରୁଣା ଚେତକ ଓ ଚିତାକୁ ହଟାଇ ନୂଆ ହେଲିକପ୍ଟର କ୍ରୟ କରାଯିବା ନେଇ ପ୍ରସ୍ତୁତି ଚାଲିଛି। ଏଥିପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ରିକ୍ୱେଷ୍ଟ ଫର ଇନଫର୍ମେସନ (ଆରଏଫ୍‌ଆଇ) ଜାରି କରିଛି। ଏଗୁଡିକ ମଧ୍ୟରୁ ୧୨୦ ହେଲିକପ୍ଟର ଭାରତୀୟ ସେନାକୁ ଓ ୮୦ଟି ବାୟୁସେନାକୁ ପ୍ରଦାନ କରାଯିବ। ଏହି ହେଲିକପ୍ଟର ଉଭୟ ଦିନ ଓ ରାତିରେ କାର୍ଯ୍ୟ କରିବାର ଦକ୍ଷତା ରଖିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ବୈଷୟିକ ଆବଶ୍ୟକାତ ପୂରଣ କରିବା ସହ କିଣିବା ପ୍ରକ୍ରିୟାରେ ନିଷ୍ପତ୍ତି ନେଇଥାଏ। ଏଥିରେ ଭାରତୀୟ କମ୍ପାନୀଗୁଡିକୁ ସାମିଲ କରାଯିବ। ଏହି କମ୍ପାନୀଗୁଡିକ ବିଦେଶୀ କମ୍ପାନୀଗୁଡିକ ସହ ମିସିକରି ହେଲିକପ୍ଟର ନିର୍ମାଣ କରିବ। ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟ ବିଭିନ୍ନ ପ୍ରକାର ହେଲିକପ୍ଟର କ୍ରୟ କରିବାକୁ ଯୋଜନା କରୁଛି। ଏଗୁଡିକ ମଧ୍ୟରେ ନିମ୍ନସ୍ତରୀୟ ରାଡାର, ହାଲକା ଲଢୁଆ ବିମାନ (ଏଲ୍‌ଏସି), ମଲ୍ଟି ରୋଲ ହେଲିକପ୍ଟର ଓ ମିଡ୍ ଏୟାର ରିଫୁଏଲିଂ ଏୟାରକ୍ରାଫ୍ଟ ସାମିଲ ରହିଛି।

## ୨୦୨୪ରେ ଭାରତରେ ୧୫ ଲକ୍ଷ କର୍କଟ ମାମଲା

ନୂଆଦିଲ୍ଲୀ, ୮।୮(ଏଜେନ୍ସି): ଭାରତରେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ୨୦୨୪ରେ ଭାରତରେ ୨୫ ଲକ୍ଷ କର୍କଟ ମାମଲା ଚିହ୍ନଟ ହୋଇଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପରାଓ ଯାଦବ କହିଛନ୍ତି। ଗତବର୍ଷ ୧୫, ୩୩, ୦୫୫ ଲୋକ କର୍କଟ ପୀଡିତ ହୋଇଛନ୍ତି ବୋଲି ଇଣ୍ଡିଆନ୍ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ ସୂଚନା ଦେଇଛି। କିନ୍ତୁ ୨୦୧୯ରେ ଏହି ସଂଖ୍ୟା ୧୩.୫ ଥିଲା। ସେହିପରି ୨୦୨୦ରେ ଏହା ୧୩.୯ ଲକ୍ଷ, ୨୦୨୧ରେ ଏହା ୧୪.୨ ଲକ୍ଷ, ୨୦୨୨ରେ ଏହା ୧୪.୬ ଲକ୍ଷ ଏବଂ ୨୦୨୩ରେ ଏହି ସଂଖ୍ୟା ୧୪.୯ ଲକ୍ଷରେ ପହଞ୍ଚିଥିଲା। ପୁଣି କେବଳ ୨୦୨୩ରେ ୮.୨ ଲକ୍ଷ ଲୋକ କର୍କଟରେ ପୀଡିତ ହୋଇ ମୃତ୍ୟୁବରଣ କରିଛନ୍ତି। ୨୦୧୯ ପରେ ଏହି ସଂଖ୍ୟା ସର୍ବାଧିକ ବୋଲି କୁହାଯାଇଛି। ସେହିପରି ୨୦୧୯, ୨୦୨୦, ୨୦୨୧ ଓ ୨୦୨୨ରେ ଯଥାକ୍ରମେ ୭.୫, ୭.୭, ୭.୮ ଓ ୮ ଲକ୍ଷ ଲୋକ ଏହି ରୋଗରେ ପ୍ରାଣ ହରାଇଥିଲେ।

# ଗାଜା ସିଟିକୁ କବ୍‌ଜା କରିବ ଇସ୍ରାଏଲ୍

ତେଲ ଅଭିଭ୍, ୮।୮(ଏଜେନ୍ସି): ଇସ୍ରାଏଲ ସମ୍ପୂର୍ଣ୍ଣ ଭାବେ ଗାଜା ସିଟିକୁ କବଜା କରିବାକୁ ଯୋଜନା କରିଛି। ଏ ନେଇ ଇସ୍ରାଏଲର ପ୍ରତିରକ୍ଷା କ୍ୟାବିନେଟ୍ ସେନାକୁ ମଞ୍ଜୁରୀ ପ୍ରଦାନ କରିଛି। ଶୁକ୍ରବାର ଗାଜା ପଟିର ଉତ୍ତରାଞ୍ଚଳରେ ଥିବା ଗାଜା ସିଟିକୁ ଅକ୍ତିଆର କରିବାକୁ ଇସ୍ରାଏଲ ସେନା ଅନୁମତି ପାଇଛି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏ ସଂକ୍ରାନ୍ତରେ ବିବୃତ୍ତି ଦେଇଛି। ଏହି ନିଷ୍ପତ୍ତି ନେବାକୁ କ୍ୟାବିନେଟ୍‌ରେ ଦୀର୍ଘ ୧୦ ଘଣ୍ଟା ଧରି ଆଲୋଚନା ହୋଇଥିଲା। କ୍ୟାବିନେଟର ଅଧିକାଂଶ ସଦସ୍ୟ ଇସ୍ରାଏଲର ଏହି ଯୋଜନାକୁ ସପକ୍ଷରେ ମତ ଦେଇଛନ୍ତି ବୋଲି ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଗାଜାର ୭୫ ପ୍ରତିଶତ ଅଞ୍ଚଳ ଏବେ ଇସ୍ରାଏଲ ସେନା ଅଧିନ ତଥା ନିୟନ୍ତ୍ରଣରେ ରହିଛି। ତେବେ ୨୫ ପ୍ରତିଶତ ଅଞ୍ଚଳ ସେନା ଅକ୍ତିଆରରେ ନାହିଁ। ପୂର୍ବରୁ ନେତାନ୍ୟାହୁ ସମ୍ପୂର୍ଣ୍ଣ ଗାଜା ପଟି ବିଷୟରେ ମନ୍ତବ୍ୟ ଦେଇଥିଲେ। କିନ୍ତୁ ତାଙ୍କ କାର୍ଯ୍ୟାଳୟ ତରଫରୁ ଦିଆଯାଇଥିବା ବିବୃତ୍ତିରେ ଏଥର କେବଳ ଗାଜା ସିଟି ବିଷୟରେ ଉଲ୍ଲେଖ କରାଯାଇଛି। ଗାଜାରେ ଚାଲିଥିବା ଯୁଦ୍ଧ ବନ୍ଦ କରିବାକୁ ଇସ୍ରାଏଲ ହମାସ ଆଗରେ ୫ଟି ପ୍ରମୁଖ ସର୍ତ୍ତ ରଖିଛି। ଏବେ ଗାଜାରେ ଚାଲିଥିବା ଯୁଦ୍ଧ କାରଣରୁ ନାହିଁନଥିବା ସ୍ଥିତି ଉପୁଜିଛି। ପ୍ରତିଦିନ ୨୮ ଜଣ ଛୋଟ ପିଲା ପ୍ରାଣ ହରାଉଛନ୍ତି ଓ ଏପର୍ଯ୍ୟନ୍ତ ୧୮ ହଜାର ପିଲା ମୃତ୍ୟୁବରଣ କରିସାରିଲେଣି। ୨୦୨୩ ଅକ୍ଟୋବର ୭ରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧରେ ଏପର୍ଯ୍ୟନ୍ତ ପାଖାପାଖି ୬୧, ୦୦୦ ଲୋକ ମୃତ୍ୟୁବରଣ କଲେଣି। ସେହିପରି ଦେଢ଼ ଲକ୍ଷ ଲୋକ ଆହତ ହୋଇଛନ୍ତି।

## ଓଆଇସି ବୈଠକ ଡାକିଲା ଇରାନ୍

ତେହେରାନ, ୮।୮(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଖାସ୍ କରି ଗାଜାରେ ଇସ୍ରାଏଲ୍ ଆକ୍ରମଣ ଯୋଗୁଁ ସୃଷ୍ଟି ହୋଇଥିବା ମାନବୀୟ ସଂକଟକୁ ଦୃଷ୍ଟିରେ ରଖି ଇରାନ ଅର୍ଗାନାଇସେନ ଅଫ୍ ଇସ୍‌ଲାମିକ କୋପରେସନ (ଓଆଇସି) ବୈଠକ ଡାକିଛି। ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଚି ଆନୁଷ୍ଠାନିକ ଭାବେ ଏହି ବୈଠକ ଡାକିଛନ୍ତି। ସେ ଏହିକ୍ରମରେ ଓଆଇସି ସାଧାରଣ ସମ୍ପାଦକ ହୁସେନ ଇବ୍ରାହିମ ତାହାଙ୍କୁ ଚିଠି ଲେଖିଛନ୍ତି। ଗାଜାରେ ମାନବିକତାର ହତ୍ୟା ହେଉଛି। ଗାଜାକୁ ନିଜ ଅକ୍ତିଆରକୁ ନେବାକୁ ଇସ୍ରାଏଲ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି। ସେଠାରେ ଛୋଟ ପିଲାମାନେ ଅନାହାରରେ ମୃତ୍ୟୁବରଣ କରୁଛନ୍ତି। ତେଣୁ ଏହାକୁ ବିରୋଧ କରିବାକୁ ଓଆଇସି ବୈଠକରେ ନିର୍ଣ୍ଣାୟକ ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି ବୋଲି ଆବାସ କହିଛନ୍ତି।

## ଭାରତରେ ଜନ୍ମ ହୋଇନଥିବା ଲୋକ ଭୋଟ୍ ଦେଇପାରିବେନି: ଶାହା

ନୂଆଦିଲ୍ଲୀ, ୮।୮(ଏଜେନ୍ସି): କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବିହାରରେ ଏସ୍‌ଆଇଆର (ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ) ନେଇ ଚାଲିଥିବା ବିବାଦ ଉପରେ ମତ ରଖିଛନ୍ତି। ଏସ୍‌ଆଇଆରକୁ ବିରୋଧୀ ଦଳଗୁଡ଼ିକ ତରଫରୁ ବିରୋଧ କରାଯାଉଛି। ଅନୁପ୍ରବେଶକାରୀମାନେ ହିଁ ମହାଗଠବନ୍ଧନ(ଇଣ୍ଡି ମେଣ୍ଟ)ର ଭୋଟ ବ୍ୟାଙ୍କ। ତେଣୁ ଏସ୍‌ଆଇଆର କାରଣରୁ ବିରୋଧୀଙ୍କ ଚିନ୍ତା ଓ ସମସ୍ୟା ବଢ଼ିଯାଇଛି ବୋଲି ସେ କହିଛନ୍ତି। ଏହି କ୍ରମରେ ସେ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଆରଜେଡି ସୁପ୍ରିମୋ ଲାଲୁ ଯାଦବଙ୍କୁ ସମାଲୋଚନା କରିଛନ୍ତି। ଯେଉଁମାନେ ଭାରତରେ ଜନ୍ମ ଗ୍ରହଣ କରିନାହାନ୍ତି, ସେମାନଙ୍କୁ ଭୋଟ ଦେବାର ଅଧିକାର ନାହିଁ। ଦେଶ ଭିତରକୁ ଅନୁପ୍ରବେଶ କରିଥିବା ଲୋକମାନେ ହେଉଛନ୍ତି ଗଠବନ୍ଧନର ଭୋଟ ବ୍ୟାଙ୍କ୍। ତେଣୁ ଏସ୍‌ଆଇଆରକୁ ନେଇ ଏମାନେ ପ୍ରଶ୍ନ ଉଠାଉଛନ୍ତି ବୋଲି ସେ କହିଛନ୍ତି। ଶାହା ଓ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶୁକ୍ରବାର ସୀତାମାଢ଼ିରେ ମାତା ଜାନକୀ ମନ୍ଦିରର ଭୂମିପୂଜନ କରିଥିଲେ। ଉପ- ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ନୀତୀଶ ପୁରୁଣା ସରକାରଙ୍କ ନୀତିକୁ ନେଇ ସମାଲୋଚନା କରିଥିଲେ। ସେହିପରି ଶାହା ଏସ୍‌ଆଇଆରଠାରୁ ଆରମ୍ଭ କରି ଅପରେସନ ସିନ୍ଦୂର ପର୍ଯ୍ୟନ୍ତ ନିଜର ମତ ଉପସ୍ଥାପନ କରିଥିଲେ। ଆଗାମୀ ବିଧାନସଭା ନିର୍ବାଚନରେ ଏନ୍‌ଡିଏ ସ୍ପଷ୍ଟ ବହୁମତରେ ବିଜୟୀ ହୋଇ ପୁଣି ସରକାର ଗଠନ କରିବ ବୋଲି ଶାହା କହିଛନ୍ତି।

## 'ଭୋଟ୍ ଚୋରାଇ ବିଜେପି ସରକାର ଗଢ଼ିଛି'




ବିଜେପି ୨୫ଟି ସିଟ୍‌ରେ ୩୫ ହଜାର କିମ୍ବା କମ୍ ଭୋଟ୍‌ରେ ଜିତିଛି: ରାହୁଲ

ନୂଆଦିଲ୍ଲୀ, ୮।୮(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବିଜେପିକୁ ପୁଣି ସମାଲୋଚନା କରିଛନ୍ତି। ମୋଦୀ ଭୋଟ ଚୋରାଇ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ନିର୍ବାଚନ କମିଶନ ଆମକୁ ଇଲେକଟ୍ରୋନିକ ଡାଟା ପ୍ରଦାନ କରନ୍ତି, ତାହେଲେ ଆମେ ଏହାକୁ ପ୍ରମାଣ କରିପାରିବୁ ବୋଲି ସେ କହିଛନ୍ତି। ମୋଦୀ ୨୫ ସିଟ୍ ଅନ୍ତରରେ ପ୍ରଧାନମନ୍ତ୍ରୀ ହୋଇଛନ୍ତି। କିନ୍ତୁ ୨୫ଟି ସିଟ୍‌ରେ ବିଜେପି ୩୫ ହଜାର କିମ୍ବା ତା'ଠାରୁ କମ୍ ଭୋଟ୍‌ରେ ବିଜୟୀ ହୋଇଛି। ତେଣୁ ଭୋଟ ଚୋରାଇ ମୋଦୀ ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। କମିଶନ ଗତ ୧୦ ବର୍ଷର ଦେଶର ସବୁ ଇଲେକଟ୍ରୋନିକ ଭୋଟର ତାଲିକା ଓ ଭିଡିଓଗ୍ରାଫି ଦେବା ଆବଶ୍ୟକ। ଯଦି କମିଶନ ଏହା ନ ଦେବେ, ତେବେ ଏହାକୁ ଅପରାଧ ବୋଲି ବିବେଚନା କରାଯିବ। କମିଶନ ବିଜେପିକୁ ଭୋଟ ଚୋରି କରିବାର ସୁଯୋଗ ଦେଉଛି। ତେଣୁ ନିର୍ବାଚନ କମିଶନଙ୍କୁ ସାରା ଦେଶ ଭୋଟରଙ୍କ ତଥ୍ୟ ମାଗିବା ଆବଶ୍ୟକ ବୋଲି ସେ କହିଛନ୍ତି। ବେଙ୍ଗାଲୁରୁରେ ଫ୍ରିଡମ୍ ପାର୍କରେ ଆୟୋଜିତ କଂଗ୍ରେସର 'ଭୋଟ ଅଧିକାର ରାଲି'ରେ ଯୋଗ ଦେଇ ସେ ଏହି କଥା କହିଛନ୍ତି। ଏହି ଅବସରରେ ତାଙ୍କ ସହ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ୍ ଖଡ୍‌ଗେ ଉପସ୍ଥିତ ଥିଲେ।

# ୪ ମହିଳାଙ୍କ ଜାଲରେ ଫସି ୯ କୋଟି ହରାଇଲେ ୮୦ ବର୍ଷୀୟ ବୃଦ୍ଧ

ମୁମ୍ବଇ, ୮।୮(ଏଜେନ୍ସି): ସାମାଜିକ ଗଣମାଧ୍ୟମରେ ବନ୍ଧୁତ୍ୱ ସ୍ଥାପନ କରି ଜଣେ ୮୦ ବର୍ଷୀୟ ବରିଷ୍ଠ ନାଗରିକ ପାଖାପାଖି ୯ କୋଟି ଟଙ୍କା ହରାଇଛନ୍ତି। ଅନଲାଇନ୍‌ରେ ପ୍ରେମର ଅନ୍ୱେଷଣ ଏତେ ମହଙ୍ଗା ପଡ଼ିବ ବୋଲି ମୁମ୍ବଇର ଏହି ବରିଷ୍ଠ ନାଗରିକ କେବେ ଭାବି ନଥିଲେ। ପ୍ରେମ, ସହାନୁଭୂତି, ଖରାପ ସ୍ଥିତିର ବାହାନା କରି ୪ ମହିଳା ତାଙ୍କଠାରୁ ୮.୭କୋଟି ଟଙ୍କା ଠକି ନେଇଛନ୍ତି। ୨୧ ମାସରେ ୭୩୪ଟି ଟ୍ରାନଜାକସନ ଅର୍ଥାତ ନେଣଦେଣ କରି ସେ ଏତେ ପରିମାଣର ଟଙ୍କା ହରାଇଛନ୍ତି। ଜଣଙ୍କ ପରେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ମହିଳାଙ୍କ ଚକରରେ ପଡ଼ି ସେ ସାରା ଜୀବନରେ ଉପାର୍ଜନ କରିଥିବା ଅର୍ଥ ମାତ୍ର ୨୧ମାସରେ ହରାଇବା ପରେ ଠକାମୀର ଶିକାର ହୋଇଥିବା ହୃଦୟଙ୍ଗମ କରିଥିଲେ। ପରେ ପୁଲିସରେ ଅଭିଯୋଗ କରି ୨୧ ମାସର ଏହି କାହାଣୀ ବଖାଣି ଥିଲେ। ସାଇବର ପୁଲିସ ଏ ନେଇ ମାମଲା ରୁଜୁ କରିବା ସହ ଯାଞ୍ଚ ଆରମ୍ଭ କରିଛି।



୨୦୨୩ ଏପ୍ରିଲରେ ଶରବୀ ନାମକ ଏକ ମହିଳା ତାଙ୍କୁ ଏକ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇଥିଲେ ଓ ଏହାକୁ ସେ ଆକସେପ୍ଟ କରିଥିଲେ। ଏହାପରେ ଦୁହେଁ ଚାଟିଂ ଆରମ୍ଭ କରିଥିଲେ ଓ ଦୁହେଁ ପରସ୍ପରର ଫୋନ୍ ନଂ ଦେଇଥିଲେ। ଏହାପରେ ଦୁହେଁ ହ୍ୱାଟ୍ସଆପ୍‌ରେ ଚାଟିଂ କରିଥିଲେ। ସ୍ୱାମୀଙ୍କଠାରୁ ଅଲଗା ହୋଇ ନିଜ ପିଲାଙ୍କ ସହ ରହୁଥିବା କଥା ଶରାବୀ ତାଙ୍କୁ କହିଥିଲେ। ଏହାପରେ ପିଲାଙ୍କ ଦେହ ଖରାପ୍ ଓ ବିଭିନ୍ନ ଆଳ ଦେଖାଇ ଶରାବୀ ଏହି ବରିଷ୍ଠ ନାଗରିକଙ୍କଠାରୁ ପଇସା ମାଗିଥିଲେ। କିଛି ଦିନପରେ ଶରବୀର ସମ୍ପର୍କୀୟ ଭାବେ ନିଜକୁ ଦର୍ଶାଇ କବିତା ନାମରେ ଆଉ ଜଣେ ମହିଳା ତାଙ୍କ ସହ ହ୍ୱାର୍ଟ୍ସଆପ୍‌ରେ ଯୋଗାଯୋଗ କରି ସମାନ କାହାଣୀ କହି ପଇସା ହଡପ କରିଥିଲେ। ଏହାପରେ ଗତ ଡିସେମ୍ବରରେ ଶରବୀର ଭଉଣୀର ପରିଚୟ ଦେଇ ଡିନାଜ ନାମ୍‌ରେ ଜଣେ ମହିଳା ମଧ୍ୟ ତାଙ୍କ ସମ୍ପର୍କରେ ଆସି ବିଭିନ୍ନ ଆଳ ଦେଖାଇ ପଇସା ନେଇଥିଲେ। ପୁଣି ପରେ ଡିନାଜର ବାନ୍ଧବୀ ବୋଲି ନିଜକୁ ଦର୍ଶାଇ ଜାସମିନ ନାମରେ ଜଣେ ମହିଳା ମଧ୍ୟ ବିଭିନ୍ନ ସ୍ଥିତିର ଆଳ ଦେଖାଇ ତାଙ୍କଠାରୁ ଆର୍ଥିକ ସାହାଯ୍ୟ ମାଗିଥିଲେ। ତାଙ୍କୁ ମଧ୍ୟ ବୃଦ୍ଧଜଣକ ପଇସା ପଠାଇଥିଲେ। କିନ୍ତୁ କେହି ତାଙ୍କ ଟଙ୍କା ଫେରସ୍ତ କରି ନଥିଲେ। ଏହିପରି ଭାବେ ସେ ୨୦୨୩ ଏପ୍ରିଲରୁ ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ ୭୩୪ଟି ଟ୍ରାନଜାକସନ କରି ମୋଟ୍ ୮.୭ କୋଟି ଟଙ୍କା ହରାଇଥିଲେ। ଏହାପରେ ବ୍ୟକ୍ତିଜଣକ ନିଜ ପୁଅ ଓ ବହୁଙ୍କଠାରୁ ପଇସା ମାଗିବା ପରେ ସେମାନଙ୍କର ସନ୍ଦେହ ହୋଇଥିଲା। ଫଳରେ ସେ ପୁଲିସର ସାହାଯ୍ୟ ଲୋଡିଥିଲେ। ଜଣେ ବ୍ୟକ୍ତି ହିଁ ୪ ମହିଳାଙ୍କ ପରିଚୟ ଦେଇ ଏହି ଅର୍ଥ ଲୁଟିଛି। ତେବେ ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

# ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ; ଏଡ଼ାଇଗଲେ ମନମୋହନ

ଭୁବନେଶ୍ୱର, ୮।୮(ସମିସ): ଆଉ ତିନିଦିନ ପରେ ରାଜ୍ୟରେ ବିଜେପି ସରକାର ଗଠନ ହେବାର ୧୪ ମାସ ପୂରିବ। ମାତ୍ର ଖାଲିଥିବା ୬ଟି ମନ୍ତ୍ରୀ ପଦ, ପ୍ରାୟ ୬୦ଟି ବିଭିନ୍ନ ନିଗମ, ବୋଡର୍, ଏକାଡ଼େମୀ ପଦ ପୂରଣ ହୋଇ ପାରିନାହିଁ। ଦୀର୍ଘ ଦିନ ପରେ ରାଜ୍ୟ ମହିଳା କମିଶନ ଓ ଶିଶୁ ଅଧିକାର ସୁରକ୍ଷା କମିଶନ ପଦ ପୂରଣ ହୋଇଥିଲେ ହେଁ ଆହୁରି ଅନେକ ପଦପଦବୀ ଖାଲି। ଯାହାକୁ ନେଇ ଦଳ ଭିତରେ ଅସନ୍ତୋଷ ଢେ଼ଉ ଖେଳୁଛି ଓ ଲବି କରିକରି ନିରାଶ ଆଶାୟୀ ମନ ଊଣାକରି ବସିଛନ୍ତି । ଏହି ସମୟରେ ଗତ କିଛିଦିନ ହେଲା ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ବୋଲି ଚର୍ଚ୍ଚା ହେଉଥିଲେ ହେଁ ଏହା ଦାନା ବାନ୍ଧି ପାରୁନାହିଁ। ଗଲା ସପ୍ତାହରେ କିଛି ଘଟଣାକ୍ରମ ପରେ ଅଗଷ୍ଟ ୧୫ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନିମନ୍ତେ ଚର୍ଚ୍ଚା ହେଉଥିଲା; ମାତ୍ର ଏହି ଚର୍ଚ୍ଚାର ନିଆଁରେ ପାଣି ଢ଼ାଳି ଦେଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ । ତାଙ୍କ ଦିଲ୍ଲୀ ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସଂକ୍ରାନ୍ତରେ କୌଣସି ଆଲୋଚନା ହୋଇ ନ ଥିବା ସେ ରୋକଠୋକ୍ କହିଛନ୍ତି। ତେବେ ଯେଉଁ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ଓଡ଼ିଶାରେ ଆଲୋଚନା ହୋଇ ପାରିଥାଆନ୍ତା; ତାହାକୁ ଦିଲ୍ଲୀରେ କରିବାର କେଉଁ ଆବଶ୍ୟକତା ପଡ଼ିଲା ବୋଲି ଦଳୀୟ ମହଲରେ ଆଲୋଚନା ଚାଲିଛି ।

ମନମୋହନ ରାଜ୍ୟ ବିଜେପି ସଭାପତି ନିର୍ବାଚିତ ହେବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ବିଭିନ୍ନ ନିଗମ, ବୋଡର୍ ନିଯୁକ୍ତି ଚର୍ଚ୍ଚା ପ୍ରତିଦିନ ବଢ଼ିବାରେ ଲାଗିଛି। ଗତ ୨୯ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ରାଜ୍ୟ ସଭାପତି ଶ୍ରୀ ସାମଲ ଦିଲ୍ଲୀ ଗସ୍ତରେ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ମଧ୍ୟ କୁହାଯାଉଥିଲା। ସେହିପରି ଓଡ଼ିଶାର ବିଜେପି ସାଂସଦମାନଙ୍କର ଦୁଇଟି ଭିନ୍ନଭିନ୍ନ ବୈଠକ ଓ ବୈଠକରେ ଉପସ୍ଥିତ ରାଜ୍ୟ ବିଜେପିର ନେତାମାନଙ୍କ ଉପସ୍ଥିତି ଭିନ୍ନ ବାର୍ତ୍ତା ଦେଉଥିବା ରାଜ୍ୟରେ ଚର୍ଚ୍ଚା ହେଉଛି।

ମାତ୍ର ଏହି ସବୁ ଚର୍ଚ୍ଚାକୁ ନିରାଧାର କହିଛନ୍ତି ରାଜ୍ୟ ସଭାପତି ମନମୋହନ ସାମଲ। ସେ କହିଛନ୍ତି ଯେ ଦିଲ୍ଲୀରେ ସାଂସଦମାନଙ୍କର ବୈଠକ ଥିଲା। ରାଜ୍ୟ ପ୍ରଭାରୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆମେ ଯେହେତୁ ଦିଲ୍ଲୀରେ ଥିଲୁ, ତେଣୁ ସମସ୍ତେ ବୈଠକରେ ଯୋଗ ଦେଇଥିଲୁ । ସେଠାରେ ରାଜ୍ୟର ବିଭିନ୍ନ ଯୋଜନା, ଉନ୍ନତି ମୂଳକ କାମ ସରକାର ଏବଂ ରାଜ୍ୟ ସରକାରଙ୍କ ବିଷୟରେ ଆଲୋଚନା କରିଛୁ। ମାତ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ପର୍କରେ କୌଣସି ଆଲୋଚନା ଏହି ବୈଠକରେ ହୋଇନାହିଁ ବୋଲି ମନମୋହନ କହିଛନ୍ତି । ସେହିପରି ରାଜ୍ୟରେ ବିଜେପି ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ସମ୍ପର୍କରେ ଶ୍ରୀ ସାମଲ କହିଛନ୍ତି ଯେ ଆମେ ଏଥିପାଇଁ ପ୍ରସ୍ତୁତ ରହିଛୁ । ବିଜେପି ଏବେ ଶକ୍ତିଶାଳୀ ରହିଛି, ତେଣୁ କିଛି ସମସ୍ୟା ନାହିଁ ବୋଲି ମନମୋହନ କହିଛନ୍ତି।

# କୃଷକମାରଣ ନୀତି ବିରୋଧରେ ବିଜେଡିର ରଣହୁଙ୍କାର

## ୧୮ ରେ ବରଗଡ଼ରେ ବିରାଟ ଚାଷୀ ସମାବେଶ



- କୃଷି କ୍ଷେତ୍ରରେ ଚରମ ଅବହେଳା ଓ କେନ୍ଦ୍ରୀୟ ଅନୁଦାନରେ ହ୍ରାସ
- ତ୍ରୁଟିପୂର୍ଣ୍ଣ ପଞ୍ଜୀକରଣ ପ୍ରକ୍ରିୟା ଚାଷୀଙ୍କୁ ଧାନ ବିକ୍ରିରୁ ବଞ୍ଚିତ କରିବ
- ସ୍ୱାମୀନାଥନ୍ ରିପୋର୍ଟ ଅନୁଯାୟୀ ଧାନ ଏମ୍ଏସ୍‌ପି ୩୧୦୦ ଦାବି

ଭୁବନେଶ୍ୱର,୮।୮(ସମିସ): ରାଜ୍ୟରେ ବିଜେପି ସରକାର ଗତ ୧୩ ମାସର ଶାସନରେ ଚାଷୀକୁଳର ସ୍ୱାର୍ଥକୁ ଉପେକ୍ଷା କରିଛନ୍ତି। ଏଥିପାଇଁ ରାଜ୍ୟର ଚାଷୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ଚାଷୀମାରଣ ନୀତି ଅବଲମ୍ବନ କରୁଥିବା ଅଭିଯୋଗ କରି ଆସନ୍ତା ୧୮ ତାରିଖରେ ବରଗଡ଼ଠାରେ ବିରାଟ ଚାଷୀ ସମାବେଶ କରିବାକୁ ବିଜେଡି ନିଷ୍ପତ୍ତି ନେଇଛି। ଏହା ପୂର୍ବରୁ ଶୁକ୍ରବାର ଦଳର କୃଷକ ସେଲ୍‌ର ଆବାହକତ୍ୱରେ ଶଙ୍ଖ ଭବନରେ ଏକ ରାଜ୍ୟସ୍ତରୀୟ ବୈଠକ ଆୟୋଜନ କରାଯାଇଥିଲା। ଏହି ବୈଠକରେ ରାଜ୍ୟରେ କୃଷକ ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ସବିଶେଷ ଆଲୋଚନା ହୋଇଛି।

ଏହି କାର୍ଯ୍ୟକ୍ରମ ପରେ, ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି କୃଷକ ସେଲ୍‌ର ଆବାହକ ପ୍ରସନ୍ନ ଆଚାର୍ଯ୍ୟ, ଉପସଭାପତି ସ୍ନେହାଙ୍ଗିନୀ ଛୁରିଆ ଓ ସଞ୍ଜୟ ଦାସବର୍ମା ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତି ଉପରେ ବର୍ଷିଥିଲେ। ଶ୍ରୀ ଆଚାର୍ଯ୍ୟ କହିଥିଲେ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟରେ କୃଷି ଉତ୍ପାଦନର ବିକାଶ ହାର ୭.୮ ପ୍ରତିଶତ ଥିଲାବେଳେ, ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ୩.୮ ପ୍ରତିଶତକୁ ଖସିଆସିଛି। ସେହିପରି, ଡବଲ ଇଞ୍ଜିନ ଓ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାରଙ୍କ ସମୟରେ କେନ୍ଦ୍ରୀୟ ଅନୁଦାନ କମିଛି।୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ, ୨୦୨୪-୨୫ ଆର୍ଥିକ ବର୍ଷରେ, କେନ୍ଦ୍ରୀୟ ଅନୁଦାନ ୧୮.୧୯ ପ୍ରତିଶତ କମିଥିବା ବେଳେ କୃଷି କ୍ଷେତ୍ରରେ ମଧ୍ୟ କେନ୍ଦ୍ରୀୟ ଅନୁଦାନ କମିଛି। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ୨୦୨୩-୨୪ ଆର୍ଥିକ ବର୍ଷରେ ୧୪୬ କୋଟି ଟଙ୍କାର ଅନୁଦାନ ମିଳିଥିବା ବେଳେ ଏହା ୨୦୨୪-୨୫ ଆର୍ଥିକ ବର୍ଷରେ ୩୨ କୋଟି ଟଙ୍କାକୁ ଖସି ଆସିଛି। ସେହିପରି, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶାକୁ ୨୨୩ କୋଟି ଟଙ୍କାର ଆର୍ଥିକ ଅନୁଦାନ ମିଳିଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ କୌଣସି ଅନୁଦାନ ମିଳିଲା ନାହିଁ। ଶ୍ରୀ ଆଚାର୍ଯ୍ୟ ଆହୁରି କହିଥିଲେ, ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ଖରିଫ ଧାନ କିଣା ପାଇଁ ଚାଷୀମାନଙ୍କୁ ପଞ୍ଜିକୃତ କରିବାକୁ ଆହ୍ୱାନ କରାଯାଇଥିବା ବେଳେ ଜଟିଳ ସର୍ତ୍ତ ପାଇଁ ଅଧିକାଂଶ ଚାଷୀ ପଞ୍ଜୀକରଣ କରିବାରେ ସକ୍ଷମ ହୋଇପାରୁ ନାହାନ୍ତି। ରାଜ୍ୟର ଚାଷୀଭାଇଙ୍କୁ ଧାନ ବିକ୍ରି ପ୍ରକ୍ରିୟାରୁ ନିବୃତ କରିବା ପାଇଁ ଏହା ରାଜ୍ୟ ସରକାରଙ୍କ ଏକ ଚାଲ୍। କାରଣ, ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କା ଇନ୍‌ପୁଟ୍ ସବ୍‌ସିଡି ଦେଇ ପଡ଼ିଥିବା ଆର୍ଥିକ ବୋଝରୁ ମୁକୁଳିବା ପାଇଁ ରାଜ୍ୟ ସରକାର ଏଭଳି ଫନ୍ଦି ବାହାର କରିଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କରିଛନ୍ତି।

ସେହିପରି ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ବିଜେପି ବିନା କଟ୍‌ନୀଛଟ୍‌ନୀରେ ଧାନ କିଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ, ଖରିଫ ଧାନ କିଣା ସମୟରେ, ରାଜ୍ୟ ସରକାର ଗ୍ରେଡ୍ ଆନାଲାଇଜର ଲଗାଇଲେ। ଯାହା ଫଳରେ ଧାନ ପ୍ରତି କୁଇଣ୍ଟାଲରେ ପ୍ରାୟ ୧୦ରୁ ୧୫ କେଜି କଟ୍‌ନୀଛଟ୍‌ନୀ ହେଲା। ବିଜେପିର ବିନା କଟ୍‌ନୀଛଟ୍‌ନୀରେ ଧାନ କିଣା ଓ ଦଲାଲମୁକ୍ତ ଧାନ କିଣା ପ୍ରତିଶ୍ରୁତି ବାସ୍ତବରେ ଏକ ଧୂଆଁବାଣରେ ପରିଣତ ହୋଇଛି। ଅନ୍ୟପଟେ ନିର୍ବାଚନ ସମୟରେ ବିଜେପି ତରଫରୁ ସ୍ୱାମୀନାଥନ କମିସନଙ୍କ ସୁପାରିସ ଅନୁଯାୟୀ ଧାନର ସର୍ବନିମ୍ନ ମୂଲ୍ୟ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଏହା କାହିଁକି ପ୍ରଦାନ କରାଯାଉ ନାହିଁ ବୋଲି ସଞ୍ଜୟ ଦାସବର୍ମା ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାର ଇନପୁଟ୍ ସବ୍‌ସିଡି ନାମରେ ପ୍ରତି କୁଇଣ୍ଟାଲ ୮୦୦ ଟଙ୍କା ପ୍ରଦାନ କରୁଛନ୍ତି। କିନ୍ତୁ, ଖରିଫ ଓ ରବି ଧାନ କିଣା ସମୟରେ, ଟୋକନ ମିଳିଥିବା ଅଧିକାଂଶ ଚାଷୀମାନଙ୍କ ଧାନ ଉଠିପାରିଲା ନାହିଁ। ଯୋଗାଣ ବିଭାଗର ରିପୋର୍ଟ ଅନୁଯାୟୀ, ପ୍ରାୟ ୧ ଲକ୍ଷ ୫୩ ହଜାର ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇ ପାରିନାହିଁ। ଯେଉଁଥିପାଇଁ ସମଗ୍ର ଓଡିଶାରେ ଚାଷୀମାନେ ହଇରାଣ ହରକତ ହେଉଛନ୍ତି। ସେହି ସମସ୍ୟା ସମାଧାନ ହୋଇ ନ ଥିବା ବେଳେ, ଏବେ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଖରିଫ ଧାନ ପାଇଁ ପଞ୍ଜୀକରଣ ସମ୍ପୂର୍ଣ୍ଣ ଭାବେ ତ୍ରୁଟିପୂର୍ଣ୍ଣ ଓ ଚାଷୀମାରଣ ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଛନ୍ତି।

ପ୍ରସନ୍ନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ରାଜ୍ୟର ସମସ୍ତ ଜିଲ୍ଲାରୁ କୃଷକ ପ୍ରତିନିଧିମାନଙ୍କ ସହିତ ଦଳର ବରିଷ୍ଠ ନେତା ଚନ୍ଦ୍ରଶେଖର ସାହୁ, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା, ଅରୁଣ ସାହୁ, ସୁଦାମ ମାରାଣ୍ଡି, ପ୍ରତାପ ଜେନା, ପ୍ରଣବ ବଳବନ୍ତରାୟ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ପ୍ରୀତିରଞ୍ଜନ ଘଡେଇ, ବଦ୍ରି ପାତ୍ର, ନିରଞ୍ଜନ ପୂଜାରୀ, ଅଶୋକ ପଣ୍ଡା, ପ୍ରଫୁଲ୍ଲ ସାମଲ, ଅମର ପଟ୍ଟନାୟକ, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ରମେଶ ମାଝୀଙ୍କ ସହିତ ଦଳୀୟ ବିଧାୟକଗଣ ଓ ବିଭିନ୍ନ ଜିଲ୍ଲାର ସଭାପତିମାନେ ଅଂଶଗ୍ରହଣ କରିଥିଲେ।

# ୪ ହାତୀଦାନ୍ତ ଜବତ, ୫ ମାଫିଆ ଗିରଫ



କେନ୍ଦୁଝର, ୮।୮(ସମିସ): କେନ୍ଦୁଝର ବନ ବିଭାଗକୁ ଏକ ବଡ଼ଧରଣର ସଫଳତା ମିଳିଛି। ନୟାକୋଟ ଥାନା ବାଲିବେଢ଼ା ଗ୍ରାମରେ ଚଢ଼ଉ କରି ୪ଟି ହାତୀଦାନ୍ତ ଜବତ କରିବା ସହ ଏହି ବେଆଇନ କାରବାରରେ ସଂପୃକ୍ତ ୫ ମାଫିଆଙ୍କ ଗିରଫ କରିଛି। ସେମାନେ ହେଲେ, ନୟାକୋଟ ଥାନା ଅନ୍ତର୍ଗତ ବାଲିବେଢ଼ା ଗ୍ରାମର ଗଙ୍ଗାଧର ପାତ୍ର(୪୧), ଜମ୍ବିରିପସି ଗ୍ରାମର ନାରଦ ମୁଣ୍ଡା(୨୫), ମୟୂରଭଞ୍ଜ ଜିଲ୍ଲାର ରରୁଆଁ ଥାନା ଅନ୍ତର୍ଗତ ଭାଲିଆଡିହାର କେଦାରନାଥ ପାତ୍ର(୪୯), ଚମ୍ପୁଆ ଥାନା ଯୋଡ଼ାପୋଖରୀ ଗ୍ରାମର ଶ୍ରୀକୃଷ୍ଣଚନ୍ଦ୍ର ମୁଣ୍ଡା(୪୫) ଓ ସଦର ଥାନା ଅନ୍ତର୍ଗତ ବରଦାପାଳ ଗ୍ରାମର ଘସିରାମ ମୁଣ୍ଡା(୩୦) ।ଜବତ ଦାନ୍ତଗୁଡ଼ିକର ଓଜନ ୫ କେଜି ୫୮ ଗ୍ରାମ୍ ହେବ ବୋଲି ଜଣାପଡ଼ିଛି।




ରାକ୍ଷୀ ପୂର୍ଣ୍ଣିମା ଉପଲକ୍ଷେ ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା

## ଟୋଲ୍‌ଗେଟ୍‌ରେ ପୁଲିସର ଦାଦାଗିରି

# ଟ୍ରକ୍ ଚାଳକ ଓ ହେଲ୍‌ପରଙ୍କୁ ନିସ୍ଥୁକ ମାଡ଼

ବୈଶିଙ୍ଗା, ୮।୮ (ସମିସ): ପୁଣି ପଦାକୁ ଆସିଲା ପୁଲିସ୍‌ର ବର୍ବରତା। ଟୋଲଗେଟ୍ ନିକଟରେ ଏକ ଟ୍ରକ୍‌କୁ ଅଟକାଇବା ସହ ଚାଳକ ଓ ହେଲପର୍‌ଙ୍କୁ ନିସ୍ଥୁକ ମାଡ଼। ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ଟୋଲଗେଟ୍ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏପରି ଏକ ଘଟଣା ଘଟିଛି। ଏହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ସାଧାରଣରେ ନାପସନ୍ଦ କରାଯିବା ସହ ସଂପୃକ୍ତ ଦୁଇ ପୁଲିସ୍ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ତେବେ ଭିଡିଓଟି କେଉଁ ଦିନର ତାହା ଜଣାପଡ଼ିନାହିଁ।

ସୂଚନା ଅନୁସାରେ, ଗୁରୁବାର ବିଳମ୍ବିତ ରାତିରେ ଏକ ଦ୍ରୁତଗାମୀ ଟ୍ରକ୍ ଓଭରଲୋଡିଂ ନେଇ ଟୋଲଗେଟ୍ ନିକଟରେ ପହଞ୍ଚିଥିଲା। ପରେ ବିନା ୟୁନିଫର୍ମରେ ଥିବା ପୁଲିସ କର୍ମଚାରୀ ଓ ଚାଳକଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ପୁଲିସ ପରେ ଚାଳକଙ୍କୁ ଆଲକହଲ ବ୍ରେଥ ଏନଲାଇଜରରେ ଚେକିଂ କରିବା ସହ ତାଙ୍କୁ ମାରପିଟ୍ କରୁଥିବାର ଦୃଶ୍ୟ ମଧ୍ୟ ଭିଡିଓରେ ଦେଖିବାକୁ ମିଳିଥିଲା। ଏପରିକି, ଜଣେ ପୁଲିସ ଏସଆଇ ଟ୍ରକ୍ ଭିତରେ ଜବରଦସ୍ତ ପଶି ଚାଳକଙ୍କୁ ମାଡ଼ ମାରିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। ତେବେ ସାଦା ପୋଷାକରେ ବିଳମ୍ବିତ ରାତିରେ ପୁଲିସ ପାଟ୍ରୋଲିଂ ଓ ଗାଡ଼ି ଚେକିଂ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

# ହସ୍ତତନ୍ତ 'ଏକତା' ମେଳାରେ ସମ୍ବଲପୁରୀ ଶାଢ଼ିର ସ୍ଥାନ ନାହିଁ

ଭୁବନେଶ୍ୱର,୮।୮(ସମିସ): ଦେଶବିଦେଶରେ ସମ୍ବଲପୁରୀ ଶାଢ଼ିର ସୁନାମ ରହିଛି। ଭାରତ ବାହାରେ ଅନେକ ରାଷ୍ଟ୍ରରେ ସମ୍ବଲପୁରୀ ଶାଢ଼ିର ଚାହିଦା ବହୁତ ଅଧିକ ରହିଛି। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଜନତା ମଇଦାନରେ ଆୟୋଜିତ ହସ୍ତତନ୍ତ 'ଏକତା' ମେଳାରେ ସମ୍ବଲପୁରୀ ଶାଢ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ରାଜ୍ୟସ୍ତରୀୟ ହସ୍ତତନ୍ତ

## ପଶ୍ଚିମ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା

ମେଳା ମାନଚିତ୍ରରେ ରାଜ୍ୟର ବିଭିନ୍ନ ଅଞ୍ଚଳର ପ୍ରସିଦ୍ଧ ଶାଢ଼ିର ନାମ ଓ ଚିତ୍ର ଉଲ୍ଲେଖ ଥିବା ବେଳେ ସମ୍ବଲପୁରୀ ଶାଢ଼ିକୁ ସ୍ଥାନ ମିଳିନାହିଁ। ଏହାକୁ ପଶ୍ଚିମଓଡ଼ିଶାବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଆୟୋଜିତ ମେଳା ପରିସରରେ ଏକ ଓଡ଼ିଶା ମାନଚିତ୍ର ହୋଇଛି। ଏହି ମାନଚିତ୍ରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଉତ୍ପାଦିତ ହେଉଥିବା ହସ୍ତତନ୍ତ ବିଷୟରେ ସୂଚନା ଦିଆଯାଇଛି। ଟସର, ମାଣିଆବନ୍ଧ, କଟକୀ ଶାଢ଼ି, ଖଣ୍ଡୁଆପାଟ, ଡଙ୍ଗରିଆ



ଶାଢ଼ି, ବମକାଇ ପସାପାଲି ଓ ହାବାସପୁରୀ ଭଳି ହସ୍ତତନ୍ତ ବିଷୟରେ ସୂଚନା ଦିଆଯାଇଛି। ମାତ୍ର ଏଠାରେ ସମ୍ବଲପୁରୀ ଶାଢ଼ି ବିଷୟରେ ବିନ୍ଦୁବିସର୍ଗ ନାହିଁ। ଏହାକୁ ନେଇ ସମ୍ବଲପୁରୀ ଶାଢ଼ି ପ୍ରତି ଶ୍ରଦ୍ଧା ରଖୁଥିବା ପ୍ରତି ଓଡ଼ିଆ କ୍ଷୋଭ ପ୍ରକାଶ କରିଛନ୍ତି। ବିଶେଷକରି ପଶ୍ଚିମ ଓଡ଼ିଶାର ବିଭିନ୍ନ ଶିଳ୍ପୀ ସଂଘ ପକ୍ଷରୁ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଜାତୀୟ ହସ୍ତତନ୍ତ ଦିବସ ଅବସରରେ ୬ ତାରିଖରୁ ଜନତା ମଇଦାନରେ ଏହି ହସ୍ତତନ୍ତ ମେଳା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମେଳାକୁ ଉଦ୍‌ଘାଟନ କରିଥିବା ବେଳେ ବିଶିଷ୍ଟ ସିନେ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏହାର ଶୋଭାବର୍ଦ୍ଧନ କରିଛନ୍ତି। ହସ୍ତତନ୍ତକୁ ନେଇ ଓଡ଼ିଶା ଯଦି ଦେଶ ବିଦେଶରେ ନିଜର ପରିଚୟ ଖୋଜେ, ତେବେ ଏଥିରେ ପ୍ରଥମେ ସମ୍ବଲପୁରୀ ଶାଢ଼ିର କଥା ଆସିବ। ହେଲେ ଆୟୋଜିତ ରାଜ୍ୟସ୍ତରୀୟ ମେଳାରେ କେଉଁ କାରଣରୁ ସମ୍ବଲପୁରୀ ଶାଢ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି, ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଓଡ଼ିଶାର ସମୃଦ୍ଧ ବୟନ ଐତିହ୍ୟ ଓ ହସ୍ତଶିଳ୍ପ ପ୍ରଦର୍ଶନ ପାଇଁ ୬୦ଟି ଷ୍ଟଲ୍ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରୁ ୧୫୦୦ ରୁ ଅଧିକ ହସ୍ତତନ୍ତ ବୁଣାକାର ଅଂଶଗ୍ରହଣ କରିଛନ୍ତି।

## ହୋମ୍‌ଗାର୍ଡ ପରୀକ୍ଷା ବେଳେ ଅଘଟଣ

# ଦୌଡ଼ ବେଳେ ଟଳିପଡ଼ିଲେ ଆଶାୟୀ

ଖୋର୍ଦ୍ଧା,୮।୮(ସମିସ): ହୋମ୍‌ଗାର୍ଡ ପଦ ପାଇଁ ଶାରୀରିକ ପରୀକ୍ଷା ବେଳେ ଟଳି ପଡ଼ିଲେ ପରୀକ୍ଷାର୍ଥୀ। ଖୋର୍ଦ୍ଧା ଜିଲ୍ଲାରେ ଆଜି ଏପରି ଏକ ଅଘଟଣ ଘଟିଛି। ମୃତ ପରୀକ୍ଷାର୍ଥୀ ହେଲେ, ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ଏମାଦୁଲା ହକ ଖାଁ (୪୨) ।

ଜିଲ୍ଲା ପୁଲିସ ପ୍ରଶାସନ ଅଧୀନରେ ହୋମ୍‌ଗାର୍ଡ ନିଯୁକ୍ତି ନିମନ୍ତେ ଜିଲ୍ଲାସ୍ତରରେ ଲିଖିତ ପରୀକ୍ଷା ଦେଇଥିବା ୨୪ଶହ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬ଶହ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିଲେ। ସେମାନଙ୍କର ୪ଟି ଗ୍ରୁପ୍‌ରେ ଶାରୀରିକ ପରୀକ୍ଷା ଅନୁଷ୍ଠିତ ହେବାର ଥିଲା। ପୂର୍ବରୁ ୩ଟି ଗ୍ରୁପର ପରୀକ୍ଷାର୍ଥୀଙ୍କ ପରୀକ୍ଷା ଶେଷ ହୋଇଥିବା ବେଳେ ଆଜି ଶେଷ ଗ୍ରୁପର ପରୀକ୍ଷାର୍ଥୀଙ୍କ ପରୀକ୍ଷା ଖୋର୍ଦ୍ଧା ସହର ଉପକଣ୍ଠ ପୁଲିସ ରିଜର୍ଭ ପଡ଼ିଆଠାରେ ଅନୁଷ୍ଠିତ ହେଉଥିଲା। ୧୬ ଶହ ମିଟର ଦୌଡ଼ ପ୍ରତିଯୋଗିତାରେ ଦୌଡ଼ିବା ବେଳେ ଏମାଦୁଲା ହଠାତ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ଚିକିତ୍ସା ଲାଗି ନିକଟସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଏକ ଘରୋଇ ହସ୍ପିଟାଲରେ



ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇବା ପରେ ଶବକୁ ପୁଲିସ୍ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ତାଙ୍କୁ ନିକଟତମ ଆତ୍ମୀୟଙ୍କ ଲାଗି ୪ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି।

ଏମାଦୁଲ୍ଲା କେରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟର ଖାଦ୍ୟ ଓ ଯୋଗାଣ ବିଭାଗରେ କାର୍ଯ୍ୟ କରୁଥିଲେ। ସେ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଘରେ ତାଙ୍କର ପତ୍ନୀ ସମେତ ୯ ବର୍ଷର ଏକ ଶିଶୁ ପୁତ୍ର ଏବଂ ୩ବର୍ଷର ଏକ ଶିଶୁ

## ୪ଲକ୍ଷ ଟଙ୍କାର କ୍ଷତିପୂରଣ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

କନ୍ୟା ଅଛନ୍ତି। ତାଙ୍କ ମୃତ୍ୟୁ ପରେ ପରିବାରଲୋକ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ପରିବାର ନିଃସ୍ୱ ହୋଇଯାଇଥିବା ବେଳେ ତାଙ୍କ ମୃତ୍ୟୁ ରେ ପରିବାର, ଆତ୍ମୀୟ, ଗାଁ ଲୋକଙ୍କ ମଧ୍ୟ ରେ ଦୁଃଖର ବାତାବରଣ ଖେଳି ଯାଇଥିଲା। ତେଣୁ ପରିବାର ପ୍ରତିପୋଷଣ ନିମନ୍ତେ ତାଙ୍କ ବିଧବା ପତ୍ନୀଙ୍କୁ ଚାକିରି ଏବଂ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଗ୍ରାମବାସୀଙ୍କ ସହ ପରିବାରଲୋକ ଆଜି ଜିଲ୍ଲା ଏସ୍‌ପି ସାଗରିକା ନାଥଙ୍କୁ ସାକ୍ଷାତ କରିଛନ୍ତି।

## ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା ରୋକିବାକୁ ଆହ୍ୱାନ

# ଡିଜି ଅଫିସ୍ ଘେରିଲା କଂଗ୍ରେସ

କଟକ,୮।୮(ସମିସ): ରାଜ୍ୟରେ ନାରୀ ନିର୍ଯାତନା ବଢ଼ିଚାଲିଛି। ପ୍ରତ୍ୟେକ ଦିନ ଗଣଦୁଷ୍କର୍ମଠାରୁ ଆରମ୍ଭ କରି ମହିଳାଙ୍କ ଉପରେ ଅକଥନୀୟ ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟ ସରକାର ଏହାକୁ ରୋକିବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି। ଏଥିପାଇଁ ସରକାର ହିଁ ଦାୟୀ। ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ବକ୍ସିବଜାରସ୍ଥିତ ପୁଲିସ ମୁଖ୍ୟାଳୟ ସମ୍ମୁଖରେ ଆଜି ଆୟୋଜିତ ଧାରଣା ଓ ପ୍ରତିବାଦ ସଭାରେ କଂଗ୍ରେସ ନେତୃବୃନ୍ଦ ଏହି ଗୁରୁତର ଅଭିଯୋଗ ଆଣିଛନ୍ତି। କଂଗ୍ରେସ ନେତାମାନେ ଶାନ୍ତିପୂର୍ଣ୍ଣ ଧାରଣାରେ ବସି ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବାକୁ ଦାବି କରିଥିଲେ। ପିସିସି ସଭାପତି ଭକ୍ତ ଚରଣ ଦାସ ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ କଂଗ୍ରେସର ଏକ ମହିଳା ପ୍ରତିନିଧିଦଳ ଡିଜିପିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା ରୋକିବାକୁ କଂଗ୍ରେସ ପକ୍ଷରୁ ଆହ୍ୱାନ ଦିଆଯାଇଛି।

କଟକ ନଗର ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ତଥା ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଧାରଣା ଓ




## କାର୍ଯ୍ୟାନୁଷ୍ଠାନ ନନେଲେ ସବୁ ଥାନା ଆଗରେ ଧାରଣା ଚେତାବନୀ

ପ୍ରତିବାଦ ସଭାରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଶରତ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ଅନନ୍ତ ସେଠୀ ବରିଷ୍ଠ ନେତା ସୁରେଶ ରାଉତରାୟ, ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା, କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାଶ, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ରବି ମଲ୍ଲିକ, ଶିବାନନ୍ଦ ରାୟ, ଓଡିଶା ପ୍ରଦେଶ ମହିଳା ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ଯୋଗ ଦେଇ ବିଜେପି ସରକାରର ବିଫଳତା ଓ ନାରୀ ସୁରକ୍ଷା ଦିଗରେ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଏହି ଅବସରରେ ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ ରାଜ୍ୟରେ ସରକାରଙ୍କ ବିଫଳତା ସମ୍ପର୍କରେ ଅଭିଯାନ ଜାରି ରହିଛି। ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିବା ବେଳେ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ବଳାଙ୍ଗୀ ପୀଡିତାର ଅଭିଯୁକ୍ତଙ୍କୁ କାହିଁକି ଗିରଫ କରାଯାଉନାହିଁ? ପୁଲିସ କାହିଁକି ଏ ଦିଗରେ ଚୁପ୍ ହୋଇ ବସି ରହିଛି। ବିଜେପି ସରକାର ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଇ ରଖୁଥିବା ସେ ଅଭିଯୋଗ ଆଣିବା ସହ ପୁଲିସ ଏଦିଗରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ରାଜ୍ୟରେ ଥିବା ସମସ୍ତ ଥାନା ଆଗରେ ଧାରଣା ଦିଆଯିବ ବୋଲି ସେ କହିଛନ୍ତି।

ଏହି ଧାରଣାରେ ପୂର୍ବତନ ନଗର ସଭାପତି ଗିରିବାଳା ବେହେରା, ବନ୍ଦିତା ପରିଡା, ସସ୍ମିତା ବେହେରା, ମାନସ ଚୌଧୁରୀ, ଶୁଭେନ୍ଦୁ ମହାନ୍ତି, ଜିଲା କଂଗ୍ରେସ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ ଓ ରାଜେଶ ସ୍ୱାଇଁ, ବରିଷ୍ଠ ନେତା ରାମ ଚନ୍ଦ୍ର ଗୋଛାୟତ, କଟକ ନଗର(ଜିଲ୍ଲା) କଂଗ୍ରେସ ମୁଖ୍ୟ-ମୁଖପାତ୍ର ମାନସ ପରିଡା, କଟକ ନଗର ଯୁବ କଂଗ୍ରେସ ସଭାପତି ଡ. ବିପ୍ଳବ ଶିଳାଦିତ୍ୟଙ୍କ ସମେତ ଓଡିଶାର ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ସଭାକୁ ବିଶ୍ୱଜିତ ଦାଶ ପରିଚାଳନା କରିଥିଲେ। କଂଗ୍ରେସର ଏହି ପ୍ରତିବାଦ ସଭା ପୂର୍ବରୁ ଏକ ବିଶାଳ ଶୋଭାଯାତ୍ରା ମାତାମଠରୁ ବାହାରି ପୁଲିସ ମୁଖ୍ୟାଳୟରେ ପହଞ୍ଚିଥିଲା।

# ରାଜପଥରେ ଜଳିଗଲା ଇଭି ସ୍କୁଟି ବୋଝେଇ ଟ୍ରକ୍

ଛତ୍ରପୁର,୮।୮(ସମିସ): ଛତ୍ରପୁର ଜାତୀୟ ରାଜପଥ ନିକଟରେ ଶୁକ୍ରବାର ଏକ ଇଭି ସ୍କୁଟି ବୋଝେଇ ଟ୍ରକ୍ ଜଳିଯାଇଛି। ଟ୍ରକ୍‌ରେ ୩୨ଟି ବିଦ୍ୟୁତ ସ୍କୁଟି ଥିବା ବେଳେ ସେଗୁଡ଼ିକ ଟ୍ରକ୍ ସହ ହୁ' ହୁ' ହୋଇ ଜଳିଥିଲା। ଦିଲ୍ଲୀରୁ ଆନ୍ଧ୍ରପ୍ରଦେଶର ସମପେଣ୍ଟାକୁ ଏହି ଟ୍ରକ୍ (ନଂ.ୟୁପି ୮୧ଇଟି -୦୪୮୬) ଇଭି ଗାଡ଼ିଗୁଡ଼ିକୁ ନେଇ ଯାଉଥିବାବେଳେ ଚାଳକ ଅଖିଳେଶ କୁମାର ତିୱାରୀ ଛତ୍ରପୁର ଜାତୀୟ ରାଜପଥ କଡ଼ରେ ଏକ ଢ଼ାବା ନିକଟରେ ରହିଥିଲେ। ସେଠାରେ ଥିବା ଏକ ଗ୍ୟାରେଜକୁ ୱେଲ୍‌ଡିଂ କରିବାକୁ କହିଥିଲେ। କିନ୍ତୁ ଗ୍ୟାରେଜର ପିଲା ମନା କରିଥିଲେ। ପରେ ଅଖିଳେଶ ସେଠାରେ ଥିବା ଦୋକାନରେ ଜଳଖିଆ ଖାଇ କ୍ୟାବିନ୍‌ରେ ଶୋଇ ପଡ଼ିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ୱେଲ୍‌ଡିଂ ଦୋକାନୀ ସିଲୁ ମହାରଣା ଗାଡ଼ିରୁ ଧୂଆଁ ବାହାରୁଥିବାର ଦେଖି ଚାଳକଙ୍କୁ ଡାକିଥିଲେ। ଅଖିଳେଶ ତୁରନ୍ତ ଢ଼ାବା ନିକଟରେ ଥିବା ଗାଡ଼ି ସର୍ଭିସ୍ କେନ୍ଦ୍ରକୁ ନେଇ ଗାଡ଼ିରେ ପାଣି ପକାଇଥିଲେ ବି ନିଆଁ ଜୋର୍‌ରେ ବ୍ୟାପି ଯାଇଥିଲା। ଛତ୍ରପୁର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲିଭାଇବା ବେଳକୁ ଗାଡ଼ିରେ ବୋଝେଇ ହୋଇଥିବା ସମସ୍ତ ଇଭି ସ୍କୁଟି ପୋଡ଼ି ଯାଇଥିଲା। ଏନ୍‌ଏଚ୍‌ଆଇ ପାଟ୍ରୋଲିଂ ଟିମ୍ ଓ ଛତ୍ରପୁର ପୁଲିସ ପହଞ୍ଚିଥିଲେ। ଘଟଣାର ତଦନ୍ତ ଜାରି ରଖିଛି ପୁଲିସ। ଆନୁମାନିକ ୩୨ ଲକ୍ଷ ଟଙ୍କାର ସ୍କୁଟି ପୋଡ଼ି ନଷ୍ଟ ହୋଇଥିବା ସୂଚନା ମିଳିଛି।



**ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମଦାହ ଘଟଣା**

# ପ୍ରେମିକକୁ ତାମିଲନାଡୁରୁ ଧରିଲା ପୁଲିସ୍

ପଟ୍ଟାମୁଣ୍ଡାଇ, ୮।୮ (ସମିସ):

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗ୍ରାମର କଲେଜ ଛାତ୍ରୀ ପି.ଡି ସଂଗୀତାଙ୍କ ଆତ୍ମାହୁତି ଘଟଣାରେ କେନ୍ଦ୍ରାପଡ଼ା ପୁଲିସ୍ ତଦନ୍ତ ପ୍ରକ୍ରିୟାକୁ ଜୋରଦାର୍ କରିଛି। ଏହି ଘଟଣାରେ କେନ୍ଦ୍ରାପଡ଼ା ପୁଲିସ୍‌ର ଏକ ଟିମ୍ ସଂଗୀତାଙ୍କ ପ୍ରେମିକ କୁହାଯାଉଥିବା ପଟ୍ଟାମୁଣ୍ଡାଇ ବ୍ଲକ୍ ତେରୋହୀ ଗ୍ରାମର ପ୍ରମୋଦ ବେହେରାଙ୍କୁ ତାମିଲନାଡୁରୁ ଧରିଛି। ଅପରପକ୍ଷେ, ଆଜି ଅପରାହ୍ନରେ ସାଇଣ୍ଟିଫିକ୍ ଟିମ୍ ସହ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିୟା ଓ ପଟ୍ଟାମୁଣ୍ଡାଇ ମଡେଲ ଥାନା ଆଇଆଇସି କାଠିଆପଡ଼ାରେ ସଂଗୀତାଙ୍କ ଘରେ ପହଞ୍ଚି ତଦନ୍ତ କରିଛି। ଘର ଛାତ ଉପରକୁ ଯିବା ସହ ଶିଡ଼ି ଘର ଓ ଗ୍ରିଲ ନିକଟରେ ପ୍ରମାଣ ଖୋଜିଛନ୍ତି। ଏହାସହ ପୁଲିସ ତାଙ୍କ ପରିବାର ଲୋକଙ୍କ ସହ ଗ୍ରାମବାସୀ ଓ ପଡ଼ୋଶୀଙ୍କ ମତାମତ ସଂଗ୍ରହ କରିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଏହି ଘଟଣା ଉପରୁ ପରଦା ହଟାଇବାରେ ସହାୟକ ହେବ ବୋଲି ଏସପି ଗଣମାଧ୍ୟମକୁ କହିଛନ୍ତି। ସେହିପରି ସଂଗୀତାଙ୍କ ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତରଙ୍କୁ ମଧ୍ୟ ପୁଲିସ ଘଟଣାସ୍ଥଳକୁ ଆଣି ତଥ୍ୟ ସଂଗ୍ରହ କରିଛି। ସାଇଣ୍ଟିଫିକ ଟିମର ତଦନ୍ତ, ପୋଷ୍ଟମର୍ଟମ ରିପୋର୍ଟ, ଘଟଣାସ୍ଥଳରୁ ସଂଗ୍ରହ କରାଯାଇଥିବା ଫିଙ୍ଗର ପ୍ରିଣ୍ଟ ଓ କେମିକାଲ ଟେଷ୍ଟରୁ ପ୍ରକୃତ ଘଟଣା ଜଣାପଡିବା ସହିତ ପ୍ରକୃତ ଅପରାଧୀ ପାଖରେ ପୁଲିସ ପହଞ୍ଚିପାରିବ ବୋଲି ଏସପି ଓ ତଦନ୍ତକାରୀ ଅଫିସର୍ କହିଛନ୍ତି। ସେପଟେ, ପ୍ରେମିକ ପ୍ରମୋଦ ବେହେରାଙ୍କ ବାପା ଗଣେଶ୍ୱର ବେହେରା, ମା' ଓ ଭଉଣୀ, ଗ୍ରାମବାସୀ ଏହି ଘଟଣାରେ ଭିନ୍ନ ମତ ରଖିଛନ୍ତି। ସଂଗୀତାଙ୍କ ପରିବାରଲୋକ ପ୍ରମୋଦକୁ ଫସାଇ ଦେଇଛନ୍ତି ବୋଲି ଗଣମାଧ୍ୟମ ଆଗରେ କହିଛନ୍ତି। ପ୍ରମୋଦ ସମ୍ପୂର୍ଣ୍ଣ ନିରୀହ ଓ ତାଙ୍କର ଏଥିରେ କୌଣସି ସମ୍ପୃକ୍ତି ନାହିଁ। ସଂଗୀତାଙ୍କ ଆତ୍ମଦାହ ଓ ମୃତ୍ୟୁ ପାଇଁ ତାଙ୍କ ପରିବାରଲୋକେ ଦାୟୀ ବୋଲି ପ୍ରେମିକଙ୍କ ପରିବାରଲୋକ ଓ କିଛି ଗ୍ରାମବାସୀ କହିଛନ୍ତି।

**ଘଟଣାସ୍ଥଳରେ ଏସ୍‌ପି ଓ ସାଇଣ୍ଟିଫିକ ଟିମ୍‌ର ତନାଘନା**



## ରାଜ୍ୟ ସରକାର ଓ ପୁଲିସ ପ୍ରଶାସନକୁ ଦାୟୀ କଲା ସିପିଆଇଏମ୍

କେନ୍ଦ୍ରାପଡ଼ା: ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ କାଠିଆପଡ଼ା ଗ୍ରାମର ବଡ଼ପଡ଼ା କଲେଜ +୩ ଶେଷ ବର୍ଷର ଛାତ୍ରୀ ପି.ଡ଼ି. ସଙ୍ଗୀତାଙ୍କ ଅପମୃତ୍ୟୁ ପାଇଁ ପୁଲିସ ପ୍ରଶାସନ ଓ ରାଜ୍ୟ ସରକାର ଦାୟୀ ବୋଲି ସିପିଆଇଏମ୍ ପକ୍ଷରୁ ଅଭିଯୋଗ କରାଯାଇଛି। ଛାତ୍ରୀଙ୍କ ପୁରୁଷ ବନ୍ଧୁ ତାଙ୍କ ନଗ୍ନଚିତ୍ର ଭାଇରାଲ କରିବା ଘଟଣାକୁ ନେଇ ସୁଶ୍ରୀ ସଙ୍ଗୀତା ଗତ ୬ ମାସ ପୂର୍ବେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ଆଣିବା ସତ୍ତ୍ୱେ ପୁଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଏଥିରେ ଛାତ୍ରୀ ନିରାଶ ହୋଇ ପ୍ରାଣ ହରାଇଲେ। ଓଡ଼ିଶାର ଅସ୍ମିତା, ନାରୀ ସୁରକ୍ଷା ପାଇଁ ଦିନରାତି ପ୍ରଚାର କରୁଥିବା ରାଜ୍ୟ ବିଜେପି ସରକାରଙ୍କ କାର୍ଯ୍ୟର ଏହା ହିଁ ବାସ୍ତବ ଚିତ୍ର। ଏଥିପାଇଁ ଦାୟୀ ପୁଲିସ ଅଫିସର, ଉଚ୍ଚ ପୁଲିସ କର୍ତ୍ତୃପକ୍ଷ ଓ ପ୍ରଶାସନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ନାରୀ ସୁରକ୍ଷା ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ଇସ୍ତଫା ପ୍ରଦାନ କରିବା ଆବଶ୍ୟକ। ଏଥିସହ ସମ୍ପୃକ୍ତ ଅଧିକାରୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ସହ ପୀଡ଼ିତା ପରିବାରକୁ କ୍ଷତିପୂରଣ ଦେବା ପାଇଁ ସିପିଆଇଏମ୍ କେନ୍ଦ୍ରାପଡା ଜିଲ୍ଲା କମିଟି ଦୃଢ଼ ଦାବି କରି ଦାବିପତ୍ର ପ୍ରଦାନ କରିଛି। ଜିଲ୍ଲା ସମ୍ପାଦକ ଗୟାଧର ଧଳ, ବରିଷ୍ଠ ନେତା ଜଗତଜୀବନ ଦାଶ, ନରୋତ୍ତମ ପାର୍ଥସାରଥୀ, କାଳୀପ୍ରସାଦ ନାୟକ, ମାଧବ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ଦାବିପତ୍ର ଗ୍ରହଣ କରିଥିଲେ।



## ସମାଜବାଦୀ ପାର୍ଟିର ବିଚାର ବିଭାଗୀୟ ତଦନ୍ତ ଦାବି



କେନ୍ଦ୍ରାପଡ଼ା: ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମଦାହ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରି ସମାଜବାଦୀ ପାର୍ଟି କେନ୍ଦ୍ରାପଡ଼ା ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ସଭାପତି ଧୀରେନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପାର୍ଟିର ରାଜ୍ୟ ପ୍ରବକ୍ତା ପ୍ରଦୀପ ମିଶ୍ର ସରକାରଙ୍କ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ କଡା ସମାଲୋଚନା କରିଛନ୍ତି। ପଟ୍ଟାମୁଣ୍ଡାଇରେ କଲେଜ ଛାତ୍ରୀ ପିଡି ସଙ୍ଗୀତା ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବା ସରକାରଙ୍କ ଅପାରଗତାକୁ ଦର୍ଶାଉଛି। ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ମାରି ଦିଆଯାଇଛି ତାହାର ନିରପେକ୍ଷ ବିଚାର ବିଭାଗୀୟ ତଦନ୍ତ କରାଯାଉ। ଏହି ପ୍ରତିନିଧି ଦଳରେ କେନ୍ଦ୍ରାପଡ଼ା ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ପାତ୍ର, ମହିଳା ସଭାନେତ୍ରୀ ମିନତୀ ସୁନ୍ଦରାୟଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତି ଥିଲେ।

## ବିଚାର ବିଭାଗୀୟ ତଦନ୍ତ ଦାବିକଲା କମ୍ୟୁନିଷ୍ଟ ପାର୍ଟି



କେନ୍ଦ୍ରାପଡ଼ା: ଭାରତୀୟ କମ୍ୟୁନିଷ୍ଟ ପାର୍ଟି କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ କାଠିଆପଡା ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କୁ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କେନ୍ଦ୍ରୀୟ କମିଟି ସଭ୍ୟ ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ଜିଲ୍ଲା ସମ୍ପାଦକ ବିକାଶ ବେଉରା, ସହସମ୍ପାଦକ ଆଦିକନ୍ଦ ରାଉଳ, ଅନ୍ୟତମ ସହସମ୍ପାଦକ ସୋହାନା ବେଗମ, ଅଖିଳ ଭାରତ ଯୁବ ସଂଘ ସମ୍ପାଦକ ଜ୍ଞାନରଞ୍ଜନ ବେଉରା, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ମଲିକ, ସଂଯୁକ୍ତା ରାଉତ, ନିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରକ୍ଷାବନ୍ଧନ ମାଧ୍ୟମରେ ସଚେତନତା ବାର୍ତ୍ତାଦେଲେ ଛାତ୍ରଛାତ୍ରୀ

ପଟ୍ଟାମୁଣ୍ଡାଇ,୮।୮ (ସମିସ): ଆସନ୍ତାକାଲି ରକ୍ଷାବନ୍ଧନ ଉତ୍ସବ। ଆଜି ଏହି ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରି ଭାଇଚାରା ଓ ପରିବେଶ ସଚେତନତା ବାର୍ତ୍ତା ଦେଇଛନ୍ତି ପଟ୍ଟାମୁଣ୍ଡାଇ ଭେଙ୍କଟେଶ୍ୱର ସ୍କୁଲ ଛାତ୍ରଛାତ୍ରୀ। ସ୍କୁଲ ନିର୍ଦ୍ଦେଶକ ଆଡ଼ଭୋକେଟ ସଞ୍ଜୟ ସାହୁଙ୍କ ନିର୍ଦ୍ଦେଶରେ ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀ ରିଙ୍କେଶ୍ୱରୀ ଦାସ, ନମିତା ସୂତାର, ବୀରସେନ ଜେନା, ସୌମ୍ୟରଞ୍ଜନ ପଣ୍ଡା, ଅମିତ ପାତ୍ର, ଜ୍ୟୋତ୍ସ୍ନାରାଣୀ ନାୟକ, ମୋନାଲିସା ରାୟ, ଭକ୍ତରଞ୍ଜନ ମହାନ୍ତି, ମଧୁସ୍ମିତା ଗିରି, ଶୁଭସ୍ମିତା ସାମଲ, ବିଶ୍ୱଜିତ ପରିଡ଼ା, ସୁପ୍ରିୟା ନନ୍ଦୀ, ଆଶାଲତା ମଲ୍ଲିକ, ଇତିଶ୍ରୀ ପଣ୍ଡା ପ୍ରମୁଖ ପିଲାଙ୍କୁ ଧରି ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପୋଷ୍ଟ ଅଫିସ, ଥାନା, ବ୍ଲକ, ତହସିଲ, ମ୍ୟୁନିସିପାଲିଟି, ଡାକ୍ତରଖାନା ଓ କୋର୍ଟକୁ ଯାଇ ବିଭିନ୍ନ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ହାତରେ ରାଖୀ ବାନ୍ଧିବା ସହିତ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ, ପ୍ଲାଷ୍ଟିକ ଦ୍ରବ୍ୟ ବର୍ଜନ, ନିରୋଗ ହେବା ପାଇଁ ସ୍ୱଚ୍ଛ ପରିମଳ ବ୍ୟବସ୍ଥା ବଜାୟ ରଖିବାକୁ ଅନୁରୋଧ କରିଥିଲେ।

## ବାଘୁଆ ନାଳ ଉପରେ ପୋଲ ନିର୍ମାଣ ପାଇଁ ସାଂସଦଙ୍କ ପଦକ୍ଷେପ

ପଟ୍ଟାମୁଣ୍ଡାଇ,୮।୮ (ସମିସ): ପେଣ୍ଠପାଳ ପଞ୍ଚାୟତ କୋଳଥିଆ ଗ୍ରାମ ନିକଟ ବାଘୁଆ ନାଳ ପାର ହୋଇ ଚାଷୀ ବହୁ କଷ୍ଟରେ ଭେଡ଼ାରେ ଥିବା ଚାଷ ଜମିକୁ ଯାଇଥା'ନ୍ତି। ଫଳରେ ଅଞ୍ଚଳବାସୀ ଓ ଚାଷୀ ଯାତାୟାତ ପାଇଁ ଦୁର୍ଦ୍ଦଶା ଭୋଗ କରିଆସୁଥିଲେ। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ବିଶ୍ୱାଳ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଚିଠି ଲେଖି ବାଘୁଆ ନାଳ ଉପରେ ପୋଲ ନିର୍ମାଣ ପାଇଁ ଅନୁରୋଧ କରିଥିଲେ। ସାଂସଦ ସ୍ଥାନୀୟ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ବାଘୁଆ ନାଳ ଉପରେ ପୋଲ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ରାଜ୍ୟ ସରକାର ଓ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଓ ନିର୍ବାହୀଯନ୍ତ୍ରୀଙ୍କୁ ପତ୍ର ଲେଖି ପରାମର୍ଶ ଦେଇଥିବା ଜଣାପଡ଼ିଛି।

## ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ

ରାଜକନିକା,୮।୮ (ସମିସ): ରାଜକନିକା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜକନିକା ବ୍ଲକରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକଙ୍କୁ ଏ ଅବସରରେ 'ମୋ ରାଜା ଭାଇ' ଅଭିଯାନରେ ରକ୍ଷାବନ୍ଧନ କରାଯାଇଛି। ଚେରଣ୍ଟପଡାସ୍ଥ ଅନୁଷ୍ଠାନର ସଦଭାବନା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜକନିକା ମୁଖ୍ୟ ବ୍ରହ୍ମାକୁମାରୀ ଲୀନା ଭଉଣୀ, ଲିଜା ଭଉଣୀ, ଅଲିଭା ଭଉଣୀ, ବ୍ରହ୍ମକୁମାର କଳ୍ପତରୁ ଭାଇ, ଶରତ ଭାଇ, ବଟ ଭାଇ, ବ୍ରହ୍ମକୁମାରୀ ଡଲି ଭଉଣୀ, ସୁନୀତା ଭଉଣୀ, ଧରିତ୍ରୀ ଭଉଣୀ ପ୍ରମୁଖ ଯୋଗ ଦେଇଥିଲେ।

## ତୁଷାରକାନ୍ତଙ୍କୁ ଆଦିକଳା ସମ୍ମାନ

ମାଳିପୁର,୮।୮ (ସମିସ): ବଳଭଦ୍ରପୁର ପଞ୍ଚାୟତ ଖର୍ଦ୍ଦାପାଟଣା ଗ୍ରାମର ତୁଷାରକାନ୍ତ ବେହେରାଙ୍କୁ ଆଦିକଳା ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ସାଂସ୍କୃତିକ ଉନ୍ନୟନ ପରିଷଦ ପକ୍ଷରୁ ପ୍ରଦାନ କରାଯାଇଛି। ସଫଳ ମଞ୍ଚ ଅଭିନେତା ଓ ସଫଳ ମଞ୍ଚ ନିର୍ଦ୍ଦେଶକ ଭାବେ ତୁଷାରକାନ୍ତଙ୍କୁ ଏହି ସମ୍ମାନ ମିଳିଛି। ସାଂସ୍କୃତିକ ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡଃ ଷ୍ଟାଲିନ ପରିଜାଙ୍କ ଅଧ୍ୟକ୍ଷତାରେ ପୁରୀରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ନାଟ୍ୟକାର ଶରତ ମହାନ୍ତି ଯୋଗଦେଇ ତୁଷାରକାନ୍ତ ବେହେରାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ।

**■ ଛାତ୍ରୀ ଓ ନାରୀ ନିର୍ଯାତନାର ପ୍ରତିବାଦ**

## ଯୁବ ବିଜେଡି ପକ୍ଷରୁ ଏସ୍‌ପିଙ୍କୁ ସ୍ମାରକପତ୍ର

କେନ୍ଦ୍ରାପଡ଼ା,୮।୮ (ସମିସ): ଛାତ୍ରୀ ଓ ନାରୀ ନିର୍ଯାତନା ବିରୋଧରେ ଜିଲ୍ଲା ଯୁବ ବିଜେଡି ପକ୍ଷରୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସ୍ମାରକପତ୍ର ଦିଆଯାଇଛି। ଗତ କିଛିଦିନ ମଧ୍ୟରେ ରାଜ୍ୟର ଛାତ୍ରୀ ଓ ନାରୀ ଯେପରି ନିର୍ଯାତନାର ଶିକାର ହେଉଛନ୍ତି, ତାହା ରାଜ୍ୟର ସମଗ୍ର ଛାତ୍ର ସମାଜକୁ ସ୍ତମ୍ଭୀଭୂତ କରିଛି। ଅସଦାଚରଣ, ଅପହରଣ, ଦୁଷ୍କର୍ମ, ଗଣଦୁଷ୍କର୍ମ, ହତ୍ୟା ଆଦି ଘଟଣା ପ୍ରତିଦିନ ଖବରକାଗଜର ଶିରୋନାମା ହେଉଛି। ନିୟମିତ ଭାବେ ଏଭଳି ହୃଦୟ ବିଦାରକ ଘଟଣା ଲୋକଲୋଚନକୁ ଆସୁଥିବାରୁ ଭୟର ବାତାବରଣ ସୃଷ୍ଟି ହୋଇଛି। ଯେଉଁ କାରଣରୁ ଛାତ୍ରୀ ଓ ମହିଳା ଏକୁଟିଆ ଘରୁ ବାହାରିବାକୁ ନିରାପଦ ମଣୁନାହାନ୍ତି। ଏ ପରିପ୍ରେକ୍ଷୀରେ ଜିଲ୍ଲା ଯୁବ ବିଜେଡି ସଭାପତିଙ୍କ ନେତୃତ୍ୱରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗୋପାଳପୁର ବିଚ୍‌ରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ଏଫଏମ୍ କଲେଜ ବାଲେଶ୍ୱରରେ ଛାତ୍ରୀଙ୍କ ଆତ୍ମଦାହ ଘଟଣା, ବଳଙ୍ଗାରେ ନାବାଳିକାକୁ ଜିଅନ୍ତା ଜାଳିଦେବା, ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ କାଠିଆପଡା ଗ୍ରାମରେ ବଡପଡା ମହାବିଦ୍ୟାଳୟ +୩ କଳା ଛାତ୍ରୀ ସୁଶ୍ରୀ ପି.ଡି ସଙ୍ଗୀତା ନିଜ ଦେହରେ ନିଆଁ ଲଗାଇ ଆତ୍ମଦାହ କରିଥିବାର ଘଟଣା ଆଉଏକ ଆଲୋଡନ ସୃଷ୍ଟି କରିଛି। ଗତ ୬ ତାରିଖରେ ଘଟିଥିବା ଏହି ଘଟଣା ତାଙ୍କ ପ୍ରତି ହେଉଥିବା ମାନସିକ ନିର୍ଯାତନାର ଦୁଃଖଦ ପରିଣତି ବୋଲି ଛାତ୍ରୀଙ୍କ ପିତା ଶଶୀକାନ୍ତ ପରିଡା ଅଭିଯୋଗ କରିବା ସହ ସମ୍ପୃକ୍ତ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ କରିବା ହେତୁ ତାଙ୍କ ଝିଅର ଜୀବନ ଗଲା ବୋଲି ଦର୍ଶାଇଛନ୍ତି। ବିଜେପି ସରକାରରେ ଗତ ୧୩ ମାସ ମଧ୍ୟରେ ରାଜ୍ୟରେ ବହୁ ଦୁଷ୍କର୍ମ ଓ ନିର୍ଯାତନ ଅଭିଯୋଗ ଆସିଛି। ୨୦୨୪ ସେପ୍ଟେମ୍ବର ୧୭ରେ ନବରଙ୍ଗପୁର ତେନ୍ତୁଳିଖୁଣ୍ଟିରେ ଆଦିବାସୀ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା, ସେପ୍ଟେମ୍ବର ୨୨ରେ ଭରତପୁର ପୁଲିସ ଷ୍ଟେସନରେ ମହିଳାଙ୍କୁ ଦୁର୍ବ୍ୟବହାର, ଅକ୍ଟୋବର ୨୩ରେ କୁଚିଣ୍ଡାରେ ଦଳିତ ନାବାଳିକାକୁ ଗଣଦୁଷ୍କର୍ମ, ୨୦୨୫ ମେ' ୩ରେ କୋରାପୁଟ ଲମତାପୁଟରେ ଥିବା ଅନୁସୂଚିତ ଜାତି ଓ ଜନଜାତି ସ୍କୁଲରେ ନାବାଳିକାକୁ ଦୁଷ୍କର୍ମ, ଜୁନ୍ ୧୭ରେ କେନ୍ଦୁଝର ତେନ୍ତଳାପଶିରେ ଆଦିବାସୀ ନାବାଳିକାକୁ ଗଣଦୁଷ୍କର୍ମ ଓ ହତ୍ୟା, ଜୁନ୍ ୨୪ରେ ବହ୍ମପୁରରେ ବିଜେପିର ଜଣେ ସକ୍ରିୟ ସଦସ୍ୟ ତଥା ହୋମିଓପାଥି ଡାକ୍ତରଙ୍କ ଦ୍ୱାରା ନାବାଳିକ ଦୁଷ୍କର୍ମର ଶିକାର, ଜୁଲାଇ ୨୨ରେ ମାଲକାନଗିରିରେ ଗୋଟିଏ ଦିନରେ ଦଳିତ ନାବାଳିକାକୁ ପ୍ରଥମେ ୩ ଜଣ ଗଣଦୁଷ୍କର୍ମ କରିବା ପରେ ଦ୍ୱିତୀୟ ଥର ଟ୍ରକ୍ ଡ୍ରାଇଭର ଦ୍ୱାରା ଦୁଷ୍କର୍ମର ଶିକାର ହୋଇଥିବା ଘଟଣା ଘଟିଛି। ଉପରୋକ୍ତ ସମସ୍ତ ଘଟଣାର ତ୍ୱରିତ ତଦନ୍ତ କରାଯାଇ ପୀଡିତାଙ୍କୁ ନ୍ୟାୟ ପ୍ରଦାନ କରାଯାଉ ଓ ଦୋଷୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଯୁବ ବିଜେଡି ପକ୍ଷରୁ ଦାବି କରାଯାଇଛି।



## ତ୍ରିରଙ୍ଗା ଯାତ୍ରା ପାଇଁ ବିଜେପିର ପ୍ରସ୍ତୁତି ବୈଠକ



ପଟ୍ଟାମୁଣ୍ଡାଇ,୮।୮ (ସମିସ): ସ୍ୱାଧୀନତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ପଟ୍ଟାମୁଣ୍ଡାଇରେ ତ୍ରିରଙ୍ଗା ଶୋଭାଯାତ୍ରା ପାଇଁ ପଟ୍ଟାମୁଣ୍ଡାଇ ନଗର ବିଜେପି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଶ୍ରୀରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ନଗର ବିଜେପି ସଭାପତି ଅଶୋକ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କେନ୍ଦ୍ରାପଡ଼ା ବିଜେପି ଜିଲ୍ଲା ଉପସଭାପତି ଅଭିମନ୍ୟୁ ଗୋଛାୟତ, ପୂର୍ବତନ ନଗର ସଭାପତି ପଦ୍ମନାଭ ପଣ୍ଡା, ବରିଷ୍ଠ ବିଜେପି ନେତା ପୀତାମ୍ବର କର, ମିଟୁ ମନୋଜ ନାୟକ, ଉତ୍ତମ ମଲିକ, ରବୀନ୍ଦ୍ର ବିଶ୍ୱାଳ, ପ୍ରମୋଦ ସାହୁ, ଗୋଲେଖ ମଲିକ, ରତ୍ନାକର ଗିରି, ଗିରିଜା ମଲିକ, ମନୋଜ ସ୍ୱାଇଁ, ନାରୀନେତ୍ରୀ ସବିତା ନାୟକ, ଅନୁସୟା ଲେଙ୍କା, ଶର୍ମିଷ୍ଠା ପାତ୍ର ପ୍ରମୁଖ ଯୋଗଦେଇ ପୌରାଞ୍ଚଳର ୨୦ଟି ୱାର୍ଡରେ ତ୍ରିରଙ୍ଗା ଶୋଭାଯାତ୍ରା କରାଯିବାକୁ ନିଷ୍ପତ୍ତି ନେଇଥିଲେ।

## ପୁନର୍ବାସ ପକ୍ଷରୁ ଯୌନ ଶୋଷଣ ନିରୋଧ ସଚେତନତା ସଭା

କେନ୍ଦ୍ରାପଡ଼ା,୮।୮ (ସମିସ): ଉଭୟ ସଂଗଠିତ ଓ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତା ମହିଳାଙ୍କୁ ସୁସ୍ଥ ଓ ନିରାପଦ କର୍ମ ପରିବେଶ ଯୋଗାଇ ଦେବା ଉଦ୍ଦେଶ୍ୟରେ ପୋସ୍ ଆଇନ- ୨୦୧୩ର ପ୍ରଣୟନ କରାଯାଇଛି। ଏହି ଯୌନଶୋଷଣ ନିରୋଧ ଆଇନରେ ରହିଥିବା ପ୍ରତିରୋଧଗତ, ବ୍ୟବସ୍ଥାଗତ ଓ ପ୍ରତିକାରଗତ ଦିଗ ଉପରେ କେନ୍ଦ୍ରାପଡ଼ା ଜିଲ୍ଲା ଓକିଲ ସଂଘର ପ୍ରାକ୍ତନ ଉପସଭାପତି ତଥା ବରିଷ୍ଠ ଆଡ଼ଭୋକେଟ୍ ସୁଶ୍ରୀ ନାୟକ ଆଲୋକପାତ କରିଥିଲେ। ଜିଲ୍ଲାରେ ଭିନ୍ନକ୍ଷମଙ୍କ ଥେରାପି ସେବା, ଅଧିକାର ସଚେତନତା ଓ ସଶକ୍ତୀକରଣ ଦିଗରେ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ମାଧପୁରସ୍ଥ କେନ୍ଦ୍ର ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ରିହାବିଲିଟେସନାଲ୍ ଷ୍ଟାଫ୍ ଓ ସହାୟକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏ ଅବସରରେ ସାମ୍ପ୍ରତିକ ସମୟରେ ଦେଖାଯାଉଥିବା ବିଭିନ୍ନ ଯୌନ ଉତ୍ପୀଡ଼କ ସମସ୍ୟାର ଉତ୍‌ଥାପନ ପୂର୍ବକ ଏହାର ଆଇନଗତ ଅଧିକାର ସମ୍ପର୍କିତ ଅନୁସନ୍ଧିତ୍ସା ଦୂର କରିଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ପରିଚାଳନାରେ ଏହି ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଥେରାପିଷ୍ଟ ସୁନୀଲ କୁମାର, ରଚିତା ଜେନା, ଗୁଞ୍ଜନସ୍ମିତା ବେହେରା, ସାଇଶ୍ରିତା ମେକାପ, ଥେରାପିଷ୍ଟ କମଳକାନ୍ତ ବିଶ୍ୱାଳ, ପ୍ରଶିକ୍ଷିତା ଥେରାପିଷ୍ଟ ମଧୁସ୍ମିତା ପଣ୍ଡା, ସ୍ୱତନ୍ତ୍ର ଶିକ୍ଷା ପ୍ରଶିକ୍ଷିକା ଶିବାନୀ ଭୋଳ, ପ୍ରୋଜେକ୍ଟ ସୁପରଭାଇଜର ସଂଜୀବ ଜେନା, କୋଷାଧ୍ୟକ୍ଷ ଓ ସଂଯୋଜକ ବିଭବ ମହାନ୍ତି, ସହାୟକ ଷ୍ଟାଫ୍ ଗାୟତ୍ରୀ ପୃଷ୍ଟି, ରଞ୍ଜନ ସ୍ୱାଇଁ, ସଂଗ୍ରାମ ନାୟକ, ପ୍ରଫୁଲ୍ଲ ସାମଲ, ମିହିର ବାରିକ, ଦୀପକ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସହସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ପାକିସ୍ତାନ ଟୋପି ପିନ୍ଧିଥିବା ବ୍ୟକ୍ତିଙ୍କୁ ଧରିଲା ପୁଲିସ



ରାଜନଗର,୮।୮ (ସମିସ): ରାଜନଗର ବ୍ଲକ ତାଲଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ପାକିସ୍ତାନ ଟୋପି ପିନ୍ଧିଥିବା ଜଣେ ବ୍ୟକ୍ତିଙ୍କୁ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଏଭଳି ବ୍ୟକ୍ତିଙ୍କୁ ଦେଖି ତାଲଚୁଆ ସାମୁଦ୍ରିକ ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ ତାଲଚୁଆ ଘାଟ ନିକଟରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲେ। ବୋଟରେ ଧାମରା ପଟରୁ ଆସି ତାଲଚୁଆ ଘାଟରେ ଓହ୍ଲାଇଥିବା ଅନୱାର ଖାଁର ପରିଚୟ ଜାଣିବାକୁ ପୁଲିସ ଉଦ୍ୟମ କରିଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ଘର ଭଦ୍ରକ ଜିଲ୍ଲା ବାସୁଦେବପୁର ଏନଏସି ଅଞ୍ଚଳର ବୋଲି ସେ ପ୍ରକାଶ କରିବା ପରେ ପୁଲିସ ତାଙ୍କ ଘର ସହ ଯୋଗାଯୋଗ କରିଥିଲା। ତାଙ୍କ ଘରୁ ଫଟୋ ପରିଚୟପତ୍ର ଓ ଆଧାରକାର୍ଡ ପୁଲିସ ପାଇବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ଜଣାପଡ଼ିଥିଲା। ଅନୱାରଙ୍କ ମୁଣ୍ଡ ଦୋଷ ଅଛି ବୋଲି ପରିବାର ଲୋକ ପୁଲିସକୁ କହିଥିଲେ। ସମସ୍ତ ବିଷୟକୁ ତର୍ଜମା କରି ଅନୱାରଙ୍କୁ ଛାଡ଼ିଦିଆଯାଇଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ଯୁବକ ଗୁରୁତର

ଡେରାବିଶ, ୮।୮ (ସମିସ): କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାର କାକଟିଆ ଛକରେ ଆଜି ଅପରାହ୍ନରେ ତେଲ ଟ୍ୟାଙ୍କର ସହ ଏକ ବାଇକ୍ ଧକ୍କା ହେବାରୁ ବାଇକ୍ ଆରୋହୀ ଗୁରୁତର ଅବସ୍ଥାରେ କଟକ ମେଡ଼ିକାଲ୍‌ରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ବାଇକ୍ ଆରୋହୀ ଜିତୁ ଦାସ। ତାଙ୍କ ଘର କେନ୍ଦ୍ରାପଡ଼ାର କଜଳା ଅଞ୍ଚଳରେ ହୋଇଥିବା ସୂଚନା ମିଳିଛି। ଜିତୁ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଆସୁଥିବାବେଳେ ବିପରୀତ ଦିଗରୁ କେନ୍ଦ୍ରାପଡ଼ାରୁ କଟକକୁ ଏକ ତେଲ ବୋଝେଇ ଟ୍ୟାଙ୍କର ଯାଉଥିଲା। କାକଟିଆ ଛକରେ ବାଇକ୍‌ଟି ଟ୍ୟାଙ୍କରକୁ ଅତିକ୍ରମ କରିବା ବେଳେ ପଛଚକା ତଳକୁ ପଶିଯାଇଥିଲା। ଜିତୁଙ୍କ ଗୋଡ଼ ଓ ହାତ ଭାଙ୍ଗିଯାଇ ସେ ଗୁରୁତର ହୋଇପଡ଼ିଥିଲେ। ନିଶ୍ଚିନ୍ତକୋଇଲି ଅଗ୍ନିଶମ କର୍ମଚାରୀଙ୍କ ଯୁବକଙ୍କୁ ନିଶ୍ଚିନ୍ତକୋଇଲି ମେଡ଼ିକାଲକୁ ପଠାଇଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

**ପଞ୍ଚୁପାଣ୍ଡବ ଛକରେ ଡ୍ରେନ୍ ଖୋଳାଯିବା ଘଟଣା**

# ଖାଲକୁ ପୋତି ସମାନ କଲେ ଠିକାଦାର

ପଞ୍ଚୁପାଣ୍ଡବ,୮।୮ (ସମିସ):

ପାରାଦୀପ-ଚଣ୍ଡିଖୋଲ ୫୩ ନମ୍ବର ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକଠାରେ ଚାଲିଥିବା ରାସ୍ତାକାମ ପାଇଁ ଯାତାୟାତ କରିବା ସମସ୍ୟା ହେଉଥିବା ଅଭିଯୋଗ ହୋଇଥିଲା। ଏହି ରାସ୍ତା ପାଶ୍ୱର୍ରେ ଏକ ଡ୍ରେନ୍ ତିଆରି ପାଇଁ ଠିକାଦାର ମାସେ ପୂର୍ବରୁ ଖାଲ ଖୋଳିଦେଇ କାମ ନ କରି ବିଳମ୍ବ କରୁଥିବା ଦେଖିବାକୁ ମିଳିଥିଲା। ଏ ଖବର ଗୁରୁବାର ଦିନ 'ସକାଳ' ଖବରକାଗଜରେ ପ୍ରକାଶ ପାଇବା ପରେ ଠିକାଦାର ତୁରନ୍ତ ରାସ୍ତା ପାଶ୍ୱର୍ ଦୋକାନ ଆଗରେ ହୋଇଥିବା ଡ୍ରେନ୍‌କୁ ପୋତି ଦେଇଥିବା ଦେଖିବାକୁ ମିଳୁଛି।

**ସକାଳ ପ୍ରଭାବ**



ପଞ୍ଚୁପାଣ୍ଡବ ଛକ ନିକଟରେ ପ୍ରାୟ ମାସ ଧରି ଖାଲ ହୋଇଥିବାରୁ ଲୋକମାନେ ଓ ସ୍ଥାନୀୟ ଦୋକାନୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଥିଲା। ଏହି ଖାଲ ହୋଇଥିବା ଜାଗାରେ ଅଜଣା ଲୋକ ପଡ଼ି ଆହତ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହି ରାସ୍ତା ଦେଇ ବିଭିନ୍ନ ଗାଡ଼ି ଓ ଦୁଇଟି ସରକାରୀ ବସ୍ ଯାତାୟାତ କରୁଛି। ଏହି ରାସ୍ତାରେ ଏଣ୍ଡର, ଓଳକଣା, ଗୌଡଗୋପ, ଏରକଣା ଓ ଇଟାମୁଣ୍ଡୁଳୀକୁ କଟକ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାର ହଜାର ହଜାର ସଂଖ୍ୟାରେ ଲୋକମାନେ ଯାତାୟାତ କରୁଥିବାବେଳେ କୁସୁନପୁର ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଯାତାୟାତ କରୁଛନ୍ତି। ଠିକାଦାର ମନମୁଖୀ କାର୍ଯ୍ୟ କରୁଥିବାବେଳେ କେତେକ ବ୍ରିଜ ତଳେ ବର୍ଷା ପାଣି ଜମି ରହୁଥିବାବେଳେ କେତେକ ଜାଗାରେ ମାସ ମାସ ଧରି ଖାଲ ଖୋଳିଦେଇ କାମରେ ବିଳମ୍ବ କରୁଥିବା ଅଭିଯୋଗ ହେଉଛି। ଠିକାଦାରଙ୍କ ମନମୁଖୀ କାର୍ଯ୍ୟରେ ଲୋକେ ବିଭିନ୍ନ ସମସ୍ୟା ଭୋଗୁଛନ୍ତି। କେତେକ ଜାଗାରେ କେନାଲ ମୁହଁକୁ ପୋତିଦେଇଥିବାରୁ ଚାଷୀ ଚାଷ କରିବାରେ ହଇରାଣ ହେଉଛନ୍ତି। ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଠିକାଦାର ନିମ୍ନମାନର କାମ କରୁଥିବା ଓ ଦାୟିତ୍ୱହୀନତା ଭଳି କାର୍ଯ୍ୟ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ପଞ୍ଚୁପାଣ୍ଡବ ଛକରେ ଖରା ଓ ବର୍ଷାରେ ଲୋକଙ୍କ ଠିଆ ହେବାକୁ ବ୍ୟବସ୍ଥା ନାହିଁ। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଠିକାଦାର ଶୁଣୁ ନ ଥିବା ଅଭିଯୋଗ ହୋଇଥିଲା। 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇଲା ପରେ ଠିକାଦାରଙ୍କ ଚେତା ପଶିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଖାଲକୁ ଠିକାଦାର ପୋତି ଦେଇଥିବାରୁ ସ୍ଥାନୀୟ ଲୋକେ ଓ ଦୋକାନୀ 'ସକାଳ' ଖବରକାଗଜକୁ ସାଧୁବାଦ ଜଣାଇଛନ୍ତି।



## ଘରେ ପଶି ଲୁଟିଲେ ଟଙ୍କା, ମୋବାଇଲ

ବଅଁରପାଳ,୮।୮(ସମିସ): ବଅଁରପାଳ ଥାନା ନିକଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପାଖରେ ଥିବା ଏକ ନିର୍ମାଣାଧୀନ ଘରୁ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଲୁଟ କରିଥିବା ଥାନାରେ ଅଭିଯୋଗ ହୋଇଛି। ଶିଶୁ ମନ୍ଦିର ପାଖରେ ପ୍ରହ୍ଲାଦ ବେହେରା ଘର ନିର୍ମାଣ କରୁଛନ୍ତି। ଝାଡ଼ଖଣ୍ଡ ଅଞ୍ଚଳର ସୁଧୀର ରାଣା (୧୯) ଓ ମୋହନ ବିଶ୍ୱକର୍ମା (୨୭) ସେଠାରେ ମିସ୍ତ୍ରି ଭାବେ କାମ କରିବା ସହ ଉକ୍ତ ନିର୍ମାଣାଧୀନ ଘରେ ରହୁଛନ୍ତି। ତେବେ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଘରେ ପଶି ମିସ୍ତ୍ରିମାନଙ୍କ ମୋବାଇଲ, ଟଙ୍କା ଓ ଡ୍ରେସ୍ ନେଇଯାଇଛନ୍ତି। ଘରେ ମାଲିକ ସକାଳେ ଖୋଜାଖୋଜି କରିବାରୁ କଲେଜ ପାଖରୁ ଏକ ଖାଲି ବ୍ୟାଗ ମିଳିଥିଲା। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## କୂଅରେ ପଡ଼ି ଶିଶୁ ମୃତ

ତାଳଚେର,୮।୮(ସମିସ): କୂଅରେ ପଡ଼ି ତାଳଚେର ଟାଉନ ଥାନା ଅନ୍ତର୍ଗତ ବାଘୁଆବୋଲ ଅଞ୍ଚଳର ସୁବାସ ଚନ୍ଦ୍ର ନାଥଙ୍କ ପୁଅ ରିଆଦ ନାଥ (୨)ର ମୃତ୍ୟୁ ହୋଇଛି। ରିଆଦ ଘର ପଛପାଖରେ ଖେଳୁଥିବା ବେଳେ କୂଅରେ ଖସିପଡ଼ିଥିଲା। ପରିବାର ଲୋକେ ଖୋଜାଖୋଜି କରି ଦୀର୍ଘ ସମୟ ପରେ ତାକୁ ଉଦ୍ଧାର କରିବା ସହ ତାଳଚେର ମଣ୍ଡାପାଳ ଡାକ୍ତରଖାନା ଆଣିଥିଲେ। ତେବେ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

## ୫୪ ଗ୍ରାମ୍ ଧଳାଜହର ଜବତ **ଦୁଇ ଅଟକ**

ଅନୁଗୋଳ/କଣିହାଁ,୮।୮(ସମିସ): କଣିହାଁ ଥାନା ଦଣ୍ଡାସିଂହା ଗ୍ରାମରେ ଜିଲ୍ଲା ପୁଲିସର ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ଅତର୍କିତ ଚଢ଼ଉ କରାଯାଇଥିଲା। ଚଢ଼ଉରେ ଏନଟିପିସି ଓ କଣିହାଁ ଥାନା ପୁଲିସ ସାମିଲ ହୋଇଥିଲେ। ଚଢ଼ଉବେଳେ ୫୪ ଗ୍ରାମ ବ୍ରାଉନସୁଗର ଓ ୪୮ ହଜାର ୭ ଶହ ଟଙ୍କା, ଗୋଟିଏ କାର୍ ଓ ବୁଲେଟ ବାଇକ୍ ଜବତ କରାଯାଇଛି। ଧଳାଜହର କାରବାର ଅଭିଯୋଗରେ ପୁଲିସ ସେହି ଗ୍ରାମର ଜଣେ ବ୍ୟକ୍ତି ଓ ତାଙ୍କ ସ୍ତ୍ରୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ତେବେ ଏ ସମ୍ପର୍କରେ ପୁଲିସ କୌଣସି ସବିଶେଷ ସୂଚନା ଦେଇନାହିଁ।

## ଘରୁ ନାଗସାପ ଉଦ୍ଧାର



ବଇଣ୍ଡା,୮।୮(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଖାଲପାଳ ଗ୍ରାମର ବିପିନ ପ୍ରଧାନଙ୍କ ଘରୁ ଶୁକ୍ରବାର ଏକ ଏକ ନାଗସାପ ଉଦ୍ଧାର କରାଯାଇଛି। ସାପକୁ ଉଦ୍ଧାର କରିବା ପାଇଁ ବିପିନ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ସିଦ୍ଧେଶ୍ୱର ସୁରକ୍ଷିତ ଅବସ୍ଥାରେ ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିଲେ।

## ଡକାୟତି ଯୋଜନା; ୨ ଗିରଫ




ତାଳଚେର,୮।୮(ସମିସ): ଗୁରୁବାର ବିଳମ୍ବିତ ରାତିରେ ତାଳଚେର ଥାନା ପୁଲିସ ସ୍କଟଲାଣ୍ଡପୁର ଜଙ୍ଗଲରେ ଚଢ଼ଉ କରି ୨ ଡକାୟତଙ୍କୁ ଗିରଫ କରିଛି। ଅନ୍ୟ ୪ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସ୍କଟଲାଣ୍ଡପୁର ଗ୍ରାମର କେଦାର ଗୋଛାୟତ ଓ ଖମାର ଥାନା କଣ୍ଟିଆପଶି ଗ୍ରାମର ଦୀପକ ପ୍ରଧାନ। କେଦାର ପାଖରୁ ଏକ କଟୁରି ଓ ମୋବାଇଲ ଫୋନ ଜବତ କରାଯାଇଥିବା ବେଳେ ଦୀପକ ପାଖରୁ ଏକ ସିଙ୍ଗଲ ବ୍ୟାରେଲ ଦେଶୀ ବନ୍ଧୁକ, ଗୋଟିଏ ଅଫୁଟା ଗୁଳି ଓ ଏକ ମୋବାଇଲ ଜବତ କରାଯାଇଛି। ଫେରାର ଅଭିଯୁକ୍ତମାନେ ହେଲେ ତାଳଚେର ଥାନା ବାଘୁଆବୋଲ ଗ୍ରାମର ବିକି ଓରଫ ବିକାଶ ନାଏକ, ତାଳଚେର ଟାଉନ ବାପୁଜୀନଗରର ସିପୁ ନାଏକ, ରାଧାରମଣପୁରର ଆଲୋକ ଭୂତିଆ, ସ୍କଟଲାଣ୍ଡପୁରର ରାଜୁ ନାଏକ ଓରଫ ବିଠଲ କଣା ବୋଲି ଜଣାପଡ଼ିଛି। ଦୁର୍ବୃତ୍ତମାନେ ସ୍କଟଲାଣ୍ଡପୁର ଜଙ୍ଗଲରେ ଡକାୟତି ଯୋଜନା କରୁଥିବା ଗୁରୁବାର ରାତି ୧ଟା ୪୫ରେ ତାଳଚେର ଥାନାଧିକାରୀ ଦିଗବିଜୟ ବିଶ୍ୱାଳଙ୍କ ନିକଟକୁ ସୂଚନା ଆସିଥିଲା। ଥାନା ଅଧିକାରୀ ତୁରନ୍ତ ଏକ ପୁଲିସ ଟିମ୍‌କୁ ଘଟଣାସ୍ଥଳକୁ ପଠାଇଥିଲେ। ସେଠାରେ ୫/୬ ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଧରି କଥା ହେଉଥିବା ଦେଖି ପୁଲିସ ଟିମ୍ ସେମାନଙ୍କୁ ଘେରିଯାଇଥିଲେ। ତେବେ ଦୁର୍ବୃତ୍ତମାନେ କଟୁରି, ଲୁହା ରଡ୍ ଓ ପିସ୍ତଲ ଧରି ପୁଲିସକୁ ଆକ୍ରମଣ କରିବାକୁ ଉଦ୍ୟତ ହେବା ସହ ଉକ୍ତ ସ୍ଥାନରୁ ଦୌଡ଼ିବାକୁ ଲାଗିଥିଲେ। କିନ୍ତୁ ପୁଲିସ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଧରିବାରେ ସକ୍ଷମ ହୋଇଛି। ଅନ୍ୟ ୪ ଜଣ ଅନ୍ଧାରର ସୁଯୋଗ ନେଇ ଖସି ପଳାଇଛନ୍ତି। ଖୁବଶୀଘ୍ର ସେମାନଙ୍କୁ ଧରାଯିବ ବୋଲି ପୁଲିସ କହିଛି।

**● ଅଶ୍ଳୀଳ ଭିଡିଓ ଭାଇରାଲ**

## ବାଳସୁଧାର ଗୃହ ଗଲେ ନାବାଳକ

ଭୁବନ,୮।୮(ସମିସ): ଭୁବନ ଥାନା ଭୁବନ ଏନ୍ଏସି ଅନ୍ତର୍ଗତ ୧ନଂ ୱାର୍ଡ ଲତାବିଲ ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ ପୁଲିସ ଜଣେ ନାବାଳକଙ୍କୁ ଧରି ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଇଛି। ଜୁଭେନାଇଲ ଜଷ୍ଟିସ ବୋର୍ଡଙ୍କ ନିର୍ଦ୍ଦେଶ କ୍ରମେ ନାବାଳକଙ୍କୁ ଅନୁଗୋଳସ୍ଥିତ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ନାବାଳକ ଜଣକ ସ୍ଥାନୀୟ ୱାର୍ଡ ନମ୍ବର ୨ର ଏକ ଶିଳ୍ପ ତାଲିମ କେନ୍ଦ୍ରରେ ପାଠ ପଢ଼ନ୍ତି। ତାଙ୍କର ଘର ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅଞ୍ଚଳରେ।

# ସ୍କୁଲ-କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଦାବିପତ୍ର

ଅନୁଗୋଳ,୮।୮(ସମିସ)



ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ, ଚାକିରି ସର୍ତ୍ତାବଳୀ ସହ ପେନସନ୍ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ ଇତ୍ୟାଦି ୬ ଦଫା ଦାବି ନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି, ଅନୁଗୋଳ ଜିଲ୍ଲା ଶାଖା ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବାହ୍ନ ୧୧ଟାରେ ଓଷ୍ଟା, ଅନୁଗୋଳ ଜିଲ୍ଲା ସମ୍ପାଦକ ତଥା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆବାହକ ତ୍ରିଲୋଚନ ଦାସଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେମାନଙ୍କ ଦୀର୍ଘଦିନର ୬ଦଫା ଦାବି ପୂରଣ କରିବା ପାଇଁ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ମଧ୍ୟ ପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଏହାର ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଅନୁଦାନ, ଚାକିରି ସର୍ତ୍ତାବଳୀ, ପେନସନ୍ ଓ ଅନ୍ୟ ସମସ୍ୟାର ସମାଧାନ ସକାଶେ ଓଡ଼ିଶା ସରକାରଙ୍କ ବିଭିନ୍ନ ମନ୍ତ୍ରୀ, ବିଧାୟକ ଓ ଅଧିକାରୀଙ୍କ ସହ ବାରମ୍ବାର ଆଲୋଚନା କରିଥିଲେ ସୁଦ୍ଧା ଅଦ୍ୟାବଧି କୌଣସି ସଫଳତା ମିଳିନାହିଁ। ଫଳରେ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ଶିକ୍ଷକ ଓ କର୍ମଚାରୀମାନେ ହତାଶା ଓ ନିରାଶା ମଧ୍ୟରେ କାଳାତିପାତ କରୁଛନ୍ତି। ତେଣୁ ଅନିଚ୍ଛା ସତ୍ତ୍ୱେ ଶିକ୍ଷକ ଓ କର୍ମଚାରୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେଉଛନ୍ତି। ସରକାର ଆନ୍ତରିକତା ପ୍ରଦର୍ଶନ ପୂର୍ବକ ନ୍ୟାଯ୍ୟ ଦାବିଗୁଡ଼ିକ ପୂରଣ କରିବା ପାଇଁ ପଦକ୍ଷେପ ଗ୍ରହଣ କଲେ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ଆନ୍ଦୋଳନରୁ ବିରତ ରହିବେ ଓ ସୁସ୍ଥ ମାନସିକତା ଭିତରେ ଅଧ୍ୟାପନା କାର୍ଯ୍ୟରେ ଲିପ୍ତ ରହି ଉତ୍ତମ ଛାତ୍ର ଗଠନରେ ବ୍ରତୀ ହେବେ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଷ୍ଟାର ରାଜ୍ୟ ଉପ-ସଭାପତି ଶ୍ରୀକାନ୍ତ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବରାଜ ପ୍ରଧାନ, ଭାସ୍କର ଚନ୍ଦ୍ର ସାହୁ, ଜିଲ୍ଲା କାର୍ଯ୍ୟକାରୀ କମିଟିର ନେତୃବୃନ୍ଦ ତଥା ୮ ବ୍ଲକର ସଭାପତି ଓ ସମ୍ପାଦକ ସାମିଲ ହୋଇଥିଲେ।

**▶ ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ବଦଳି ଦାବି**

## ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ

ଢେଙ୍କାନାଳ,୮।୮(ସମିସ): ସଦର ବ୍ଲକ ବଳଭଦ୍ରପୁର ଶାସନସ୍ଥିତ ଭାନିରାମ ସରକାରୀ ଉଚ୍ଚ ବିଦ୍ୟାଳୟର ସଂସ୍କୃତ




ଶିକ୍ଷୟିତ୍ରୀଙ୍କ ମନମୁଖି କାର୍ଯ୍ୟକୁ ନେଇ ଶୁକ୍ରବାର ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିବା ସହ ତୁରନ୍ତ ତାଙ୍କ ବଦଳି ଦାବି କରିଛନ୍ତି। ସଂସ୍କୃତ ଶିକ୍ଷୟିତ୍ରୀ ପ୍ରମିଳା ବେହେରାଙ୍କ ବିଶୃଙ୍ଖଳିତ ଆଚରଣ ନେଇ ଗୁରୁବାର ପରିଚାଳନା କମିଟି ଅଭିଯୋଗ କରିଥିବା ବେଳେ ଶୁକ୍ରବାର ଛାତ୍ରଛାତ୍ରୀ ବିକ୍ଷୋଭ ପ୍ରଦର୍ଶନ କରିବା ସହ ତାଙ୍କ ବଦଳି ଦାବି କରିଛନ୍ତି। ପ୍ରମିଳା ଛାତ୍ରଛାତ୍ରୀ ଓ ସହକର୍ମୀମାନଙ୍କୁ ବ୍ୟକ୍ତିଗତ ଆକ୍ଷେପ ସହ ଅସହ୍ୟ କଟୁଭାଷା ପ୍ରୟୋଗ କରୁଛନ୍ତି। ଏପରିକି ବିଭିନ୍ନ ମିଥ୍ୟା ଅଭିଯୋଗରେ ଫସାଇବାକୁ ଭୟ ଦେଖାଉଛନ୍ତି। ବିଦ୍ୟାଳୟରେ ଅଶାନ୍ତ ତଥା ବିବାଦୀୟ ପରିସ୍ଥିତି ସୃଷ୍ଟି କରିବା ସହ ଶୈକ୍ଷିକ ବାତାବରଣକୁ ବିପର୍ଯ୍ୟସ୍ତ କରୁଥିବା ଅଭିଯୋଗ କରିଛନ୍ତି। ପ୍ରମିଳାଙ୍କୁ ଅନ୍ୟତ୍ର ବଦଳି କରିବାକୁ ବିଦ୍ୟାଳୟ ପରିଚାଳନା କମିଟି ତଥା ପଞ୍ଚସଖା ଶିକ୍ଷାସେତୁର ସଦସ୍ୟମାନେ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଥିଲେ। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟି ତଥା ପଞ୍ଚସଖା ଶିକ୍ଷାସେତୁର ସଦସ୍ୟମାନେ ଆନ୍ଦୋଳନକୁ ତୀବ୍ର କରିବେ ବୋଲି ଚେତାବନୀ ଦେଇଛନ୍ତି।

**● ନିଃସହାୟ ମହିଳାଙ୍କଠାରୁ ବୀମା କମ୍ପାନୀ ଏଜେଣ୍ଟ ଠକିନେବା ଘଟଣା**

## ଗଣମାଧ୍ୟମରେ ଖବର ପ୍ରକାଶ ପରେ ପୁଲିସର ତତ୍ପରତା

**ବନ୍ଧାହେଲେ ଠକ ଜୀବନ ବୀମା ଏଜେଣ୍ଟ**



ହିନ୍ଦୋଳ,୮।୮(ସମିସ): ଜଣେ ନିଃସହାୟ ମହିଳାଙ୍କୁ ପ୍ରଲୋଭନ ଦେଖାଇ ଜୀବନ ବୀମା କମ୍ପାନୀ ଏଜେଣ୍ଟ ତଞ୍ଚକତା କରି ଟଙ୍କା ଠକିନେଇଥିବା ରାସୋଳ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗର ୧୮ ଦିନ ପରେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିଲା। ମହିଳା ଜଣକ ବାରମ୍ବାର ଥାନାର ଦ୍ୱାରସ୍ଥ ହେବା ସହ ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ତେବେ ଏ ସଂକ୍ରାନ୍ତୀୟ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ପୁଲିସ ଠକ ଏଜେଣ୍ଟଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲିସାହି ଗ୍ରାମର ସଞ୍ଜୟ ସାହୁ।

ଅଭିଯୋଗ ଅନୁଯାୟୀ, ରାସୋଳ ଥାନା ଅଞ୍ଚଳର ମିନତୀ ଦେହୁରୀ (୫୫) ୨୦୦୬ରେ ସଞ୍ଜୟଙ୍କ ପାଖରେ ଗୋଟିଏ ଜୀବନ ବୀମା ପଲିସି କରିଥିଲେ। ସେବେଠାରୁ ମିନତୀ ସଞ୍ଜୟଙ୍କୁ ବାର୍ଷିକ ୪୫୦୦ ଟଙ୍କା ପ୍ରିମିୟମ ଦେଇ ଆସୁଥିଲେ। ତେବେ ସଞ୍ଜୟ ତଞ୍ଚକତା କରି ମିନତୀଙ୍କୁ ହାତଲେଖା ରସିଦ ଧରାଇ ଦେଉଥିଲେ। ୨୦୧୩ରେ ସଞ୍ଜୟ ତାଙ୍କୁ ଅରିଜିନାଲ ରସିଦ ଦେଉଥିଲେ ମଧ୍ୟ ନିଜ ପାଖରେ ବଣ୍ଡ ରଖିଥିଲେ। ମିନତୀଙ୍କର ସନ୍ଦେହ ହେବାରୁ ସଞ୍ଜୟଙ୍କୁ ବଣ୍ଡ ମାଗିଥିଲେ। ତେବେ ବଣ୍ଡରେ ଉକ୍ତ ପଲିସି ୨୦୦୬ ପରିବର୍ତ୍ତେ ୨୦୧୩ରେ ହୋଇଛି ବୋଲି ମିନତୀ ଜାଣିଦେବାରୁ ସଞ୍ଜୟ କୌଶଳ କ୍ରମେ ମିନତୀଙ୍କଠାରୁ ହାତଲେଖା ରସିଦ ନେଇଯାଇ ନୂତନ କାମ୍ପ୍ୟୁଟର ରସିଦ ଦିଆଯିବ କହିଥିଲେ। ତେବେ କମ୍ପ୍ୟୁଟର ରସିଦ ନ ଦେବାରୁ ମିନତୀ ସଞ୍ଜୟ ଘରକୁ ଯାଇ ମୋର ଏତେ ଦିନର ଟଙ୍କା କୁଆଡ଼େ ଗଲା ବୋଲି ପଚାରିଥିଲେ। ୨୦୦୬ ମସିହାର ରସିଦ ଫେରାଇ ଦିଅ କହିବାରୁ ସଞ୍ଜୟଙ୍କ ବାପା ପାଣ୍ଡିଆ ସାହୁ ଓ ସ୍ତ୍ରୀ ମିଶି ମିନତୀଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ କରିଥିଲେ। ଏ ନେଇ ମିନତୀ ଜୁଲାଇ ୧୨ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗର ୬ ଦିନ ପରେ ମଧ୍ୟ ପୁଲିସ କୌଣସି ତଦନ୍ତ ନ କରିବାରୁ ସେ ୧୮ ତାରିଖ ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଶୁକ୍ରବାର ପୁଲିସ ସଞ୍ଜୟଙ୍କୁ ଗିରଫ କରିଛି।

## ୬୩ ଲକ୍ଷ ନେଇଗଲେ ସାଇବର୍ ଠକ

ଭୁବନ,୮।୮(ସମିସ): ଭୁବନ ଥାନା ବାଲିବୋର ଅବସରପ୍ରାପ୍ତ ଶିକ୍ଷକ ସୁକାନ୍ତ ବେହେରା ସାଇବର୍ ଠକେଇର ଶିକାର ହୋଇଛନ୍ତି। ସାଇବର ଠକ ତାଙ୍କଠାରୁ ୬୩ ଲକ୍ଷ ଟଙ୍କା ନେଇଯାଇଥିବା ସୂଚନା ମିଳିଛି। ସୁକାନ୍ତଙ୍କ ଫୋନ୍‌କୁ ମୁମ୍ବଇରୁ ଏକ କଲ୍ ଆସିଥିଲା। ତାଙ୍କ ନାମରେ କ୍ରାଇମବ୍ରାଞ୍ଚରେ ମାମଲା ଥିବା କୁହାଯାଇଥିଲା। ପରେ ଏକ ଚିଠି ମଧ୍ୟ ଆସିଥିଲା। ଟଙ୍କା ଦେଲେ ମାମଲା ରଫାଦଫା କରିଦିଆଯିବ ବୋଲି କୁହାଯାଇଥିଲା। ଫଳରେ ସୁକାନ୍ତ ଭୟରେ ଠକଙ୍କ କଥାମାନି ପ୍ରଥମେ ୩୦ ଲକ୍ଷ ଟଙ୍କା ପଠାଇଥିଲେ। ପରେ ଜମିବିକ୍ରି କରି ଆହୁରି ୨୫ ଲକ୍ଷ ଟଙ୍କା ପଠାଇଥିଲେ। ପୁଣି ଧାରକରଜ କରି ସେ ୮ ଲକ୍ଷ ସଂଗ୍ରହ କରି ପଠାଇଥିଲେ। ତେବେ ସାଇବର୍ ଠକ ଆହୁରି ୫୦ ଲକ୍ଷ ମାଗିବାରୁ ଶୁକ୍ରବାର ସୁକାନ୍ତ ଏ ନେଇ ଭୁବନ ଥାନା ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ପୁଲିସ ତଦନ୍ତ ଜାରି ରଖିଛି।

**ଫାଇଲେରିଆ ନିରାକରଣ ଲାଗି ସଚେତନତା**

## ୧୦ରୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ



ଅନୁଗୋଳ,୮।୮(ସମିସ): ଫାଇଲେରିଆ ନିରାକରଣ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପୂର୍ବାହ୍ନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏ ସଂକ୍ରାନ୍ତରେ ଏକ ଗଣମାଧ୍ୟମ କର୍ମଶାଳା ଆୟୋଜନ କରାଯାଇଥିଲା। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡା. ପୂର୍ଣ୍ଣିମା ଉଦଗାତା ଫାଇଲେରିଆ ରୋଗ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସେ କହିଥିଲେ। ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଶକ୍ତିପ୍ରସନ୍ନ ମିଶ୍ର ପାୱାର ପଏଣ୍ଟ ମାଧ୍ୟମରେ ରୋଗ ଏବଂ ତାହାର ନିରାକରଣ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଏହି ଅଭିଯାନରେ ଜିଲ୍ଲାର ୫,୧୩,୨୮୮ ଲୋକଙ୍କୁ ଔଷଧ ବଣ୍ଟନ ଓ ସେବନର ଲକ୍ଷ୍ୟ ରଖାଯାଇଛି। ଏଥି ନିମନ୍ତେ ୧୫୦୫ ତାଲିମପ୍ରାପ୍ତ ଔଷଧ ପ୍ରଦାନକାରୀ, ୧୫୪ ସୁପରଭାଇଜର, ୯୬ ମୋବାଇଲ ଟିମ୍ ଓ ୨୧ ଆରଆରଟି ନିୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡା. କେସି ଦାସ, ଡା. ନରେନ୍ଦ୍ର କୁମାର ମୁର୍ମୁଙ୍କ ସମେତ ଡିପିଏମ୍ ସୌମ୍ୟାରାଣୀ ଗୌଡ଼ ଓ ପ୍ରେମାଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## ୪୮୮ ବର୍ଗ ସଙ୍ଘ ପକ୍ଷରୁ ୧୬ରେ ପ୍ରତିବାଦ ସମାବେଶ

ଢେଙ୍କାନାଳ ୮।୮(ସମିସ): ଢେଙ୍କାନାଳ ଜିଲ୍ଲା ୪୮୮ ବର୍ଗ ମହାବିଦ୍ୟାଳୟ କର୍ମଚାରୀ ସଂଘ ଶାଖା ତରଫରୁ ଏକ ଆଭାସୀ ବୈଠକ ଅନୁଷ୍ଠିତ ହୋଇଛି। ପେନସନ ଏବଂ ଚାକିରି ସର୍ତ୍ତବଳୀ ଦାବିରେ ଆସନ୍ତା ୧୬ ତାରିଖ ଭୁବନେଶ୍ୱରରେ ହେବାକୁ ଥିବା ବିଶାଳ ପ୍ରତିବାଦ ସଭାରେ ଯୋଗଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ସଭାପତି ପ୍ରଦୀପ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସରକାରଙ୍କ ଟାଳଟୁଳ ନୀତି, ବିଳମ୍ବିତ ପ୍ରକ୍ରିୟା, ଶିକ୍ଷକ କର୍ମଚାରୀମାରଣ ନୀତିକୁ ନିନ୍ଦା କରାଯାଇଥିଲା। ଦୀର୍ଘ ୩୫ବର୍ଷ ଧରି କାର୍ଯ୍ୟ କରିବା ସତ୍ତ୍ୱେ ଖାଲି ହାତରେ ଅବସର ନେବା ଦୁଃଖଦାୟକ ବୋଲି କହିଥିଲେ। ପେନସନ, ଗ୍ରାଚୁଇଟି, ଅବସରକାଳୀନ ସୁବିଧା ନାହିଁ। ମାନବିକ ଅଧିକାର ସୁରକ୍ଷା କମିଟିର ଆଶ୍ରୟ ନେବା ପାଇଁ ଆଲୋଚନା କରାଯାଇଥିଲା। ଶହ ଶହ ଅଧ୍ୟାପକ କର୍ମଚାରୀ ଅବସର ପରେ ଦୁର୍ଦ୍ଦିନରେ ଗତି କରୁଥିବା ବେଳେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏହି ଆଭାସୀ ବୈଠକରେ ରାଜ୍ୟ ସଭାପତି ଡ. ପ୍ରଶାନ୍ତ କୁମାର ପ୍ରଧାନ, ପ୍ରିୟରଞ୍ଜନ ରଥ, ବନମାଳୀ ବାରିକଙ୍କ ସହ ଡ. ଅନିଲ କୁମାର ଜେନା, ପ୍ରଭାତ କୁମାର ଜେନା, ସୁବାସ ପତି, ରଶ୍ମିରଞ୍ଜନ ସେନାପତି, ପାର୍ଥ ସ୍ୱାଇଁ, ହୃଦାନନ୍ଦ ବେହେରା, ଅଲେଖ ଚନ୍ଦ୍ର ପାତ୍ର, ତପନ ସାହୁ, ସୁରେଶ ଚନ୍ଦ୍ର ମିଶ୍ର, ଲକ୍ଷ୍ମୀଧର ମିଶ୍ର, ବିମଳେନ୍ଦୁ ପ୍ରଧାନ, ପ୍ରସନ୍ନ କୁମାର ମୁଦୁଲି, ପ୍ରସନ୍ନ କୁମାର ନାୟକ, ସୁଧାଂଶୁ ଶେଖର ପାତ୍ର, ଲଳିତ କୁମାର ସାହୁ, ବିନୟ କୁମାର ସାହୁ, ତରଣୀସେନ ସାମଲ ପ୍ରମୁଖ ଯୋଗଦେଇଥିଲେ। ପ୍ରବୀର କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଡିଆଇଇଟିରେ ଯୌନ ନିର୍ଯାତନା ସଚେତନତା କର୍ମଶାଳା



ଢେଙ୍କାନାଳ,୮।୮(ସମିସ): ଢେଙ୍କାନାଳ ସହରସ୍ଥିତ ଡିଆଇଇଟିରେ ଯୌନ ନିର୍ଯାତନା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। କର୍ମକ୍ଷେତ୍ରରେ ମହିଳା କର୍ମଚାରୀ ବା ଶିକ୍ଷନୁଷ୍ଠାନରେ ଛାତ୍ରୀ ହୁଅନ୍ତୁ ସମସ୍ତଙ୍କ ଲାଗି ମୁକ୍ତ, ଅବାଧ ଓ ସହଯୋଗୀ ପରିବେଶ ଲୋଡ଼ା। ଏଭଳି ସକାରାତ୍ମକ ପରିବେଶ ସୃଷ୍ଟି କରିବା ଆବଶ୍ୟକ। ଫଳରେ ଯେକୌଣସି ମହିଳା ନିଜକୁ ସୁରକ୍ଷିତ ମଣିବେ। ଯଦି କର୍ମକ୍ଷେତ୍ରରେ ପୁରୁଷ କର୍ମଚାରୀଙ୍କ ଦ୍ୱାରା ମହିଳା କର୍ମଚାରୀ କିମ୍ବା ଶିକ୍ଷକଙ୍କ ଦ୍ୱାରା ଛାତ୍ରଛାତ୍ରୀ ଶୋଷଣର ଶିକାର ହେଉଛନ୍ତି ସେ କ୍ଷେତ୍ରରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି କାର୍ଯ୍ୟ କରିବା ଦରକାର। ପୀଡ଼ିତା ମହିଳା ବା ଛାତ୍ରୀଙ୍କୁ ସୁରକ୍ଷା ଦେବ ସହ ଦୋଷୀ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ଶୋଷଣର ଶିକାର ହେଉଥିବା ମହିଳା ଚୁପ ନ ରହି ନିଜ ସ୍ୱରକୁ ତୀକ୍ଷ୍ଣ କରିବା ଆବଶ୍ୟକ ବୋଲି କର୍ମଶାଳାରେ ମତ ପ୍ରକାଶ ପାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ ମୁଖ୍ୟ ସାଧନକର୍ମୀ ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଯୌନ ଅପରାଧ, ଶୋଷଣ ଓ ସାମାଜିକ ଗଣମାଧ୍ୟମର ଅପବ୍ୟବହାର ଉପରେ ବକ୍ତବ୍ୟ ରଖିଥିଲେ। ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ସୌମ୍ୟା ପଟ୍ଟନାୟକ ଏ ସମ୍ପର୍କିତ ଆଇନ ବିଷୟରେ ଆଲୋଚନା କରିଥିଲେ। ପ୍ରତିଷ୍ଠାନର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସଭାପତି ତଥା ବରିଷ୍ଠ ପ୍ରଶିକ୍ଷିକା ସ୍ନେହଲତା ରାଜ ସଭା ସଂଯୋଜନା କରିଥିବା ବେଳେ ବିନ୍ଦୁ ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଟାଉନ ଥାନା ଏସ୍ଆଇ ପ୍ରାତାପ କୁମାର ସାହୁ, ମଧୁସ୍ମିତା ନାଥଶର୍ମା,

**ଟାଟା ଷ୍ଟିଲ ମେରାମଣ୍ଡଳୀର ଅଭିନବ ପଦକ୍ଷେପ**

## ବୁଲା ଗୋରୁଙ୍କଠାରେ ଲାଗିଲା ରିଫ୍ଲେକ୍ଟିଭ୍ ବ୍ୟାଣ୍ଡ



ଢେଙ୍କାନାଳ,୮।୮(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ଟିଏସଏମର କର୍ପୋରେଟ ସର୍ଭିସେସ ବିଭାଗ କର୍ମଚାରୀମାନେ ୫୫ନଂ ଜାତୀୟ ରାଜପଥ ଓ ଟିଏସଏମ କାରଖାନା ପାର୍ଶ୍ୱବର୍ତ୍ତୀ ରାସ୍ତାରେ ବୁଲା ଗୋରୁମାନଙ୍କ ବେକରେ ରିଫ୍ଲେକ୍ଟିଭ୍ ବ୍ୟାଣ୍ଡ ଲଗାଇଛନ୍ତି। ବୁଲା ଗୋରୁଙ୍କ ଯୋଗୁଁ ଦୈନନ୍ଦିନ ସଡ଼କ ଦୁର୍ଘଟଣା ଘଟୁଥିବା ବେଳେ ଏହାକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଏହି ପ୍ରୟାସ କରାଯାଇଛି। ରିଫ୍ଲେକ୍ଟିଭ୍ ବ୍ୟାଣ୍ଡ ଦ୍ୱାରା ରାତିରେ ଗାଡ଼ି ଚାଳକମାନେ ଗୋରୁଙ୍କ ଅବସ୍ଥିତି ଜାଣିପାରିବେ ବୋଲି ଦୁର୍ଘଟଣାକୁ ହ୍ରାସ କରାଯାଇପାରିବ ବୋଲି କୁହାଯାଇଛି। କର୍ମଚାରୀମାନେ ପ୍ରାୟ ୮୦ ଗୋରୁଙ୍କଠାରେ ରିଫ୍ଲେକ୍ଟିଭ୍ ବ୍ୟାଣ୍ଡ ଲଗାଇଛନ୍ତି।

ସେହିପରି ଟାଟା ଷ୍ଟିଲ କଳିଙ୍ଗନଗର ଓ ଟାଟା ଷ୍ଟିଲ ମେରାମଣ୍ଡଳୀର ସୁରକ୍ଷା ବିଭାଗ ମୁଖ୍ୟ ପ୍ରକାଶ ସଞ୍ଜୟଙ୍କ ନେତୃତ୍ୱରେ ସ୍ୱଚ୍ଛତା ଓ ପରିବେଶ ଦାୟିତ୍ୱବୋଧକୁ ପ୍ରୋତ୍ସାହନ ଦେବା ଲାଗି କଣ୍ଟାବଣିଆ ବଜାରରେ ଏକ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଥିଲା। ପ୍ରଶାସନ, ସିଏସଆର ବିଭାଗ, ସିକ୍ୟୁରିଟି ବିଭାଗ ଓ କଣ୍ଟାବଣିଆ ପୁଲିସ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିସହ ବ୍ୟବସାୟୀଙ୍କୁ ଡଷ୍ଟବିନ ବଣ୍ଟନ କରାଯାଇଥିଲା। କୁସୁପଡ଼ା ଓ ମଙ୍ଗଳପୁର ପଞ୍ଚାୟତର ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ସକାଳ
THE SAKALA

# ସମ୍ପାଦକୀୟ



ବଡ଼ ସ୍ୱପ୍ନ, କଠିନ ପରିଶ୍ରମ, ବିନୟୀ, ସକାରାତ୍ମକ ଲୋକଙ୍କ ଗହଣ ହିଁ ସଫଳତାର ମନ୍ତ୍ର।
-ସୁନିତା ୱିଲିୟମସ୍

## ସନ୍ଧିକ୍ଷଣରେ ଭାରତ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ଉତ୍ପାଦ ଉପରେ ପ୍ରଥମ ଦଫାରେ ୨୫% ଶୁଳ୍କ ଲାଗୁ କରିଥିବା ବେଳେ ଦ୍ୱିତୀୟ ଦଫାରେ ଆଉ ୨୫% ଏପରି ୫୦% ଶୁଳ୍କ ଲାଗୁ କରିଛନ୍ତି। ଏହିକ୍ରମରେ ବିଶ୍ୱ ବାଣିଜ୍ୟରେ ଆମେରିକା ଦ୍ୱାରା ସର୍ବାଧିକ ଶୁଳ୍କ ଧାର୍ଯ୍ୟ କରାଯାଇଥିବା ରାଷ୍ଟ୍ର ଭାବେ ଭାରତ ଏକ ଅଲୋଡ଼ା ରେକର୍ଡ ସୃଷ୍ଟି କରିଛି। ଭାରତ ଉପରେ ଶୁଳ୍କ ପ୍ରହାର ପଛରେ ଟ୍ରମ୍ପ ଦୁଇଟି କାରଣ ଦର୍ଶାଇଛନ୍ତି। ପ୍ରଥମତଃ, ରୁଷରୁ ତୈଳ ଆମଦାନୀ ଏବଂ ଦ୍ୱିତୀୟତଃ, ଆମେରିକୀୟ କୃଷି ଉତ୍ପାଦ ପାଇଁ ଭାରତୀୟ ବଜାରରେ କଟକଣା। ଭାରତ ଏହି ଦୁଇଟିରେ କୋହଳ ନୀତି ନ ଆପଣେଇଲେ ଭବିଷ୍ୟତରେ ଆହୁରି ଅଧିକ ଶୁଳ୍କ ଧାର୍ଯ୍ୟ କରାଯିବ ବୋଲି ଟ୍ରମ୍ପ ଧମକ ଦେଇଛନ୍ତି। ହୁଏତ ଚପଳମତି ଟ୍ରମ୍ପ ଶୁଳ୍କ ନୀତିକୁ ପ୍ରତ୍ୟାହାର କରିପାରନ୍ତି, ଯାହା ଦ୍ୱିପାକ୍ଷିକ ଆଲୋଚନା ଏବଂ ଭାରତର କୂଟନୈତିକ ବିଚକ୍ଷଣତା ଉପରେ ନିର୍ଭର କରୁଛି। ଯଦି ଟ୍ରମ୍ପଙ୍କ ସାମ୍ପ୍ରତିକ ଶୁଳ୍କ ନୀତି ବଳବତ୍ତର ରହେ ତେବେ ଭାରତୀୟ ଅର୍ଥନୀତି ପ୍ରଭୂତ କ୍ଷତି ସହିବ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଇଛନ୍ତି। ଭାରତୀୟ ଅଭିବୃଦ୍ଧି ହାର ୦.୬% ହ୍ରାସ ପାଇବ ବୋଲି ଗୋଲ୍ଡମ୍ୟାନ୍ ସାଚେଟ୍ ଆକଳନ କରିଛି।

ଆକଳନ ସଂଖ୍ୟାରେ ଫରକ୍ ରହିଲେ ମଧ୍ୟ ଭାରତୀୟ ଅର୍ଥନୀତି ଯେ ପ୍ରଭାବିତ ହେବ ତାହା ନିଶ୍ଚିତ। ଏଥିସହିତ ବିଶ୍ୱରେ ତୃତୀୟ ବୃହତ୍ ଅର୍ଥନୀତି ହେବାର ସ୍ୱପ୍ନ ମଧ୍ୟ ମଉଳି ଯିବ, ଯାହାର ପ୍ରଭାବ ବିଶ୍ୱରେ ଭାରତର ସ୍ଥିତି, ସାମର୍ଥ୍ୟ, ଗୁରୁତ୍ୱ ଓ ମର୍ଯ୍ୟାଦାକୁ ହାନିପହଞ୍ଚାଇବ। ଏହାଦ୍ୱାରା ମଧ୍ୟ ବିଶ୍ୱରେ ଭାରତର କୂଟନୈତିକ ପ୍ରଭାବ କେତେକାଂଶରେ ହ୍ରାସ ପାଇ ଏସିଆର ଭୂରାଜନୈତିକ ସମୀକରଣକୁ ଓଲଟପାଲଟ କରିଦେବ ବୋଲି ଏବେଠାରୁ ଅନୁମାନ କରାଗଲାଣି। ଆମେରିକା ବଜାରରେ ଭାରତର ସ୍ଥାନ ଅବିଳମ୍ବେ ପୂରଣ ପାଇଁ ଚୀନ ଆଦୌ ଅବହେଳା କରିବ ନାହିଁ। ଅପରପକ୍ଷରେ ଭାରତ-ଆମେରିକା ଦୂରତ୍ୱ ବଢ଼ିଲେ ତାହାର ଫାଇଦା ପାକିସ୍ତାନ ଉଠାଇବା ଅସମ୍ଭବ ନୁହେଁ। ତେଣୁ ଭାରତ ପାଇଁ କୂଟନୈତିକ ସ୍ତରରେ ୧୯୬୦ ଦଶକର ସ୍ଥିତିର ପୁନରାବୃତ୍ତି ହେବାକୁ ଯାଉଛି ବୋଲି କହିଲେ ଭୁଲ୍ ହେବ ନାହିଁ। ସେତେବେଳେ ହିନ୍ଦୀ-ଚୀନୀ ଭାଇ ଭାଇ ନାରା ଦେଇ ଚୀନ୍ ଭାରତ ଉପରେ ଆକ୍ରମଣ କରିଥିଲା ଏବଂ ଏବେ ଟ୍ରମ୍ପ ଭାରତକୁ ବନ୍ଧୁ ବୋଲି ସମ୍ବୋଧନ କରି ଦାଉ ସାଧୁଛନ୍ତି। ସେତେବେଳର ଗୁଳିଗୋଳା ଆକ୍ରମଣ ଏବେ କେବଳ ଯାହା ବାଣିଜ୍ୟ ଶୁଳ୍କରେ ରୂପାନ୍ତରିତ ହୋଇଛି।

ଭାରତ ଏବେ ଏଭଳି ଏକ ସନ୍ଧିକ୍ଷଣରେ ଉପନୀତ, ଯେଉଁଠି ଆଭ୍ୟନ୍ତରୀଣ ସ୍ୱାର୍ଥର ସୁରକ୍ଷା ଏବଂ ଆନ୍ତର୍ଜାତିକ ସମ୍ପର୍କ - ଏ ଦୁଇଟି ମଧ୍ୟରୁ ଗୋଟିକୁ ବାଛିବାକୁ ପଡ଼ିବ। ଯଦି ଆମେରିକାର ସର୍ତ୍ତରେ ଭାରତ ରାଜି ହୁଏ ତେବେ ବାଣିଜ୍ୟ ଅର୍ଥନୀତିରେ ସୁଧାର ଆସିବ ସତ, କିନ୍ତୁ ଦେଶର ଗରିବ କୃଷକ, ମତ୍ସ୍ୟଜୀବୀ, ଖାଉଟିଙ୍କ ସ୍ୱାର୍ଥ ବଳି ପଡ଼ିବ। ଯଦି ଦେଶବାସୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବାକୁ ଭାରତ ସରକାର ବଦ୍ଧ ପରିକର ହୁଅନ୍ତି ତେବେ ଆମେରିକା ଅପମାନିତ ହୋଇ ଆହୁରି ଅଧିକ ଦାଉ ସାଧିବ। ଏପରିକି ଏବେ ରୁଷ ଓ ଇରାନ୍ ଉପରେ ଯେଉଁଭଳି କଟକଣା ଲାଗୁ ହୋଇଛି ସେଭଳି କଟକଣା ଭାରତ ଉପରେ ଲାଗୁ ହେବା ବିଚିତ୍ର ନୁହେଁ। ରୁଷ୍ ଓ ଇରାନ୍ ସେମାନଙ୍କର ଆର୍ଥିକ, ରାଜନୈତିକ, ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ଆମେରିକା କଟକଣା ଝଡ଼କୁ ସମ୍ଭାଳି ନେବାର କ୍ଷମତା ରଖିଛନ୍ତି। କିନ୍ତୁ ଆମେରିକୀୟ କଟକଣା ଲାଗିଲେ ଭାରତର ବିକାଶ ପଛକୁ ଚାଲିଯିବ। ଭାରତ ଏବେ କୃଷି ଓ ଅର୍ଥନୀତିରେ ସ୍ୱାବଲମ୍ବନଶୀଳ ହୋଇସାରିଥିବାରୁ ସେ ଦିଗରେ ବିଶେଷ କ୍ଷତିଗ୍ରସ୍ତ ହେବ ନାହିଁ। କିନ୍ତୁ ସେମିକଣ୍ଡକ୍ଟର, ଏଆଇ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ ପରି କ୍ଷେତ୍ରରେ ଗୁରୁତର ପ୍ରଭାବିତ ହେବ। ଭାରତ ମୁଖ୍ୟତଃ ସେବା ଓ ବୈଷୟିକ ଜ୍ଞାନକୌଶଳକୁ ପାଥେୟ କରି ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବାର ଯୋଜନା କରିଥିବାରୁ ଉପରୋକ୍ତ କ୍ଷେତ୍ର ପ୍ରଭାବିତ ହେଲେ ଭାରତର ବିକାଶ ଓ ଅର୍ଥନୀତି ନିମ୍ନଗାମୀ ହେବା ସୁନିଶ୍ଚିତ।

ଏଭଳି ଏକ ସନ୍ଧିକ୍ଷଣରେ ଭାରତ କ'ଣ କରିବା ଉଚିତ ଓ ଅନୁଚିତ ସେ ସମ୍ପର୍କରେ ବିଶେଷଜ୍ଞମାନେ ପରାମର୍ଶ ଓ ମତାମତ ଦେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଆମେରିକାର ଚାପ ଆଗରେ ଭାରତ ନଇଁବ ନାହିଁ ଏବଂ ଭାରତୀୟ କୃଷି ଓ କୃଷକଙ୍କ ସ୍ୱାର୍ଥର ସୁରକ୍ଷାକୁ ଅଗ୍ରାଧିକାର ଦିଆଯିବ ବୋଲି ଦୃଢ଼ୋକ୍ତି କରିଛନ୍ତି। ଏହି ପୃଷ୍ଠଭୂମିରେ ଭାରତ ପାଇଁ ଏକମାତ୍ର ଭରସା ହେଉଛି 'ବ୍ରିକ୍ସ'। ଇତିମଧ୍ୟରେ ରୁଷ୍ ଓ ଚୀନ୍ ଆମେରିକାର ଭାରତବିରୋଧୀ ବାଣିଜ୍ୟ ଆଭିମୁଖ୍ୟକୁ ନିନ୍ଦା କରିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀମୋଦୀ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମାର ପୁଟିନ୍‌ଙ୍କ ସହିତ କଥାବାର୍ତ୍ତା କରିଛନ୍ତି। ପୁଟିନ୍ ଚଳିତ ବର୍ଷ ଶେଷ ଭାଗରେ ଭାରତ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଆଗାମୀ 'ଏସ୍‌ସିଓ' ବୈଠକରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ରଣନୀତି ପ୍ରସ୍ତୁତ ହେବ ବୋଲି ଆଶା। ବିଶେଷକରି 'ବ୍ରିକ୍ସ'ର କାୟାବିସ୍ତାର ହେବାର ସମ୍ଭାବନା ଉଜ୍ଜ୍ୱଳ ହେଉଥିବାରୁ ସଦସ୍ୟ ରାଷ୍ଟ୍ରଙ୍କ ସହଯୋଗ ବୃଢ଼ ରହିଲେ ଭାରତ ଆମେରିକା ଶୁଳ୍କ ଝଡ଼କୁ ସଫଳତାର ସହ ମୁକାବିଲା କରିପାରିବ। କିନ୍ତୁ ଯୁଦ୍ଧରେ ଲିପ୍ତ ରୁଷ୍ ଭାରତକୁ କେବଳ ରିହାତି ତୈଳ ଦେବା ଛଡ଼ା ଅନ୍ୟ କ୍ଷେତ୍ରରେ କେତେ ସହାୟତା କରିପାରିବ ତାହାକୁ ନେଇ ପ୍ରଶ୍ନ ଉଠୁଛି। ଦକ୍ଷିଣ ଆଫ୍ରିକା ଓ ବ୍ରାଜିଲ୍‌ର ଆମେରିକାର ନାଲିଆଖିକୁ ମୁକାବିଲା ଶକ୍ତି ଉପରେ ଭରସା କରିହେବ ନାହିଁ। ଯଦି ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଚୀନ୍ ମନରେ ଭାରତକୁ ଅର୍ଥନୀତିର ଦୌଡ଼ରେ ବହୁପଛରେ ଛାଡ଼ିବା ଚିନ୍ତା ଆସେ ତେବେ 'ବ୍ରିକ୍ସ' ନୀତି ଓ ସଂକଳ୍ପ ସମାନ୍ତରାଳରେ ଚୀନ୍ ଆମେରିକା ସହିତ ସାଲିସ୍ କରିବା ବିଚିତ୍ର ନୁହେଁ। ଯେଉଁଭଳି ଭାବେ ଜାପାନ୍, ୟୁରୋପ, ୟୁକେ, ଦକ୍ଷିଣ କୋରିଆ, ପାକିସ୍ତାନ, ଭିଏତ୍‌ନାମ ଆଦି ବୃହତ୍ ଓ କ୍ଷୁଦ୍ର ଅର୍ଥନୀତି ଦେଶମାନେ ଆମେରିକା ପାଖରେ ନିଜ ଦେଶର ସ୍ୱାର୍ଥ ପାଇଁ ଏକପ୍ରକାର ଆତ୍ମସମର୍ପଣ କରିବା ଭଳି ବାଣିଜ୍ୟ ଚୁକ୍ତି କରିଛନ୍ତି ସେହି ପୃଷ୍ଠଭୂମିରେ ଭାରତ ଏତେ ଶୀଘ୍ର ଭରସାଯୋଗ୍ୟ ବାଣିଜ୍ୟ-ବନ୍ଧୁ ପାଇବା କଷ୍ଟକର।

ଟ୍ରମ୍ପଙ୍କ ଶୁଳ୍କ ପ୍ରହାର କେବଳ ଭାରତୀୟ ବାଣିଜ୍ୟ ଓ ଅର୍ଥନୀତି ଉପରେ ନୁହେଁ, ବରଂ ରାଜନୀତିକୁ ମଧ୍ୟ ପ୍ରଭାବିତ କରିବାକୁ ଯାଉଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ଯଦି ଆମେରିକା ସହିତ ଭାରତ ସରକାର ସାଲିସ୍ କରନ୍ତି ତେବେ ତାହା ଦେଶ ଓ ଦେଶବାସୀଙ୍କ ସ୍ୱାର୍ଥର ପରିପନ୍ଥୀ ହେବ ବୋଲି ବ୍ୟାଖ୍ୟାନ ସୃଷ୍ଟି ହେବ। ଅପରପକ୍ଷରେ ଯଦି ଆମେରିକା ଅଧିକ ଦାଉ ସାଧେ ତେବେ ସରକାରଙ୍କ କୂଟନୀତିକୁ ନେଇ ପ୍ରଶ୍ନ ଉଠିବ। ତେଣୁ ଆମେରିକା ଭାରତର ଅର୍ଥନୀତି, ରାଜନୀତି ଓ କୂଟନୀତି ଉପରେ ପ୍ରହାର କରିବା ପାଇଁ ସୁଚିନ୍ତିତ ଯୋଜନାରେ ଶୁଳ୍କ ଭଳି ଅସ୍ତ୍ରକୁ ବାଛିଛି, ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ତେଣୁ ଆଗକୁ ଭାରତ ଯେଉଁ ପଥୁରିତ ଓ କଣ୍ଟକିତ ରାସ୍ତାରେ ଚାଲିବାକୁ ଯାଉଛି, ତାକୁ କିପରି ସାବଲୀଳକ୍ରମେ ଅତିକ୍ରମ କରିବା କିମ୍ବା ଏଡ଼ାଇ ଯାଇ ବିକଳ୍ପ ରାସ୍ତା ଆବିଷ୍କାର କରିପାରିବ ତାହା ଉପରେ ଭାରତର ଭବିଷ୍ୟତ ନିର୍ଭର କରୁଛି।

# କାହିଁକି ହେଉଛି ଆତ୍ମାହୁତିର ଅନୁକରଣ ?

**ଡକ୍ଟର ଅବଶ ପରିଡ଼ା**

ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତିର ଦୁଃଖଦ ଘଟଣା ପରେ ଓଡ଼ିଶାର ଆଉ କିଛି ସ୍ଥାନରେ ଆତ୍ମାହୁତି ବା ଆତ୍ମହତ୍ୟା ଉଦ୍ୟମ ଦେଖିବାକୁ ଓ ଶୁଣିବାକୁ ମିଳିଛି। ଏହିସବୁ ଆତ୍ମହତ୍ୟା ପାଇଁ ସରକାରୀ, ଅଣସରକାରୀ, ରାଜନୈତିକ, ସ୍ଥାନୀୟ ଓ ସାମାଜିକ ସ୍ତରରେ ଅନେକ କାରଣ ଦର୍ଶାଯାଇଛି। ବିଳମ୍ବିତ ନ୍ୟାୟ, ଆଇନର ଦୁର୍ବଳ ରୂପାୟନ, ସାଙ୍ଗସାଥୀଙ୍କ ଚାପ, ମାନସିକ ଦୁର୍ବଳତା ଓ ଅବସାଦ, ଉପଯୁକ୍ତ ପରାମର୍ଶର ଅଭାବ ଇତ୍ୟାଦିକୁ ଆତ୍ମହତ୍ୟା ପଛର କାରଣ ଭାବେ ବର୍ତ୍ତମାନ ପର୍ଯ୍ୟନ୍ତ ବର୍ଣ୍ଣିତ। ସାମାଜିକ ମହାମାରୀ ରୂପେ କାୟା ବିସ୍ତାର କରୁଥିବା ଆତ୍ମହତ୍ୟାର ପ୍ରାୟ ସମସ୍ତ ଦିଗକୁ ନେଇ ଅସଂଖ୍ୟ ପ୍ରବନ୍ଧ, ପ୍ରକାଶନ ଓ ଗବେଷଣା କରାଯାଇଛି। ତେଣୁ ଆଜିର ବିଶ୍ଳେଷଣ ଆତ୍ମହତ୍ୟାର କାରଣ ଓ ନିରାକାରଣ ନୁହେଁ, ବରଂ ଏକ ଅଣୁବୀକ୍ଷଣିକ ବିନ୍ଦୁ ଉପରେ ଆଧାରିତ। ତାହା ହେଉଛି 'ପୀଡ଼ିତ/ପୀଡ଼ିତାମାନେ ଆତ୍ମହତ୍ୟା ପାଇଁ କାହିଁକି ଆତ୍ମାହୁତି ଭଳି ସମାନ ପ୍ରକ୍ରିୟା ବାଛିଲେ?'

ଅନୁକରଣୀୟ ଆତ୍ମହତ୍ୟାରେ ଦୁଇଟି ଦିଗ ଅଛି। ପ୍ରଥମ, ଆତ୍ମହତ୍ୟା ଯେଉଁଠି ପରିଣାମ ଘାତକ ଏବଂ ବ୍ୟକ୍ତିର ମୃତ୍ୟୁ ସୁନିଶ୍ଚିତ। ଅନ୍ୟଟି ହେଉଛି ପେରା-ଆତ୍ମହତ୍ୟା, ଯେଉଁଠାରେ ବ୍ୟକ୍ତି ମରିବାକୁ ଚାହେଁନାହିଁ, କିନ୍ତୁ ଜାଣିଶୁଣି ହିସାବ କରି ନିଜକୁ କ୍ଷତି ପହଞ୍ଚାଇଥାଏ କିମ୍ବା ସମ୍ଭାବ୍ୟ ଘାତକ ଆଚରଣରେ ଲିପ୍ତ ହୁଏ। ଏହା ପ୍ରାୟତଃ ସାହାଯ୍ୟ ପାଇଁ ଚିତ୍କାର, ସମସ୍ୟା ମୁକାବିଲା କରିବାର ଏକ ପଦ୍ଧତି କିମ୍ବା ମାନସିକ ଯନ୍ତ୍ରଣା ପ୍ରକାଶ କରିବାର ଏକ ମାଧ୍ୟମ। କିନ୍ତୁ ଅନେକ ସମୟରେ ନିଜ ଭୁଲ ପାଇଁ ପୀଡ଼ିତଙ୍କ ଅନିଚ୍ଛାକୃତ ମୃତ୍ୟୁ ହୋଇଯାଏ। ସମାଜଶାସ୍ତ୍ରୀଙ୍କ ମତରେ ମୌଖିକ ଯୋଗାଯୋଗ ବିଫଳତା ହିଁ ପେରା-ଆତ୍ମହତ୍ୟାର ଉତ୍ପତ୍ତି। ଏକ ରିପୋର୍ଟ ଅନୁଯାୟୀ ୬୦% ରୁ ଅଧିକ କିଶୋରୀ ଓ ଛାତ୍ରୀ ପେରା-ଆତ୍ମହତ୍ୟାର ଶିକାର।

କୁହାଯାଏ 'ସମାଜ ଅନୁକରଣ ଉପରେ ଆଧାରିତ ଏବଂ ଅନୁକରଣ ହେଉଛି ଏକପ୍ରକାରର ସାମାଜିକ ସଂକ୍ରମଣ।' ଏଠାରେ ଏକ ଉଦାହରଣ ନେବା। ମାଇକ୍ରୋନେସିଆ ଏକ ଦ୍ୱୀପପୁଞ୍ଜର ଦେଶ। ଉଣେଇଶ ଅଶୀଦଶକରେ ଦୁନିଆର ଅନ୍ୟଦେଶମାନଙ୍କ ଅପେକ୍ଷା ମାଇକ୍ରୋନେସିଆରେ ମୁଣ୍ଡପିଛା ଆତ୍ମହତ୍ୟାର ସଂଖ୍ୟା ସାତଗୁଣ ବୃଦ୍ଧି ପାଇଥିଲା। ସମସ୍ତ ପୀଡ଼ିତ ଓ ମୃତକ ଥିଲେ କିଶୋର ବର୍ଗର। ଛୋଟଛୋଟ କଥାରେ, ଯେମିତିକି ବାପାଙ୍କ ଗାଳି ସହି ନ ପାରି କିମ୍ବା ପକେଟ ଖର୍ଚ୍ଚ ପାଇଁ ଅତିରିକ୍ତ ଟଙ୍କା ନମିଳିବାରୁ କିଶୋରମାନେ ଆତ୍ମହତ୍ୟା କରୁଥିଲେ। ଏ ଘଟଣାସବୁ ଯେତିକି ବିଚିତ୍ର ଓ ଆସାମନ୍ୟ ଲାଗୁଥିଲେ, ତା'ଠାରୁ ଅଧିକ ଆଶ୍ଚର୍ଯ୍ୟ କରୁଥିଲା ସେସବୁ ଆତ୍ମହତ୍ୟାର ଉପାୟ ଓ ପ୍ରଣାଳୀ। କାରଣ ସମସ୍ତ ଆତ୍ମହତ୍ୟାର ଢାଞ୍ଚା ଓ 'ସୁଇସାଇଡ ନୋଟ' ଅପାତତଃ ସମାନ ଥିଲା। ମାଇକ୍ରୋନେସିଆର ଆତ୍ମହତ୍ୟାର ଘଟଣା ଥିଲା ଆତ୍ମବିନାଶର ଏକ ସଂକ୍ରାମକ ମହାମାରୀ। ସେଠାରେ ଆତ୍ମବିନାଶ କିଶୋରଙ୍କ ପାଇଁ ସାଜିଥିଲା ଆତ୍ମପ୍ରକାଶର ଏକ ମାଧ୍ୟମ। ଏହି ଅଘଟଣଗୁଡ଼ିକର ଉତ୍ତରରେ ସମାଜଶାସ୍ତ୍ରୀ ଡାଭିଡ ଫିଲିପ୍‌ସ ମତ ରଖନ୍ତି ଯେ ଆତ୍ମହତ୍ୟା କାହାଣୀ ଏକପ୍ରକାର ପ୍ରାକୃତିକ ବିଜ୍ଞାପନ, ଯାହା ଏକ ନିର୍ଦ୍ଦିଷ୍ଟ ସମସ୍ୟାର ନିର୍ଦ୍ଦିଷ୍ଟ ପ୍ରତିକ୍ରିୟା ବୋଲି ବିବେଚନା କରଯାଏ ଏବଂ ଏହାକୁ ଅନୁକରଣ କରଯାଏ। ଏହା ପ୍ରତୀକାତ୍ମକ ପାରସ୍ପରିକ କ୍ରିୟାର ତତ୍ତ୍ୱ ଉପରେ ପର୍ଯ୍ୟବସିତ। ସରଳରେ କହିବାକୁ ଗଲେ ଆତ୍ମହତ୍ୟାକୁ କିଛି ସକାରାତ୍ମକ ଓ ନକାରାତ୍ମକ ସାମାଜିକ ବ୍ୟାଖ୍ୟା ମିଳେ ଏବଂ ସାଧାରଣ ବ୍ୟକ୍ତି ଏହାକୁ ବିଭିନ୍ନ ଅର୍ଥରେ ପ୍ରୟୋଗ କରନ୍ତି। ଆତ୍ମହତ୍ୟା ପଳାତକର କାର୍ଯ୍ୟ, ବିଦ୍ରୋହର ଭାଷା, ଏହା ହେଉଛି ଦୁର୍ବଳର ଶେଷ ନିଷ୍ପତ୍ତି, ଅବହେଳିତ ସ୍ୱର ଶୁଣିବା ପାଇଁ ଏକ ବାଟ ଏବଂ ଆତ୍ମହତ୍ୟା ସମସ୍ତ ସମାଧାନର ଏକ ରୂପ ଇତ୍ୟାଦି ହେଉଛି କିଛି ସାମାଜିକ ବ୍ୟାଖ୍ୟା। ଅନ୍ୟପଟେ ଦୁର୍ବଳ ମାନସିକତା ଓ ଦୁର୍ବଳ ସାମାଜିକ ବନ୍ଧନ ଥିବା ବ୍ୟକ୍ତିବିଶେଷ ପାଇଁ ଏହା ହୋଇଯାଏ ଏକ ସାଙ୍କେତିକ ଅର୍ଥ। ଦୁର୍ଭାଗ୍ୟବଶତଃ ପରବର୍ତ୍ତୀ ସମୟରେ ଏହି ଭୁଲ ବ୍ୟାଖ୍ୟାର ସାମାଜିକ ଅନୁକରଣ ହୋଇଥାଏ। ଉଦାହରଣ ସ୍ୱରୂପ, ଦିଲ୍ଲୀ ମେଟ୍ରୋ ଷ୍ଟେସନରେ ଆତ୍ମହତ୍ୟାର ସମାନ ସ୍ଥାନ ଓ ସମାନ ପଦ୍ଧତି ବାରମ୍ବାର ବ୍ୟବହୃତ ହେଉଛି। ଏହାର ଦୁଇଟି କାରଣ ହେଉଛି ମିଡିଆରେ ଦୃଶ୍ୟମାନତା ଓ ପ୍ରତୀକାତ୍ମକ ଚିହ୍ନଟକରଣ।

ରାଜସ୍ଥାନର କୋଟାରେ ପ୍ରତିବର୍ଷ ଘଟୁଥିବା ଅନୁକରଣୀୟ ଆତ୍ମହତ୍ୟା ଦେଶ ପାଇଁ ଏକ ଚିନ୍ତାର ବିଷୟ। ସୂଚନା ଅନୁଯାୟୀ ଘଟିଥିବା ସମସ୍ତ ଆତ୍ମହତ୍ୟାର ସୁଇସାଇଡ ନୋଟ ଏବଂ ଆତ୍ମହତ୍ୟାର ଧାରା (ପ୍ୟାଟର୍ନ) ରେ ପ୍ରାୟତଃ ସାମଞ୍ଜସ୍ୟତା ଅଛି। 'ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ୍'ର ଏକ ସାମାଜିକ-ମନସ୍ତାତ୍ତ୍ୱିକ ଗବେଷଣାରେ ଉଲ୍ଲେଖ କରାଯାଇଛି ଯେ 'ଗୋଟିଏ ଆତ୍ମହତ୍ୟା ଅନ୍ୟ ଏକ ଆତ୍ମହତ୍ୟାକୁ ପ୍ରେରିତ କରିଥାଏ।' କୋଟା ଆତ୍ମହତ୍ୟା ମାମଲା ହେଉଛି ଶିକ୍ଷାଗତ ଚାପ ଏବଂ ପୂର୍ବ ମାମଲାଗୁଡ଼ିକର ଅନୁକରଣ। ସମାଜଶାସ୍ତ୍ରୀଙ୍କ ମତରେ ଏହା ଆଚରଣ ମଡେଲିଂ ବା ଏକପ୍ରକାରର ସାମାଜିକ ଶିକ୍ଷଣ। ସେହିପରି ୨୦୧୭ ମସିହାରେ ତାମିଲନାଡୁର ୧୭ ବର୍ଷୀୟା ଅନିତାଙ୍କ ନିଟ୍ ବିରୋଧରେ ଆବେଦନକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିବା ପରେ ସେ ଆତ୍ମହତ୍ୟା କରିଥିଲେ ଏବଂ ତାଙ୍କର ମୃତ୍ୟୁ ପରେ ଅନେକ ଅନୁକରଣୀୟ ଆତ୍ମହତ୍ୟା ରାଜ୍ୟରେ ଘଟିଥିଲା। ଏହାର ସମାଜତାତ୍ତ୍ୱିକ ଅନ୍ତର୍ଦୃଷ୍ଟି କୁହେ ଯେ ପାଠ ଓ ପରିବାରର ଚାପରେ ଥିବା ନିଟ୍ ଆଶାୟୀଙ୍କ ପାଇଁ ସଂଘର୍ଷର ଏକ ପ୍ରତୀକାତ୍ମକ ମଡେଲ ହୋଇଗଲେ ଅନିତା ଏବଂ ତାଙ୍କ ଆତ୍ମହତ୍ୟା ପାଲଟିଗଲା ବୀର ସହିଦଙ୍କ ଭଳି ସାମାଜିକ କାହାଣୀ। ପ୍ରଚାରିତ କାହାଣୀ, ପୀଡ଼ିତଙ୍କ ସହ ପରିଚୟ ସହିତ ସମାନ ପରିସ୍ଥିତିରେ ଥିବା ଛାତ୍ରମାନଙ୍କ ପାଇଁ ଆତ୍ମହତ୍ୟା ଥିଲା ଏକ ପ୍ରରୋଚନାକାରୀ ଉପାଦାନ। ତେଣୁ ସାମାଜିକ ବିଭ୍ରାଟ ଏବଂ ନିୟନ୍ତ୍ରଣର ଅଭାବ ସମାନ ଗୋଷ୍ଠୀରେ ଆତ୍ମହତ୍ୟାର ପୁନରାବୃତ୍ତି ସୃଷ୍ଟି କରେ।

ସମାଜବିଜ୍ଞାନୀ ଷ୍ଟିଭେନ୍ ଷ୍ଟାକ୍‌ଙ୍କ ଏକ ଉଲ୍ଲେଖନୀୟ ଅଧ୍ୟୟନ ହେଉଛି 'ୱେର୍ଥର୍ ପ୍ରଭାବ'। କୌଣସି ସେଲିବ୍ରିଟି ଆତ୍ମହତ୍ୟାର ଗଣମାଧ୍ୟମ ପ୍ରସାରଣ ହେଉ କିମ୍ବା କୌଣସି ଆତ୍ମହତ୍ୟାର ନିରନ୍ତର ଏବଂ ଅତିରଞ୍ଜିତ ପ୍ରଚାର ପରେ ଆତ୍ମହତ୍ୟା କାର୍ଯ୍ୟକଳାପର ସାଂଖ୍ୟିକ ଭାବରେ ବୃଦ୍ଧି ପାଏ ବୋଲି ଷ୍ଟାକ୍‌ଙ୍କ ଏହି ଅଧ୍ୟୟନରେ ପ୍ରକାଶିତ ହୋଇଛି। ଚିନ୍ତାର ବିଷୟ ଯେ ଏହାଦ୍ୱାରା କିଶୋର ଓ ଯୁବବର୍ଗ ଅତ୍ୟନ୍ତ ପ୍ରଭାବିତ। ଅଧ୍ୟୟନରେ ଗୁରୁତ୍ୱାରୋପ କରାଯାଇଥିଲା ଯେ ବିସ୍ତୃତ ଓ ଭାବପ୍ରବଣ ମିଡିଆ ପ୍ରଚାରରେ ଆତ୍ମହତ୍ୟାର ପଦ୍ଧତି (ଆତ୍ମାହୁତି) ନାଟକୀୟ ଶିରୋନାମା (ନ୍ୟାୟର ଲଢ଼େଇରେ ହାରିଗଲେ, କେବେ ମିଳିବ ନ୍ୟାୟ, ଅବହେଳିତର କରୁଣ ବାର୍ତ୍ତା) ଏବଂ ବ୍ୟକ୍ତିଗତ ପୃଷ୍ଠଭୂମି (ବିଦ୍ୟାର୍ଥୀ, ବେରୋଜଗାର) ସମେତ ଆତ୍ମ-ଧ୍ୱଂସାତ୍ମକ ଆଚରଣର ରୋମାନିକରଣ (ରୋମାନିଟିସାଇଜ୍‌ଡ) କିମ୍ବା ସାଧାରଣ କରିବାର ଚେଷ୍ଟା ହିଁ ଅନୁକରଣୀୟ ଆତ୍ମହତ୍ୟା ପାଇଁ ଦାୟୀ। ତେଣୁ ଭାବପ୍ରବଣ, କଷ୍ଟ କିମ୍ବା ପରିଚୟ ସଙ୍କଟରେ ଥିବା ବ୍ୟକ୍ତିମାନେ ଗଣମାଧ୍ୟମର ଚକିତ ଓ ରୋମାଞ୍ଚକର ବିଷୟବସ୍ତୁକୁ ଆତ୍ମହତ୍ୟାର ବୈଧ ପ୍ରତିକ୍ରିୟା ଭାବରେ ଦେଖିପାରନ୍ତି। ସଂକ୍ଷେପରେ, ଷ୍ଟାକ୍‌ଙ୍କ ଅଧ୍ୟୟନରେ ଉଲ୍ଲେଖ ଅଛି ଯେ ଗଣମାଧ୍ୟମ ସାମାଜିକ ଆଚରଣକୁ ପ୍ରଭାବିତ କରିବା ସହିତ ଏକ ବ୍ୟକ୍ତିଗତ ଦୁଃଖଦ ଘଟଣାବଳୀକୁ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ବିପଦରେ ପରିଣତ କରିପାରେ।

ଗଣମାଧ୍ୟମ ଓ ଆତ୍ମହତ୍ୟା ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟରେ ପ୍ରକାଶ ପାଇଛି ଯେ ଏସିଆ ଓ ୟୁରୋପରେ ଚାଞ୍ଚଲ୍ୟକର 'ମିଡିଆ ରିପୋର୍ଟିଂ' ଏବଂ ଆତ୍ମହତ୍ୟା ବୃଦ୍ଧି ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ଅଛି। ବ୍ୟକ୍ତିର ଆଚରଣ ହେଉଛି ପାରିପାର୍ଶ୍ୱିକ ପର୍ଯ୍ୟବେକ୍ଷଣର ଫଳାଫଳ। ଆତ୍ମହତ୍ୟା ପରେ ଗଣମାଧ୍ୟମରେ ମିଳୁଥିବା ଅତ୍ୟଧିକ ସହାନୁଭୂତି ଏବଂ ଗଣମାଧ୍ୟମର ଅତ୍ୟଧିକ ଧ୍ୟାନ କିଛି ଦୁର୍ବଳ/ ଅବସାଦ ମନରେ ଏପରି କାର୍ଯ୍ୟ କରିବା ପାଇଁ ପ୍ରରୋଚିତ କରିପାରେ। 'ଯଦି ଅନ୍ୟମାନେ ଏହା କରିପାରୁଛନ୍ତି ଏବଂ ସେମାନଙ୍କ ଅଭିଯୋଗ ଶୁଣାଯାଇପାରୁଛି, ତେବେ ହୁଏତ ମୁଁ ମଧ୍ୟ ଏମିତି କରିପାରିବି'ର ମାନସିକତା ଏବେ ବୃଦ୍ଧି ପାଉଛି। ଏହାକୁ ଆତ୍ମହତ୍ୟାର ସାଂକେତିକ ବୈଧତା କୁହାଯାଏ। ସମାଜବିଜ୍ଞାନୀଙ୍କ ମତରେ ଏହି ମାନସିକତାର ଧାରା ନିକଟ ଭବିଷ୍ୟତରେ ଜାରି ରହିବ।

କ୍ରମବର୍ଦ୍ଧିଷ୍ଣୁ କିଶୋର ଆତ୍ମହତ୍ୟାକୁ ନେଇ କେରଳର ମାନସିକ ସ୍ୱାସ୍ଥ୍ୟ ପ୍ରାଧିକରଣର ବିଶ୍ଳେଷଣରୁ ଜଣାପଡ଼ିଛି ଯେ ସମ୍ବାଦପତ୍ରର ରିପୋର୍ଟ ଏବଂ ସମକକ୍ଷ ଆତ୍ମହତ୍ୟା ସହିତ ସାମାଜିକ ଗଣମାଧ୍ୟମରେ ମିଳୁଥିବା ପ୍ରବଳ ଶ୍ରଦ୍ଧାଞ୍ଜଳି ହେଉଛି ଅନିଚ୍ଛାକୃତ ଅନୁକରଣୀୟ ଆତ୍ମହତ୍ୟା ପାଇଁ ଦାୟୀ। ସମାଜବିଜ୍ଞାନୀ ଷ୍ଟାନଲି କୋହେନଙ୍କ 'ନୈତିକ ଆତଙ୍କ' ତତ୍ତ୍ୱ ବ୍ୟାଖ୍ୟା କରେ ଯେ ଅତିରଞ୍ଜିତ ମିଡିଆ ରିପୋର୍ଟିଂ ଏକ ଗୋଷ୍ଠୀ ମଧ୍ୟରେ ଉଭୟ ଆତଙ୍କ ଓ ଅନୁକରଣ ସୃଷ୍ଟି କରିପାରେ। ଅଷ୍ଟ୍ରିଆ ଓ ଜର୍ମାନୀ ଭଳି ଦେଶରେ, ଆତ୍ମହତ୍ୟା ରିପୋର୍ଟିଂ ଉପରେ କଠୋର ନିର୍ଦ୍ଦେଶାବଳୀ ଲାଗୁ ହେବା ପରେ ଯୁବ ଓ କିଶୋର ଆତ୍ମହତ୍ୟା ହାର ହ୍ରାସ ପାଇଛି। ଏହି ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧୀ କହିଥିଲେ 'ଆତ୍ମହତ୍ୟା ଓ ଆତ୍ମଦାହ କୌଣସି ପ୍ରକାରର ଯଥାର୍ଥ ନୈତିକ କାର୍ଯ୍ୟ ନୁହେଁ। ଯେତେ ବି ଅନ୍ୟାୟ ହେଉ ମନୁଷ୍ୟ ଜୀବନ ପବିତ୍ର। ଜୀବନ୍ତ ବ୍ୟକ୍ତି ପରିବର୍ତ୍ତନ ଆଣିପାରିବ, ମୃତ୍ୟୁ ନୁହେଁ। ବ୍ୟକ୍ତିଗତ ଯନ୍ତ୍ରଣା ଓ ଦୁଃଖକୁ ଆତ୍ମହତ୍ୟାରେ ନୁହେଁ, ସେବାରେ ପରିଣତ କରିବା ଉଚିତ।' ଗାନ୍ଧୀଙ୍କ ମତରେ, 'ଆତ୍ମଦାହ ନିଜ ଶରୀର ବିରୁଦ୍ଧରେ ଏକପ୍ରକାର ହିଂସା। ଏହା ନୈତିକ ଓ ଆଧ୍ୟାତ୍ମିକ ଭାବରେ ଅଗ୍ରାହ୍ୟ। ଶରୀରର ବିନାଶ ସତ୍ୟର ପଥ ନୁହେଁ।'

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ପରିବେଶ ଓ ଜୀବନରେ ବିପର୍ଯ୍ୟୟର ଛାୟା

**ହୃଷୀକେଶ ପାଣଗ୍ରାହୀ**

ଜଳବାୟୁ ପରିବର୍ତ୍ତନ ଏବଂ ମାନବୀୟ ଅବହେଳା ଆଜି ଆମ ପରିବେଶ ଓ ଜୀବନ ପାଇଁ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ନିକଟରେ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାରେ ବାଦଲଫଟା ବର୍ଷା ଯୋଗୁଁ କ୍ଷୀର ଗଙ୍ଗାରେ ଆକସ୍ମିକ ପାହାଡ଼ୀ ବନ୍ୟା ଘଟିଛି, ଯାହା ଧରାଲିର ହରସିଲ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଏହି ବନ୍ୟାରେ ଅନେକ ଘରଦ୍ୱାର, ହୋଟେଲ ଓ ଅନ୍ୟାନ୍ୟ କୋଠା ମଧ୍ୟ ଧୋଇ ହୋଇଯାଇଛି। ଏହି ଦୁର୍ଘଟଣାରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫୦ରୁ ଅଧିକ ଲୋକ ନିଖୋଜ ହୋଇଛନ୍ତି। ଏହି ଘଟଣା କେବଳ ଏକ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ବରଂ ମାନବୀୟ ଅବହେଳା ଏବଂ ଜଳବାୟୁ ପରିବର୍ତ୍ତନର ମିଳିତ ପରିଣାମ।

ଜଳବାୟୁ ପରିବର୍ତ୍ତନ ହିମାଳୟ ଭଳି ସମ୍ବେଦନଶୀଳ ଅଞ୍ଚଳରେ ଅତିବୃଷ୍ଟି, ବାଦଲଫଟା ଓ ଆକସ୍ମିକ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ତୀବ୍ର କରୁଛି। ବୈଜ୍ଞାନିକ ଅନୁସନ୍ଧାନ ଅନୁଯାୟୀ, ପ୍ରତି ୧ ଡିଗ୍ରୀ ସେଲସିୟସ ତାପମାତ୍ରା ବୃଦ୍ଧି ସହିତ ବାୟୁମଣ୍ଡଳରେ ଜଳୀୟବାଷ୍ପର ପରିମାଣ ୭% ବୃଦ୍ଧି ପାଉଛି, ଯାହା ବାଦଲଫଟା ବର୍ଷା ଭଳି ଘଟଣାକୁ ଅଧିକ ଘନ ଓ ତୀବ୍ର କରୁଛି। ଉତ୍ତରାଖଣ୍ଡରେ ୨୦୧୩ ମସିହାରେ ଘଟିଥିବା ବିନାଶକାରୀ ବନ୍ୟା, ଯାହା ୬, ୦୦୦ରୁ ଅଧିକ ଲୋକଙ୍କ ଜୀବନ ନେଇଥିଲା ଏବଂ ୨୦୨୧ ଓ ୨୦୨୫ରେ ଘଟିଥିବା ବାଦଲଫଟା ବର୍ଷା ଓ ବନ୍ୟା ଘଟଣାଗୁଡ଼ିକ ଏହାର ଜ୍ୱଳନ୍ତ ଉଦାହରଣ।

ଜଳବାୟୁ ପରିବର୍ତ୍ତନ ଏକ ପ୍ରମୁଖ କାରଣ ହେଲେ ମଧ୍ୟ ମାନବୀୟ କାର୍ଯ୍ୟକଳାପ ଏହି ବିପର୍ଯ୍ୟୟକୁ ଆହୁରି ଜଟିଳ କରୁଛି। ଉତ୍ତରାଖଣ୍ଡରେ ଅନିୟନ୍ତ୍ରିତ ନିର୍ମାଣ, ଜଳବିଦ୍ୟୁତ ପ୍ରକଳ୍ପ, ଅତ୍ୟଧିକ ପର୍ଯ୍ୟଟନ ଓ ବନାଞ୍ଚଳ ନଷ୍ଟ ହେବା ପରିବେଶର ସମ୍ବେଦନଶୀଳତାକୁ ବୃଦ୍ଧି କରୁଛି। ୨୦୧୩ ବନ୍ୟା ପରେ ସୁପ୍ରିମକୋର୍ଟ ଅନୁଯାୟୀ ୨୩ଟି ଜଳବିଦ୍ୟୁତ ପ୍ରକଳ୍ପ ବନ୍ଦ କରିବାକୁ ପରାମର୍ଶ ଦିଆଯାଇଥିଲା, କିନ୍ତୁ ଏବେ ମଧ୍ୟ ନୂତନ ପ୍ରକଳ୍ପ ପାଇଁ ଆବେଦନ ଜାରି ରହିଛି। ଅନିୟନ୍ତ୍ରିତ ରାସ୍ତା ନିର୍ମାଣ, ବନ ଉଜାଡ଼ିକରଣ ଓ ନଦୀକୂଳରେ ଅବୈଧ ନିର୍ମାଣ ପାହାଡ଼ୀ ଅଞ୍ଚଳରେ ମାଟିଧସିବା ସହ ବନ୍ୟା ପରିସ୍ଥିତି ବୃଦ୍ଧି କରୁଛି। ଏହାସହିତ ପୂର୍ବ ସୂଚନା ବ୍ୟବସ୍ଥା ଓ ବିପର୍ଯ୍ୟୟ ପରିଚାଳନାରେ ଅସମର୍ଥତା ମଧ୍ୟ କ୍ଷୟକ୍ଷତିକୁ ବୃଦ୍ଧି କରୁଛି। ୨୦୧୩ରେ ଭାରତୀୟ ପାଣିପାଗ ବିଭାଗ ପୂର୍ବ ସୂଚନା ଦେଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ପ୍ରତିକ୍ରିୟା ଅପର୍ଯ୍ୟାପ୍ତ ଥିଲା, ଯାହା ବିପର୍ଯ୍ୟୟର ପରିମାଣକୁ ବୃଦ୍ଧି କରିଥିଲା। ଏହି ବିପର୍ଯ୍ୟୟ କେବଳ ପରିବେଶକୁ ନଷ୍ଟ କରୁନାହିଁ, ବରଂ ମାନବ ଜୀବନ ଓ ଅର୍ଥନୀତି ଉପରେ ମଧ୍ୟ ଗଭୀର ପ୍ରଭାବ ପକାଉଛି। ଉତ୍ତରକାଶୀରେ ଘଟିଥିବା ସାମ୍ପ୍ରତିକ ବନ୍ୟା ଯୋଗୁଁ ଅନେକ ପରିବାର ନିଃସ୍ୱ ହୋଇଯାଇଛନ୍ତି, ପର୍ଯ୍ୟଟନ ଶିଳ୍ପ ପ୍ରଭାବିତ ହୋଇଛି ଏବଂ କୃଷି ଓ କୋଠାମାନ ନଷ୍ଟ ହୋଇଛି। ଏହା ସହିତ, ପରିବେଶରେ ଅତ୍ୟଧିକ ମାଟିଧସିବା ଓ ଜଙ୍ଗଲ ନଷ୍ଟ ହେବା ଜୈବବିବିଧତା ଓ ପରିବେଶ ସନ୍ତୁଳନକୁ ଆହୁରି ଦୁର୍ବଳ କରୁଛି। ଏହା ଦୀର୍ଘକାଳୀନ ଭାବେ ଜଳ ସଙ୍କଟ, ଖାଦ୍ୟ ଅଭାବ ଓ ଜୀବନଧାରଣରେ ଅସୁବିଧା ସୃଷ୍ଟି କରୁଛି।

ଏହି ସମସ୍ୟାର ସ୍ଥାୟୀ ସମାଧାନ ଓ ନକାରାତ୍ମକ ପ୍ରଭାବ ହ୍ରାସ ପାଇଁ ବନ ଓ ଜଳାଶୟ ସଂରକ୍ଷଣ ମାଧ୍ୟମରେ ପାହାଡ଼ୀ ଅଞ୍ଚଳରେ ମାଟିଧସିବା ଓ ବନ୍ୟା ପରିସ୍ଥିତିକୁ ହ୍ରାସ କରାଯାଇ ପାରିବ। ବୃକ୍ଷରୋପଣ ଓ ବନାଞ୍ଚଳ ପୁନରୁଦ୍ଧାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଭଳି ପଦକ୍ଷେପ ଗ୍ରହଣ କରାଯାଇପାରେ। ଅନିୟନ୍ତ୍ରିତ ଜଳବିଦ୍ୟୁତ ପ୍ରକଳ୍ପ ଓ କୋଠା ନିର୍ମାଣ ଉପରେ କଡ଼ା ନିୟମ ଲାଗୁ କରିବା, ପର୍ଯ୍ୟଟନକୁ ପରିବେଶ ସହ ସମନ୍ୱୟ ରଖି ପରିଚାଳନା, ହିମାଳୟ ଅଞ୍ଚଳରେ ଅଧିକ ସଂଖ୍ୟକ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ଏବଂ ଉପଗ୍ରହ ଆଧାରିତ ପର୍ଯ୍ୟବେକ୍ଷଣ ବ୍ୟବସ୍ଥା ସ୍ଥାପନ କରାଯିବା ଆବଶ୍ୟକ। ଏହା ସଠିକ ସମୟରେ ପୂର୍ବ ସୂଚନା ପ୍ରଦାନ କରି ଜୀବନ ଓ ସମ୍ପତ୍ତିର କ୍ଷୟକ୍ଷତି ହ୍ରାସ କରିବ। ସ୍ଥାନୀୟ ଜନସାଧାରଣଙ୍କୁ ବିପର୍ଯ୍ୟୟ ପରିଚାଳନା ତାଲିମ ପ୍ରଦାନ କରିବା ଏବଂ ସେମାନଙ୍କର ପାରମ୍ପରିକ ଜ୍ଞାନକୁ ପୂର୍ବ ସୂଚନା ବ୍ୟବସ୍ଥା ସହ ସଂଯୋଜନ କହିବା ଭଳି ପଦକ୍ଷେପ ନେବାକୁ ପଡ଼ିବ। ଏହାଦ୍ୱାରା ସ୍ଥାନୀୟ ସ୍ତରରେ ତୁରନ୍ତ ପ୍ରତିକ୍ରିୟା ସମ୍ଭବ ହେବ। ଜଳବାୟୁ ପରିବର୍ତ୍ତନ ଅନୁକୂଳନକୁ ଶିକ୍ଷା, ଶୁଷ୍କ ନିର୍ମାଣ ଓ ବିପର୍ଯ୍ୟୟ ପ୍ରଶମନ ନୀତିରେ ସାମିଲ କରାଯାଇ ପ୍ରାକୃତିକ ଜଳ ସଂରକ୍ଷଣ କ୍ଷେତ୍ର ଯଥା ଜଳାଶୟ ଓ ମାଙ୍ଗ୍ରୋଭ ପୁନରୁଦ୍ଧାର କରାଯାଇପାରିବ।

ଉତ୍ତରାଖଣ୍ଡରେ ଘଟୁଥିବା ବାଦଲଫଟା ଓ ବନ୍ୟା ଭଳି ଘଟଣା ଆମକୁ ଜଳବାୟୁ ପରିବର୍ତ୍ତନ ଓ ମାନବୀୟ ଅବହେଳାର ଗମ୍ଭୀର ପରିଣାମ ସମ୍ପର୍କରେ ସତର୍କ କରୁଛି। ଏହା କେବଳ ଉତ୍ତରାଖଣ୍ଡ କିମ୍ବା ହିମାଳୟରେ ସୀମିତ ନୁହେଁ, ବରଂ ସାରା ବିଶ୍ୱରେ ପରିବେଶ ସଂରକ୍ଷଣ ଓ ସ୍ଥାୟୀ ବିକାଶର ଆବଶ୍ୟକତାକୁ ଆଲୋକପାତ କରୁଛି। ସଠିକ ନୀତି, ସାମୁଦାୟିକ ସହଯୋଗ ଓ ବୈଜ୍ଞାନିକ ପଦକ୍ଷେପ ମାଧ୍ୟମରେ ଆମେ ଏହି ନକାରାତ୍ମକ ପ୍ରଭାବକୁ ହ୍ରାସ କରି ଆମ ପରିବେଶ ଓ ଜୀବନକୁ ସୁରକ୍ଷିତ କରିପାରିବା। ଏହା ଆମ ସମସ୍ତଙ୍କର ଦାୟିତ୍ୱ, ଯାହା ଆଜିର କାର୍ଯ୍ୟ ଦ୍ୱାରା ଆମ ଭବିଷ୍ୟତ ପିଢ଼ିଙ୍କ ପାଇଁ ଏକ ସୁସ୍ଥ ପୃଥିବୀ ସୁନିଶ୍ଚିତ କରିବ।

(ସହକାରୀ ପ୍ରାଧ୍ୟାପକ, ଧରଣୀଧର ବିଶ୍ୱବିଦ୍ୟାଳୟ)
କେନ୍ଦୁଝର, ମୋ: ୮୨୪୯୫୮୬୭୦୭

# ପଦ୍ମସମ୍ଭବ, ମନ୍ଦରଭା ଓ ୟେଶେ

**ପ୍ରବୀର କୁମାର ପଟ୍ଟନାୟକ**

### ଦ୍ୱିତୀୟ-ବୁଦ୍ଧ କଥା

ଗୁରୁ ପଦ୍ମସମ୍ଭବଙ୍କ ଜୀବନ ଓ ତାଙ୍କ ଧର୍ମ ପ୍ରଚାର କାର୍ଯ୍ୟ ଉଭୟ କ୍ଷେତ୍ରରେ ଦୁଇଜଣ ମହିଳାଙ୍କର ଗୁରୁତ୍ୱପୂର୍ଣ୍ଣ ତଥା ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି। ଜଣେ ହେଲେ ତାଙ୍କର ଦ୍ୱିତୀୟ ଧର୍ମପତ୍ନୀ ତଥା ତାଙ୍କର ମୁଖ୍ୟ ସହଯୋଗୀ, ସହକର୍ମୀ, ବନ୍ଧୁ ତଥା ପରମ ଶୁଭାକାଂକ୍ଷୀ ଆଚାର୍ଯ୍ୟ ଶାନ୍ତରକ୍ଷିତଙ୍କ ଭଗିନୀ ମନ୍ଦରଭା। ତାଙ୍କର ପ୍ରଥମ ପତ୍ନୀ ଭାସଧାରାଙ୍କୁ ସେ ସମ୍ବଳରେ ରାଜପ୍ରାସାଦରେ ରଖି ରାଜ୍ୟ ତ୍ୟାଗ କରି ପଳାଇ ଆସିଥିଲେ। ଅନ୍ୟ ସହଚରୀ ଜଣକ ହେଲେ ୟେଶେ ସୋଗ୍ୟାଲ୍। ତିବ୍ବତରେ ପହଞ୍ଚିବା ପରଠାରୁ ଓ ତିବ୍ବତ ପରିତ୍ୟାଗ କରିବା ପର୍ଯ୍ୟନ୍ତ ୟେଶେ ପଦ୍ମସମ୍ଭବଙ୍କ ଜୀବନରେ ଓ କର୍ମକ୍ଷେତ୍ରରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସହଯୋଗୀ ଭାବେ ତାଙ୍କ ସହ ସବୁବେଳେ ସବୁକାର୍ଯ୍ୟରେ ଲାଗି ରହିଥିଲେ।

ମନ୍ଦରଭା: ସହୋର ନାମକ ଦେଶର ରାଜା ଥିଲେ ଆର୍ଷଧର। ତାଙ୍କ ରାଣୀ ଥିଲେ ହାଉକୀ। ତାଙ୍କର କନ୍ୟାଟି ଦେବଦେବୀଙ୍କ କୃପାରୁ ଜନ୍ମ ଲାଭ କରିଥିଲା। ପିଲାଦିନେ କନ୍ୟାଟିକୁ ଦେଖି ଜଣେ ଯୋଗୀ ତାଙ୍କ ନିକଟରେ ଭଗବାନ ବୁଦ୍ଧଙ୍କର ବତ୍ରିଶ ଗୋଟି ଶୁଭ-ଲକ୍ଷଣମାନ ଥିବାରୁ ଭବିଷ୍ୟବାଣୀ କରିଥିଲେ ଯେ 'କନ୍ୟାଟି ଦେବକନ୍ୟା। ଏଣୁ ତାଙ୍କୁ ବିବାହ ବନ୍ଧନରେ ରଖାଯାଇ ପାରିବ ନାହିଁ। କନ୍ୟାଟି ନିଶ୍ଚିତ ଭାବେ ଯୋଗିନୀଟିଏ ହେବେ।' କନ୍ୟାର ନାମ ମଧ୍ୟ 'ଯୋଗୀ ମନ୍ଦରଭା' ରଖାଗଲେ। ସେ ତେର ବର୍ଷ ବୟସର ହେଲା ବେଳକୁ ବାସ୍ତବରେ ଜଣେ ଦେବକନ୍ୟା ଭଳି ଦେଖାଗଲେ। ଚୀନର ରାଜକୁମାର, ହିନ୍ଦୁ, ମୁସଲମାନ ଓ ପାରସ୍ୟର ରାଜା ଆଦି ଚାଳିଶ ଜଣ ରାଜବଂଶୀୟ ମନ୍ଦରଭାଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ମନ୍ଦରଭା ସମସ୍ତଙ୍କୁ ଅଗ୍ରାହ୍ୟ କରି ସେ ଧର୍ମ (ବୌଦ୍ଧ ଧର୍ମ) ର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ ବୋଲି କହିଲେ। ରାଜା ଯେତେ ବାଧ କଲେ ମଧ୍ୟ ମନ୍ଦରଭା ନିଜ ନିଷ୍ପତ୍ତିରେ ଦୃଢ଼ ରହିଲେ। ଫଳରେ ରାଜା ରାଗି ଯାଇ ପାଞ୍ଚଶହ ସେବକ ନିୟୋଜିତ କରି ସ୍ୱତନ୍ତ୍ର ପ୍ରାସାଦରେ ମନ୍ଦରଭାଙ୍କୁ ଏକପ୍ରକାର ବନ୍ଦୀ ଭଳି ରଖାଇଲେ।

ପଦ୍ମସମ୍ଭବ ରତ୍ନଗିରି ବିଶ୍ୱବିଦ୍ୟାଳୟରେ ଯୋଗ-ତନ୍ତ୍ର ଶିକ୍ଷା ସାରି ବିଭିନ୍ନ ପ୍ରକାର ଜ୍ଞାନ ଆହରଣ ପାଇଁ ସମଗ୍ରଦେଶ ଭ୍ରମଣ କରୁଥିବା ବେଳେ ମନ୍ଦରଭାଙ୍କ ସ୍ଥାନରେ ପହଞ୍ଚିଲେ। ସେଠାରେ ତାଙ୍କ ଗୁଣାବଳୀ ଜାଣିପାରି ମନ୍ଦରଭା ଓ ତାଙ୍କ ସେବକ ସମସ୍ତେ ତାଙ୍କୁ ପ୍ରାସାଦ ମଧ୍ୟକୁ ଡକାଇ ତାଙ୍କଠାରୁ ବୌଦ୍ଧଧର୍ମ ଗ୍ରହଣ ପୂର୍ବକ ଦୀକ୍ଷିତ ହେଲେ। ପ୍ରାସାଦ ମଧ୍ୟକୁ ପଦ୍ମସମ୍ଭବ ପ୍ରବେଶ କରିଥିବା ଖବର ଜଣେ ଗାଈ ଜଗୁଆଳୀ ରାଜାଙ୍କୁ ଜଣାଇ ଦେଇଥିଲା। ରାଜା ଏଥିରେ କ୍ରୋଧ ଜର୍ଜରିତ ହୋଇ ସେମାନଙ୍କ ନିକଟକୁ ଆସି ପଦ୍ମସମ୍ଭବଙ୍କୁ ମନ୍ଦରଭା ନିକଟରେ ଦେଖିବା ପରେ ରାଜକର୍ମଚାରୀଙ୍କୁ ଆଦେଶ ଦେଲେ ପଦ୍ମସମ୍ଭବଙ୍କୁ କାଠ ଓ ତିଳ ତେଲରେ ଅଗ୍ନି ନିକ୍ଷେପ କରି ଜାଳି ଭସ୍ମ କରିଦେବାକୁ। ଏହାସହ ମନ୍ଦରଭାଙ୍କୁ ବିବସ୍ତ୍ର କରି ଗାତ ଖୋଳି ସେଥିରେ କଣ୍ଟା ପୂରାଇ ପକାଇ ଦେବାକୁ ଆଦେଶ ଦେଲେ। ପଦ୍ମସମ୍ଭବଙ୍କୁ ହତ୍ୟା ନିମିତ୍ତ ଯେଉଁ ଅଗ୍ନି ପ୍ରସ୍ତୁତ ହୋଇଥିଲା ତାହା ଜୋରରେ ଜଳି ଚାରିଆଡ଼େ ଧୂଆଁମୟ ହୋଇଗଲା ଏବଂ ସେଥିମଧ୍ୟରୁ ପ୍ରଚଣ୍ଡ ଶବ୍ଦ ଶୁଣାଗଲା। ସାତ ଦିନ ପର୍ଯ୍ୟନ୍ତ ନିଆଁ ନ ଲିଭି ଅଧିକରୁ ଅଧିକ ଜଳି ଉଠୁଥିବାର ଦେଖି ରାଜା ତନଖି ପାଇଁ ମନ୍ତ୍ରୀଙ୍କୁ ପଠାଇଲେ। ମନ୍ତ୍ରୀ ଦେଖିଲେ ଯେ ସେଠାରେ ଗୋଟିଏ ଇନ୍ଦ୍ରଧନୁକୁ ଘେରିଥିବା ହ୍ରଦଟିଏ ରହିଛି ଏବଂ ତା' ମଧ୍ୟରେ ପଦ୍ମଫୁଲ ଉପରେ ବାଳକଟିଏ ବସିରହିଛି। ଏହା ଶୁଣି ରାଜା ନିଜେ ସେହି ହ୍ରଦ ନିକଟକୁ ଯିବାରୁ ବାଳକଟି ପାଟିକରି ଅନ୍ୟାୟରେ ବିନା କାରଣରେ ଜଣେ ବିଖ୍ୟାତ ବୌଦ୍ଧଗୁରୁଙ୍କୁ ଦଣ୍ଡ ଦେଇଥିବା ରାଜାଙ୍କୁ କହିଲେ। ରାଜା ସେହି ବାଳକ ମଧ୍ୟରେ ବୁଦ୍ଧ ବିରାଜମାନ କରିଥିବା ବୋଧ କରି ନିଜ ଭୁଲ ବୁଝିପାରି ପ୍ରାୟଶ୍ଚିତ ସ୍ୱରୂପ ପଦ୍ମସମ୍ଭବ ଓ ତାଙ୍କ କନ୍ୟାଙ୍କୁ ଉଦ୍ଧାର କରି ରାଜପ୍ରାସାଦକୁ ନେଇଗଲେ। ପଦ୍ମସମ୍ଭବଙ୍କୁ ନିଜ ରାଜ୍ୟ ସହ ମନ୍ଦରଭାଙ୍କୁ ଅର୍ପଣ କଲେ। ଏହିଭଳି ଦୈବୀଯୋଗ କ୍ରମେ ମନ୍ଦରଭାଙ୍କୁ ପଦ୍ମସମ୍ଭବ ବିବାହ କଲେ। ସାରା ଜୀବନ ଛାଇ ପରି ମନ୍ଦରଭା ପଦ୍ମସମ୍ଭବଙ୍କ ସାଙ୍ଗରେ ପତ୍ନୀ, ସହକର୍ମୀ, ସହଚରୀ, ସର୍ବୋପରି ସାଧନା ସଙ୍ଗିନୀ ରୂପେ ରହିଥିଲେ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ନର୍ସିଂହୋମ୍ ଅବହେଳାରୁ ମା’ ଓ ନବଜାତକ ମୃତ୍ୟୁ ଘଟଣା**

## ସାହାରା ନର୍ସିଂହୋମ୍ ସିଲ୍

ସାନଖେମୁଣ୍ଡି,୮।୮(ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଡେଙ୍ଗାଉସ୍ତାରେ ଥିବା ଘରୋଇ ନର୍ସିଂହୋମକୁ ସିଲ୍ କରିଛି ସ୍ୱାସ୍ଥ୍ୟ ବିଭାଗ। ସୂଚନା ମୁତାବକ ଶୁକ୍ରବାର ଅପରାହ୍ଣରେ ସାନଖେମୁଣ୍ଡି ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ରାମଚନ୍ଦ୍ର ପଟ୍ଟନାୟକ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ, ଡ୍ରଗସ ଇନ୍ସପେକ୍ଟର ଓ ଦିଗପହଣ୍ଡି ପୁଲିସ ସାହାରା ନର୍ସିଂହୋମ୍‌ରେ ପହଞ୍ଚି ତଦନ୍ତ କରିଥିଲେ। ପରେ ଉକ୍ତ ଘରୋଇ ନର୍ସିଂହୋମକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ଗତ ମେ’ ୧୩ରେ କରାଖଣ୍ଡି ଗ୍ରାମର ଜଣେ ପ୍ରସୂତି ମହିଳା ରୋଜି ନାୟକ ପ୍ରସବ ପାଇଁ ସାହାରା ନର୍ସିଂ ହୋମ୍‌ରେ ଭର୍ତ୍ତି ହୋଇଥିଲେ। ପ୍ରସବ ସମୟରେ ଉଭୟ ମା’ ଓ ନବଜାତ ଶିଶୁର ମୃତ୍ୟୁ ଘଟିଥିଲା। ପରେ ନର୍ସିଂ ହୋମ୍‌ର ଅବହେଳା, ଅଣସ୍ୱୀକୃତିପ୍ରାପ୍ତ କର୍ମଚାରୀଙ୍କ ହାତରେ ପ୍ରସବ ଯୋଗୁ ତାଙ୍କ ପତ୍ନୀଙ୍କର ମୃତ୍ୟୁ ଘଟିଥିବା ମହିଳାଙ୍କ ସ୍ୱାମୀ ବାବୁ ନାୟକ ଦିଗପହଣ୍ଡି ଥାନା, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରିବା ସହ ଏକ ମାମଲା ରୁଜୁ କରି ଏଥିରେ ସମ୍ପୃକ୍ତ ସରକାରୀ ଏଏନ୍‌ଏମ ମଧୁସ୍ମିତା ପଟ୍ଟନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅନ୍ୟପଟେ ନର୍ସିଂ ହୋମ୍ ମାଲିକ ଫେରାର୍ ଥିବାରୁ ନର୍ସିଂହୋମ୍ ବନ୍ଦ ରହିଥିଲା। ତେବେ ଆଗୁଆ ଜାମିନ ଆଣି ପୁଣିଥରେ ସେ ନର୍ସିଂହୋମ୍ ଚଳାଇଥିଲେ। ଶୁକ୍ରବାର ଅପରାହ୍ଣରେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଓ ପୁଲିସ ଉପସ୍ଥିତିରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ କାଗଜ ପତ୍ର ଯାଞ୍ଚ କରିବା ପରେ ନର୍ସିଂହୋମ୍‌କୁ ସିଲ୍ କରିଛି। କିଭଳି ବିନା କାଗଜପତ୍ରରେ ନର୍ସିଂହୋମ୍ ଏତେଦିନ ଧରି ଚାଲିଥିଲା ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବାଟ ମଝିରେ ଶୋଇପଡ଼ିଲେ ମଦ୍ୟପ ଆମ୍ବୁଲାନ୍ସ ଚାଳକ

ମୋହନା,୮।୮(ସମିସ): ଅଧ ରାତିରେ ବାଟ ମଝିରେ ଶୋଇପଡ଼ିଲା ଆମ୍ବୁଲାନ୍ସ ଚାଳକ। ଯେତେ ଡାକିଲେ ବି ଆଉ ଉଠିଲାନି। ତେଣୁ ବାଧ ହୋଇ ପରିବାରଲୋକ ଅନ୍ୟ ଏକ ଗାଡ଼ିରେ ଗର୍ଭବତୀଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲ ନେଲେ। ଗଜପତି ଜିଲ୍ଲାରେ ଘଟିଥିବା ଏଭଳି ଏକ ଅଭାବନୀୟ ଘଟଣା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଆମ୍ବୁଲାନ୍ସ ଚାଳକଜଣଙ୍କ ମଦ ପିଇବା ପରେ ଏପରି କାଣ୍ଡ ଘଟାଇଥିବା କୁହାଯାଉଛି।

ସୂଚନାନୁସାରେ, ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ଆମ୍ବୁଲାନ୍ସ କାନିକିପଦର ଗ୍ରାମର ଗର୍ଭବତୀ ମହିଳା ବିଜୟ ରଇତଙ୍କ ପତ୍ନୀ ନନ୍ଦିନୀ ରଇତଙ୍କୁ ନେଇ ଗୁରୁବାର ରାତିରେ ବ୍ରହ୍ମପୁର ଯାଉଥିଲା। ହେଲେ ଅଧା ରାସ୍ତାରେ ଚାଳକ କୌଣସି କାମ ଲାଗି କିଛି ସମୟ ଓହ୍ଲାଇଥିଲେ। ସେଠାରୁ କିଛି କିଲୋମିଟର ଯିବା ପରେ ଡ୍ରାଇଭରଙ୍କ ହାବଭାବ ବଦଳି ଯାଇଥିଲା। ସେ ଆଉ



ଠିକ୍‌ରେ ଗାଡ଼ି ଚଳାଇ ନପାରି ଗାଡ଼ିକୁ ରାସ୍ତାକଡ଼ରେ ସାଇଡ୍ କରି ଶୋଇପଡ଼ିଥିଲେ। ଗାଡ଼ିରେ ଥିବା ଗର୍ଭବତୀଙ୍କ ପରିବାରଲୋକେ ଯେତେ ଉଠାଇଥିଲେ ମଧ୍ୟ ଚାଳକ ଆଉ ଉଠିନଥିଲେ। ସେପଟେ ମହିଳାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସମ୍ପର୍କୀୟମାନେ ଅନ୍ୟ ଏକ ଗାଡ଼ି ଡାକି ବ୍ରହ୍ମପୁର ନେଇଥିଲେ। ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରି ଲୋକଙ୍କ ସେବାରେ ୧୦୨/୧୦୮

**ଘରୋଇ ଗାଡ଼ି ଡାକି ଗର୍ଭବତୀଙ୍କୁ ନେଲେ ପରିବାରଲୋକ**

ଆମ୍ବୁଲାନ୍ସ ଯୋଗାଉଛନ୍ତି। କିନ୍ତୁ କିଛି ଅସାଧୁ ମଦ୍ୟପ ଚାଳକଙ୍କ ଲାଗି ଏହି ସେବାରୁ ବଞ୍ଚିତ ହେଉଛନ୍ତି ରୋଗୀ। ଏହି ମଦ୍ୟପ ଚାଳକଙ୍କ ଉପରେ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଆଜି ମିଳିବ ‘ସୁଭଦ୍ରା’ର ତୃତୀୟ କିସ୍ତି ଟଙ୍କା

ଭୁବନେଶ୍ୱର,୮।୮(ସମିସ): ଆସନ୍ତାକାଲି ରାକ୍ଷୀ ପୂର୍ଣ୍ଣିମାରେ ରାଜ୍ୟ ସରକାର ‘ସୁଭଦ୍ରା’ ଯୋଜନାର ୩ୟ କିସ୍ତି ଅର୍ଥ ପ୍ରଦାନ କରିବେ। କୋଟିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ କୋଟିଆ ବାସିନ୍ଦାଙ୍କୁ ସୁଭଦ୍ରା କିସ୍ତି ଟଙ୍କା ବଣ୍ଟାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଯାହା ପାଖରେ ଯେଉଁ ଆଧାର କାର୍ଡ ରହିଥିଲେ ବି ସେମାନଙ୍କ ଆର୍ଥିକ ସ୍ଥିତିକୁ ଦେଖି ହିତାଧିକାରୀ ପାଇଁ ଯେଉଁମାନେ ଯୋଗ୍ୟ, ସେମାନଙ୍କୁ ସୁଭଦ୍ରା ଟଙ୍କା ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। କୋଟିଆ ପଞ୍ଚାୟତରେ ୨୦୭୮ ଜଣ ମହିଳା ସୁଭଦ୍ରା ଯୋଜନା ପାଇଁ ଆବେଦନ କରିଥିବା ବେଳେ ୧୭୯୫ ଜଣ ଯୋଜନାରେ ସାମିଲ ହୋଇଛନ୍ତି। ସେହିପରି ୧୭୪ ଜଣଙ୍କ ଆବେଦନ ପ୍ରୋସେସିଂରେ ରହିଥିବା ବେଳେ ୧୦୯ଜଣ ହିତାଧିକାରୀଙ୍କ ଆବେଦନ ଖାରଜ ହୋଇଥିବା ଜଣାପଡ଼ିଛି। ଏଠାକାର ୨୧ ଖଣ୍ଡ ବିବାଦୀୟ ଗ୍ରାମର ସମସ୍ତ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ କୋରାପୁଟର ପୂର୍ବତନ ସାଂସଦ ଜୟରାମ ପାଙ୍ଗୀ ସରକାରଙ୍କୁ ନିବେଦନ କରିଛନ୍ତି। ସୂଚନା ଅନୁସାରେ, ଅଗଷ୍ଟ ୯ ତାରିଖ ଅର୍ଥାତ୍ ଆସନ୍ତାକାଲି ଖୋଲିବ ସୁଭଦ୍ରା ପୋର୍ଟାଲ। ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ଯୋଡ଼ିବାକୁ ସର୍ଭେ କରାଯିବା ସହ ୨୧ ବର୍ଷ ହୋଇଥିବା ଯୁବତୀ ଓ ମହିଳା ଆବେଦନ କରିବେ।

**ରାକ୍ଷୀ ପୂର୍ଣ୍ଣିମାରେ କୋଟିଆରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ**

## ଶାନ୍ତନୁ ସ୍ୱାଇଁ ସିକ୍କିମ୍ ବିଶ୍ୱବିଦ୍ୟାଳୟର ନୂତନ କୁଳପତି

ଭୁବନେଶ୍ୱର, ୮।୮(ସମିସ): ପ୍ରଫେସର ଶାନ୍ତନୁ କୁମାର ସ୍ୱାଇଁ ସିକ୍କିମ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ନିଯୁକ୍ତ ହୋଇଛନ୍ତି। ପୁରୀ ଜିଲା ରଷିପଡ଼ା ଗ୍ରାମ ନିବାସୀ ପ୍ରଫେସର ସ୍ୱାଇଁ ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ସେ କୁଳପତି ଦାୟିତ୍ୱ ତୁଲାଇବେ।



ରାଷ୍ଟ୍ରପତି ତାଙ୍କୁ ନିଯୁକ୍ତି ଦେଇଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ଶିକ୍ଷା କ୍ଷେତ୍ରରେ ପ୍ରଫେସର ସ୍ୱାଇଁଙ୍କର ୪୩ ବର୍ଷର ଅଭିଜ୍ଞତା ରହିଛି। ପୂର୍ବରୁ ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ) ଶିକ୍ଷା ବିଭାଗର ଡିନ୍ ଭାବରେ କାର୍ଯ୍ୟ କରିଛନ୍ତି। ଏହାସହ ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି। ଓଡ଼ିଶା କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷା ପରିଷଦର ସଦସ୍ୟ ଭାବେ ମଧ୍ୟ ସେ କାର୍ଯ୍ୟ କରିଛନ୍ତି। ତାଙ୍କ ଅଧୀନରେ ୬୭ରୁ ଅଧିକ ଗବେଷକ ପିଏଚ୍‌ଡି ଡିଗ୍ରୀ ହାସଲ କରିଛନ୍ତି।

## ୧୨ରୁ ରାଜ୍ୟବ୍ୟାପୀ ଭିଟାମିନ୍-ଏ ସପ୍ଲିମେଣ୍ଟେସନ୍

ଭୁବନେଶ୍ୱର,୮।୮(ସମିସ): ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି, ରକ୍ତହୀନତା ନିରାକରଣ ଏବଂ ପରଜୀବୀ କୃମି ସଂକ୍ରମଣରୁ ମୁକ୍ତି ପାଇଁ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଓ ୟୁନିସେଫ୍ ସହଭାଗିତାରେ ଆସନ୍ତା ୧୨ ତାରିଖରେ ରାଜ୍ୟରେ ଜାତୀୟ କୃମିନାଶକ ଦିବସ (ଏନ୍‌ଡିଡି) ଏବଂ

- ଉପକୃତ ହେବେ ୧.୭ କୋଟିରୁ ଅଧିକ ହିତାଧିକାରୀ
- ୧୨ ଜିଲ୍ଲାରେ ପ୍ରଦାନ କରାଯିବ କୃମି ନାଶକ ଔଷଧ

ଭିଟାମିନ୍-ଏ ସପ୍ଲିମେଣ୍ଟେସନ୍ (ଭିଏଏସ୍) କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମ ସହ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ଚୟନ ଜିଲ୍ଲାଗୁଡ଼ିକରେ ଲିମ୍ଫାଟିକ୍ ଫାଇଲେରିଆସିସ୍–ମାସ୍ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେସନ୍ (ଏଲ୍‌ଏଫ୍-ଏମ୍‌ଡିଏ) କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ସହ ଏକ ବ୍ୟାପକ ଜନସ୍ୱାସ୍ଥ୍ୟ ଆଭିମୁଖ୍ୟ ସୁନିଶ୍ଚିତ କରିବ। ଏନ୍‌ଡିଡି କାର୍ଯ୍ୟକ୍ରମ ଅଧୀନରେ ୩୦ଟି ଜିଲ୍ଲାରେ ୧ରୁ ୧୯ ବର୍ଷ ବୟସର ୧.୨୬ କୋଟିରୁ ଅଧିକ ଶିଶୁ ଏବଂ ୨୦ରୁ ୨୪ ବର୍ଷ ବୟସର ୧୫ ଲକ୍ଷରୁ ଅଧିକ ପ୍ରଜନନ ବୟସର ମହିଳାଙ୍କୁ ଆଲ୍‌ବେଣ୍ଡାଜୋଲ୍ ଔଷଧ ପ୍ରଦାନ କରାଯିବ। ସେହିପରି ୧୨ଟି ଜିଲ୍ଲାରେ ଏଲ୍‌ଏଫ୍-ଏମ୍‌ଡିଏ ୧ରୁ୨ ବର୍ଷ ବୟସର ୪ଲକ୍ଷ ୧୦୮୧ ଶିଶୁ, ଏନ୍‌ଡିଡି ଜିଲ୍ଲାଗୁଡ଼ିକର ୧ରୁ୫ ବର୍ଷ ବୟସର ୨୩ଲକ୍ଷ ୩୯ହଜାର ୧୦୨ ଶିଶୁ, ଏବଂ ୬ରୁ୧୯ ବର୍ଷ ବୟସର ୯୯ଲକ୍ଷ ୬୪୩୩ ଶିଶୁ ଏନ୍‌ଡିଡି କାର୍ଯ୍ୟକ୍ରମ ଅଧୀନରେ କୃମିନାଶକ ଔଷଧ ପାଇବେ। ତେବେ ବାର୍ଷିକ ଦୁଇଥର ଅନୁଷ୍ଠିତ ହେଉଥିବା ଏହି ଭିଏଏସ୍ କାର୍ଯ୍ୟକ୍ରମ ୯ ମାସରୁ ୬୦ ମାସ ବୟସର ଆନୁମାନିକ ୩୨ ଲକ୍ଷ ଶିଶୁଙ୍କ ପାଖରେ ପହଞ୍ଚିବ। ଯାହା ରୋଗ ପ୍ରତିରୋଧ କ୍ଷମତା ବୃଦ୍ଧି ସହ ଶିଶୁ ମୃତ୍ୟୁହାର ଏବଂ ଅସୁସ୍ଥତା ହ୍ରାସ କରିବ ବୋଲି ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର ନିର୍ଦ୍ଦେଶାଳୟ କନଫରେନ୍ସ ହଲ୍‌ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡ. ରାଜ୍ୟଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ୟୁନିସେଫ୍‌ର ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ ଭିଟାମିନ୍-ଏ ସପ୍ଲିମେଣ୍ଟେସନ୍ ସହିତ କୃମିନାଶକକୁ ମିଶ୍ରଣ କରିବା ସରକାରଙ୍କ ଦ୍ୱାରା ଅପପୁଷ୍ଟି ବିରୁଦ୍ଧରେ ଲଢ଼ିବା ଏବଂ ପିଲାମାନଙ୍କ ମଧ୍ୟରେ ଉତ୍ତମ ମସ୍ତିଷ୍କ ବିକାଶକୁ ସମର୍ଥନ କରିବା ପାଇଁ ଏକ ଦୃଢ଼ପଦକ୍ଷେପ ବୋଲି କହିଥିଲେ। କାର୍ଯ୍ୟକ୍ରମ ସମ୍ବନ୍ଧୀୟ କୌଣସି ପ୍ରଶ୍ନ ପାଇଁ ସାରା ରାଜ୍ୟରେ ହେଲ୍ପଲାଇନ୍ ନମ୍ବର ୦୬୭୪-୨୩୯୧୯୮୪ ଜାରି କରାଯାଇଥିବା ସେ ସୂଚନା ଦେଇଥିଲେ। ଶିକ୍ଷକ, ଅଙ୍ଗନବାଡ଼ି କର୍ମୀ ଏବଂ ଆଶା କର୍ମୀମାନେ ଔଷଧ ବଣ୍ଟନରେ ସକ୍ରିୟ ଅଂଶଗ୍ରହଣ କରିବେ ବୋଲି ପୋଷଣ ଯୁଗ୍ମ ନିର୍ଦ୍ଦେଶକ ଡ. ସ୍ମୃତିଜିତ୍ ପଟ୍ଟନାୟକ କହିଥିଲେ। ୟୁନିସେଫ୍‌ର ପୋଷଣ ଅଧିକାରୀ ଡ. ସଂଜୟ କୁମାର ସାହୁ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଲେ ୫ ଅଧିକାରୀ

ଭୁବନେଶ୍ୱର,୮।୮(ସମିସ): ରାଜ୍ୟ ପୁଲିସ ବିଭାଗରେ କାର୍ଯ୍ୟରତ ୫ ଜଣ ଅତିରିକ୍ତ ଏସ୍‌ପି ପାହ୍ୟାର ଅଧିକାରୀଙ୍କର ପଦୋନ୍ନତି ହୋଇଛି। ସେମାନଙ୍କର ଏସପି ପାହ୍ୟାକୁ ପଦୋନ୍ନତି ହୋଇଥିବା ନେଇ ଆଜି ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଭିଜିଲାନ୍ସର ଅତିରିକ୍ତ ଏସ୍‌ପି ସତ୍ୟବାନ ମହାନନ୍ଦ, କେନ୍ଦ୍ରାପଡ଼ା ଆଇୟୁସିଏଡବ୍ଲୁର ଦେବାଶିଷ ଧଳ, ରାଜ୍ୟ ପୁଲିସ ମୁଖ୍ୟାଳୟର ପ୍ରଭାଶଙ୍କର ନାୟକ, କମିସନରେଟ୍ ପୁଲିସର ଅତିରିକ୍ତ ଡିସିପି ଦେବଦତ୍ତ କର ଓ ରେଳବାଇ ଓ ଉପକୂଳ ସୁରକ୍ଷାର ସତ୍ୟଜିତ ମିଶ୍ରଙ୍କୁ ଏସପି ପାହ୍ୟାକୁ ପଦୋନ୍ନତି ହୋଇଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେହିଠାରେ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।


**AFFIDAVIT**

By virtue of an affidavit before the Executive Magistrate, Umerkote, Dist.- Nabarangpur, I, Amit Das Kurey, S/o- Babulal Kuray resident of Vill./Po.- Adhikariguda, Ps.- Umerkote, Dist.- Nabarangpur state that, my son's actual name is **Tanish Kuray** but in his Birth certificate his name has been wrongly mentioned as Tanish Kureay. Both the names **Tanish Kureay** and **Tanish Kuray** are of single and same person. Hence he will be known as **Tanish Kuray** for all future purposes.

**AFFIDAVIT**

By virtue of an affidavit sworn before Notary Public Titilagarh, dated 29.07.2025 I, Bhikari Rana , Address At/Po-Badbahal, Ps- Tusura, Dist-Balangir, Odisha, Pin- 767067 declare that I have changed my name from Rikari Rana to Bhikari Rana. Henceforth, I shall be known as Bhikari Rana for all purposes.

**Bhikari Rana**

**AFFIDAVIT**

I, Jyotika Ramachandra Behera, D/o- Ramachandra Behera, resident of Flat no-E/1102, Jalvayu Tower, Niladri Vihar, Po-Sailashree Vihar , Dist-Khurda PIN-751021, Odisha declared by this affidavit No-638, dtd- 08/08/2025 that now onwards I shall be known as **JYOTIKA BEHERA** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 06/08/2025. I, **Shashibhusan Bhoe** (Applicant name), S/O- Gokula Bhoe, Permanent resident of At- Dharapgarh, P.O. Goelbhadi, P.S. Saintala, Dist- Balangir, (Odisha), PIN- 767033, now residing at the same place affirm that I have changed my minor son's name from **Sahil Bhue** (old name) to **Sahil Bhoe** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Sahil Bhoe** (new name).

**Shashibhusan Bhoe**

**AFFIDAVIT**

I, Ramachandra Sanyasi Behera, S/o- Sanyasi Behera, resident of Flat No- E/1102, Jalvayu Tower, Niladri Vihar, Po-Sailashree Vihar, Dist-Khurda, PIN-751021, Odisha declared by this affidavit No-637, dtd- 08/08/2025 that now onwards I shall be known as **RAMA CHANDRA BEHERA** for all future purposes.

**AFFIDAVIT**

By virtue of an affidavit (CF No. 21, date- 07/08/2025) sworn before The Notary Public, Padampur. I, **Himanshu Agrawal,** S/o Anil Kumar Agrawal, resident of Vill- Padampur W.No.8, PO- Rajborasambar, Ps- Padampur, Dist- Bargarh, Odisha declare that I have changed my name from **Himanshu Agarwal** (old name) to **Himanshu Agrawal** (new name) in Bank Pass book vide A/C No. 367805001996 of ICICI Bank, Bheunria Branch. Henceforth, I shall be known as **Himanshu Agrawal** for all future purposes.

**Himanshu Agrawal**

**AFFIDAVIT**

By virtue of an affidavit sworn before Notary Public Titilagarh, dated 06.08.2025 I, Debraj Harpal, Adress At- Samiapada, Diatan Po- Parasara, Ps-Sindhekela, Dist- Balangir, Odisha, Pin-767035 declare that I have changed my daughter's name from Suneli Harpal to Santoshini Harpal. Henceforth, she shall be known as Santoshini Harpal for all purposes.

**Debraj Harpal**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated: 04.08.2025, I, Tanmayee Sahoo, resident of At/Po-Kusupur, Ps-Mahanga, Cuttack, Odisha-754205 declare that I have changed my minor Son's name from Aayansh Mohapatra to Aayansh Sahoo. Henceforth he shall be known as **Aayansh Sahoo** for all purposes.

**AFFIDAVIT**

By the virtue of an affidavit sworn before the Court of the Executive Magistrate, Aska, I Nivedita Panda, aged about 57 Years, D/O - Radhagobind Panda ( Farther ) and Smt Binodini Choudhury ( Mother ) permanent resident of Sunam Sahi , Aska , PO /PS - Aska , Dist - Ganjam , Odisha, PIN - 761110, do hereby declare that, I have changed my name from Nivedita Nayak to Nivedita Panda ! Hence I shall be known as **Nivedita Panda** for all purposes !

**AFFIDAVIT**

I, Aditya Shivraj Subarno, aged about 25 years, S/o- Rajesh Subarno, resident of Quarter No.01, Type-VI, SIB Colony, Bidyut Marg, Unit-V, Capital PS, Bhubaneswar, District Khordha, Odisha, PIN-751001 do hereby declare by this affidavit No.280, dated 08.08.2025 that, now onwards I shall be known as ADITYA SUBARNO for all future purposes.

**Sd/- Aditya Subarno**

**AFFIDAVIT**

I, Namrata Nivedita Behera, D/o-Chandan Behera, resident of Flat No-E/302, Phase-3, Metro Satelity City, Hanspal, Po-Balianta, Dist- Khurda PIN-752101, Odisha declared by this affidavit No-636, dtd- 08/08/2025 that now onwards I shall be known as **NAMRATA NIBEDITA BEHERA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Jajpur no 7627 dated 06/08/2025 declare that Myself Sk Jabir , S/o- Sk Bakabul of Sayedpur, Binjharpur, Jajpur have changed my old name from sk Jahid to Sk Jabir (new name). So I will be known as Sk. Jabir for all purposes.

**Sd/-Sk Jabir**

**LOST**

**I, Mrs. Nirupama Jena,** aged about 50 years, W/o: Mr. Sunil Kumar Jena, R/o: Plot No.: 172/1041, Sikharpur, Near BPCL Depot, Nadikula, Cuttack Sadar, Cuttack, Odisha - 753003 do hereby solemnly affirm that I am the absolute owner in respect of the land and building thereon situated at Dist.: Cuttack, DSRO: Cuttack, Thana: Chauliaganj No.: 2, Tahasil: Cuttack, Mouza: Unit No. 26, Sikharpur, Khata No.: **660/251**, Plot No.: **172/1041**, Area: Ac. 0.0520 Dec., Classified as Homestead having right title interest in and possession thereon. I hereby declare that the following original link deed are lost somewhere in transit and inspite of my best efforts I could not trace it out. The following deeds are not in my possession: **(A)** Registered Sale Deed No.: 1389 dated 21.03.2001 is not in my possession, **(B)** Original mutation ROR in respect of Khata No.: 660/251 of Mouza: Cuttack Sahar Unit No.: 26 Sikharpur**(C)** Registered Sale Deed No.: 2306 dated 10.05.2004. I have not deposited the said deed as security by way of equitable mortgage or otherwise with anybody nor I have given it to anybody for any purpose. If somebody found and misuse the said deed, I shall not be held responsible for that.

If any one found the above deed, is in possession or have any claim on the same please contact Advocate **Mr. A Pattnaik, Mob No.: 9338451066** within **7 days** of this publication. If no claim received during this period the validity of above mentioned original deeds is null and void.

**AFFIDAVIT**

By virtue of an affidavit CF No.2381, dtd. 06.08.2025 sworn before the Executive Magistrate, Sambalpur, I, Simran Binet, residing at Hospital Campus, PO-Modipada, PS-Sadar, Dist-Sambalpur, Odisha-768002 changed my name from Sriman Binet to Simran Binet. Henceforth I shall be known as **Simran Binet** for all purposes.

**Sd/- Simran Binet**

**TO WHOM IT MAY CONCERN**

Kind Attn:
Mr. Lokesh Dash of Cuttack
(Address not known)

We are hereby informed you that the undersigned has no power to register the flats (flat no.407,408 & 409) as per the certificate Case no.23/2025 issued on Dt.21.03.2025. We had informed you through the other Director, who has booked the flat during his tenure of Managing the company. We are unable to deposit the required amount of approx. Rupees Forty Lakhs penalties levied on the company of the promoter by Hon'ble Adjudicating Officer vide case no. AOCC No.22 of 2023 and execution case no.06 of 2024 in the matter of Saroj Kumar Sahu Vs. Mahodadhi Devlopers Pvt Ltd. So we informed through this notice by odia daily for information and refund of of your deposits of Rs.18,00,000/- for flat no 407, 408 and 409 of Tulasi Vihar, Phase-II, Puri. If any other claim, other Director will settle the issue at his end.

Managing Director,
Mahodadhi Devlopers Pvt. Ltd.
Bhubaneswar.

**AFFIDAVIT**

I, Ranjeeta Ramachandra Behera, W/o- Ramachandra Behera, resident of D/202, Sector-7,CDA,Markat Nagar, Cuttack Sadar, Dist-Cuttack PIN-753014, Odisha declared by this affidavit No-635, dtd- 08/08/2025 that now onwards I shall be known as **RANJEETA BEHERA** for all future purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚାଷୀଙ୍କୁ ଅଡୁଆ...

ସେହିପରି ବାପା, ଜେଜେବାପାଙ୍କ ନାମ ଥିବା ପଟ୍ଟା ଜମିରେ ଚାଷ କରି ସେମାନେ ନିଜ ପରିବାର ଚଳାଇ ଆସୁଛନ୍ତି। ମାତ୍ର ଏବେ ଚାଷୀ ପଞ୍ଜିକରଣ ବେଳେ ପଟ୍ଟା ସଂଶୋଧନ ଜରୁରୀ ହୋଇ ପଡ଼ୁଛି। ଗୋଟିଏପଟେ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସହ ରିହାତି ଦେଉଛନ୍ତି। ଚାଷୀଙ୍କୁ ଅଧିକ ଚାଷ କରିବାକୁ ସରକାର କହୁଛନ୍ତି। ମାତ୍ର ଧାନ ଚାଷ କରିବା ପରେ ଏହା କିପରି ସହଜରେ ବିକ୍ରିହେବ ସେଥିପାଇଁ ବ୍ୟବସ୍ଥା କରୁନାହାନ୍ତି। ଧାନ ବିକ୍ରି ନିମନ୍ତେ ଚାଷୀ ପଞ୍ଜିକରଣ ନିମନ୍ତେ କଠୋର ବ୍ୟବସ୍ଥା ଚାଷୀଙ୍କୁ ଚାଷ ଛାଡ଼ିବାକୁ ବାଧ କରୁଥିବା ଅଭିଯୋଗ ହୋଇଛି ।

ଭୁବନେଶ୍ୱର ଉପକଣ୍ଠ ନଁପୁଟ ସମବାୟ ସମିତିର ଚାଷୀ ବିଶ୍ୱରଞ୍ଜନ ଦଳେଇ କହିଛନ୍ତି ଯେ ତାଙ୍କର ସବୁ ଜମି ଜେଜେବାପାଙ୍କ ନାମରେ ରହିଛି। ବଡ଼ବାପା ଓ ଦାଦାମାନେ ସବୁ ଚାକିରି ଓ କାମ ଧନ୍ଦା ପାଇଁ ଦୀର୍ଘଦିନ ଧରି ରାଜ୍ୟ ବାହାରେ ରହୁଛନ୍ତି। ତାଙ୍କ ଭାଗ ଜମି ପଡ଼ିଆ ପଡ଼ିଛି; ମୋ ବାପା ବୁଢ଼ା ହୋଇ ଯାଇଥିବାରୁ ଏବେ ଚାଷ କାମ ମୁଁ ନିଜେ ବୁଝୁଛି। ବାପାଙ୍କ ବାର୍ଦ୍ଧକ୍ୟ ଯୋଗୁଁ ମୁଁ ମୋ ନାମରେ ପଞ୍ଜିକରଣ କରିବାକୁ ଚାହୁଁଥିଲେ ବି ତାହା ସମ୍ଭବ ହୋଇ ପାରିଲା ନାହିଁ। ସରକାରଙ୍କ ନିୟମ ଯୋଗୁଁ ଅତି କଷ୍ଟରେ ବୁଢ଼ା ବାପାଙ୍କୁ ଟେକି ଟେକି ସମବାୟ ସମିତିକୁ ନେବାକୁ ପଡ଼ିଲା। ପୁଣି ବୃଦ୍ଧ ଲୋକ ତାଙ୍କ ହାତ ଥରୁଛି, ଆଖିବୁ ଭଲ ଭାବେ ଦେଖାଯାଉନି। ତେଣୁ ଇ-କେୱାଇସି କରିବାରେ ସମସ୍ୟା ହେଲା ବୋଲି ବିଶ୍ୱରଞ୍ଜନ କହିଛନ୍ତି। କେବଳ ବିଶ୍ୱରଞ୍ଜନ ଜଣେ ନୁହନ୍ତି, ନଁପୁଟ ସମବାୟ ସମିତି ଅଧୀନରେ ପଞ୍ଜିକରଣ କରୁଥିବା ପାଖାପାଖି ଦେଢ଼ ଶହରୁ ଦୁଇ ଶହ ଲୋକ ଏଭଳି ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି। ପଞ୍ଜିକରଣ ଅବଧି ଶେଷ ହେବାକୁ ଆଉ ମାତ୍ର ୧୪ ଦିନ ଥିବାବେଳେ ଏପର୍ଯ୍ୟନ୍ତ ଅଧା ଚାଷୀ ବି ପଞ୍ଜିକରଣ କରିପାରିନାହାନ୍ତି। ତେଣୁ ଗତବର୍ଷ ଯେତିକି ଚାଷୀ ସରକାରଙ୍କ ଧାନ ବିକ୍ରି କରିଥିଲେ, ଏ ବର୍ଷ ସେତିକି ଚାଷୀ ଧାନ ବିକ୍ରି କରିପାରିବେ ନାହିଁ ବୋଲି କୃଷକ ନେତା ନିରାକାର ସାହୁ କହିଛନ୍ତି।

### ଏମ୍‌ସ ନିଯୁକ୍ତି ଜାଲିଆତି...

ଜଣାଇଥିଲେ। ତଦନ୍ତରୁ ଘଟଣାର ସତ୍ୟାସତ ଥିବା ଜାଣିବା ପରେ ସିବିଆଇ କୋଳଥିଆ ହାଉସିଂବୋର୍ଡ କଲୋନୀ ଏମ୍‌ଆଇଜି-୩ରେ ରହୁଥିବା ରାଜଶ୍ରୀ ପଣ୍ଡା, ରାହାମା, ପଙ୍କପାଳରେ ରହୁଥିବା ସଂଗ୍ରାମ ମିଶ୍ର, କୋଳଥିଆର ସାଇ ସାଗର କର, ପଙ୍କପାଳରେ ରହୁଥିବା ସମ୍ବିତ ମିଶ୍ର, ହାଉସିଂବୋର୍ଡ କଲୋନୀର ଶ୍ରୁତି ସାଗର କର ଏବଂ ଏମ୍ସର ରିକ୍ରୁଟ୍‌ମେଣ୍ଟ ସେଲ୍ ତଥା ସହକାରୀ ପ୍ରଶାସନିକ ଅଧିକାରୀ ସୁଧିର କୁମାର ପ୍ରଧାନଙ୍କ ନାମରେ ମାମଲା ରୁଜୁ କରିଛି। ଜାଲ୍ ସାର୍ଟିଫିକେଟ ଦେଇ ଗୋଟିଏ ପରିବାରର ୪ ଜଣ ଚାକିରି କରିଥିବା ପିଟିସନ୍ ପଢ଼ିବା ପରେ ତଦନ୍ତ ଆରମ୍ଭ କରିଥିଲା ସିବିଆଇ। ଏହାର ସତ୍ୟାସତ ମିଳିବା ପରେ ସିବିଆଇ ନିଜ ଆଡୁ ମାମଲା ରୁଜୁ କରିଛି। ଏମ୍‌ସକୁ କର୍ମଚାରୀ ଯୋଗାଉଥିବା ଠିକା ସଂସ୍ଥା ବମ୍ବେ ଇଣ୍ଟେଲିଜେନ୍ସ ସିକ୍ୟୁରିଟି (ବିଆଇଏସ୍)ର ମ୍ୟାନେଜର ସ୍ମୃତି ସାଗର କର ହିଁ ଘୋଟାଲାର ମାଷ୍ଟରମାଇଣ୍ଡ ବୋଲି ପ୍ରାଥମିକ ଅନୁସନ୍ଧାନରୁ ସିବିଆଇ ଜାଣିବାକୁ ପାଇଛି। ଏହି ଠିକା ସଂସ୍ଥା ବିଆଇଏସ୍ ଏମ୍‌ସ ଭୁବନେଶ୍ୱରକୁ କର୍ମଚାରୀ ଯୋଗାଉଥିବା ବେଳେ ସ୍ମୃତି ସାଗର କର ସଂସ୍ଥାର ମ୍ୟାନେଜର ଭାବେ କାମ କରୁଛନ୍ତି। ସ୍ମୃତିଙ୍କ ୪ ଜଣ ସମ୍ପର୍କୀୟ ମଧ୍ୟ ଏହି ସଂସ୍ଥା ଅଧୀନରେ ଏମ୍‌ସରେ ଚାକିରି କରୁଥିଲେ। ୨୦୨୩ ମସିହା ଜୁଲାଇ ୧ ତାରିଖ ଦିନ ସାନିଟାରୀ ଇନ୍ସପେକ୍ଟର, ମେଡିକାଲ ରେକର୍ଡ ଆସିଷ୍ଟାଣ୍ଟ ଭଳି ସର୍ବଭାରତୀୟ ସ୍ତରରେ ମୋଟ ୭୭୫ ପଦବୀ ପୂରଣ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଓଡ଼ିଶାର ଅନେକ ଆଶାୟୀ ଏଥିପାଇଁ ଆବେଦନ କରିଥିଲେ। ବିଆଇଏସ୍ ଅଧୀନରେ ଏମ୍‌ସରେ ଚାକିରି କରିଥିବା ସ୍ମୃତିଙ୍କ ୪ ଜଣ ସମ୍ପର୍କୀୟଙ୍କୁ ସ୍ଥାୟୀ ନିଯୁକ୍ତି ମିଳିଥିଲା। ସ୍ମୃତିଙ୍କ ଭାଇ ସାଇ ସାଗର କର, ସମ୍ପର୍କୀୟ ଭାଇ ସମ୍ବିତ ମିଶ୍ର, ସଂଗ୍ରାମ ମିଶ୍ର ଓ ରାଜଶ୍ରୀ ପଣ୍ଡାଙ୍କୁ ସାନିଟାରୀ ଇନ୍ସପେକ୍ଟର ଓ ମେଡିକାଲ ରେକର୍ଡ ଆସିଷ୍ଟାଣ୍ଟ ପଦବୀରେ ନିଯୁକ୍ତି ମିଳିଥିଲା। ସ୍ମୃତିଙ୍କ ସମ୍ପର୍କୀୟମାନେ ଚାକିରି କରିବା ସମୟରେ ଗୋରଖପୁରର ଏକ ଶିକ୍ଷାନୁଷ୍ଠାନର ସାର୍ଟିଫିକେଟ ଦାଖଲ କରିଥିଲେ। ସିବିଆଇ ଯାଞ୍ଚ କରିବା ପରେ ସେଠାରେ କେହି ପାଠ ପଢ଼ି ନ ଥିବା ସ୍ପଷ୍ଟ ହୋଇଥିଲା। ପୂର୍ବରୁ ଠିକା ସଂସ୍ଥା ଅଧୀନରେ ଥିବା କର୍ମଚାରୀ ହଠାତ୍ କିପରି ସ୍ଥାୟୀ ନିଯୁକ୍ତି ପାଇଲେ ତା’କୁ ନେଇ ପ୍ରଶ୍ନ ଉଠିଥିଲା। ପିଟିସନ ଆଧାରରେ ତଦନ୍ତ ଆରମ୍ଭ କରିଥିଲା ସିବିଆଇ। ଶ୍ରୁତି ସାଗର ସହ ମିଶି ଏମ୍‌ସ ସହାୟକ ପ୍ରଶାସନିକ ଅଧିକାରୀ ସୁଧିର କୁମାର ପ୍ରଧାନ ଏହି ଚାକିରି ଜାଲିଆତି କରିଥିଲେ। କେବଳ ଏହି ୪ଜଣ ନୁହଁନ୍ତି; ମୋଟା ରକମର ଟଙ୍କା ନେଇ ସେମାନେ ଏକାଧିକ ବ୍ୟକ୍ତିଙ୍କୁ ଚାକିରି ଦେଇଥିବା ସିବିଆଇ ତଦନ୍ତରୁ ଜାଣିବାକୁ ପାଇଛି।

### ସ୍କିମାଟିକ୍ ଶିକ୍ଷକଙ୍କୁ...

ରହି ନଥିଲା। ଗଣଶିକ୍ଷା ବିଭାଗର ୱେବସାଇଟ୍‌ରେ ଅପଲୋଡ୍ ହୋଇଥିବା ଏହି ପ୍ରସ୍ତାବକୁ ମାତ୍ର ୨ଦିନ ପରେ ଡିଲିଟ୍ କରିଦିଆଗଲା। ଫଳରେ ସରକାରଙ୍କ ଆଭିମୁଖ୍ୟ ନେଇ ଆଶଙ୍କା ବଢ଼ିଥିଲା। ଗୁରୁବାର ଏହି ପ୍ରସ୍ତାବକୁ ଆନୁଷ୍ଠାନିକ ଭାବେ ପ୍ରତ୍ୟାହାର କରାଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରସ୍ତାବଟି ଏପର୍ଯ୍ୟନ୍ତ ଉପଯୁକ୍ତ ସ୍ତରରେ ଅନୁମୋଦିତ ହୋଇ ନ ଥିବା ଦର୍ଶାଯାଇଛି।

ପ୍ରସ୍ତାବ ପ୍ରତ୍ୟାହୃତ ହେବା ପରେ ସ୍କିମାଟିକ୍ ଶିକ୍ଷକ ପଦ ଉଚ୍ଛେଦ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିର ଭାଗ୍ୟ ଭବିଷ୍ୟତ ଅନ୍ଧକାର ଭିତରକୁ ଚାଲିଯାଇଛି। ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। କାହିଁକି ପ୍ରସ୍ତାବକୁ ସାର୍ବଜନୀନ କରାଗଲା ଏବଂ ପୁଣି ପ୍ରତ୍ୟାହାର କରାଗଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି ଯେ, ଶିକ୍ଷକଙ୍କୁ ଠକିବାରେ ସରକାର ଧୂରନ୍ଧର। ବିଭିନ୍ନ ଶିକ୍ଷକ ସଂଘ ସହ ଆଲୋଚନା କରି ପ୍ରସ୍ତାବ ନେଲେ, ତାକୁ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ଦେଲେ। ହେଲେ ପ୍ରସ୍ତାବ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ତାକୁ ପ୍ରତ୍ୟାହାର କରିନେବା ଅତ୍ୟନ୍ତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ। ବିଧାନସଭା ଅଧିବେଶନ ପୂର୍ବରୁ ସମସ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ କରା ନ ଗଲେ ବିରାଟ ଶିକ୍ଷକ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

ଅପରପକ୍ଷରେ ମନ୍ତ୍ରୀଙ୍କୁ ଅନ୍ଧାରରେ ରଖି ପ୍ରସ୍ତାବ ସାର୍ବଜନୀନ କରିବାର ଏହା ପାର୍ଶ୍ୱପ୍ରତିକ୍ରିୟା ବୋଲି କ୍ଷମତା କରିଡରରେ ଆଲୋଚନା ଜୋର ଧରିଛି। ଶିକ୍ଷକଙ୍କ ଅସନ୍ତୋଷ ବିଧାନସଭା ସମୟରେ ସରକାରଙ୍କୁ ଅକଳରେ ପକାଇପାରେ ବୋଲି ମଧ୍ୟ ଶିକ୍ଷାବିତ୍‌ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ରାଜ୍ୟ ସରକାରଙ୍କ ଏପରି ନିଷ୍ପତ୍ତି ଦୋମୁହାଁ ନୀତିର ପ୍ରତିଫଳନ ବୋଲି ଅଭିଯୋଗ କରିଛି ଓଡ଼ିଶା ସରକାରୀ କର୍ମଚାରୀ ମହାସଂଘ। ସରକାରଙ୍କ ଏପରି କାର୍ଯ୍ୟକୁ ସମାଲୋଚନା କରିବା ସହ ତୁରନ୍ତ ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ଦାବି ସଂଘର ସଭାପତି ବିଜୟ ମଲ୍ଲ ଦାବି କରିଛନ୍ତି।

### ନିଅଣ୍ଟିଆ ବର୍ଷା...

ସମୟରେ ଲଘୁଚାପ ହେବ ଓ ଏହା ପ୍ରଭାବରେ ରାଜ୍ୟରେ ବର୍ଷା ବଢ଼ିବ। ଗତ କିଛି ଦିନ ମଧ୍ୟରେ ବର୍ଷାର ସୁଷମ ବଣ୍ଟନ ହୋଇ ନ ଥିବାରୁ ଅନେକ ସ୍ଥାନରେ ରୁଆ ହୋଇପାରି ନାହିଁ। ଏଥିପାଇଁ ଅତି କମ୍‌ରେ ୧୦୦ ମିମି ବର୍ଷା ଆବଶ୍ୟକ ହେଉଛି। ତେବେ ସମ୍ଭାବ୍ୟ ଲଘୁଚାପ ଯୋଗୁଁ ଅବିଭକ୍ତ କୋରାପୁଟ, କଳାହାଣ୍ଡି ଓ ନୂଆପଡ଼ାରେ ରଆ ବେଉଷା ପାଇଁ ଆବଶ୍ୟକ ବର୍ଷାର ସମ୍ଭାବନା ଅଧିକ। ଦକ୍ଷିଣ ଉପକୂଳରେ ମଧ୍ୟ ୮୦-୧୦୦ ମିମି ବର୍ଷା ହେଲେ ଧାନ ଚାଷ ଆଗେଇବ। ମାତ୍ର ଏହି ଲଘୁଚାପ ଯୋଗୁଁ କୌଣସି ସ୍ଥାନରେ ଭାରି ବର୍ଷା ସମ୍ଭାବନା ନ ଥିଲେ ମଧ୍ୟ ୫-୬ ଦିନ ସ୍ୱଳ୍ପରୁ ମଧ୍ୟମ ବର୍ଷା ହେତୁ ପାଣି ଉଠିପାରେ। ଅଗଷ୍ଟ ମାସରେ ରାଜ୍ୟରେ ଦିନକୁ ହାରାହାରି ବର୍ଷା ୧୧ ମିମି ଆବଶ୍ୟକ। ଏଣୁ ଅଗଷ୍ଟ ୨୦ ପର୍ଯ୍ୟନ୍ତ ୧୪୫-୧୫୦ ମିମି ବର୍ଷା ହେବା କଥା। ମଡେଲ୍ କହୁଛି ଏହି ଲଘୁଚାପ ଯୋଗୁଁ ଏତେ ବର୍ଷା ହୋଇ ନ ପାରେ। ଫଳତଃ ଉତ୍ତର ଆଭ୍ୟନ୍ତରୀଣ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ବର୍ଷା ସ୍ୱାଭାବିକ ବା ଅଧିକ ରହିଥିଲେ ମଧ୍ୟ ୨୦ ବେଳକୁ କେତେକ ଜିଲ୍ଲାରେ ନିଅଣ୍ଟିଆ ପରିସ୍ଥିତି ଉପୁଜିପାରେ। ରୁଆ ବେଉଷା ପାଇଁ ସମୟ ଅଛି ସତ, ଧାନ ତଳି ମରି ନାହିଁ। ଏଣୁ ଲଘୁଚାପ ବର୍ଷା ଯୋଗୁଁ ରୁଆ ବେଳେ ସାରାର ପର୍ଯ୍ୟାପ୍ତ ଉପଲବ୍ଧି ହେବା ଦରକାର। ଯଦି ବର୍ତ୍ତମାନର ନିଅଣ୍ଟିଆ କମିବ ନାହିଁ କିମ୍ବା ଅନ୍ୟ ଜିଲ୍ଲାରେ (ବିଶେଷକରି ଉତ୍ତର ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶା) ନିଅଣ୍ଟିଆ ବର୍ଷା ସୃଷ୍ଟି ହୁଏ, ତା’ର ଜରୁରୀକାଳୀନ ପଦକ୍ଷେପ ବର୍ତ୍ତମାନଠାରୁ ଠିକ୍ କରିବା ଆବଶ୍ୟକ ବୋଲି ପ୍ରଫେସର ପଶୁପାଳକ ପରାମର୍ଶ ଦେଇଛନ୍ତି।

ସୂଚାନା ଥାଉ କି, ବର୍ତ୍ତମାନ ସାମଗ୍ରିକ ଭାବେ ରାଜ୍ୟରେ ୨ ପ୍ରତିଶତ୍ ନିଅଣ୍ଟିଆ ବର୍ଷା ରହିଛି। ଜିଲ୍ଲାୱାରୀ ଦେଖିଲେ ଏବେ ୯ଟି ଜିଲ୍ଲାରେ ସ୍ୱାଭାବିକ ତୁଳନାରେ କମ୍ ବର୍ଷା ହୋଇଛି। ଖୋର୍ଦ୍ଧା, ପୁରୀ ସମେତ ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ବଲାଙ୍ଗିର ଓ ନୂଆପଡ଼ାରେ ନିଅଣ୍ଟିଆ ପରିମାଣ ୨୧ ପ୍ରତିଶତରୁ ଆରମ୍ଭ କରି ୪୦ ପ୍ରତିଶତ ପର୍ଯ୍ୟନ୍ତ ରହିଛି। ୧୩ ତାରିଖ ସୁଦ୍ଧା ବର୍ଷା ହେବା ପର୍ଯ୍ୟନ୍ତ ନିଅଣ୍ଟିଆର ପରିମାଣ ଆହୁରି ବଢ଼ିବାର ଆଶଙ୍କା କରାଯାଉଛି।

### ବିସ୍ଫୋରଣରେ ଥରିଲା...

ରମେଶ ଗତକାଲି ଅପରାହ୍ଣରେ ନିଜ ଘରେ ବୋମା ଭିଡୁଥିଲେ। ଏହି ସମୟରେ ଗୋଟିଏ ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ତାଙ୍କ ଶରୀର ଜଳି ପୋଡ଼ି ଯିବା ସହ ସେ ଗୁରୁତର ଆହତ ହୋଇଥିଲେ। ସୌଭାଗ୍ୟବସତଃ ଏହି ସମୟରେ ରମେଶଙ୍କ ଦୁଇ ସନ୍ତାନ ସ୍କୁଲକୁ ଯାଇଥିବା ବେଳେ ପତ୍ନୀ କୌଣସି କାମରେ ବାଡ଼ି ପଟକୁ ଯାଇଥିବାରୁ ସେମାନେ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ଗୁରୁତର ରମେଶଙ୍କୁ ଗ୍ରାମବାସୀମାନେ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ନିରାକାରପୁର ପୁଲିସ ପହଞ୍ଚି ତଦନ୍ତ କରିଛି।

## ପୋତି ହୋଇପଡ଼ିଛି ନୟନଯୋରି

# ବୁଡ଼ିଛି ୧୦୦ ଏକରରୁ ଉର୍ଦ୍ଧ୍ୱ ଜମି

ଡେରାବିଶ, ୮।୮ (ସମିସ):

ଡେରାବିଶ ବ୍ଲକ୍ ଅନ୍ତର୍ଗତ ସଲାର, ଡାଳିଜୀ ଓ ଖମୋଳ ଗ୍ରାମର ପାଖାପାଖି ୧୦୦ ଏକରରୁ ଉର୍ଦ୍ଧ୍ୱ ଜମିରେ ରୁଆ ହୋଇଥିବା ଧାନ ଫସଲ ଏବେ ଗତ ଲଗୁଚାପଜନିତ ଲଗାଣ ବର୍ଷା ଓ ଉଦ୍‌ବୃତ୍ତ କେନାଲ ପାଣିରେ ବୁଡ଼ିରହିଛି। ଫଳରେ ଏ ଅଞ୍ଚଳର ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଅଞ୍ଚଳର ଚାଷୀ ହରିହର ଜେନା କହିଛନ୍ତି, ଚାନ୍ଦୋଳ କଲେଜ ଛକଠାରୁ ଶୁଖୁଆ ବଜାର ପର୍ଯ୍ୟନ୍ତ ରହିଥିବା ନୟନଯୋରି ପୋତି ହୋଇପଡ଼ିବା ଫଳରେ ଏହି ବାଟ ଦେଇ ଚାଷଜମିରୁ ଉଦବୃତ୍ତ ଜଳ ନିଷ୍କାସନ ହୋଇପାରୁନି। ଯେଉଁଥିପାଇଁ ଏହି ଗହିରର ଉପରମୁଣ୍ଡରୁ ଆସୁଥିବା ବର୍ଷାପାଣି ଓ କେନାଲ ପାଣି ଆମ ଚାଷଜମିରେ ଜମା ହୋଇ ରହି



ରୁଆ ହୋଇଥିବା ଧାନ ଫସଲ ବୁଡ଼ି ରହିଛି। ଯଦି ଏହି ଧାନ ଫସଲ ପାଞ୍ଚରୁ ୭ ଦିନ ବୁଡ଼ି ରହିବ, ତେବେ ଆମେ ବହୁ କଷ୍ଟରେ ରୋଇଥିବା ଧାନ ଫସଲ ସମ୍ପୂର୍ଣ୍ଣ ପଚି ନଷ୍ଟ ହୋଇଯିବ। ଏଥିସହିତ ୨୧ନଂ ଡ୍ରେନେଜକଟ୍ କୋଶିଦାଠାରୁ ବାଘିଲୋ ପର୍ଯ୍ୟନ୍ତ ଦଳ, ଖରିବଣ ଓ ଅନାବନା ଲଟା ଭର୍ତ୍ତି ହୋଇରହିଥିବାରୁ ପାଣି ନିଷ୍କାସନ ହୋଇପାରୁନାହିଁ। ଚାଷୀଙ୍କ ବାରମ୍ବାର ଦାବି ଫଳରେ ଡ୍ରେନେଜ ବିଭାଗ ପକ୍ଷରୁ ଚାନ୍ଦୋଳ କଲେଜ ଛକଠାରୁ ଶୁଖୁଆ ବଜାର ପର୍ଯ୍ୟନ୍ତ ନୟନଯୋରି ସଫା କରାଯାଇଛି। ଏହି ବାଟଦେଇ ଚାଷଜମିରୁ ଅଳ୍ପ ଅଳ୍ପ ପାଣି ନିଷ୍କାସିତ ହେଉଛି। ତେବେ ଡ୍ରେନେଜ ବିଭାଗ ପକ୍ଷରୁ ୨୧ନଂ ଡ୍ରେନେଜକଟ୍‌ରୁ ଯଦି ଦଳ ସଫେଇ କରାଯା'ନ୍ତା, ତେବେ ଚାଷଜମିରୁ ଉଦବୃତ୍ତ ଜଳ ସମ୍ପୂର୍ଣ୍ଣ ନିଷ୍କାସିତ ହୋଇପାରନ୍ତା ବୋଲି ଅଞ୍ଚଳର ଚାଷୀ ପ୍ରକାଶ କରିଛନ୍ତି।

## ଭଜନ ଆଲବମ୍ 'ଦେବଦାସୀ' ଲୋକାର୍ପିତ



କେନ୍ଦ୍ରାପଡ଼ା, ୮।୮ (ସମିସ): ତୁଳସୀକ୍ଷେତ୍ରର ପରମ ଆରାଧ୍ୟ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିରସ୍ଥ ଝୁଲଣ ମଣ୍ଡପରେ ଜିଲ୍ଲାର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବାରୁଅସ୍ଥ ଭାବଗ୍ରାହୀ କଳା ନିକେତନ ଆନୁକୂଲ୍ୟରେ ଭାବପୂର୍ଣ୍ଣ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ଭାବଗ୍ରାହୀ କଳା ନିକେତନ ଓ ରେଡ଼ିଓ ଭାବଗ୍ରାହୀ ପ୍ରସ୍ତୁତ ଭକ୍ତିସଙ୍ଗୀତ ଆଲବମ୍ "ଦେବଦାସୀ' ମହାପ୍ରଭୁଙ୍କୁ ସମର୍ପଣ କରାଯିବା ପରେ ଲୋକାର୍ପିତ ହୋଇଥିଲା। ଗୀତିକାର ଓ ସଂଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ରଚନା ଓ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଆଲବମ୍‌କୁ ମୁଖ୍ୟଅତିଥି ମାନସ ଭୂଷଣ ପଣ୍ଡିତ ହୃଷିକେଶ ରଥ, ସମ୍ମାନିତ ଅତିଥି କଳିଙ୍ଗ ଆବାସିକ ବିଦ୍ୟାଳୟର ପ୍ରତିଷ୍ଠାତା ମନୋଜ ପ୍ରଧାନ, ସମାଜସେବୀ ଅରବିନ୍ଦ ସାହୁ, ସୁରେଶ ବିକଳି କର ପ୍ରମୁଖ ଉନ୍ମୋଚନ କରିଥିଲେ। ଏଥିରେ ନିରୁପମା ଜେନା ଓ ପଦ୍ମାବତୀ ଦ୍ୱିବେଦୀ କଣ୍ଠଦାନ କରିଛନ୍ତି। ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡାଙ୍କ ପ୍ରଯୋଜନାରେ ପ୍ରସ୍ତୁତ ଏହି ଆଲବମ୍‌ରେ ୭ଟି ଭଜନ ମଧ୍ୟରୁ ଗଣକବି ଗୋପାଳ ଦାଶଙ୍କ ରଚିତ ଗୋଟିଏ ଭଜନ ସ୍ଥାନିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିମଳ ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଭଜନ ସମାରୋହରେ ଉପେନ୍ଦ୍ର ପାଢ଼ୀ, ନିରୁପମା ଜେନା, ରଞ୍ଜନ ବରାଳ, ସ୍ମୃତିରଞ୍ଜନ ବିଶ୍ୱାଳ, ବଳରାମ ମଲିକ, ଅନୀଲ ଜେନା, ବିପିନ ଜେନା ପ୍ରମୁଖ ଶିଳ୍ପୀ ଭାବପୂର୍ଣ୍ଣ ଭଜନ ପରିବେଷଣ କରିଥିଲେ। ଶ୍ରୀବଳଦେବଜୀଉଙ୍କ ଉପରେ ଆଧାରିତ ସଂଖ୍ୟାଧିକ ଭଜନ ସହିତ ଅକ୍ଷୟ ମହାନ୍ତିଙ୍କ କାଳଜୟୀ ଭଜନକୁ ଦର୍ଶକ ଆଗ୍ରହର ସହ ଉପଭୋଗ କରିଥିଲେ। ପ୍ରବଚକ ବିକ୍ରମ କେଶରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତ ଫାସିଲିଟି ସେଣ୍ଟର ନିର୍ମାଣରେ ଅନିୟମିତତା

# କୁକୁଡ଼ା ଭାଡ଼ି କରି ଅର୍ଥ ହଡ଼ପ; ତଦନ୍ତ ଦାବି



ରାଜକନିକା, ୮।୮ (ସମିସ): ରାଜକନିକା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ନିର୍ମାଣ ହୋଇଥିବା ପଞ୍ଚାୟତ ଫାସିଲିଟ୍ ସେଣ୍ଟର ବା ସୁବିଧା କେନ୍ଦ୍ର ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ହେଲେ ଅସଲ ସତ୍ୟ ପଦାକୁ ଆସିବ ବୋଲି ଦାବି ହେଉଛି।

ସୂଚନା ମୁତାବକ, ୨୦୨୦ ସେପ୍ଟେମ୍ବର ୧୪ ତାରିଖରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରକାଶିତ ତଥ୍ୟ ଅନୁସାରେ ପ୍ରତ୍ୟେକ ପଞ୍ଚାୟତରେ ଫାସିଲିଟ୍ ସେଣ୍ଟର ନିର୍ମାଣ ହେବ ବୋଲି ଉଲ୍ଲେଖ ରହିଥିଲା। ଏହି ଗୃହ ନିର୍ମାଣରେ କଂକ୍ରିଟ ପିଲାର, ପକ୍କା ଛାତ ସହିତ ଅନ୍ୟାନ୍ୟ ଆବଶ୍ୟକତା ଦିଗ ପ୍ରତି ବିଶେଷ ଧାନ ଦେବାକୁ ମାର୍ଗଦର୍ଶିକାରେ ଉଲ୍ଲେଖ ରହିଛି। ବିଶେଷ ଭାବେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୬୨୮.୨୫ ସ୍କୋୟାର ଫୁଟ୍ ଭିତରେ ଏହି ଗୃହ ନିର୍ମାଣର ନିର୍ଦ୍ଦେଶ ରହିଥିବା ସତ୍ତ୍ୱେ ଏହାର ବ୍ୟତିକ୍ରମ ପ୍ରାୟତଃ ପରିଲକ୍ଷିତ ହୋଇଛି। ବ୍ଲକ୍‌ର ନହୁଣୀ ପଞ୍ଚାୟତରେ ଇତିମଧ୍ୟରେ ଫାସିଲିଟି ସେଣ୍ଟର ନିର୍ମାଣ ଶେଷ ହୋଇଛି। ଏଥିପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ଏହି ଗୃହ ପଞ୍ଚାୟତ କାର୍ଯ୍ୟାଳୟ ବାହାରେ ଏକ ସ୍ଥାନରେ ଅନ୍ୟଏକ କମ୍ୟୁନିଟ୍ ସେଣ୍ଟର କାନ୍ଥକୁ ବ୍ୟବହାର କରାଯାଇ ନିର୍ମାଣ କରାଯାଇଛି। ବିଭାଗୀୟ ମାର୍ଗଦର୍ଶିକାକୁ ଫୁ'ରେ ଉଡାଇ ବିଭାଗୀୟ ଜେଇ ଓ ସରପଞ୍ଚ ମିଳିମିଶି ଏମିତି ଗୃହ ନିର୍ମାଣ କରିଛନ୍ତି ଯେ ତାହା କୁକୁଡା ଭାଡ଼ିର ଭ୍ରମ ସୃଷ୍ଟି କରୁଛି। ଲୋକେ କୁକୁଡ଼ା ଭାଡି ଯୋଜନା ବି କହୁଛନ୍ତି। ତେବେ ଏହି ଗୃହ ନିର୍ମାଣରେ ପକ୍କା ଛାତ ନ ପଡ଼ି ଲୁହା ପାଇପ୍ ଦିଆଯାଇ ଟିଣ ଚାଦର ପଡିଥିବାବେଳେ କେତେକ ସ୍ଥାନରେ ବିମ୍ ଦିଆଯାଇନାହିଁ। ନିମ୍ନମାନର କାମ ହୋଇଥିବା ନେଇ ଅଭିଯୋଗ ହେଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ବ୍ଲକ୍‌ର ଯେଉଁ ସ୍ଥାନରେ ଏହି ଫାସିଲିଟି ସେଣ୍ଟର ନିର୍ମାଣ ହୋଇଛି, ସବୁଠି ଏକା ଧରଣର କାମ ହୋଇଥିବାରୁ ଜଣେ କେହି ବ୍ୟକ୍ତି ସେତେବେଳେ ନିର୍ମାଣ କରିଥିବା ଜଳ ଜଳ ଦିଶୁଛି। ଏଥିରେ ଲକ୍ଷେରୁ କମ୍ ଟଙ୍କା ଖର୍ଚ୍ଚ ହୋଇ ସବୁତକ ଟଙ୍କା ହଡପ ହୋଇଥିବା ଅନୁମାନ କରାଯାଉଛି। ଯଦି ଏହାର ନିରପେକ୍ଷ ତଦନ୍ତ ହୁଅନ୍ତା, ତେବେ ଅସଲ କଥା ପଦାକୁ ଆସିପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ରିଜୁଲେସନ ଖାତା ଚିରିଦେଲେ ଯୁବକ

# ଥାନାର ଦ୍ୱାରସ୍ଥ ହେଲେ ଏସ୍‌ଏଚ୍‌ଜି ମହିଳା

ମହାକାଳପଡ଼ା/ମାର୍ଶାଘାଇ, ୮।୮ (ସମିସ): ମହାକାଳପଡା ବ୍ଲକ ତଥା ମାର୍ଶାଘାଇ ଥାନା ଅଧୀନ ତେରଗାଁ ପଞ୍ଚାୟତରେ ସ୍ୱୟଂସହାୟକ ଗୋଷ୍ଠୀ ରିଜୁଲେସନ ଖାତା ଚିରିବା ଓ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଘଟଣାରେ ଶୁକ୍ରବାର ମହିଳାମାନେ ସମ୍ପୃକ୍ତ ଯୁବକଙ୍କ ବିରୁଦ୍ଧରେ ମାର୍ଶାଘାଇ ଥାନାରେ ଅଭିଯୋଗ କରିଛନ୍ତି। ସୁବଳା ଗ୍ରାମର ମହିଳା ଗୋଷ୍ଠୀ ଆଞ୍ଚଳିକ ମଞ୍ଚ ପକ୍ଷରୁ ବୈଠକ ଚାଲିଥିବାବେଳେ ତୁଷାରକାନ୍ତ ରାଉତ ନାମକ ଯୁବକ ହଠାତ୍ ପହଞ୍ଚି ସମସ୍ତଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବୈଠକର ରେଜୁଲେସନ ଖାତା ଛଡାଇ ଚିରି ଦେଇଥିଲେ। ଏ ନେଇ ସିଆରପି ସୁଜାତା ମହାନ୍ତି ଶୁକ୍ରବାର ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୁଜାତାଙ୍କ ସହ ମହାକାଳପଡ଼ା ବ୍ଲକ ତେରଗାଁ ଶିରିଡି ସାଇ ମହିଳା ମହାସଂଘ ସଭାପତି ସବିତା ଚୌଧୁରୀ, ସମ୍ପାଦିକା ସୌଦାମିନୀ ସ୍ୱାଇଁଙ୍କ ସହ ବ୍ଲକ୍‌ର ୨୦୬ ଏସଏଚଜିର ସବୁ କ୍ୟାଡର କର୍ମକର୍ତ୍ତାଙ୍କ ସହ ତେରଗାଁ ପଞ୍ଚାୟତ ଆଞ୍ଚଳିକ ମଞ୍ଚର ଶତାଧିକ ମହିଳା ଉପସ୍ଥିତ ଥିଲେ।



ଗତ ୨ ତାରିଖ ଅପରାହ୍ନରେ ସୁବଳା ଗ୍ରାମ ଗୋଶାଳା ନିକଟସ୍ଥ କାର୍ଯ୍ୟାଳୟରେ ୧୧ଟି ଗୋଷ୍ଠୀକୁ ନେଇ ଗଠିତ ଆଞ୍ଚଳିକ ମଞ୍ଚର ବୈଠକ ଅନୁଷ୍ଠିତ ହେଉଥିବା ସମୟରେ ଗ୍ରାମର ଭଜନାନନ୍ଦ ରାଉତଙ୍କ ପୁଅ ତୁଷାରକାନ୍ତ ରାଉତ ପହଞ୍ଚି ମହିଳାଙ୍କ ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ। ଏ ନେଇ ମହିଳାମାନେ ପ୍ରତିବାଦ କରିବାରୁ ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବା ସହିତ ତାଙ୍କ ବିରୁଦ୍ଧରେ ଆଇନର ଆଶ୍ରୟ ନେବୁ ବୋଲି ସିଆରପି ସୁଜାତା ମହାନ୍ତି କହିବା ପରେ ଯୁବକ ଜଣକ ଉତ୍ତେଜିତ ହୋଇ ରେଜୁଲେସନ ଖାତା ଛଡାଇ ନେଇ ଚିରି ଦେଇଥିଲେ। ଏଥିସହିତ ୩ଟି ସ୍ୱୟଂ ସହାୟିକା ଗୋଷ୍ଠୀର ଖାତାକୁ ମଧ୍ୟ ଛଡ଼ାଇ ନେଇ ଚିରିଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ସଂପୃକ୍ତ ଯୁବକଙ୍କ ଅଶାଳୀନ ବ୍ୟବହାରରେ ଅତିଷ୍ଠ ଓ ଲଜ୍ଜିତ ହୋଇ ସିଆରପି ସୁଜାତା ନ୍ୟାୟ ନ ପାଇଲେ ଜୀବନ ହାରିଦେବେ ବୋଲି କାନ୍ଦି କାନ୍ଦି କହିଛନ୍ତି।

## ମହାବୀର ହାଇସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇ/ମାଳିପୁର, ୮।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ମଦନପୁର ମହାବୀର ହାଇସ୍କୁଲର ପ୍ରଧାନଶିକ୍ଷକ ବିଜୟ ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ପ୍ରହ୍ଲାଦ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାଶୀନାଥ ନାୟକ, ଅବସରପ୍ରାପ୍ତ ଶିକ୍ଷକ କପିଳେନ୍ଦ୍ର ନାଥ, କେଶବ ବାୟୀ, ଏମ୍‌ଏନ୍ ହାଇସ୍କୁଲ ପ୍ରଧାନଶିକ୍ଷକ ଅଶୋକ ରାଉତରାୟ, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, କବି ସଚିତ୍ର ବେହୁରା, ସର୍ବେଶ୍ୱର ମହାନ୍ତି, ପ୍ରଦୀପ ନାୟକ, ଦିଲ୍ଲୀପ କୁମାର ପ୍ରଧାନ, ଶିକ୍ଷକ ସୁଶାନ୍ତ ଦାସ, ଅଭିରାମ ସାହୁ, ସୁରେଶ ଜେନା, ସିଆରସିସି ମଳୟ ଜେନା, ଜ୍ୟୋସ୍ନା କୁମାରୀ ନାୟକ, ଉଦକର ସାମଲ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀ ବେହେରାଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିଥିଲେ। ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ଅତିଥିମାନେ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ସୁକାନ୍ତ ସ୍ୱାଇଁ, ରାଜେଶ ଦାସ, ଅମ୍ବିକା ଦାଶ, ମମତା ଖଣ୍ଡୁଆଳ, ମନୋରଞ୍ଜନ ରଥ, ଦୁର୍ଗାଶଙ୍କର ଜେନା, ନମିତା ସାହୁ, ସନ୍ତୋଷୀ ନାୟକ, ଗୌରାଙ୍ଗ ଜେନା, ପ୍ରଦୀପ ଦାସ, ସୁନୀଲ ସେଠୀ, ନିଗମାନନ୍ଦ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଶରତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ପାରାଦୀପ, ୮।୮ (ସମିସ): ସାତ୍ତ୍ୱିକ ସୋଲ୍ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ ହୋଇଛି। ଏ ଅବସରରେ ଷଣ୍ଢକୁଦ କମ୍ୟୁନିଟି ହଲ୍‌ରେ ଅନୁଷ୍ଠିତ ସଚେତନାମୂଳକ କାର୍ଯ୍ୟକ୍ରମରେ ସମାଜସେବୀ ତଥା ଜାତୀୟ ଫ୍ଲୋରେନ୍ସ ନାଇଟେଙ୍ଗଲ୍ ସମ୍ମାନରେ ସମ୍ମାନିତ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶ୍ରୀମତୀ ପ୍ରେମଲତା ବାରିକ ଯୋଗଦେଇ ଶିଶୁଙ୍କ ସ୍ତନ୍ୟପାନର ଉପକାରିତା ସମ୍ପର୍କରେ ଅବଗତ କରିଥିଲେ। ଷଣ୍ଢକୁଦ ଅଞ୍ଚଳର ମହିଳା ସ୍ତନ୍ୟପାନକୁ ନେଇ ସେମାନଙ୍କ ମନରେ ଥିବା ଦ୍ୱନ୍ଦ୍ୱ ସମ୍ପର୍କରେ ପଚାରି ବୁଝିଥିଲେ। ସମାଜସେବୀ ତଥା ସ୍ୱାସ୍ଥ୍ୟକର୍ମୀ ପ୍ରେମଲତା ବାରିକ କହିଛନ୍ତି, ମାଆ କ୍ଷୀର ଖାଉଥିବା ଶିଶୁର ବୁଦ୍ଧିମତ୍ତା ଅନ୍ୟ ଶିଶୁଠାରୁ ଅଧିକ ହୋଇଥାଏ। ନବଜାତ ଶିଶୁ ପାଇଁ ମାଆର ହଳଦିଆ ତଥା ଗାଢ଼ କ୍ଷୀର ଏକ ସମ୍ପୂର୍ଣ୍ଣ ଖାଦ୍ୟ। ଜନ୍ମର ୧ ଘଣ୍ଟା ମଧ୍ୟରେ ଶିଶୁକୁ ଏହି କ୍ଷୀର ସ୍ତନ୍ୟପାନ ଜରିଆରେ କରାଇବା ନିହାତି ଦରକାର। ସାଧାରଣତଃ ଶିଶୁକୁ ୬ ମାସ ବୟସ ପର୍ଯ୍ୟନ୍ତ ସ୍ତନ୍ୟପାନ ଓ ୬ ମାସରୁ ୨ ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ସ୍ତନ୍ୟପାନ ସହିତ ପୋଷ୍ଟିକ ଆହାର ଖୁଆଇବା ପାଇଁ ପ୍ରେମଲତା ବାରିକ ପରାମର୍ଶ ଦେଇଥିଲେ। ସ୍ତନ୍ୟପାନ ଉଭୟ ମାଆ ଓ ଶିଶୁକୁ ଲାଭ ଦିଏ। ଶିଶୁ ପାଇଁ ଏକ ଭଲ ଓ ସମ୍ପୂର୍ଣ୍ଣ ଖାଦ୍ୟ ହେଉଛି ମାଆ କ୍ଷୀର। ଏଥିରେ ମିଳୁଥିବା କୋଲଷ୍ଟ୍ରମ ଶିଶୁକୁ ପ୍ରତିରୋଧକ ଶକ୍ତି ପ୍ରଦାନ କରିଥାଏ। ଏହା ଶିଶୁକୁ ରୋଗରୁ ରକ୍ଷା କରିଥାଏ ଓ ଶିଶୁର ଠିକ୍ ବୃଦ୍ଧି ହୋଇଥାଏ ବୋଲି ସେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଞ୍ଚଳର ଆଶା ଦିଦି ପ୍ରତୀମା ମହାପାତ୍ର, ସାବିତ୍ରୀ ସ୍ୱାଇଁ, ପ୍ରତୀମା ଓଝା, ମିନତୀ ବିଶ୍ୱାଳ, ଲିଜାରାଣୀ ବାରିକ, ପ୍ରତୀମା ପରିଡ଼ା, ବାବିଲତା ବାରିକ, ସାତ୍ତ୍ୱିକ ସୋଲ୍ ପକ୍ଷରୁ ଅଞ୍ଜନା ମହାକୁଡ, ସବ୍ୟାଶା ବଳିୟାରସିଂ, ଧର୍ମପଦ ବାଡୋଇ ଯୋଗଦେଇ ପରିଚାଳନା କରିଥିଲେ। ସାତ୍ତ୍ୱିକ ସୋଲ ଜିଲ୍ଲା ସଂଯୋଜକ ବିଶ୍ୱଜିତ ସାମଲ ଉପସ୍ଥିତ ଥିଲେ।

## 'ଆସ ଭେଟିବା ଆମ ପିଲାଙ୍କୁ' କାର୍ଯ୍ୟକ୍ରମ



ଜଗତସିଂହପୁର, ୮।୮ (ସମିସ): ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଏକ ନିଆରା ବୌଦ୍ଧିକ କାର୍ଯ୍ୟକ୍ରମ 'ଆସ ଭେଟିବା ଆମ ପିଲାଙ୍କୁ' ତିର୍ତ୍ତୋଲ ବ୍ଲକସ୍ଥ ସେଣ୍ଟ ଜାଭିୟର୍ସ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାରେ ୧୯ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏଥିରେ ବିଚାରକ ଭାବେ ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମହାରଣା ଓ ନିର୍ଦ୍ଦେଶକ ବିକ୍ରମ କୁମାର ଜେନା ଯୋଗଦେଇ ପାଞ୍ଚଜଣ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ପୁରସ୍କାର ବିତରଣୀ ସଭାରେ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ଓ ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିଥି ଭାବେ ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ, ମୋନାଲିସା ଭଞ୍ଜ, ପ୍ରିୟଙ୍କା ମଣ୍ଡଳ, ସ୍ମୃତିପ୍ରଜ୍ଞା ବ୍ରହ୍ମ ଓ ଶିକ୍ଷକ ଅଶୋକ ବେହେରା ପ୍ରମୁଖ ଯୋଗଦେଇ ସେମାନଙ୍କ ବକ୍ତବ୍ୟରେ ନିରନ୍ତର ଅଭ୍ୟାସ ଓ କଠିନ ପରିଶ୍ରମ ବଳରେ ବିଦ୍ୟାର୍ଥୀ କୁଇଜ୍ ପ୍ରତିଯୋଗିତାରେ ଦକ୍ଷତା ହାସଲ କରିପାରିବେ ବୋଲି କହିଥିଲେ। କୃତୀ ବିଦ୍ୟାର୍ଥୀଙ୍କୁ ସାରସ୍ୱତ ପରିଷଦ ପକ୍ଷରୁ ମହାପୁରୁଷଙ୍କ ଜୀବନୀ ପୁସ୍ତକ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ଅପରାଜିତା ଦାଶ ଧନ୍ୟବାଦ ଦେଇଥିଲେ।

## ବର୍ଷା ଓ ବନ୍ୟାରେ ଉଜୁଡିଲା ଶହ ଶହ ଏକର ଫସଲ

# କ୍ଷତିପୂରଣ ଦାବିରେ ତହସିଲ ଘେରଉ



ରାଜକନିକା, ୮।୮ (ସମିସ): ଲଗାଣ ବର୍ଷା ଓ ବନ୍ୟା ଫଳରେ ରାଜକନିକା ବ୍ଲକ୍ ଭାରିଗଦା ପଞ୍ଚାୟତର ଶହ ଶହ ଏକର ଜମିରେ କରାଯାଇଥିବା ଶାରଦ ଧାନ, ନଳିତା, ପନିପରିବା ଆଦି ଫସଲ ସମୂଳେ ପଚିସଢ଼ି ନଷ୍ଟ ହୋଇଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ କୌଣସି ପଦକ୍ଷେପ ନ ନେଇ ଆଜି ଯାଏ ଚୁପ ରହିଥିବାରୁ ଗତ ୫ ତାରିଖ ଦିନ ଏହି ପଞ୍ଚାୟତର ସମସ୍ତ ରାଜସ୍ୱ ଗ୍ରାମର ଅଧିବାସୀ ଏକାଠି ହୋଇ ପ୍ରଶାସନକୁ କ୍ଷୟକ୍ଷତିର ଆକଳନ କରି ତୁରନ୍ତ ସେମାନଙ୍କୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ପ୍ରଶାସନ କର୍ଣ୍ଣପାତ ନ କରିବାରୁ ଆଜି ଶତାଧିକ ଚାଷୀ ହାତରେ ପଚିଥିବା ନଳିତା ଗଛ, ବାଇଗଣ, ଧାନ ଗଛ ଧରି ତହସିଲ ଘେରଉ କରିଥିଲେ। ଚାଷୀଙ୍କ ଫସଲ କ୍ଷୟକ୍ଷତିର ସଠିକ୍ ଆକଳନ ଓ ଋଣ କରିଥିବା ଚାଷୀଙ୍କ ଋଣଛାଡ଼ ଭଳି ଯଥାର୍ଥ ଦାବି କରିଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଦୀର୍ଘଦିନ ଧରି ବନ୍ୟା ଓ ବର୍ଷାରେ ବୁଡ଼ିଥିବା ପଞ୍ଚାୟତ ଜନଗଣଙ୍କ ପ୍ରତି ସରକାର ସମ୍ପୂର୍ଣ୍ଣ ଉଦାସୀନ ଥିବାରୁ ଏହି ବନ୍ୟା ପୀଡିତ ପଞ୍ଚାୟତରେ ରିଲିଫ ନ ମିଳିବା, ଗୋଖାଦ୍ୟ ନ ମିଳିବା ଭଳି ସମସ୍ୟା ଦେଖିବାକୁ ମିଳିଥିଲା। ପ୍ରଶାସନକୁ ଉତ୍ତର ଦାୟିତ୍ୱ ନିଭାଇବାକୁ ଆଜି ଚାଷୀଙ୍କ ଘେରଉ ସ୍ଥଳରେ କନିକା ତହସିଲଦାର ପହଞ୍ଚି ଦାବିପତ୍ର ଗ୍ରହଣ କରିଥିଲେ। ଏ ସମ୍ପର୍କରେ ନବନିଯୁକ୍ତ ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

## ୨୩୬ ଲିଟର ଚୋରାମଦ ଜବତ; ୬ ଗିରଫ



କେନ୍ଦ୍ରାପଡ଼ା, ୮।୮ (ସମିସ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ଓ ମାର୍ଶାଘାଇ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଚୋରାମଦ ଜବତ କରାଯିବା ସହିତ ୬ ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ମାଲଦିହ ଗ୍ରାମର ଗଗନ ସ୍ୱାଇଁ(୬୦)ଙ୍କଠାରୁ ୪୫ ଲିଟର ଚୋରା ଦେଶୀମଦ, ତୁଳସୀପୁର ଗ୍ରାମର ଖଗେଶ୍ୱର ସ୍ୱାଇଁ(୬୨)ଙ୍କଠାରୁ ୪୦ ଲିଟର ଚୋରା ଦେଶୀମଦ, ନୂଆଗାଁ ଗ୍ରାମର ଦେବାଶିଷ ବେହେରା(୨୮)ଙ୍କଠାରୁ ୪୫ ଲିଟର ଚୋରା, ତେରଗାଁ ଗ୍ରାମର ରଞ୍ଜନ ପରିଡା (୪୨)ଙ୍କଠାରୁ ୪୭ ଲିଟର ଚୋରା ବିଦେଶୀ ମଦ, ସେହି ଗ୍ରାମର ପ୍ରକାଶ ଚନ୍ଦ୍ର ସାହାଣୀ (୭୦)ଙ୍କଠାରୁ ୧୮ ଲିଟର ଚୋରା ଦେଶୀମଦ ଓ ବାଲିଶୁଆଁ ଗ୍ରାମର ବିଜ୍ଞାନ ଚୌଧୁରୀ (୩୬)ଙ୍କଠାରୁ ୪୧ ଲିଟର ଚୋରା ଦେଶୀମଦ ଜବତ କରାଯିବା ସହ ସମସ୍ତ ୬ ଜଣ ଚୋରାମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ମୋଟ ୨୩୬ ଲିଟର ଚୋରା ଦେଶୀ ଓ ବିଦେଶୀ ମଦ ସହିତ ଏକ ବାଇକ୍ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଏହି ଚଢ଼ଉକୁ ବ୍ୟାପକ କରାଯିବ ବୋଲି ଅବକାରୀ ନିରୀକ୍ଷକ ହିମାଂଶୁ ଶେଖର ମଲ୍ଲିକ କହିଛନ୍ତି । ଏହି ଚଢ଼ଉରେ ଅବକାରୀ ନିରୀକ୍ଷକ ପଦ୍ମଲୋଚନ ନାୟକ, ଅବକାରୀ ଉପନିରୀକ୍ଷକ କଳ୍ପନା ରାଉତଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ମହିଳା ନିର୍ଯାତନାର ପ୍ରତିବାଦ

# ଯୁବ-ଛାତ୍ର ବିଜେଡିର ବିକ୍ଷୋଭ





ରାଜନଗର, ୮।୮ (ସମିସ):

ଓଡ଼ିଶାରେ କ୍ରମାଗତ ଭାବେ ବଢ଼ିଚାଲିଥିବା ମହିଳା ଓ ଛାତ୍ରୀ ନିର୍ଯାତନା ପ୍ରତିବାଦରେ ରାଜନଗର ବ୍ଲକ୍ ଯୁବ ଓ ଛାତ୍ର ବିଜୁ ଜନତା ଦଳ ପକ୍ଷରୁ ଆଜି ବିକ୍ଷୋଭ କରାଯାଇଛି। ସ୍ଥାନୀୟ ତାରିଣୀ ମନ୍ଦିରଠାରୁ ବିଜୁ ଜନତା ଦଳର ଶତାଧିକ ଯୁବ ଓ ଛାତ୍ର, ଛାତ୍ରଛାତ୍ରୀ ଏକ ଶୋଭାଯାତ୍ରାରେ ଆସି ରାଜନଗର ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଡିଜିଙ୍କ ଉଦ୍ଦେଶ୍ୟରେ ରାଜନଗର ଥାନା ଅଧିକାରୀ ନରେଶ କୁମାର ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନ ତଥା ସ୍ମାରକପତ୍ର ପ୍ରଦାନ ସମୟରେ ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବୈବ୍ରତ ନାରାୟଣ ବିଶ୍ୱାଳ, ରାଜନଗର ବ୍ଲକ୍ ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଛାତ୍ର ବିଜେଡି ସଭାପତି ମନୋଜ ମଲ୍ଲିକ, ମହିଳା ବିଜେଡି ସଭାନେତ୍ରୀ ରଶ୍ମିରଞ୍ଜିତା ସ୍ୱାଇଁ, ଛାତ୍ର ନେତା ପରମେଶ୍ୱର ଦାସ, ସୁରଜ ପୁହାଣ, ସୁଶାନ୍ତ ବେହେରା, ପୀତବାସ ବିଶ୍ୱାଳ, ରାହାସ ବିହାରୀ ଜେନା, ଶୁଭେନ୍ଦୁ ଓଝା, ଯୁବ ନେତା ସଞ୍ଜୟ କୁମାର ସ୍ୱାଇଁ, ରବୀନ୍ଦ୍ର କୁମାର ସିଂ, ରଶ୍ମିରଞ୍ଜନ ସାହାଣୀ, ପୂର୍ଣ୍ଣିମା ମହାନ୍ତି, ରାଜଲକ୍ଷ୍ମୀ ଲେଙ୍କା, ସସ୍ମିତା ସେଠୀ, ଜ୍ୟୋତିରଞ୍ଜନ ବାରିକ, କାଜଲ ରାଉଳ, ଶୁଭନନ୍ଦନ ସାହୁ, ରୋଜାଲିନ ବାରିକ, ପ୍ରିୟଙ୍କା ବାଗ , ଯାଜ୍ଞସେନୀ ରାଉତ, ଶୁଭଲକ୍ଷ୍ମୀ ଦାସ, ଅର୍ଚ୍ଚିତା ଜେନା, ସତ୍ୟ ପ୍ରଧାନ, ନିତ୍ୟାନନ୍ଦ ସେଠୀ, କଲ୍ୟାଣ କୁମାର ବେହେରା, ଜିତ ଜୟପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ THE SAKALA
ଶନିବାର ୯ ଅଗଷ୍ଟ, ୨୦୨୫ | ୦୯

# ଦୁର୍ଘଟଣାରେ ଯୁବକ ଗୁରୁତର

ପାରାଦୀପ, ୮।୮ (ସମିସ): ପାରାଦୀପ ମେରାଇନ ଥାନା ଅଧୀନ ନେହେରୁ ବଙ୍ଗଳା ରୋଡର ଜେଏସଡବ୍ଲୁ ଟର୍ମିନାଲ ରାସ୍ତାରେ ଆଜି ରାତିରେ ଏକ ପିକଅପ ଭ୍ୟାନ ଓ ବାଇକ ମଧ୍ୟରେ ଧକ୍କା ହୋଇ ବାଇକ ଆରୋହୀ ଷଣ୍ଢକୁଦର ଈଶ୍ୱର ରାଓ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଅଠରବାଙ୍କୀ ମେଡିକାଲକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି।

# ଅଙ୍ଗନବାଡ଼ି କର୍ମୀଙ୍କୁ ମାଡ଼ ଅଭିଯୋଗ

ପାରାଦୀପ, ୮।୮ (ସମିସ): ରେଡିପଡ଼ା ନୋଳିଆ ସାହି ଅଙ୍ଗନବାଡ଼ି କେନ୍ଦ୍ର ହେଲ୍‌ପର୍ ବିଦ୍ୟୁଲତା ଜେନାଙ୍କୁ ସେହି ପଡାର କିଛି ମହିଳା ଆକ୍ରମଣ କରି ଲହୁଲୁହାଣ କରିଥିବା ଜଣାପଡ଼ିଛି। ଆକ୍ରମଣ ସମୟରେ ତାଙ୍କ ଝିଅ ଶୁଭସ୍ମିତା ଜେନା ତାଙ୍କୁ ଧରିବାରୁ ମହିଳାମାନେ ମଧ୍ୟ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆଜି ସନ୍ଧ୍ୟାରେ ଅଙ୍ଗନବାଡ଼ି କର୍ମୀ ଓ ତାଙ୍କ ଝିଅ ପାରାଦୀପ ଜଟାଧାରୀ ମୁହାଣ ମେରାଇନ ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ପୁଲିସ ତଦନ୍ତ ଆରମ୍ଭ କରିଛି।

# ୧୦ରୁ ବିଜେପିର ତ୍ରିରଙ୍ଗା ଯାତ୍ରା

ଜଗତସିଂହପୁର,୮।୮ (ସମିସ): ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସଠାରେ ଦଳର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜକିଶୋର ବେହେରା, ସଞ୍ଜୟ ମହାନ୍ତି, ଜିଲ୍ଲା ଉପସଭାପତି ସୌଭାଗ୍ୟ ମହାନ୍ତି, ସାଧାରଣ ସମ୍ପାଦକ ଯୁଗଳ ପ୍ରଧାନ, ପୌର ପରିଷଦ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋଇ ଓ ମିଡ଼ିଆ ସେଲ ଅଧ୍ୟକ୍ଷ ଗଣେଶ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ଆଗାମୀ ଦିନର କାର୍ଯ୍ୟ ଖସଡ଼ା ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତ ମାସ ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ୨୯ ମଣ୍ଡଳରେ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ସେହିପରି ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ସମସ୍ତ ଘରେ ଓ ପ୍ରତିଷ୍ଠାନରେ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଜାତୀୟ ପତାକା ଲଗାଯିବ ଓ ୧୫ ତାରିଖ ସନ୍ଧ୍ୟାରେ ଖୋଲାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ୧୨ରୁ ୧୪ ପର୍ଯ୍ୟନ୍ତ ସମସ୍ତ ସ୍ମାରକୀ କ୍ଷେତ୍ର ଓ ସ୍ୱାଧୀନତା ସଂଗ୍ରାମୀ ପୀଠରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ କରାଯିବା ସହିତ ବରପୁତ୍ରଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ଅଗଷ୍ଟ ୧୪ରେ ଜିଲ୍ଲା ସଦର ମହକୁମାରେ ବିଭାଜନ ବିଭୀଷିକାର ସ୍ମୃତି ଦିବସ ପାଳନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଏହି ସମସ୍ତ କାର୍ଯ୍ୟକ୍ରମ ପାଇଁ ୩ ଜଣିଆ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଥିଲା। ତ୍ରିରଙ୍ଗା ଯାତ୍ରା ପାଇଁ ସଂଯୋଜକ ଭାବେ ଗଣେଶ ମହାନ୍ତି, ହର ଘର ତ୍ରିରଙ୍ଗା ପାଇଁ ସୁବାସ ଜେନା, ବିଭାଜନ ବିଭୀଷିକା ପାଇଁ ସଞ୍ଜୟ ମହାନ୍ତି ଓ ସ୍ୱଚ୍ଛ ଭାରତ ପାଇଁ ସର୍ବେଶ୍ୱର ବଳିୟାରସିଂହ ପ୍ରଭୃତି ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ସମସ୍ତ ମଣ୍ଡଳ ସଭାପତି, ସାଧାରଣ ସମ୍ପାଦକ ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ସୁବାସ ଜେନା ଧନ୍ୟବାଦ ଦେଇଥିଲେ।

# ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ

ପାରାଦୀପ, ୮।୮ (ସମିସ): ମଧୁବନସ୍ଥ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପାରାଦୀପ ଶାଖା ମୁଖ୍ୟ ଭଉଣୀ ସୁମନ, ଭଉଣୀ ଆରତୀ ଓ ଭଉଣୀ ଅନାମିକା ସମସ୍ତ ସାମ୍ବାଦିକ ଭାଇଙ୍କୁ ରାଖୀ ପିନ୍ଧାଇଥିଲେ। ସୁମନ ଭଉଣୀଙ୍କ ସଂଯୋଜନାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଭଉଣୀ ସୁମନଙ୍କ ସହିତ ରାଜେଶ ଭାଇ ଓ ବିବେକାନନ୍ଦ ଭାଇ ରକ୍ଷା ବନ୍ଧନ ଉତ୍ସବର ଆଭିମୁଖ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏ ଅବସରରେ ରକ୍ଷା ବନ୍ଧନର ଏକ ସଂକଳ୍ପ ପତ୍ର ସାମ୍ବାଦିକ ଭାଇଙ୍କୁ ବଣ୍ଟନ କରାଯାଇଥିଲା। ଲିକୁନ ଭାଇ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦୁର୍ଘଟଣାରେ ହୋଟେଲ କର୍ମଚାରୀଙ୍କ ମୃତ୍ୟୁ

ପାରାଦୀପ, ୮।୮ (ସମିସ): ପିପିଏଲ ଛକରେ ଟ୍ରକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଜିଲ୍ଲା କୋମାପାଲ୍ଲୀ ରାମନଗର ଗ୍ରାମର ନିତିନ ପଟ୍ଟନାୟକ। ସେ ପାରାଦୀପ ଏମ୍ପାୟର୍ସ ହୋଟେଲରେ କାମ କରୁଥିଲେ। ସେ ସ୍କୁଟିରେ ପାରାଦୀପରୁ ଦୋଛକି ଯାଉଥିବାବେଳେ ପିପିଏଲ ଛକରେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବାବେଳେ ଅଠରବାଙ୍କୀ ମେଡିକାଲକୁ ନିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ବାଟରେ ଅଧିକ ଗୁରୁତର ହେବାରୁ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ସୋମନାଥ ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ

ରଘୁନାଥପୁର, ୮।୮ (ସମିସ): ତରିକୁନ୍ଦ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ସୋମନାଥ ମିଶ୍ରଙ୍କ ୨୧ତମ ଶ୍ରାଦ୍ଧୋତ୍ସବ ପୁରାତନ ଛାତ୍ର ସଂଘ ଆନୁକୂଲ୍ୟରେ ଗୁରୁ ଦକ୍ଷିଣା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଚିତ୍ରାନନ୍ଦ ଦାସ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ନିଦିଆବିହାରୀ ମହାନ୍ତି, ମୁଖ୍ୟବକ୍ତା ରୂପେ ସାହିତ୍ୟିକ ହିମାଂଶୁ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ଆଚାର୍ଯ୍ୟ, ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରୀତିମଞ୍ଜରୀ ଭୂୟାଁ ଯୋଗଦେଇ ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ସ୍ୱର୍ଗତ ମିଶ୍ରଙ୍କ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଉତ୍ସବରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସଚିଦାନନ୍ଦ ଓ ଯୁଧିଷ୍ଠିର ଦାସ ମେଧା ସମ୍ମାନ ପ୍ରଦାନ କରାଯିବା ସହିତ ସ୍ୱର୍ଗତ ପ୍ରଧାନଶିକ୍ଷକ ଜୀବନ ସମ୍ପର୍କରେ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏ ଉପଲକ୍ଷେ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା। ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରାଯିବା ସହ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଶିବିରକୁ ଡାକ୍ତର ଅବଦୁଲ ମୋହିତ ପରିଚାଳନା କରିଥିବାବେଳେ କିଶୋର ଚନ୍ଦ୍ର ସାହୁ, ଅକ୍ଷୟ ବେହେରା, ରମେଶ ସାହାଣୀ, ଆର୍ତ୍ତତ୍ରାଣ ମଲ୍ଲିକ ଓ ବିଭୂଷଣ ମକଦମ ସହଯୋଗ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସୁକାନ୍ତ ମହାନ୍ତି, ଆଦିକନ୍ଦ ନାୟକ, ବସନ୍ତ ଦାଶ, ବୀରକିଶୋର ରାଉତରାୟ, ପୁରାତନ ଛାତ୍ର ଡାକ୍ତର ଅକ୍ଷୟ ମିଶ୍ର, ପ୍ରାଣକୃଷ୍ଣ ସାହୁ, ଇଲିଆସ ଖାଁ ପ୍ରମୁଖ ସହଯୋଗ କରିଥିବାବେଳେ ଶ୍ରୀବସ୍ତ ଆଚାର୍ଯ୍ୟ ଓ ବିମୋଦ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ହେଉନି ସଫେଇ କାମ**

# ନାଳରେ ଆସୁନି ପାଣି, ଜମି ଶୁଖିଲା

**ଚାଷୀଙ୍କ ଅସନ୍ତୋଷ, ତଦନ୍ତ ଦାବି**

ରଘୁନାଥପୁର,୮।୮ (ସମିସ)



କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀ ଓ ଚାଷ ପାଇଁ ବହୁ ଯୋଜନା କରୁଥିବାବେଳେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ଅଢେଇକୂଳ ପଞ୍ଚାୟତର ୭ ନମ୍ବର "କ" ନାଳ ସଫେଇ ହେଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଚାଷୀ ବର୍ଷା ପାଣିରେ ତଳି ପକାଇ ବିଲ କାଦୁଅ କରି ବସିଥିବାବେଳେ ନାଳରେ ପାଣି ଟୋପେ ନାହିଁ କି ନାଳ ସଫେଇ ବି ଏପର୍ଯ୍ୟନ୍ତ ହୋଇପାରିନି। ଏହି ନାଳ ସଫେଇ ପାଇଁ ପ୍ରତିବର୍ଷ ଅର୍ଥ ବ୍ୟୟବରାଦ ହେଉଛି। ତେବେ କୌଣସି ବର୍ଷ ନାଳ ସଫେଇ ହେଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଆବଶ୍ୟକ ସ୍ଥଳେ ନାଳ ସଫେଇ ବାହାନା କରି ଘାସ ମରା ଔଷଧ ପକାଇ ଅର୍ଥ ହଡ଼ପ କରାଯାଉଛି। ଏହି ନାଳ ଉପରେ ବଡ଼କୋରକୋର, ସାନକୋରକୋର, ଖରଦାସାହି, ଖରିକୁଦ ଓ ଗୁଆଳିପୁର ଗ୍ରାମର ହଜାର ହଜାର ଚାଷୀ ନିର୍ଭର କରନ୍ତି। ନାଳ ସଫେଇ ହେଉ ନ ଥିବା କାରଣରୁ ପାଣି ଆସୁନି। ଫଳରେ ଜମି ଶୁଖିଲା ପଡ଼ିଛି। ଏହାର ତଦନ୍ତ କରାଯିବାକୁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି।

ଶ୍ରାବଣ ମାସ ସରିବାକୁ ବସିଲାଣି। ନାଳ ସଫେଇ ହୋଇନି କି ନାଳରେ ପାଣି ଟିକେ ନାହିଁ। ସ୍ୱଳ୍ପ ବର୍ଷା କାରଣରୁ ଜମି ଫାଟି ଆଁ କଲାଣି। ଏହି ନାଳର ସଫେଇ କରିବାରେ କାହିଁକି ବାଧା ସୃଷ୍ଟି ହେଉଛି, ତା'ର ଉଚ୍ଚସ୍ତରୀୟ ତଦନ୍ତ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା କରିବାକୁ ଚାଷୀ ଦାବି ଜଣାଇଛନ୍ତି। ଏହି ନାଳ ସଫେଇ କାର୍ଯ୍ୟ ଜୁଲାଇ ମାସ ପୂର୍ବରୁ କରାଯିବା କଥା। କିନ୍ତୁ ଜଳସେଚନ ବିଭାଗ ଯନ୍ତ୍ରୀଙ୍କ ବେପରୁଆ ମନୋଭାବ ଯୋଗୁଁ ଅଗଷ୍ଟ ମାସରେ ବି ନାଳ ସଫେଇ ହୋଇପାରିନି। ଜଳସେଚନ ବିଭାଗ ଅଧିକାରୀଙ୍କ ଏଭଳି ଚରମ ଅବହେଳା ପାଇଁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଞ୍ଚୁ ଦାସ, ଦେବେନ୍ଦ୍ର ମହାନ୍ତି, ସୁଦର୍ଶନ ସେନାପତି, ଶିବନ ବେହେରା, ରବୀନ୍ଦ୍ର ବିଶ୍ୱାଳ, ବାସୁଦେବ ନାୟକ, ସୁରେଶ ପଟ୍ଟନାୟକ, ନୃସିଂହ ସାହୁ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଦୈତାରୀ ମହାନ୍ତି, ସର୍ବେଶ୍ୱର ପଟ୍ଟନାୟକ, ବିଶ୍ୱରଞ୍ଜନ ପଟ୍ଟନାୟକ, ବଂଶୀଧର ମହାରଣା, ରାଜେଶ ପଟ୍ଟନାୟକ, କୃତ୍ତିବାସ ମହାପାତ୍ର, ଶିବପ୍ରସାଦ ମହାନ୍ତି, ନରେନ୍ଦ୍ର ମହାନ୍ତି, ଚନ୍ଦ୍ରମଣି ସାହୁ ଓ ବାବାଜୀ ବାରିକ ପ୍ରମୁଖ ଦାବି ଜଣାଇବା ସହିତ ଆସନ୍ତା ୧୧ ତାରିଖରେ ରଘୁନାଥପୁର ବ୍ଲକ୍‌ରେ ହେବାକୁ ଥିବା ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଧାରଣା ଦେବେ ବୋଲି ଧମକ ଦେଇଛନ୍ତି। ଏହି ବିଭାଗ ଅଧୀନରେ ଥିବା ନାଳ ସଫେଇ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରାଗଲେ ଦୁର୍ନୀତିର ପର୍ଦ୍ଦାଫାସ ହେବ ବୋଲି ବୁଦ୍ଧିଜୀବୀ ଓ ଚାଷୀ ଦାବି କରିଛନ୍ତି।

**ସିଦ୍ଧେଶ୍ୱରୀ ବିଦ୍ୟାଳୟ ପରିସରରୁ ଗଛ କଟା ଘଟଣାକୁ ଚପାଇ ଦେବାକୁ ପ୍ରଧାନଶିକ୍ଷୟିତ୍ରୀଙ୍କ ଉଦ୍ୟମ**

# କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ଦାବି



ରଘୁନାଥପୁର,୮।୮ (ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ପୁରୁଣାବସନ୍ତ ଗ୍ରାମ ସିଦ୍ଧେଶ୍ୱରୀ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଥିବା ଗଛ ଅତି ଡାଳ କଟାଯାଇ ବିଦ୍ୟାଳୟ ପରିସରକୁ ଶ୍ରୀହୀନ କରିଥିବା ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ, ତିର୍ତ୍ତୋଲ ବିଧାୟକ, ଜିଲ୍ଲାପାଳ, ବନ ବିଭାଗ, ଜିଲ୍ଲା ଓ ବ୍ଲକ ଶିକ୍ଷାଧିକାରୀ, ତହସିଲଦାର, ରଘୁନାଥପୁର ଥାନା ଆଇଆଇସିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ହେବାର ୫ ଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାକୁ ନେଇ ଗ୍ରାମରେ ଅସନ୍ତୋଷ ବଢିବାରେ ଲାଗିଛି। ଗଛକୁ ଯେଉଁଭଳି ଭାବେ କଟାଯାଇଛି ତାହା ଆଖିରେ ନ ଦେଖିଲେ ସହଜ ଜାଣିହେବନାହି। ମଧ୍ୟାହ୍ନଭୋଜନ ଜାଳେଣୀ ପାଇଁ ସରକାର ଟଙ୍କା ଦେଉଥିବାବେଳେ ପ୍ରଧାନଶିକ୍ଷୟିତ୍ରୀ ଜାଳେଣୀ ପାଇଁ କାହିଁକି ଓ କାହା କଥାରେ ଗଛ କାଟିଲେ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ତେବେ ଗଛ କଟା ଅଭିଯୋଗ ହେବା ପରେ ପ୍ରଧାନଶିକ୍ଷୟିତ୍ରୀ ଘଟଣାକୁ ଚପାଇ ଦେବା ଉଦ୍ଦେଶ୍ୟରେ ତରବରିଆ ଭାବେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଥିବା ଜଣାପଡିଛି। ଗୋଟିଏ ପଟେ ବୃକ୍ଷ ଛେଦନ ଓ ଆରପଟେ ବୃକ୍ଷରୋପଣ ଅଞ୍ଚଳରେ କୌତୁହଳ ସୃଷ୍ଟି କରିଛି। ବିଦ୍ୟାଳୟ ପରିସରର ଯେଉଁ କ୍ଷତି ଘଟିଲା ତାହାର କିଏ ଭରଣା କରିବ? ଯଦି ଏହି ଘଟଣାର ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ଦୋଷୀଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଘେରଉ କରାଯିବ ବୋଲି ଗ୍ରାମବାସୀ, ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀ ଚେତାବନୀ ଦେଇଛନ୍ତି।

**● ୧୬ରେ ଭୁବନେଶ୍ୱରରେ ଓଷ୍ଟାର ଆନ୍ଦୋଳନ**

# ଜଗତସିଂହପୁରରୁ ଯୋଗଦେବେ ୨ ହଜାର ଶିକ୍ଷକ ଓ କର୍ମଚାରୀ

ଜଗତସିଂହପୁର,୮।୮ (ସମିସ): ୬ ଦଫା ଦାବି ପୂରଣ ନେଇ ଆସନ୍ତା ୧୬ ତାରିଖରେ ଓଡ଼ିଶା ସ୍କୁଲ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଶିକ୍ଷକ ଦାବି ଦିବସ ପାଳନ କରାଯିବ। ଏଥିରେ ଜଗତସିଂହପୁର ଜିଲ୍ଲାରୁ ପ୍ରାୟ ୨ ହଜାର ଶିକ୍ଷକ ଓ କର୍ମଚାରୀ ଯୋଗଦେବେ ବୋଲି ଜିଲ୍ଲା ଓଷ୍ଟା ପକ୍ଷରୁ ସୂଚନା ଦିଆଯାଇଛି। ଆଜି ପୂର୍ବାହ୍ନରେ ଜିଲ୍ଲା ଓଷ୍ଟା ସମ୍ପାଦକ ତଥା ଆବାହକ ନାରାୟଣ ବାରିକଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପରେ ଜିଲ୍ଲା ସଭାପତି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିବାଦ ସଭାରେ ଶତାଧିକ ଶିକ୍ଷକ ଓ କର୍ମଚାରୀ ଯୋଗଦେଇ ୬ ଦଫା ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଦାନ ଅପେକ୍ଷାରେ ଥିବା ସମସ୍ତ ସ୍କୁଲକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଚାକିରି ସର୍ତ୍ତାବଳୀ ସହିତ ପେନସନ ପ୍ରଦାନ, ୨୦୦୪ରୁ ୨୦୧୩ରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା, ସମସ୍ତ ଅନୁଦାନପ୍ରାପ୍ତ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ ଆଦି ଦାବି ରହିଛି। ଆଜି ସଭାରେ ଓଷ୍ଟାର ରାଜ୍ୟ ସମ୍ପାଦକ ସ୍ମୃତିରଞ୍ଜନ ପରିଜା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଭାଷ ଚନ୍ଦ୍ର ଦାସ, କଲେଜ ସଂଘ ସଭାପତି ମନୋରଞ୍ଜନ ମହାରଣା, ମଦ୍ରାସା ସଂଘର ସେଖ୍ ସୋଫିୟାନ, ସଂସ୍କୃତ ସଂଘର ପ୍ରଦୀପ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ସଂଘର ଯୁକ୍ତିଯୁକ୍ତ ଦାବି ପ୍ରତି ସହାନୁଭୂତିଶୀଳ ଭାବେ ବିଚାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାରଙ୍କୁ ବକ୍ତବ୍ୟ ମାଧ୍ୟମରେ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଷ୍ଟାର ଯୁଗ୍ମସଂପାଦକ ଅନୀଲ ଜେନା, ବ୍ଲକ୍ ସମ୍ପାଦକ ମନ୍ଦରଧର ସ୍ୱାଇଁ, ନିହାର ରଞ୍ଜନ ନାୟକ, ରଞ୍ଜନ ମିଶ୍ର, ଶରତ ପଣ୍ଡା ଓ ପଙ୍କଜିନୀ ନନ୍ଦ ପ୍ରମୁଖ ଶତାଧିକ ଶିକ୍ଷକ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



# ଏନ୍‌ଜେଡବ୍ଲ୍ୟୁ ପକ୍ଷରୁ ସ୍କାଉଟ୍ସ ଓ ଗାଇଡ୍ସଙ୍କ ଏକଦିବସୀୟ ତାଲିମ ଶିବିର



ଜଗତସିଂହପୁର,୮।୮ (ସମିସ): ଏନ୍‌ଜେଡବ୍ଲୁ (ଓପନ୍) ଜଗତସିଂହପୁର ୟୁନିଟ୍ ପକ୍ଷରୁ ଏନ୍‌ଜେଡବ୍ଲୁର ପ୍ରତିଷ୍ଠାତା ସ୍ୱର୍ଗତ ଅନ୍ତିମ କୁମାର ଦାସଙ୍କ ୩୧ତମ ଜୟନ୍ତୀ ଉପଲକ୍ଷେ ରାଜ୍ୟ ପୁରସ୍କାରପ୍ରାପ୍ତ ସ୍କାଉଟ୍ସ ଓ ଗାଇଡ୍ସଙ୍କ ପାଇଁ ଏକଦିବସୀୟ ତାଲିମ ଶିବିର ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ପ୍ରଥମେ ଫ୍ଲାଗ ସେରେମୋନି, ପରେ ସ୍କାଉଟ୍ସ ଓ ଗାଇଡ୍ସ ପିଲାଙ୍କୁ ନଟିଂ, ଲାସିଂ ଓ ସ୍କାଉଟ ପ୍ରୋମିଜ୍ ପାଇଁ ତାଲିମ୍ ଦିଆଯାଇଥିଲା। ଏହି ତାଲିମ୍ ଶିବିରକୁ ୟୁନିଟ୍ ଲିଡର ବିଜୟ ରଥ ଓ ୟୁନିଟର ଭାରପ୍ରାପ୍ତ ରୋଭର ଲିଡର ଆଶୁତୋଷ ପଣ୍ଡା ପରିଚାଳନା କରିଥିଲେ। ଏହି ଶିବିରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶାଳଜଙ୍ଗ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମଙ୍ଗ ଓ ଶୁଦ୍ଧାନନ୍ଦ ବିଦ୍ୟାଳୟର ୮୦ ଜଣ ସ୍କାଉଟ୍ ଓ ଗାଇଡ୍ ଯୋଗ ଦେଇଥିଲେ। ପରେ ଅନ୍ତିମ କୁମାର ଦାସଙ୍କ ସ୍ମୃତି ପରିଷଦ ପକ୍ଷରୁ ଏକ ସ୍ମୃତିସଭା ଆୟୋଜନ କରାଯାଇଥିଲା। ଏହି ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ଗୌରାଙ୍ଗ ଚରଣ ହୋତା, ମୁଖ୍ୟବକ୍ତା ଭାବେ ସୋମନାଥ ମହାରଣା, ସମ୍ମାନିତ ଅତିଥି ଭାବେ ଶୁଦ୍ଧାନନ୍ଦ ବିଦ୍ୟାଳୟ ଅଧ୍ୟକ୍ଷ ବିଶ୍ୱଜିତ୍ ସ୍ୱାଇଁ, ୟୁନିଟ୍ ଲିଡର ବିଜୟ ରଥ, ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଯଦୁନାଥ ଦାସ, ଅତୁଲ ବିକ୍ରମ ପ୍ରଧାନ, ଶରତ ବାରିକ, ଦାମୋଦର ପଣ୍ଡା, ସ୍କାଉଟର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସ୍ମୃତିରଞ୍ଜନ ସ୍ୱାଇଁ, ଜିଲ୍ଲା ସଂଗଠନ କମିଶନର ପ୍ରତାପ ରାଉତରାୟ, ଜିଲ୍ଲା ଟ୍ରେନିଂ କମିଶନର ସସ୍ମିତା ଶତପଥୀ, ବୃନ୍ଦାବନ ରାଉତ, ରାକେଶ ସାହୁ, ପ୍ରିୟଦର୍ଶିନୀ ଦାସ, ବୀଣା ଦେଇ, ଅଜୟ ଗୋଛାୟତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ଟ୍ରେନିଂ କମିଶନର ଅମୂଲ୍ୟ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶୁଦ୍ଧାନନ୍ଦ ବିଦ୍ୟାଳୟର ମୁଖ୍ୟ ପ୍ରଶାସନିକ ଅଧିକାରୀ ବ୍ରହ୍ମଚାରୀ ଯଦୁନାଥ ଦାସଙ୍କୁ ଜିଲ୍ଲାରେ ସ୍କାଉଟ୍ସ ଓ ଗାଇଡ୍ସ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ" ଅନ୍ତିମ ଦାସ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ସମସ୍ତ ସ୍କାଉଟ୍ ସିନିୟର୍ ରୋଭର ମେଟ୍ ସଂଗ୍ରାମ, କ୍ରାନ୍ତି, ସନ୍ତୋଷ, ଦୀପ୍ତି, ଆଶୁତୋଷ, ସୁଭାଶିଷ, ସୌମ୍ୟାଜିତ ଓ ସିଦ୍ଧାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ଦୁଷ୍କର୍ମ ପୀଡ଼ିତାଙ୍କୁ ଭେଟିଲା କଂଗ୍ରେସ ଟିମ୍

ଜଗତସିଂହପୁର,୮।୮ (ସମିସ): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ସାଦେଇପୁର ପଞ୍ଚାୟତ ରାଉତନୂଆଗାଁ ଗ୍ରାମର ଜଣେ ମହିଳାଙ୍କୁ ଗାଇ ଆଣିବାକୁ ଯାଇଥିବାବେଳେ ସେହି ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିଲା। ଘଟଣା ସମ୍ପର୍କରେ ପୀଡ଼ିତା ରଘୁନାଥପୁର ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୀଡିତାଙ୍କ ବୟାନ ରେକର୍ଡ କରିବା ସହିତ ଘଟଣାସ୍ଥଳକୁ ଯାଇ ଛାନଭିନ କରିଥିବା ସୂଚନା ମିଳିଛି। ଏ ପରିପ୍ରେକ୍ଷୀରେ ତିର୍ତ୍ତୋଲର କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକ ଓ ପସିସି ସଭ୍ୟ ଦେବ ପ୍ରସାଦ ନାୟକଙ୍କ ପରାମର୍ଶକ୍ରମେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ କଂଗ୍ରେସ କମିଟି ପକ୍ଷରୁ ମହିଳା କଂଗ୍ରେସ ଓ ଆର୍ତ୍ତତ୍ରାଣ ପଣ୍ଡାଙ୍କ ନେତୃତ୍ୱରେ ବ୍ଲକ୍ କଂଗ୍ରେସର ଏକ ମିଳିତ ପ୍ରତିନିଧି ଦଳ ପୀଡ଼ିତାଙ୍କ ଘରକୁ ଯାଇ ତାଙ୍କୁ ଭେଟି ଆଲୋଚନା କରିବା ସହ ତଥ୍ୟ ଅନୁସନ୍ଧାନ କରିଛନ୍ତି। ପରେ ରଘୁନାଥପୁର ଥାନାକୁ ଯାଇ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ଉପସଭାପତି ସର୍ବେଶ୍ୱର ପଣ୍ଡା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ଦାସ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ମହିଳା କଂଗ୍ରେସ ସଭାପତି ଅନୁସୁୟା ପ୍ରଧାନ, ପ୍ରାଚୀ ଚଇନି, ସ୍ୱପ୍ନାରାଣୀ ଦାସ, ବସନ୍ତ ନାୟକ, ପୁଷ୍ପାଞ୍ଜଳି ଦାସ, ନାରାୟଣ ନାୟକ, ପ୍ରତ୍ୟୁଷ ନାୟକ, ସୁଶୀଲ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ଘଟଣାରେ ଅଭିଯୁକ୍ତ ଗିରଫ

ରଘୁନାଥପୁର,୮।୮ (ସମିସ): ରଘୁନାଥପୁର ଥାନା ସାଦେଇପୁର ରାଉତନୂଆଗାଁ ଗ୍ରାମର ଜଣେ ମହିଳାଙ୍କୁ ଟେକିନେଇ ଦୁଷ୍କର୍ମ ଉଦ୍ୟମ ଘଟଣାରେ ପୁଲିସ ଅଭିଯୁକ୍ତ ସନ୍ତୋଷ ଦାସକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସନ୍ତୋଷକୁ ଜେଲ୍‌କୁ ପଠାଇ ଦିଆଯାଇଛି। ବୁଧବାର ଅପରାହ୍ନରେ ମହିଳା ଜଣଙ୍କ ନିକଟସ୍ଥ ନଦୀପଠାକୁ ଗାଇ ଆଣିବାକୁ ଯାଇଥିବାବେଳେ ଅଭିଯୁକ୍ତ ସନ୍ତୋଷ ତାଙ୍କୁ ବଣକୁ ଟେକିନେଇ ଦୁଷ୍କର୍ମ ଉଦ୍ୟମ କରିଥିବା ସେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ୧୭୦/୨୫ରେ ମାମଲା ରୁଜୁ ହୋଇଥିଲା। କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ପ୍ରଶାନ୍ତ ଦାସ ଓ ସର୍ବେଶ୍ୱର ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ ପୀଡ଼ିତାଙ୍କ ଘରକୁ ଯାଇ ଆଲୋଚନା କରିଥିଲେ। ପରେ ରଘୁନାଥପୁର ଥାନା ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ଅଭିଯୁକ୍ତକୁ ଗିରଫ କରିବା ପାଇଁ ଦାବି କରିଥିଲେ। ଅଭିଯୁକ୍ତ ସନ୍ତୋଷକୁ ଧରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଥିବାବେଳେ ଏ ନେଇ ପୁଲିସ ପକ୍ଷରୁ ବିଭିନ୍ନ ଆଡେ ଜାଲ ବିଛାଯାଇଥିଲା। ଅଭିଯୁକ୍ତ ସନ୍ତୋଷ ଫେରାର ଉଦ୍ୟମ କରୁଥିବା ସମୟରେ ପୁଲିସ ତାକୁ ତହସିଲଠାରୁ ବିରାଟକଟକ ରାସ୍ତାରେ ଧରିବାକୁ ସକ୍ଷମ ହୋଇଥିବା ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି।

**ଠିକାଦାରଙ୍କ ମନମୁଖୀ କାମ**

# ମାଛଗାଁ ପଞ୍ଚାୟତରେ ପାନୀୟଜଳ ପ୍ରକଳ୍ପ ଅଧପନ୍ତରିଆ

ବାଲିକୁଦା,୮।୮ (ସମିସ)



ବାଲିକୁଦା ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗର ଠିକାଦାର ପ୍ରୀତିକୁ ନେଇ ଅଭିଯୋଗ କରିଛନ୍ତି ମାଛଗାଁ ପଞ୍ଚାୟତବାସୀ। ୪ ବର୍ଷ ପୂର୍ବେ ମାଛଗାଁ ପଞ୍ଚାୟତ ଜନସାଧାରଣଙ୍କୁ ପାନୀୟଜଳ ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ପାନୀୟଜଳ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। ପ୍ରାୟ ୧ କୋଟି ଅନୁଦାନରେ ଓଭରହେଡ଼ ଟାଙ୍କି ସହ ପାଇପ ଯୋଗେ ପ୍ରତ୍ୟେକ ପରିବାରକୁ ପାନୀୟଜଳ ଯୋଗାଇ ଦେବାକୁ ଟେଣ୍ଡର କରାଯାଇଥିଲା। ଟେଣ୍ଡର ପାଇଥିବା ଠିକାଦାର ନଳିନୀ ସ୍ୱାଇଁ ଦୀର୍ଘ ବର୍ଷ ଧରି ଏହି କାର୍ଯ୍ୟକୁ ଅଧାପନ୍ତରିଆ କରି ଛାଡି ଚାଲିଯାଇଥିଲେ। ଏ ନେଇ ବାରମ୍ବାର ପଞ୍ଚାୟତବାସୀଙ୍କ ଅଭିଯୋଗ ପରେ ବିଭାଗ ପକ୍ଷରୁ ଠିକାଦାରଙ୍କୁ ଜରିମାନା କରାଯିବ ବୋଲି ଚେତାବନୀ ଦିଆଯିବା ପରେ କାର୍ଯ୍ୟ ଆରମ୍ଭ କରିଥିଲେ ଠିକାଦାର। ତେବେ ଟାଙ୍କି କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇ ନ ଥିବାବେଳେ ପାଇପ ପଡିବା କାର୍ଯ୍ୟ ମଧ୍ୟ ଅଧା ହୋଇପଡ଼ିଛି। ଅବଧି ଶେଷ ପରେ ମଧ୍ୟ ଠିକାଦାରଙ୍କ ପକ୍ଷରୁ ଅଧା କାର୍ଯ୍ୟ କରାଯାଇ ନ ଥିବାବେଳେ ବିଭାଗ ପକ୍ଷରୁ ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ପଞ୍ଚାୟତରେ ୧୪୦୦ରୁ ଅଧିକ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ହେବାକୁ ଥିବାବେଳେ ୨୦୦ରୁ କମ ଷ୍ଟାଣ୍ଡ ପୋଷ୍ଟ ଏପର୍ଯ୍ୟନ୍ତ ସୁଦ୍ଧା ଠିକାଦାର ସଂସ୍ଥା ପକ୍ଷରୁ କରାଯାଇଛି। ତେବେ ୮୦୦ ଷ୍ଟାଣ୍ଡ ପୋଷ୍ଟର ବିଲ ଠିକାଦାରଙ୍କୁ ପ୍ରଦାନ କରି ବିଭାଗ ଠିକାଦାର ପ୍ରୀତି ଦେଖାଉଥିବା ଅଭିଯୋଗ କରିଛନ୍ତି ମାଛଗାଁ ପଞ୍ଚାୟତବାସୀ। ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଏହାର ତଦନ୍ତ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଦୀର୍ଘବର୍ଷ ଧରି ପାନୀୟଜଳରୁ ପଞ୍ଚାୟତବାସୀଙ୍କୁ ବଞ୍ଚିତ କରିଥିବା ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ଭରତ ଭୂଷଣ ଲେଙ୍କା କହିଛନ୍ତି, ଏହା ପ୍ୟାକେଜଭିତ୍ତିକ ଟେଣ୍ଡର ଥିଲା। ଏହି ପ୍ରକଳ୍ପ ସହ ବାଲିକୁଦା ଓ ନାଉଗାଁ ବ୍ଲକରେ ୧୩ଟି ଓଭରହେଡ଼ ଟାଙ୍କି ନିର୍ମାଣ ଦାୟିତ୍ୱ ଠିକାଦାର ନେଇଥିଲେ। ବିଳମ୍ବ ହେତୁ ତାଙ୍କଠାରୁ ଜରିମାନା ଆଦାୟ କରାଯିବ। ତେବେ ବିଲ ପ୍ରସଙ୍ଗକୁ ମଧ୍ୟ ସ୍ୱୀକାର କରିଥିଲେ।

# ରବୀନ୍ଦ୍ରନାଥ ଠାକୁରଙ୍କ ଶ୍ରାଦ୍ଧ ଦିବସ ପାଳିତ



ଏରସମା/ରାହାମା,୮।୮ (ସମିସ): ଉତ୍କଳ ଗ୍ରାମ ସ୍ୱରାଜ୍ୟ ଓ ସରକାରୀ ଉଚ୍ଚବିଦ୍ୟାଳୟ ପଣ୍ଡୁଆ ମିଳିତ ଆନୁକୂଲ୍ୟରେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ୮୪ତମ ତିରୋଧାନ ଦିବସ ଉପଲକ୍ଷେ ଉଚ୍ଚବିଦ୍ୟାଳୟ ପରିସରରେ ଉତ୍କଳ ଗ୍ରାମ ସ୍ୱରାଜ୍ୟ ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ଅତିଥିଙ୍କ ସହିତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। କବୟିତ୍ରୀ ଡକ୍ଟର ବସନ୍ତକୁମାରୀ ନନ୍ଦଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଡକ୍ଟର ଶ୍ରୀମତୀ ନନ୍ଦ ପିଲାଙ୍କୁ ଗୀତ ମାଧ୍ୟମରେ ଭଲ କାମ କରିବାକୁ ଉତ୍ସାହିତ କରିବା ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ବିଶ୍ୱକବିଙ୍କ ବିଭିନ୍ନ କୃତିତ୍ୱର ସ୍ମୃତିଚାରଣ କରିବା ସହିତ ଭଲ ମଣିଷ ହେବାକୁ ବୁଝାଇଥିଲେ। ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି ପିଲାଙ୍କୁ ନୈତିକ ବିକାଶ କରି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଣ୍ଡିତ ନାଗୁଚରଣ ଦେବତା ସୁନ୍ଦର ଚେତନା ଜାଗ୍ରତକାରୀ ଗଳ୍ପ ଶୁଣାଇ ଓ ବିଶିଷ୍ଟ ଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିମାଇଁ ଚରଣ ମଲ୍ଲିକ ଶୈକ୍ଷିକ ମୂଲ୍ୟବୋଧର ବିକାଶ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ବକ୍ତା ଆଧ୍ୟାତ୍ମିକ ଚେତନା ପରିଷଦ ଓ ବିଭୁ ବୈଭବର ସମ୍ପାଦକ ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ସାଧନାର ସଫଳତାର ଉଦାହରଣ ଦେଇ ଭୟଶୂନ୍ୟ, ନିରଳସ ଭାବେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବାଶିଷ ଲେଙ୍କା ବିଶ୍ୱକବିଙ୍କ ସାହିତ୍ୟ, ଦର୍ଶନ, ସଂଗୀତ ଓ ନାଟକ ଅମର ହୋଇ ରହିବ ପ୍ରକାଶ କରିଥିବାବେଳେ ସମ୍ମାନିତ ଅତିଥି ଡକ୍ଟର ଭଗବତୀ ଖଟୁଆ, ଡକ୍ଟର ନିରଞ୍ଜନ ଖଟୁଆ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ଶୁଭଶ୍ରୀ ସାହିତ୍ୟ ସଂସଦ ସମ୍ପାଦିକା ଡକ୍ଟର ବସନ୍ତମଞ୍ଜରୀ ଦାସ ଓ ପ୍ରାଧ୍ୟାପକ ମନୋଜ ମହାପାତ୍ର, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଭାଗ୍ୟଧର ସ୍ୱାଇଁ ପ୍ରମୁଖ ଯୋଗଦେଇ ରବୀନ୍ଦ୍ରନାଥ ଠାକୁରଙ୍କ କାଳଜୟୀ କୃତିତ୍ୱର ସ୍ମୃତିଚାରଣ କରିଥିଲେ। ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ମନୋଜ ମହାପାତ୍ରଙ୍କୁ ରବୀନ୍ଦ୍ରନାଥ ଠାକୁର ସମ୍ମାନ ପ୍ରଦାନ କରାଯାଇଥିଲା।



### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୬୬ ● ପାଉଣ୍ଡ ୧୧୭.୦୨
- ୟୁରୋ ୧୦୨.୩୫ ● ୟେନ୍ ୦.୫୯


### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୪,୭୦୦ (ନୂଆଦିଲ୍ଲୀ)
- ରୁପା : ୧,୨୦,୨୦୦ (କେଜି)

### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୯,୮୫୭.୦୦
- ନିଫ୍ଟି ୨୪,୩୬୩.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



ଶୁଳ୍କ ବଢ଼ାଇବା ପରେ ପୁଣି ରାଗିଲେ ଟ୍ରମ୍ପ

# ଆଉ କୌଣସି ଆଲୋଚନା ହେବନି

ୱାଶିଂଟନ,୮।୮ (ଏଜେନ୍ସି)




## ୨୫ରେ ଭାରତ ଆସିବେନି ଆମେରିକୀୟ ପ୍ରତିନିଧି ଦଳ

ବାଣିଜ୍ୟ ଶୁଳ୍କ କ୍ଷେତ୍ରରେ ଟ୍ରମ୍ପ ପ୍ରଶାସନର ହିଟ୍ ଲିଷ୍ଟରେ ଥିବା ଭାରତ ଉପରେ ପୁଣି ରାଗିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଭାରତ ଉପରେ ସର୍ବାଧିକ ୫୦% ଶୁଳ୍କ ଲାଗୁ କରିବା ପରେ ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି ଆମେରିକା ରାଷ୍ଟ୍ରପତି । ଭାରତ ସହିତ ଆଉ କୌଣସି ପ୍ରକାର ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା କରାଯିବନାହିଁ ବୋଲି ଆଜି ରୋକ୍‌ଠୋକ୍ ଶୁଣାଇଦେଇଛନ୍ତି ଟ୍ରମ୍ପ । ଟ୍ରମ୍ପଙ୍କ ଏହି ଘୋଷଣା ପରେ ବାଣିଜ୍ୟ ଚୁକ୍ତି ପାଇଁ ଚଳିତମାସ ୨୫ରେ ଭାରତ ଆସିବାକୁ ଥିବା ଆମେରିକୀୟ ପ୍ରତିନିଧି ଦଳର ଗସ୍ତ ମଧ୍ୟ ବନ୍ଦ ହୋଇଯାଇଛି । ଓଭାଲ୍ କାର୍ଯ୍ୟାଳୟଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବାବେଳେ ଟ୍ରମ୍ପ ଭାରତ ବିରୁଦ୍ଧରେ ଏପରି ମନ୍ତବ୍ୟ ଦେଇଥିଲେ ।

ଜୋରିମାନା ବାବଦ ଅତିରିକ୍ତ ଶୁଳ୍କ ଲାଗୁ କରିବା ପରେ ଭାରତ ସହିତ ଆଉ ଆଲୋଚନା କରିବାର ସମ୍ଭାବନା ରହିଛି କି ବୋଲି ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ଟ୍ରମ୍ପ କହିଲେ ଯେ ପର୍ଯ୍ୟନ୍ତ ଆମେ ଏହାର ସମାଧାନ କରିନାହୁଁ ସେ ପର୍ଯ୍ୟନ୍ତ ନୁହେଁ । ରୁଷ ସହ ବାଣିଜ୍ୟ କରିବା ନେଇ ଟ୍ରମ୍ପ ଭାରତକୁ ଏକପାଖିଆ ଟାର୍ଗେଟ୍ କରିବା ଜାରି ରଖିଛନ୍ତି । ନିଜେ ଆମେରିକା, ୟୁରୋପୀୟ ସଂଘ (ଇୟୁ) ଓ ଅନ୍ୟମାନେ ଋଷ ସହ ବାଣିଜ୍ୟ କରୁଥିବାବେଳେ କେବଳ ଭାରତକୁ ଟାର୍ଗେଟ୍ କରାଯାଉଛି । ଅନ୍ୟମାନଙ୍କ ଅପେକ୍ଷା ଭାରତ ବିରୁଦ୍ଧରେ ଆମେରିକା ସର୍ବାଧିକ ଶୁଳ୍କ ଲାଗୁ କରିଛି । ଭାରତର ପଡ଼ୋଶୀ ପାକିସ୍ତାନ ଉପରେ ୧୯ ପ୍ରତିଶତ, ବାଂଲାଦେଶ ଉପରେ ୧୯ ପ୍ରତିଶତ ଏମିତିକ ଚୀନ ବିରୁଦ୍ଧରେ ୩୦ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ, ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି ଟ୍ରମ୍ପ । ଦୁଇଟି ପର୍ଯ୍ୟାୟରେ ସେ ୨୫-୨୫ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି । ପ୍ରଥମ ପର୍ଯ୍ୟାୟ ୨୫ ଶୁଳ୍କ ଗତକାଲିଠାରୁ ଲାଗୁ ହୋଇଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଶୁଳ୍କ ଅଗଷ୍ଟ ୨୭ରେ ଲାଗୁ ହେବ ।

ସେପଟେ ଭାରତ ଉପରେ ଶୁଳ୍କ ଲାଗ କରିବାକୁ ବିରୋଧ କରିଛନ୍ତି ଋଷ, ଚୀନ, ବ୍ରାଜିଲ ଭଳି ଦେଶ । ଅନ୍ୟପଟେ ଭାରତ ଆମେରିକାର ଦୋମୁହାଁ ନୀତିକୁ ସମାଲୋଚନା କରିଥିବାବେଳେ ସାମ୍ନାରେ ମୁଣ୍ଡ ନଇଁବ ନାହିଁ ବୋଲି ରୋକଠୋକ୍ ଶୁଣାଇ ଦେଇଛି । ହେଲେ ଟ୍ରମ୍ପଙ୍କର ଏହି ଘୋଷଣା ପରେ ଆମେରିକାର କୌଣସି ଟିମ୍ ଆଲୋଚନା ପାଇଁ ଭାରତ ଆସି ନ ପାରନ୍ତି । ଟ୍ରମ୍ପଙ୍କର ଏହି ନିଷ୍ପତ୍ତି ପରେ ଦୁଇ ଦଶନ୍ଧୀରେ ଭାରତ ଓ ଆମେରିକା ମଧ୍ୟରେ ସମ୍ପର୍କ ଅତି ନିମ୍ନ ସ୍ତରକୁ ଚାଲିଯାଇଛି ।

କମିଲା ପନିପରିବା ଦର

# ଜୁନ୍‌ରେ କମିଲା ଶାକାହାରୀ ଥାଳି ମୂଲ୍ୟ

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଜୁଲାଇ ମାସରେ ପନିପରିବା ମୂଲ୍ୟରେ କିଛି ହ୍ରାସ ଯୋଗୁଁ ଘରେ ରନ୍ଧା ନିରାମିଷ ଏବଂ ନିରାମିଷ ଖାଦ୍ୟର ହାରାହାରି ମୂଲ୍ୟ ହ୍ରାସ ଘଟିଛି । ଗୁରୁବାର ପ୍ରକାଶିତ ଏକ ରିପୋର୍ଟରେ ଏହି ସୂଚନା ଦିଆଯାଇଛି । କ୍ରିସିଲ୍ ଇଣ୍ଟେଲିଜେନ୍ସର ରୋଟି-ଚାୱଲ୍ ରେଟ୍ ରିପୋର୍ଟ ଅନୁଯାୟୀ, ନିରାମିଷ ଥାଳିର ମୂଲ୍ୟ ବର୍ଷସାରା ୧୪ ପ୍ରତିଶତ ହ୍ରାସ ପାଇ ୨୮.୧ ଟଙ୍କା ହୋଇଛି ଯାହା ପୂର୍ବରୁ ୩୨.୬ ଟଙ୍କା ଥିଲା । ତଥାପି, ଏହା ମାସିକ ଆଧାରରେ ଚାରି ପ୍ରତିଶତ ବୃଦ୍ଧି ପାଇଛି, ଯେତେବେଳେ ଜୁନ୍ ମାସରେ ଏହା ୨୭.୧ ଟଙ୍କା ଥିଲା । ନିରାମିଷ ଖାଦ୍ୟର ମୂଲ୍ୟ ବର୍ଷସାରା ୧୩ ପ୍ରତିଶତ ଏବଂ ମାସିକ ଆଧାରରେ ଦୁଇ ପ୍ରତିଶତ ହ୍ରାସ ପାଇ ପ୍ରତି ଥାଳି ପିଛା ୫୩.୫ ଟଙ୍କା ହୋଇଛି । ଏହାର ନିର୍ଦ୍ଦେଶକ ପୁଷଣ ଶର୍ମା କହିଛନ୍ତି ଯେ ନିକଟ ଭବିଷ୍ୟତରେ, ଟମାଟୋ ମୂଲ୍ୟର ଉଚ୍ଚ ଆଧାର ଯୋଗୁଁ ଥାଳି ମୂଲ୍ୟ ବର୍ଷସାରା କମ୍ ରହିବ ବୋଲି ଆଶା କରାଯାଉଛି । ଡାଲିର ଆନୁମାନିକ ଅଧିକ ଉତ୍ପାଦନ ମଧ୍ୟ ମୂଲ୍ୟକୁ କମ କରିବାର ସମ୍ଭାବନା ଅଛି । ତଥାପି, ଶର୍ମା କହିଛନ୍ତି ଯେ ଆଳୁ ଏବଂ ପିଆଜ ମୂଲ୍ୟ ଆଗକୁ ସ୍ଥିର ରହିବା ଆଶା କରାଯାଉଥିବାରୁ ଏହି ହ୍ରାସ ସୀମିତ ହୋଇପାରେ । ରିପୋର୍ଟରେ କୁହାଯାଇଛି ଯେ ଟମାଟୋ, ପିଆଜ ଏବଂ ଆଳୁର ମୂଲ୍ୟରେ ତୀବ୍ର ହ୍ରାସ ଯୋଗୁଁ ନିରାମିଷ ଥାଳିର ମୂଲ୍ୟ ହ୍ରାସ ପାଇଛି । ଏହାବ୍ୟତୀତ, ଗତ ବର୍ଷର ସମାନ ସମୟ ତୁଳନାରେ ଉତ୍ପାଦନ ଏବଂ ଷ୍ଟକ୍ ସ୍ତର ଅଧିକ ଥିବାରୁ ଡାଲିର ମୂଲ୍ୟ ବର୍ଷସାରା ୧୪ ପ୍ରତିଶତ ହ୍ରାସ ପାଇଛି ଏବଂ ଚାଉଳର ମୂଲ୍ୟ ମଧ୍ୟ ଚାରି ପ୍ରତିଶତ ହ୍ରାସ ପାଇଛି ।

## କ୍ୟାବିନେଟ୍ ନିଷ୍ପତ୍ତି

● ଘରୋଇ ଏଲପିଜି ବାବଦ କ୍ଷତି ଭରଣା

# ତୈଳବିପଣନ କମ୍ପାନୀଙ୍କୁ ମିଳିବ ୩୦ ହଜାର କୋଟି

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଘରୋଇ ଏଲପିଜି ବିକ୍ରିରେ ହୋଇଥିବା କ୍ଷତି ପାଇଁ ଦେଶର ୩ଟି ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀ (ଆଇଓସିଏଲ, ବିପିସିଏଲ ଏବଂ ଏଚପିସିଏଲ) କୁ ୩୦ ହଜାର କୋଟି ଟଙ୍କା ଦେବେ କେନ୍ଦ୍ର ସରକାର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି । ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଏହି କ୍ଷତିପୂରଣ ଅର୍ଥ ରାଶିକୁ ତୈଳ ବିପଣନ କମ୍ପାନୀଗୁଡ଼ିକ ମଧ୍ୟରେ ବିତରଣ କରିବ । କ୍ଷତିପୂରଣ ୧୨ଟି ପର୍ଯ୍ୟାୟରେ ପ୍ରଦାନ କରାଯିବ । ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀ ଆଇଓସିଏଲ, ବିପିସିଏଲ ଏବଂ ଏଚପିସିଏଲ ନିୟନ୍ତ୍ରିତ ମୂଲ୍ୟରେ ଉପଭୋକ୍ତାମାନଙ୍କୁ ଘରୋଇ ଏଲପିଜି ସିଲିଣ୍ଡର ଯୋଗାଇ ଦିଅନ୍ତି । ୨୦୨୪-୨୫ରେ ଏଲପିଜିର ଅନ୍ତର୍ଜାତୀୟ ମୂଲ୍ୟ ଉଚ୍ଚ ସ୍ତରରେ ରହିଥିଲା ଏବଂ ବର୍ତ୍ତମାନ ମଧ୍ୟ ଏହା ଉଚ୍ଚ ରହିଛି । ତଥାପି, ଅନ୍ତର୍ଜାତୀୟ ଏଲପିଜି ମୂଲ୍ୟରେ ଅସ୍ଥିରତାରୁ ଉପଭୋକ୍ତାମାନଙ୍କୁ ରକ୍ଷା କରିବା ପାଇଁ ମୂଲ୍ୟ ବୃଦ୍ଧିର ପ୍ରଭାବ ଘରୋଇ ଏଲପିଜିର ଉପଭୋକ୍ତାଙ୍କ ଉପରେ ପଡ଼ିବାକୁ ଦିଆଯାଇ ନ ଥିଲା ।

# ଉଜ୍ଜ୍ୱଳା ହିତାଧିକାରୀଙ୍କୁ ୩୦୦ ଟଙ୍କାର ସବ୍‌ସିଡି

## ତେଲ କମ୍ପାନୀଙ୍କୁ ସରକାର ଦେବେ ୩୦୦ କୋଟି

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ୨୦୨୫-୨୬ ଆର୍ଥିକବର୍ଷରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କ ପାଇଁ ସବ୍‌ସିଡି ସୁବିଧା ଜାରି ରହିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୈଠକରେ ଆଜି ଏହି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏହି ଯୋଜନାରେ ହିତାଧିକାରୀଙ୍କୁ ୧୪.୨ କିଲୋଗ୍ରାମ ସିଲିଣ୍ଡର ପିଛା ୩୦୦ ଟଙ୍କାର ସବ୍‌ସିଡି ପ୍ରଦାନ କରାଯାଇଥାଏ । ଜଣେ ହିତାଧିକାରୀ ବାର୍ଷିକ ୯ଟି ସିଲିଣ୍ଡର ପର୍ଯ୍ୟନ୍ତ ଏହି ସବସିଡି ପାଇପାରିବେ । ସାରା ଦେଶରେ ଗରିବ ପରିବାରର ମହିଳାମାନଙ୍କୁ ମାଗଣା ଏଲପିଜି ସଂଯୋଗ ଦେବାର ଲକ୍ଷ୍ୟ ନେଇ ୨୦୧୬ ମେ’ ମାସରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମୟୁୱାଇ)ର ଶୁଭାରମ୍ଭ କରାଯାଇଥିଲା । ଜୁଲାଇ ପହିଲା ୨୦୨୫ ସୁଦ୍ଧା ଏହି ଯୋଜନାର ମୋଟ୍ ୧୦.୩୩ କୋଟି ହିତାଧିକାରୀ ରହିଛନ୍ତି ।

ଜାତୀୟ ହସ୍ତତନ୍ତ ଦିବସ ଓ ରକ୍ଷା ବନ୍ଧନ

# ଅରୁନ୍ଧତୀ ଗ୍ରୁପ ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଭୁବନେଶ୍ୱର,୮।୮ (ସମିସ)



ଅରୁନ୍ଧତୀ ବାନ୍ଧକଳା ପକ୍ଷରୁ ଜାତୀୟ ହସ୍ତତନ୍ତ ଦିବସ ଓ ରକ୍ଷାବନ୍ଧନ ଉପଲକ୍ଷେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏହାର ଭୁବନେଶ୍ୱର ଶାଖାଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏନ୍‌ଆଇଏଫ୍‌ଟି ନିର୍ଦ୍ଦେଶକ ରାଜେଶ ଝା ମୁଖ୍ୟ ଅତିଥି,ବିଶିଷ୍ଟ ସମାଜସେବୀ ମୀରା ପରିଡା ଓ ଅନୁଶ୍ରୀ ଦାଶ ସମ୍ମାନିତ ଅତିଥ୍ୟ ଭାବେ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନେ ଅରୁନ୍ଧତୀ ବାନ୍ଧକଳା ଜନପଥଠାରେ ନୂଆ ହସ୍ତତନ୍ତ ମେସିନକୁ ଉନ୍ମୋଚନ କରିବା ସହ ବସ୍ତ୍ରବୁଣା ପଦ୍ଧତିକୁ ଅବଲୋକନ କରି ଉପସ୍ଥିତ ବୁଣାକାରମାନଙ୍କ ସହ ବିଚାରବିମର୍ଶ କରିଥିଲେ ।

ସମାନ୍ତରାଳ ଭାବେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ପ୍ରାକୃତିକ ହୀରାଗହଣାକୁ ନେଇ ଏକ ନୂତନ ସାଧରଣୀକରଣ ‘ମାଇଁ ଷ୍ଟୋରୀ ମାଇଁ ଡାଏମଣ୍ଡସ୍’ କୁ ଏହି ଅବସରରେ ଉନ୍ମୋଚନ କରାଯାଇଥିଲା । ଏହା ମାଧ୍ୟମରେ ଗ୍ରାହକଙ୍କ ନିମନ୍ତେ ପ୍ରସ୍ତୁତ ସ୍ୱତନ୍ତ୍ର ୧୦୦୦ରୁ ଉର୍ଦ୍ଧ୍ୱ ହୀରାଗହଣାର ଡିଜାଇନ ଅରୁନ୍ଧତୀର ସମସ୍ତ ଶାଖାମାନଙ୍କରେ ଆକର୍ଷଣୀୟ ଅଫର ମାଧ୍ୟମରେ ଉପଲବ୍ଧ କରାଯାଇଛି ଅରୁନ୍ଧତୀର ସମସ୍ତ ଶାଖାରେ ଉପଲବ୍ଧ ଡାଏମଣ୍ଡ ଚେକିଂ ମେସିନ୍ ମାଧ୍ୟମରେ ଗ୍ରାହକମାନେ ହୀରାର ମାନକୁ ପରୀକ୍ଷଣ କରାଇପାରିବା ସହ ପ୍ରକୃତ ହୀରା ବିଷୟରେ ଜାଣି ପାରିବେ, ଯାହା ହୀରାଗହଣା କ୍ରୟ କ୍ଷେତ୍ରରେ ଏକ ଆଧୁନିକ ବିଶ୍ୱାସଭରା ସେବା ଯୋଗାଇଦେଇପାରିବ । ଏହି ଅବସରରେ ଅରୁନ୍ଧତୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଉପସ୍ଥିତ ଅତିଥିମାନଙ୍କୁ ସାଧୁବାଦ ଜଣାଇବା ସହ ନିଜ ଅଭିଭାଷଣରେ ଅରୁନ୍ଧତୀ ବାନ୍ଧକଳା, ଓଡିଶା ହସ୍ତତନ୍ତ ଓ ବୁଣାକାର ସମ୍ପ୍ରଦାୟର ସମନ୍ୱିତ ବିକାଶ ଦିଗରେ କାର୍ଯ୍ୟ କରିବା ସହ ଗ୍ରାହକମାନଙ୍କ ନିମନ୍ତେ ସମସ୍ତ ପ୍ରକାର ସମ୍ବଲପୁରୀ ହାଣ୍ଡଲୁମ ସୁଲଭ ମୂଲ୍ୟରେ ଯୋଗାଇଦେବା ସମ୍ବନ୍ଧରେ ପ୍ରକାଶ କରିଥିଲେ । ଉଲ୍ଲେଖଯୋଗ୍ୟ ବର୍ତ୍ତମାନର ବନ୍ଧନ ଅଫରରେ ଅରୁନ୍ଧତୀ ଦ୍ୱାରା ସମ୍ବଲପୁରୀ ବାନ୍ଧକଳାରେ ପ୍ରସ୍ତୁତ ସ୍ୱତନ୍ତ୍ର ହାଣ୍ଡଲୁମ ଉପରେ ଫ୍ଲାଟ ୧୫% + ୫% ର ପ୍ରିଭିଲେଜ୍ ଡିସ୍କାଉଣ୍ଟ ରହିଛି । ସେହିଭଳି ଉଲ୍ଲେଖ୍ ଅଫରରେ ବନ୍ଧନ ଲଞ୍ଚ କରାଯାଇଛି, ଯେଉଁଥିରେ ଜିରୋ ପେମେଣ୍ଟରେ କ୍ରୟ ଯୋଜନା ଖୋଲିପାରିବାର ସୁଯୋଗ ପ୍ରଦାନ କରାଯାଉଛି । ହୀରାଗହଣାର ପ୍ରତି କ୍ୟାରେଟ ହୀରାମୂଲ୍ୟରେ ୨୦,୦୦୦ ଟଙ୍କା ଫ୍ଲାଟ୍ ରିଆତି ସହ ମାଗଣା ସୁନା କଏନ୍ ପ୍ରଦାନ କରାଯାଉଛି । ଏହାସହିତ ପ୍ରିମିୟମ୍ ରେଞ୍ଜର ସୁନାଗହଣାର ଗଢ଼ାମଜୁରୀରେ ଫ୍ଲାଟ ୫୦% ରିଆତି ଭଳି ଆକର୍ଷଣୀୟ ଅଫର ସୀମିତ ଅବଧି ପାଇଁ ଉପଲବ୍ଧ ।

# ମାଲାବାର ଗୋଲ୍ଡ ପକ୍ଷରୁ ‘ଏକ୍ସକ୍ଲୁଶିଭ୍ ବ୍ରାଣ୍ଡେଡ୍ ଜୁଏଲାରୀ’ ଶୋ’




ଭୁବନେଶ୍ୱର,୮।୮ (ସମିସ)

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ଏହାର ଭୁବନେଶ୍ୱର ସହିଦ ନଗରସ୍ଥିତ ଶୋ’ରୁମ୍‌ଠାରେ ଏକ’ ଏକ୍ସକ୍ଲୁଶିଭ୍ ବ୍ରାଣ୍ଡେଡ୍ ଜୁଏଲାରୀ’ ଶୋ’ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଭାବେ ମିସେସ୍ ଗ୍ରାଣ୍ଡ ଇଣ୍ଟର ନ୍ୟାସନାଲ ୨୦୨୩-୨୪ ଡକ୍ଟର ସାଇପ୍ରସନ୍ନ ବେହେରା ଉଦଘାଟନ କରିଛନ୍ତି । ଏହି ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ପରିଚାଳନାଟିମ୍, ବିଶିଷ୍ଟ ଅତିଥି ଏବଂ ଶୁଭେଚ୍ଛୁଙ୍କ ଉପସ୍ଥିତିରେ ଉଦଘାଟନ କରିଛନ୍ତି । ଏହି ‘ ଏକ୍ସକ୍ଲୁଶିଭ୍ ବ୍ରାଣ୍ଡେଡ୍ ଜୁଏଲାରୀ’ ଶୋ’ ହେଉଛି ସୁନା, ମାଇନ୍ ଡାଏମଣ୍ଡ, ଅନ୍‌କଟ୍ ହୀରା ଏବଂ ମୂଲ୍ୟବାନ ରତ୍ନ ପଥର ଅଳଙ୍କାରର ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଏବଂ ବିକ୍ରି । ଏଥିରେ ପ୍ରଦର୍ଶନ ହେବାକୁ ଥିବା କାଳଜୟୀ ସୌନ୍ଦର୍ଯ୍ୟ ଥିବା ବୈଶିଷ୍ଟ୍ୟଯୁକ୍ତ ଅଳଙ୍କାରଗୁଡ଼ିକ ହେଉଛି ମାଷ୍ଟର କାରିଗରଙ୍କର ସୃଷ୍ଟି । ଏହି ଅଳଙ୍କାରଗୁଡ଼ିକ ସେମାନଙ୍କର ବିଶେଷଜ୍ଞତା ଏବଂ ଚତୁର ଦକ୍ଷତାର ଉଜ୍ଜ୍ୱଳ ଉଦାହରଣ । ଏଥିରେ ମାଇନ୍-ଡାଇମଣ୍ଡସ୍,ଏରା- ଅନ୍‌କଟ୍ ହୀରା ଅଳଙ୍କାର, ପ୍ରିସିଆ - ମୂଲ୍ୟବାନ ରତ୍ନ ଅଳଙ୍କାରର ସ୍ୱତନ୍ତ୍ର ବ୍ରାଣ୍ଡଗୁଡ଼ିକ ପ୍ରଦର୍ଶିତ ହୋଇଛି । ଏହି ଶୋ’ ଅଗଷ୍ଟ ୮ରୁ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ସମୟରେ ଗ୍ରାହକମାନେ ସମସ୍ତ ସୁନା, ଅନ୍‌କଟ୍ ଏବଂ ରତ୍ନପଥର ଉପରେ ଫ୍ଲାଟ୍ ୩୦% ଅଫର ପାଇପାରିବେ । ସେହିପରି ହୀରା ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ରିଆତି ରହିଛି ।

# ଏପିବି ଇଣ୍ଟରନ୍ୟାସନାଲ ସ୍କୁଲରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

କଟକ,୮।୮ (ସମିସ)




ବିଦ୍ୟାଳୟରେ ଅଧ୍ୟୟନ ସାଙ୍ଗକୁ ଛାତ୍ର ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ହେଉଛି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦାୟିତ୍ୱ । ଏହା ଦାୟିତ୍ୱକୁ ପ୍ରାଧାନ୍ୟ ଦେଇ ଆସୁଛି ସିଡିଏ ସେକ୍ଟର-୭ ସ୍ଥିତ ଏପିବି ଇଣ୍ଟରନ୍ୟାସନାଲ ସ୍କୁଲ । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ନିଜସ୍ୱ ପରିସରରେ ରୋଟାରୀ କ୍ଲବ ସହଯୋଗରେ ଛାତ୍ର ଛାତ୍ରୀମାନଙ୍କର ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା । କଟକର ବିଶେଷଜ୍ଞ ଚିକିତ୍ସକମାନେ ଶିବିରରେ ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଆବଶ୍ୟକୀୟ ଚିକିତ୍ସା ନିମନ୍ତେ ବିଦ୍ୟାର୍ଥୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କାନ, ନାକ, ଦାନ୍ତ ଓ ଚକ୍ଷୁ ପରୀକ୍ଷା କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ଚୌଧୁରୀ ପ୍ରଜ୍ଞା ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା ।

ରୋଟାରୀ କ୍ଲବର ସହଯୋଗ ପାଇଁ ସଭାପତି ଏବଂ କ୍ଲବର୍ ସଦସ୍ୟଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମିଶ୍ର କୃତଜ୍ଞତା ଜଣାଇଥିଲେ । ସ୍କୁଲର ଏଭଳି ପ୍ରୟାସକୁ ଅଭିଭାବକ ମହଲରୁ ପ୍ରଶଂସା କରାଯାଇଛି ।

# ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର,୮।୮ (ସମିସ): ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା ଏବଂ ବିକାଶ କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ବିଭାଗ ଓ ବାଙ୍ଗାଲୋରର ବେସିକ୍ ନିଡ୍‌ସ ଇଣ୍ଡିଆର ମିଳିତ ପ୍ରୟାସରେ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀର ମୁଖ୍ୟ ଅତିଥି ଡାକ୍ତର ମୁକେଶ ମହାଲିଙ୍ଗ କହିଥିଲେ, ମନୁଷ୍ୟ ଅଧିକ ଦିନ ଧରି ମାନସିକ ଚାପରେ ରହିଲେ, ତାହା ମାନସିକ ଅସୁସ୍ଥତା ଆଡ଼କୁ ଗତି କରିଥାଏ । ଏହାର ସଠିକ୍ ପରିଚାଳନା କରିବାକୁ ହେଲେ ଚାପରେ ରହୁଥିବା ସମୟରେ ବ୍ୟବହାରରେ ସକରାତ୍ମକ ଚିନ୍ତା ଆଣିବାକୁ ପଡ଼ିବ । ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ବିଷୟରେ ଲୋକଙ୍କୁ ସଚେତନ କରିବା ସହ ମାନସିକ ବିକାର, ଛୋଟ ପିଲାଙ୍କ ମାନସିକ ଚାପକୁ କିପରି ନିୟନ୍ତ୍ରଣ କରିହେବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ବଲାଙ୍ଗିର, ବରଗଡ଼, ଅନୁଗୋଳ, ସୁବର୍ଣ୍ଣପୁର ଏବଂ କନ୍ଧମାଳ ଜିଲ୍ଲାରୁ ଆସିଥିବା ମାନସିକ ରୋଗ ଏବଂ ମାନସିକ ବିଷାଦରୁ ମୁକ୍ତ ହୋଇଥିବା ବ୍ୟକ୍ତିବିଶେଷ ଏ ବାବଦରେ ବୁଝାଇବା ସହ ସେଥିରୁ ମୁକୁଳିବା ପାଇଁ ନିଜର ଚିନ୍ତାଧାରାକୁ ସକାରାତ୍ମକ କରିବା ଏବଂ ମନ ଭିତରକୁ ପ୍ରବେଶ କରୁଥିବା ନକାରାତ୍ମକ ଚିନ୍ତାଧାରାକୁ ଦୂରେଇ ମାନସିକ ଚାପରୁ ମୁକୁଳିବାର ଉପାୟମାନ ପ୍ରଦାନ କରଯାଇଥିଲା । ବୈଠକରେ ସ୍ୱତନ୍ତ୍ର ସଚିବ ଡା. ଜିତେନ୍ଦ୍ର ମୋହନ ବେବୋର୍ଥା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବ୍ରତାତି ହରିଚନ୍ଦନ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶା ବିଧାନସଭାର ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ

ଭୁବନେଶ୍ୱର,୮।୮ (ସମିସ)

ଓଡ଼ିଶା ବିଧାନସଭାର ନୂତନ ୱେବ୍‌ସାଇଟ୍‌କୁ ଶୁକ୍ରବାର ବାଚସ୍ପତି ସୁରମା ପାଢ଼ୀ ଉନ୍ମୋଚନ କରିଛନ୍ତି । ଓଡ଼ିଶା ସରକାରଙ୍କ ଆଇଟି ଓ ଇଟି ବିଭାଗ ଏବଂ ଭାରତ ସରକାରଙ୍କ ଏନ୍‌ଆଇସିର ବୈଷୟିକ ପରାମର୍ଶରେ ବିକଶିତ ହୋଇଥିବା ଏହି ନୂତନ ୱେବ୍‌ସାଇଟ୍ ବିଧାନସଭା କାର୍ଯ୍ୟଧାରାକୁ ଜନସାଧାରଣଙ୍କ ପାଇଁ ଅଧିକ ସୁଗମ ଏବଂ ସ୍ୱଚ୍ଛ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହା ନାଗରିକମାନଙ୍କୁ ବିଧାନସଭାର କାର୍ଯ୍ୟକଳାପ, ନିଷ୍ପତ୍ତି ଏବଂ ପଦକ୍ଷେପ ବିଷୟରେ ସଠିକ୍ ଏବଂ ସବିଶେଷ ସୂଚନା ପ୍ରଦାନ କରିବ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ପ୍ରକାଶ କରିଛନ୍ତି ।

ଆସନ୍ତା ୨୯ ଓ ୩୦ ତାରିଖ ଦୁଇଦିନ ଧରି ଭୁବନେଶ୍ୱରରେ ଜାତୀୟ ସ୍ତରର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷମାନଙ୍କ ସମ୍ମିଳନୀ ଆୟୋଜିତ ହେବ । ଉକ୍ତ ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓ ରାଜ୍ୟସଭାର ଉପାଧ୍ୟକ୍ଷ ଏବଂ ସଂସଦର ଉଭୟ ଗୃହ ଓ ସମସ୍ତ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିମାନଙ୍କର ଅଧ୍ୟକ୍ଷ ଓ ସଦସ୍ୟମାନେ ଯୋଗଦେବେ । ଅତିଥିମାନେ ଏହି ନୂତନ ୱେବ୍‌ସାଇଟ୍‌ରେ ପାର୍ଲାମେଣ୍ଟ ଦ୍ୱାରା ପ୍ରଦତ୍ତ ଲିଙ୍କ୍‌ରେ ରେଜିଷ୍ଟ୍ରେସନ୍ କରିବାର ସୁବିଧା ପାଇବେ ବୋଲି ବାଚସ୍ପତି କହିଛନ୍ତି । ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ୍ ଦେବ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ଓକାକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ରାଉତ, ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଇରଙ୍ଗପୁର ପୁଲିସ୍ ଜିଲ୍ଲା ପାଇଁ ୪୦ ପଦବୀ ସୃଷ୍ଟି

ରାଇରଙ୍ଗପୁର, ୮।୮ (ସମିସ): ନବଗଠିତ ରାଇରଙ୍ଗପୁର ପୁଲିସ୍ ଜିଲ୍ଲା ପାଇଁ ଗୃହ ବିଭାଗ ପକ୍ଷରୁ ଗତ ୬ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ମୟୂରଭଞ୍ଜରୁ ପୃଥକ କରାଯାଇ ରାଇରଙ୍ଗପୁର ପୁଲିସ ଜିଲ୍ଲା ଗଠନ ସହ ମୋଟ ୪୦ଟି ନୂତନ ପଦବୀ ସୃଷ୍ଟି କରାଯାଇଛି । ପୂର୍ବରୁ ରହିଥିବା ୨୦ଟି ପଦବୀର ପୁନଃବଣ୍ଟନ କରାଯିବ । ସମସ୍ତ ପଦବୀର ଦରମା ଏବଂ ଅନ୍ୟାନ୍ୟ ଭତ୍ତା ସରକାରଙ୍କ ଦ୍ୱାରା ଅନୁମୋଦିତ ହାରରେ ପ୍ରଯୁଜ୍ୟ ହେବ । ଏହି ୪୦ଟି ନୂତନ ପଦ ମଧ୍ୟରୁ ୭ଟି ଗ୍ରୁପ୍-ଡି ପଦବୀ ଯଥା ୨ଟି ରୋଷେୟା, ୨ଟି ଝାଡୁଦାର, ୧ଟି ନାପିତ ଏବଂ ୨ଟି ଧୋବା ପଦବୀ ଆଉଟସୋର୍ସିଂ ମାଧ୍ୟମରେ ପୂରଣ କରାଯିବ ।

ବିଜ୍ଞପ୍ତି ଅନୁଯାୟୀ, ରାଇରଙ୍ଗପୁର ପୁଲିସ ଜିଲ୍ଲାକୁ ଦୁଇଟି ପୁଲିସ ଉପଖଣ୍ଡ ଭାବେ ରାଇରଙ୍ଗପୁର ଏବଂ କରଞ୍ଜିଆକୁ ବିଭକ୍ତ କରାଯାଇଛି । ଏହା ଅଧୀନରେ ୧୪ଟି ଥାନା ରହିବ । ରାଇରଙ୍ଗପୁର ପୁଲିସ୍ ଉପଖଣ୍ଡରେ ରାଇରଙ୍ଗପୁର, ରାଇରଙ୍ଗପୁର ଟାଉନ୍, ବାଦାମପାହାଡ଼, ଗୋରୁମାହିଷାଣୀ, ବିଶୋଇ, ତିରିଂ, ବହଳଦା ଏବଂ ଜାମଦା ଥାନା ରହିବ । ସେହିପରି କରଞ୍ଜିଆ ପୁଲିସ୍ ଉପଖଣ୍ଡରେ କରଞ୍ଜିଆ, ଠାକୁରମୁଣ୍ଡା, ମହୁଲଡିହା, ରରୁଆଁ, ଘାଘରବେଡା ଏବଂ ଯଶିପୁର ଥାନା ରହିବ ।

ଛାତ୍ରୀ ଓ ମହିଳା ସୁରକ୍ଷା ପ୍ରସଙ୍ଗ

# ରାଜ୍ୟବ୍ୟାପୀ ଆନ୍ଦୋଳନ ସଫଳ ହୋଇଛି: ଯୁବ ଓ ଛାତ୍ର ବିଜେଡି

ଭୁବନେଶ୍ୱର,୮।୮ (ସମିସ)

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଘଟୁଥିବା ଛାତ୍ରୀ ଓ ମହିଳା ନିର୍ଯାତନା ଘଟଣା ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ପୂର୍ବଘୋଷିତ କାର୍ଯ୍ୟକ୍ରମ ଆଧାରରେ ଅଗଷ୍ଟ ୧ରୁ ୮ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଆନ୍ଦୋଳନ ସଫଳ ହୋଇଛି ବୋଲି ବିଜେଡି କହିଛି । ଏହି ଅଭିଯାନର ଶେଷ ଦିନରେ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇଥିଲେ । ଉପଯୁକ୍ତ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଦାବିରେ ପୁଲିସ୍ ଡିଜିଙ୍କ ଉଦ୍ଦେଶ୍ୟରେ ନିକଟସ୍ଥ ଥାନା ଓ ଏସପି ଅଫିସରେ ସ୍ମାରକପତ୍ର ପ୍ରଦାନ କରିଥିଲେ । ବିଜେପି ସରକାରରେ ଗତ ୧୩ ମାସ ମଧ୍ୟରେ ରାଜ୍ୟରେ ଘଟିଥିବା ପ୍ରମୁଖ ଛାତ୍ରୀ ଓ ମହିଳା ନିର୍ଯାତନା ଘଟଣାମାନ କେବଳ ମହିଳାଙ୍କ ସୁରକ୍ଷା ଉପରେ ନୁହେଁ; ବରଂ ଆଇନ ଓ ଶାସନ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି । ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ, ଗୋପାଳପୁର ବିଚ୍‌ରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ପୁରୀ ଜିଲ୍ଲା ବଳଙ୍ଗାରେ ନାବାଳିକାକୁ ଜିଅନ୍ତା ଜାଳି ଦିଆଯିବା ସହ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଘଟୁଥିବା ଛାତ୍ରୀ ଓ ମହିଳା ବିରୋଧୀ ଘଟଣାର ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଡକରା ଦିଆଯାଇଥିବା ଏହି ଆନ୍ଦୋଳନକୁ ବିପୁଳ ସମର୍ଥନ ମିଳିଛି । ସମସ୍ତ କ୍ୟାମ୍ପସର ଛାତ୍ରଛାତ୍ରୀଙ୍କ ସହିତ ସଂଗଠନର ରାଜ୍ୟ କର୍ମକର୍ତ୍ତା ଏବଂ ଜିଲ୍ଲା କର୍ମକର୍ତ୍ତାଙ୍କ ଅକ୍ଳାନ୍ତ ପରିଶ୍ରମରେ ଆନ୍ଦୋଳନ ସଫଳ ହୋଇଥିବାରୁ ସମସ୍ତଙ୍କୁ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ବିଧାୟକ ବ୍ୟୋମକେଶ ରାୟ ଓ ବିଧାୟକ ଦେବୀ ରଂଜନ ତ୍ରିପାଠୀ ଧନ୍ୟବାଦ ଜଣାଇଛନ୍ତି ।

## ଆଜିର ରାଶିଫଳ

**ମେଷ:** ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନୂତନ ଜମି କ୍ରୟ କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହୋଇପାରେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ପଡୋଶୀଙ୍କ ସହ ସୁସମ୍ପର୍କ ରହିବ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଅଟକି ଥିବା କାର୍ଯ୍ୟ ସମାପନ ହେବ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ:** ଜୀବନସାଥୀଙ୍କ ସାନ୍ନିଧ୍ୟ ମିଳିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ।

**କନ୍ୟା:** ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ପିଲାମାନେ ଖେଳକୁଦରେ ସମୟ ବିତାଇବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି।

**ବିଛା:** ସ୍ୱାସ୍ଥ୍ୟ ଭଲ ରହିବ। ସନ୍ତାନଙ୍କ ଖୁସିରେ ଖୁସି ହେବେ। ଅଚାନକ ଖୁସି ଖବର ମିଳିବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ଧନୁ:** ସୃଜନାଶୀଳତା ବୃଦ୍ଧି ପାଇବ। ଅଧିକ ଖର୍ଚ୍ଚାନ୍ତ ହେବେ। ପ୍ରେମ ବ୍ୟାପାରରେ ସଫଳ ହେବେ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ପୁରୁଣା ନିବେଶରୁ ଲାଭ ମିଳିବ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ। ପ୍ରେମିକା-ପ୍ରେମିକଙ୍କ ପାଇଁ ଦିନଟି ଭଲ।

## ଆଜିର ଇତିହାସ

- ୧୮୩୧- ଆମେରିକାରେ ପ୍ରଥମ ଥର ବାଷ୍ପଚାଳିତ ଇଞ୍ଜିନ୍ ଚାଲିଲା।
- ୧୮୯୨- ଥୋମାସ୍ ଆଲ୍ଭା ଏଡିସନ୍ ଟୁ ୱେ ଟେଲିଗ୍ରାଫକୁ ପେଟେଣ୍ଟ କରାଇଲେ।
- ୧୯୪୫- ଆମେରିକା ଜାପାନର ନାଗାସାକି ସହର ଉପରେ ଦ୍ୱିତୀୟ ପରମାଣୁ ବୋମା ପକାଇଲା।
- ୨୦୧୯ - ଉତ୍ତର ପ୍ରଦେଶରେ ଗୋଟିଏ ଦିନରେ ୨୨୦ ମିଲିଅନ୍ ଗଛ ଲଗାଗଲା।


## ଅଗଷ୍ଟ କ୍ରାନ୍ତି ଦିବସ



ଆଜି ଅଗଷ୍ଟ କ୍ରାନ୍ତି ଦିବସ। ଭାରତର ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ୧୯୪୨ ଅଗଷ୍ଟ ୯ ତାରିଖରେ ପରାଧୀନ ଭାରତକୁ ବ୍ରିଟିଶ ଶାସନରୁ ମୁକ୍ତ କରିବା ପାଇଁ ଏହି ଦିନ ଭାରତଛାଡ଼ ଆନ୍ଦୋଳନର ମୂଳଦୁଆ ପକାଇ ଥିଲେ ଜାତିର ପିତା ମହାତ୍ମା ଗାନ୍ଧୀ। ଏହାପରେ ଭାରତବାସୀ ଏକଜୁଟ୍ ହୋଇ ବ୍ରିଟିଶମାନଙ୍କ ବିରୋଧରେ ଲଢ଼େଇ କରିଥିଲେ। ଫଳରେ ବ୍ରିଟିଶ ସରକାର ଦେଶ ଛାଡ଼ିବାକୁ ବାଧ ହୋଇଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଭାରତର ସହାୟତା ବଦଳରେ ଇଂରେଜମାନେ ଭାରତକୁ ମୁକ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ନିଜ କଥାରୁ ଓହରି ଯାଇଥିଲେ। ଯାହା ଫଳରେ ଇଂରେଜଙ୍କ ଠାରୁ ସ୍ୱାଧୀନତା ଛଡ଼ାଇ ଆଣିବା ଲାଗି ୧୯୪୨ ଅଗଷ୍ଟ ୮ ରେ ଭାରତୀୟ ଜାତୀୟ କଂଗ୍ରେସ ଇଂରେଜ ସରକାର ବିରୋଧରେ ଭାରତ ଛାଡ଼ ଆନ୍ଦୋଳନର ଡାକରା ଦେଇଥିଲା। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ କମିଟି ତାହାର ବମ୍ବେ ଅଧିବେଶନରେ ଏହି ନିର୍ଣ୍ଣାୟକ ଆନ୍ଦୋଳନ ପାଇଁ ସଂକଳ୍ପ ପାରିତ କରିଥିଲା। ଆନ୍ଦୋଳନ ଆରମ୍ଭ ପୂର୍ବରୁ ଗାନ୍ଧୀଙ୍କ ସମେତ କଂଗ୍ରେସର ସମସ୍ତ ପ୍ରମୁଖ ନେତାଙ୍କୁ ଗିରଫ କରି ନିଆଯାଇଥିଲା। ଏହାପରେ ଇଂରେଜମାନେ ଗାନ୍ଧିଜୀଙ୍କୁ ପୁନେର ଆଗା ଖାଁ ପ୍ୟାଲେସରେ ବନ୍ଦୀ କରି ରଖିଥିଲେ। ଅବଶ୍ୟ ଗାନ୍ଧିଜୀ ଅହିଂସା ଭାବେ ଏହି ଆନ୍ଦୋଳନର ଡାକରା ଦେଇଥିଲେ। ମାତ୍ର ଆନ୍ଦୋଳନ ସମୟରେ ଅନେକ ସ୍ଥାନରେ ହିଂସା, ଦଙ୍ଗା ଆଦି ଦେଖିବାକୁ ମିଳିଥିଲା। ଦେଶରେ ଧନଜୀବନ ନଷ୍ଟ ହେଲା। ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଯାଇ ସମସ୍ତ ନେତା, କ୍ରାନ୍ତିକାରୀ ଏବଂ ସଂଗ୍ରାମୀମାନଙ୍କୁ ଗିରଫ କରାଯାଇଥିଲା। ସେହି ସମୟରେ ଇଂରେଜଙ୍କ କବଳରୁ ବର୍ତ୍ତି ଯାଇଥିବା ଜଣେ କ୍ରାନ୍ତିକାରୀ ଯୁବା ନେତ୍ରୀ ଅରୁଣା ଆସଫ୍ ଅଲ୍ଲୀ ୧୯୪୨ ଅଗଷ୍ଟ ୯ ତାରିଖରେ ମୁମ୍ବାଇର ଗୋୱାଲିଆ ଟ୍ୟାଙ୍କ ମଇଦାନରେ (ବର୍ତ୍ତମାନର କ୍ରାନ୍ତି ମଇଦାନ) ତ୍ରିରଙ୍ଗା ଉଡ଼ାଇ ଭାରତ ଛାଡ଼ ଆନ୍ଦୋଳନର ଶୁଭାରମ୍ଭ କରିଥିଲେ। ଏହି ଆନ୍ଦୋଳନ ଅହିଂସା ମାର୍ଗରେ ହେଉ ବୋଲି ଗାନ୍ଧିଜୀ ଆବାହନ କରିଥିଲେ କିନ୍ତୁ ଦେଶର ଅନେକ ସ୍ଥାନରେ ହିଂସା ଦେଖିବାକୁ ମିଳିଥିଲା। ଯାହାକୁ ଗାନ୍ଧିଜୀ ପସନ୍ଦ କରିନଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଇଂରେଜମାନେ ଭାଙ୍ଗି ପଡ଼ିଥିଲେ। ଠିକ୍ ଏହି ସମୟରେ ଗାନ୍ଧିଜୀଙ୍କ ଏହି ଆନ୍ଦୋଳନ ଭାରତକୁ ସ୍ୱାଧୀନତା ଦେବାରେ ଉଚିତ ମାର୍ଗ ସାଜିଥିଲା। ମହାତ୍ମା ଗାନ୍ଧୀଙ୍କ 'କର ବା ମର' ମନ୍ତ୍ରରେ ଉଦ୍‌ବୁଦ୍ଧ ଏହି ଆନ୍ଦୋଳନ ନେତୃତ୍ୱ ଅଭାବ, ଦୁର୍ବଳ ସମନ୍ୱୟ, ଅସ୍ପଷ୍ଟ ଯୋଜନା ଓ ବ୍ରିଟିଶ କର୍ତ୍ତୃପକ୍ଷଙ୍କ ଦମନ ଯୋଗୁଁ ବେଶୀ ଦିନ ଟିକି ନ ଥିଲା। ଅବଶ୍ୟ ଏହା ଦେଶବାସୀଙ୍କୁ ଇଂରେଜ ଶାସନ ବିରୋଧରେ ଏକଜୁଟ କରିବାରେ ସଫଳ ହୋଇଥିଲା। ଏହାର ଫଳ ସ୍ୱରୂପ ୧୯୪୭, ଅଗଷ୍ଟ ୧୫ ତାରିଖରେ ଭାରତ ଇଂରେଜ ଶାସନ କବଳରୁ ମୁକ୍ତ ହୋଇ ସ୍ୱାଧୀନତା ପ୍ରାପ୍ତି କରିଥିଲା। ଏହି ଐତିହାସିକ ବିପ୍ଳବ ଥିଲା ଭାରତର ସ୍ୱାଧୀନତା ପାଇଁ ଏକ ମୁକ୍ତିର ମଶାଲ। ଆଜିର ଦିନରେ ଦେଶ ପାଇଁ ଜୀବନ ଦେଇଥିବା ବୀର ସଂଗ୍ରାମୀମାନଙ୍କ ବଳିଦାନକୁ ମନେ ପକାଉଛନ୍ତି କୋଟି କୋଟି ଭାରତୀୟ।

### ଆଜି ଆସିଥିଲେ

## ସ୍ୱଭାବକବି ଗଙ୍ଗାଧର ମେହେର



ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ଯେଉଁ କେତେଜଣ ଆଗଧାଡ଼ିର ସାହିତ୍ୟିକଙ୍କ ନାମ ଆସିଥାଏ ତନ୍ମଧ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେର ଅନ୍ୟତମ। ତାଙ୍କ ଲେଖନୀ ମୁନରୁ ଝରି ପଡ଼ିଥିବା ଅକ୍ଷର ସବୁ ଓଡ଼ିଆ ସାହିତ୍ୟର ଅମ୍ଳାନ କୀର୍ତ୍ତି ହୋଇରହିଛି। ସେ ଏକାଧାରରେ ପ୍ରକୃତି କବି, ସ୍ୱଭାବ କବି ଭାବେ ପରିଚିତ ଥିଲେ। ପ୍ରକୃତି ଚିତ୍ରଣରେ ତାଙ୍କର ସ୍ୱତନ୍ତ୍ର ଦୃଷ୍ଟିକୋଣ ଥିଲା। କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ ପରି ତାଙ୍କର କବିତାଗୁଡ଼ିକ ଉଚ୍ଚ ଆଳଙ୍କରିକ ଶବ୍ଦ, ଅନନ୍ୟ ସଂଯୋଜନା ଶୈଳୀ, ଉପମା, ରୂପକ ଓ ଯଥାର୍ଥ ଶବ୍ଦାବଳୀର ଉପଯୁକ୍ତ ପ୍ରୟୋଗ ସହ ସମୃଦ୍ଧ। ଗଙ୍ଗାଧର ୧୮୬୨ ମସିହା ଆଜିର ଦିନରେ ଅବିଭକ୍ତ ସମ୍ବଲପୁର ବର୍ତ୍ତମାନ ବରଗଡ଼ ଜିଲ୍ଲା ବରପାଲି ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରେ ଦାରିଦ୍ର୍ୟର କଷାଘାତ ଯୋଗୁଁ ସେ ଅଧିକ ଶିକ୍ଷାଲାଭ କରିପାରି ନ ଥିଲେ। କିନ୍ତୁ ପିଲାଦିନରୁ ସେ କବିତା ଲେଖିବା ଆରମ୍ଭ କରିଥିଲେ। ଓଡ଼ିଶାର ପୁରାତନ କବିମାନଙ୍କ ପଦାଙ୍କ ଅନୁସରଣ କରି ସେମାନଙ୍କ ଶୈଳୀରେ ସେ ନିଜର ପ୍ରଥମ ଲେଖା ସବୁ ଲେଖିଥିଲେ। ତାଙ୍କର ଆଦ୍ୟ ରଚନାବଳୀ ଭିତରେ 'ରସ ରତ୍ନାକର' ଓ 'ଅହଲ୍ୟାସ୍ତବ' ଅନ୍ୟତମ। ଏଗୁଡ଼ିକ ରୀତିଯୁଗୀୟ ଶୈଳୀରେ ରଚନା କରାଯାଇଥିଲା। ସ୍ୱଳ୍ପ ଶିକ୍ଷା ସତ୍ତ୍ୱେ ବି ତାଙ୍କର ଓଡ଼ିଆ ଓ ସଂସ୍କୃତ ଭାଷାରେ ଗଭୀର ଜ୍ଞାନ ଥିଲା। ଏକ ସାଧାରଣ ଚାକିରି କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ସେଥିପାଇଁ ତାଙ୍କୁ ବହୁ ବାଧାବିଘ୍ନର ସାମ୍ନା କରିବାକୁ ପଡ଼ିଥିଲା। ପରବର୍ତ୍ତୀ ସମୟରେ ତାଙ୍କ ପ୍ରତିଭାଦୀପ୍ତ ଓ ପ୍ରଚଣ୍ଡ ସୃଜନଶୀଳ ସତ୍ତା ସୃଷ୍ଟି କରିଥିଲା ବହୁ କାଳଜୟୀ କାବ୍ୟ ଓ କବିତା। ଓଡ଼ିଆ ଭାଷା ମହାସଙ୍କଟ ଦେଇ ଗତି କରୁଥିଲାବେଳେ 'ଇନ୍ଦୁମତୀ', 'କୀଚକବଧ', 'ତପସ୍ୱିନୀ', 'ପ୍ରଣୟବଲ୍ଲରୀ', 'ଉତ୍କଳ ଲକ୍ଷ୍ମୀ', 'ଅଯୋଦ୍ଧା ଦୃଶ୍ୟ' ଭଳି ଉଚ୍ଚକୋଟୀର କାବ୍ୟ ଓ କବିତା ରଚନା କରି ଓଡ଼ିଆ ଭାଷା ଆନ୍ଦୋଳନକୁ ସେ ତେଜୀୟାନ କରିଥିଲେ। 'ଅର୍ଘ୍ୟଥାଳି' ହେଉଛି ତାଙ୍କର ଲୋକପ୍ରିୟ କବିତା ସଂଗ୍ରହ। ତାଙ୍କ ରଚିତ ଶେଷ କାବ୍ୟ ଥିଲା 'ପଦ୍ମିନୀ'। ଗଙ୍ଗାଧରଙ୍କ କବିତାଗୁଡ଼ିକ ଯେତିକି ସୁନ୍ଦର, ତାଙ୍କର ଜୀବନଶୈଳୀ ବି ଥିଲା ବେଶ୍ ସାବଲୀଳ। ପ୍ରକୃତିର ଅସାଧାରଣ ବର୍ଣ୍ଣନା, ଆଦର୍ଶ ଚରିତ୍ର ଚିତ୍ରଣ, ମାନବତାର ଜୟଗାନ ଆଦି ଥିଲା ତାଙ୍କ ସାହିତ୍ୟ କୃତିର ବିଶେଷତ୍ୱ। ୧୯୨୪ ମସିହା ଏପ୍ରିଲ୍ ୪ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା।

## ମୃଣାଳଙ୍କ ପ୍ରେମରେ ଧନୁଷ୍ !

ବଲିଉଡ୍ ଅଭିନେତ୍ରୀ ମୃଣାଳ ଠାକୁରଙ୍କ ଜନ୍ମଦିନ ପାର୍ଟି ଏବେ ଚର୍ଚ୍ଚାରେ ରହିଛି। କାରଣ ଏଥିରେ ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଧନୁଷ୍ ଯୋଗ ଦେଇଥିଲେ। ତେବେ ଧନୁଷ୍ 'ସନ୍ ଅଫ୍ ସର୍ଦ୍ଦାର୍ ୨'ର ସ୍କ୍ରିନିଂ ପାଇଁ ମୁମ୍ବାଇ ଆସିଥିଲେ। ଏହି ସମୟରେ ସେ ମୃଣାଳଙ୍କ ଜନ୍ମଦିନ ପାର୍ଟିରେ ଯୋଗ ଦେଇଥିଲେ। 'ସନ୍ ଅଫ୍ ସର୍ଦ୍ଦାର ୨' ଲିଡ୍ ରୋଲରେ ଅଜୟ ଦେବଗନ୍ ଓ ମୃଣାଳ ଠାକୁର ନଜର ଆସିଛନ୍ତି। ଫିଲ୍ମର ସ୍କ୍ରିନିଂ ଇଭେଣ୍ଟରେ ଉଭୟ କଥା ହେଉଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ଏହାପରେ ଧନୁଷ୍ ମୃଣାଳଙ୍କୁ ଡେଟ୍ କରୁଥିବା ଖବର ଜୋର୍ ଧରିଛି। ଏହାପୂର୍ବରୁ ମୃଣାଳ ଧନୁଷଙ୍କ ଫିଲ୍ମ 'ତେରେ ଇସ୍କ ମେଁ' ପାର୍ଟିରେ ଯୋଗ ଦେଇଥିଲେ। କନିକା ଢିଲୋଁ ଏହାର କିଛି ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଥିଲେ। ଏଥିରେ ଧନୁଷ୍ ଓ ମୃଣାଳ ଗୋଟିଏ ଫ୍ରେମ୍‌ରେ ନଜର ଆସିଥିଲେ। ସେବେଠାରୁ ଉଭୟଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ହେଉଛି। ତେବେ ଏହାକୁ ନେଇ ଧନୁଷ୍ କିମ୍ବା ମୃଣାଳ କୌଣସି ମନ୍ତବ୍ୟ ଦେଇ ନାହାନ୍ତି। ଏଠାରେ ପ୍ରକାଶ ଥାଉ କି, ଧନୁଷ୍ ପୂର୍ବରୁ ସାଉଥ୍ ଇଣ୍ଡଷ୍ଟ୍ରୀର ଭେଟେରାନ୍ ଅଭିନେତା ରଜନୀକାନ୍ତଙ୍କ ଝିଅ ଐଶ୍ୱର୍ଯ୍ୟାଙ୍କୁ ବିବାହ କରିଥିଲେ। ଉଭୟ ବିବାହର ୧୮ ବର୍ଷ ପରେ ୨୦୨୨ରେ ଅଲଗା ହୋଇଯାଇଥିଲେ।



## ରାକ୍ଷୀ ପୂର୍ଣ୍ଣିମା



ପୁଷ୍ପଲତା ସାହୁ

ଶ୍ରାବଣ ମାସର ପୂର୍ଣ୍ଣିମା ତିଥିରେ
ହେଉଛି ରକ୍ଷା ବନ୍ଧନ
ମୋ ଭାଇ ହାତରେ ରାକ୍ଷୀ ବାନ୍ଧିବି
ଦେଇ ମଥାରେ ଟୋପି ଚନ୍ଦନ॥
ହାତରେ ବାନ୍ଧିବି ନାଲି ପାଟ ଡୋର
ଖୁଆଇବି ମିଠା ଲଡୁ
ଠାକୁର ପାଖରେ ମନାସି କରିବି ମୋ
ଭାଇ ଆୟୁଷ ବଢୁ॥
ଏତିକି ଅଳି ମୁଁ କରିବି ଭାଇକୁ
କେବେ କରିବୁନି ପର
ସୁଖରେ ଦୁଃଖରେ ସାହା ହୋଇଥିବୁ
ଭଉଣୀ ତୋର ନିଜର॥
ଗାଁ ଘର ମୋର ଲିପା ପୋଛା କରି
ଛାଟି ଦେଲି ଗହ୍ମା ଚିତା
ହଳ ଲଙ୍ଗଳର ଝୋଟି ମୁଁ ଲେଖିଲି
ସୋଲେ କରି ମାଳ ଗୁନ୍ଥା॥
ବଉଳା ଗାଈ ମୋ ଧୋବ ଫରଫର
ତା ଶିଙ୍ଗେ ଢାଉ ମୁଁ ବୋଳି
ମଥାରେ ସିନ୍ଦୂର ବେକେ ଫୁଲମାଳ
ଖୋଇଲି ସରୁ ଚକୁଳି॥
ଆମରି ଗୁହାଳେ ବନ୍ଧା ହୋଇଛନ୍ତି
କାଳିଆ କପିଳା ଦୁଇ
ଗହ୍ମା ପୂର୍ଣ୍ଣିମାରେ ପୂଜା ସେ ହୁଅନ୍ତି
ହଳ ସେ କରନ୍ତି ନାହିଁ॥
ଚାଷୀ ଘର ଝିଅ ଅଟଇ ମୁହିଁ ଯେ,
ବାପା ଅଜା ଅମଳର
ଦେଖି ଆସୁଅଛି ଏ ବିଧି ବିଧାନ
କେବେ ମନୁ ଭୁଲି ନାହିଁ॥ ■

କେନ୍ଦ୍ରାପଡ଼ା
ମୋ-୮୭୫୮୩୨୧୯୭



## ରକ୍ଷା ବନ୍ଧନ



ଆଚାର୍ଯ୍ୟ କ୍ଷିତୀଶ ଜେନା

ମୁନା ଶୋଇଥିବା ଦେଖିତ ମାମୁନି
କହେ ଉଠିପଡ଼ ଭାଇ
ସକାଳ ହେଲାଣି ଯାଇଛୁ କି ଭୁଲି
ଆଜିପା ରାକ୍ଷୀ ପୁନେଇଁ।
ଚଞ୍ଚଳ ଯାଆତୁ ନିତ୍ୟକର୍ମ ସାରି
ନୂଆ ଜାମା ଦବୁ ପିନ୍ଧି
କେଡ଼େ ସୁନ୍ଦରିଆ ରାକ୍ଷୀ ମୁଁ ରଖିଛି
ତୋ ହାତରେ ଦେବି ବାନ୍ଧି।
ମୋ ଗେହ୍ଲୁ ଭାଇର ମୁଣ୍ଡରେ ପକାଇ
ଅରୁଆ ଚାଉଳ ଦୁବ
ଧୂପ, ଦୀପ ଜାଳି ବନ୍ଦାଇବି ତତେ
ମନାସିବି ତୋର ଶୁଭ।
କେବଳ ମୁଁ ନୁହେଁ ଶାଶୁଘରେ ତଥା
ଦୂରେ ଥିଲେ ଭଉଣୀଟି
ଭାଇର ପାଖକୁ ରାକ୍ଷୀପୂର୍ଣ୍ଣିମାରେ
ଆସେ ସୁଦୂରରୁ ଛୁଟି।
ଉପହାର ଠାରୁ ଭାଇ ଉପସ୍ଥିତି
ଭଉଣୀ ପାଇଁକି ବଡ଼
ଭାଇ ଥିଲେ ସାଥେ ଭଉଣୀକୁ ସ୍ପର୍ଶ
କରେନି କଦାପି ଝଡ଼।
ପ୍ରଭୁ ବଳଦେବଙ୍କ ଜନ୍ମଦିନ ଆଜି
ପାଳିବେ ତ ପଲ୍ଲୀପୁରେ
ବଳଦ ଗାଈଙ୍କୁ ଗାଧୋଇ ରାକ୍ଷୀକୁ
ବାନ୍ଧିବେ ତାଙ୍କରି ଠାରେ।
ଜଗା ବଳିଆଙ୍କୁ ସୁଭଦ୍ରା ବାନ୍ଧିବେ
ଭାବର ବନ୍ଧନ ରାକ୍ଷୀ
ପବିତ୍ର ସମ୍ପର୍କ ଭାଇ ଭଉଣୀଙ୍କ
ରାକ୍ଷୀ ଅଟେ ମୂକସାକ୍ଷୀ।
ବଡ଼ଦେଉଳର ତିନି ଦିଅଁଙ୍କୁ ମୁଁ
କରୁଅଛି ନିବେଦନ
ତୁମପରି ପ୍ରତି ଭାଇ ଭଉଣୀଙ୍କ
ଅତୁଟ ରହୁ ବନ୍ଧନ। ■

କଣ୍ଟିଗଡ଼ିଆ, ଧର୍ମଶାଳା, ଯାଜପୁର
ମୋ- ୭୦୦୮୭୩୪୮୦୦

## ତ୍ରିରଙ୍ଗା



ଚିତ୍ତରଞ୍ଜନ ମହାନ୍ତି

ସବୁ ପାତ୍ର ନୁହେଁ କଳସୀ
ସବୁ ପତର ନୁହେଁ ତୁଳସୀ
ସବୁ ନଦୀ ନୁହଁଇ ଗଙ୍ଗା
ସବୁ ପତାକା ନୁହେଁ ତ୍ରିରଙ୍ଗା॥
ସଗର୍ବେ ଉଡ଼େ ଫରଫର
ଦେଖିଲେ ଆସେ ମନେ ଗର୍ବ
ମିଳିଯାଏ ମୁକ୍ତିର ଆନନ୍ଦ
ଖୋଲା ଆକାଶେ ମୁକ୍ତ ବିହଙ୍ଗ॥
ସୁଯୋଗ୍ୟ ସନ୍ତାନ ଏ ଦେଶର
ଗାନ୍ଧୀ, ଗୋପବନ୍ଧୁ, ଜବାହର
ଲାଲ୍, ବାଲ୍, ପାଲ୍, ସୁଭାଷ
ମୁକ୍ତି ସେନାର ଶ୍ରେଷ୍ଠ ନାୟକ॥
ଦେଇଛନ୍ତି ଅମୃତ ବାର୍ତ୍ତା
ପାଥେୟ କରି ଚାଲିଛୁ ରାସ୍ତା
ଶାନ୍ତି, ଅହିଂସା, ପ୍ରେମ ବଳେ
ସବୁରି ହୃଦୟ ଜିତି ହୁଏ॥
ଦେଶର ସୁଯୋଗ୍ୟ ସନ୍ତାନ
ସବୁରି ହୃଦୟେ ବିଦ୍ୟମାନ
ଏମିତି ସନ୍ତାନ ଥିଲେ ଦେଶର
ଶତ୍ରୁମାନଙ୍କ ପଡ଼େନି ନଜର॥
ଦେଶ ବଞ୍ଚିଲେ ଆମେ ବଞ୍ଚିବା
ଦେଶ ପାଇଁ ଜୀବନ ଦେବା
ଦେଶବାସୀ ଜାଗ୍ରତ ପ୍ରହରୀ
ଜୀବନ ଧନ୍ୟ ତା' ସେବା କରି॥ ■

ତଗିରା, ରାଣୀତାଲ
ମୋ- ୯୪୩୮୬୭୦୧୫୦





## ଉପକାର ଶୁଝିଲେ ଜନ୍ଦା ଓ ପିମ୍ପୁଡ଼ି



କାଳିକିଙ୍କର

ଅଧିକ ବର୍ଷା ହେଲାରୁ ନଦୀ ଉଛୁଳି ପଡ଼ିଲା। ସମସ୍ତେ କହିଲେ ବନ୍ୟା ଆସିଲା। ସ୍କୁଲ ଛୁଟି। ତେବେ ସବୁଆଡ଼େ ପାଣି ଓ ସୁଅ ଚାଲୁଥିବାରୁ ରିଆ, ଟିଆ, କିଆ ଆଦି ପିଲାମାନେ ଘରେ ଅଛନ୍ତି। ସେମାନେ ଖୁସି ଯେ, ତାଙ୍କ ଆଗରେ ପାଣିର ସୁଅ ଧୀରେଧୀରେ ଯାଉଛି। କାଠି କୁଟା ପତର ଇତ୍ୟାଦି ଭାସି ଭାସି ଯାଉଛି। ଘର ଆଗରେ ଅବଶ୍ୟ ଅଧିକ ପାଣି ହୋଇନି କି ସୁଅ ପ୍ରଖର ନୁହେଁ ତେଣୁ ରିଆ, ଟିଆ ଓ କିଆ ସେ ପାଣି ଭିତରେ ଦୌଡ଼ାଦୌଡ଼ି କରୁଛନ୍ତି। ହାତର ଆଞ୍ଜୁଳାରେ ପାଣି ନେଇ ଖେଳୁଛନ୍ତି। ହଠାତ୍ ରିଆ କହିଲା- ଆରେ ଦେଖ ଦେଖ, କେମିତି ଗୋଟିଏ କଦଳୀ ପତ୍ର ଭାସି ଆସୁଛି ଓ ସେଥିରେ ଜନ୍ଦା ଓ ପିମ୍ପୁଡ଼ି ଭାସି ଯାଉଛନ୍ତି। ଜନ୍ଦା ଓ ପିମ୍ପୁଡ଼ିମାନେ ରିଆ, ଟିଆ ଓ କିଆଙ୍କୁ ଦେଖି କହିଲେ- ଆମେ ଭାସିଯାଉଛୁ ଏ ପାଣିରେ। ଆମକୁ ଟିକିଏ ଉଦ୍ଧାର କରନ୍ତନି? କିଆ ଓ ଟିଆ କହିଲେ ନା ନା ବାବା, ତୁମେ ସବୁ ଆସିଲେ ଆମକୁ କାମୁଡ଼ିବ। ରିଆ କିନ୍ତୁ କହିଲା ନାରେ, ବିପଦରେ ଯିଏ ପଡ଼ିଛି ତାକୁ ସାହାଯ୍ୟ କରିବା ଉଚିତ। ତାପରେ ବି ଯଦି ସେ ଆମର କ୍ଷତି କଲା କରୁ, ତା' ଧର୍ମ ତା'ର। ରିଆ ଆଗକୁ ବଢ଼ିଲା। ସାଥିରେ ଟିଆ ଓ କିଆ। ସେମାନେ ଧୀରେ ଧୀରେ ସେ କଦଳୀପତ୍ର ସହ ଜନ୍ଦା ଓ ପିମ୍ପୁଡ଼ିଙ୍କୁ ଉଦ୍ଧାର କଲେ। ଏମାନେ ସବୁ ନାଲି ଜନ୍ଦା ଓ ପିମ୍ପୁଡ଼ି। କାମୁଡ଼ିଲେ ଖୁବ୍ ଯନ୍ତ୍ରଣା ହୁଏ। ରିଆ କିନ୍ତୁ ସେଥିପ୍ରତି ଖାତିର୍ ନ କରି ସେମାନଙ୍କୁ ଟିଆ ଓ କିଆ ସହ ମିଶି ଉଦ୍ଧାର କଲା ଓ ଭୁଇଁରେ ଛାଡ଼ିଦେଲା। ଜନ୍ଦା ଓ ପିମ୍ପୁଡ଼ି ସେମାନଙ୍କୁ ଧନ୍ୟବାଦ ଦେଇ ବାଉଁଶ ବୁଦା ଆଡ଼େ ଚାଲିଲେ।

ଅନେକ ଦିନ ବିତି ଯାଇଛି। ଏବେ ବନ୍ୟା କି ବର୍ଷା ନାହିଁ। ରିଆ, ଟିଆ, କିଆ ସେଇ ବାଉଁଶ ବୁଦା ପାଖରେ ଖେଳୁଥିଲେ ଯେ, ହଠାତ୍ ତାଙ୍କ ପାଖକୁ ଗୋଟିଏ ସାପ ଫଁ ଫଁ କରି ମାଡ଼ି ଆସିଲା। ରିଆ, ଟିଆ, କିଆ କ'ଣ କରିବେ ଉପାୟ ନ ପାଇ କାନ୍ଦିବାକୁ ଲାଗିଲେ। ପାଖଦେଇ ଜନ୍ଦା ଓ ପିମ୍ପୁଡ଼ି ଖାଦ୍ୟ ନେଇ ଯାଉଥିଲେ। ସେମାନେ ରିଆ, ଟିଆ ଓ କିଆଙ୍କର କାନ୍ଦିବା ଶୁଣି ଅଟକି ଗଲେ ଓ ଦେଖିଲେ ବିଷାକ୍ତ ଦୁଷ୍ଟ ନାଗ ସେମାନଙ୍କୁ କାମୁଡ଼ିବାକୁ ଦୌଡ଼ୁଛି। ଆଚ୍ଛା, ଏମିତି କଥା। ଜନ୍ଦା ଓ ପିମ୍ପୁଡ଼ି ସେମାନଙ୍କର ଖାଦ୍ୟ ସେଇଠି ଥୋଇ ସେ ଦୁଷ୍ଟ ନାଗକୁ ଘେରି ଗଲେ ଓ ତାର ଲାଞ୍ଜରୁ ମୁଣ୍ଡଯାଏ କାମୁଡ଼ିବାକୁ ଲାଗିଲେ। ବିଚରା ସେ ଦୁଷ୍ଟ ନାଗ ଆଉ ଫଁ ଫଁ କରି ରିଆ, ଟିଆ ଓ କିଆଙ୍କ ଆଡ଼କୁ ଆସିବ କ'ଣ- ସେଇଠି ଛଟପଟ ହେଲା ଓ ଜନ୍ଦା ପିମ୍ପୁଡ଼ିଙ୍କୁ ଛାଡ଼ିଦେବାକୁ ଅନୁରୋଧ କଲା। ଏଣେ ସାପଟିର ଆଉ ଫଁ ଫଁ ଶବ୍ଦ ନ ଶୁଣି ରିଆ, ଟିଆ ଓ କିଆ ଅନେଇଲେ ସେ ଆସୁଥିବା ଦିଗକୁ। ଦେଖିଲେ ଜନ୍ଦା ଓ ପିମ୍ପୁଡ଼ିମାନେ ତାକୁ ଘେରି ରହିଛନ୍ତି ଓ କାମୁଡ଼ି କାମୁଡ଼ି ତା ଦେହ ଫୁଲେଇ ଦେଲେଣି। ନାଗଟି ନେହୁରା ହୋଇ ଛାଡ଼ି ଦେବାକୁ କହୁଥାଏ। ରିଆ ଟିଆ ଓ କିଆଙ୍କୁ କହିଲା- ଚିହ୍ନିଲ ଏ ଜନ୍ଦା ଓ ପିମ୍ପୁଡ଼ି କିଏ? ଏମାନେ ସେଇମାନେ ଯାହାଙ୍କୁ ଆମେ ପାଣିରୁ ଉଦ୍ଧାର କରିଥିଲେ। "ଦେଖୁଛ ତ! କେମିତି ଜନ୍ଦା ଓ ପିମ୍ପୁଡ଼ି ଉପକାର ଶୁଝିଲେ।" ■

ସୌଭାଗିନୀ ନିବାସ, ରେଞ୍ଚ, ପୁରୀ
ମୋ-୮୨୪୯୨୧୬୦୬୭





ବୈଭବ କୁମାର ପାତ୍ର
ଷଷ୍ଠ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର





ସାଇ ସେଠୀ
ଚତୁର୍ଥ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ପୋଖରୀପୁଟ, ଭୁବନେଶ୍ୱର





ଇଭାଂଶୀ ମିଶ୍ର
ଦ୍ୱିତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ଲକ୍ଷ୍ମୀପ୍ରିୟା ଦାଶ
ତୃତୀୟ ଶ୍ରେଣୀ
କେନ୍ଦ୍ରୀୟ ବିଦ୍ୟାଳୟ ୬
ପୋଖରୀପୁଟ, ଭୁବନେଶ୍ୱର

## ଆଣ୍ଡରସନ-ତେନ୍ଦୁଲକର ଟ୍ରଫି

# ଅନାବଶ୍ୟକ ତ୍ରୁଟି ଯୋଗୁଁ ସିରିଜ୍ ହାତଛଡ଼ା


ଗିଲ୍‌ଙ୍କ ରନ୍ ଆଉଟ୍


ସିରାଜ୍ ପ୍ଲେଡ୍ ଅନ୍

ନୂଆଦିଲ୍ଲୀ,୮।୮ (ଏଜେନ୍ସି):

ଇଂଲଣ୍ଡରେ ନିକଟରେ ଶେଷ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ କଠିନ ପରିଶ୍ରମ ଓ ଭଲ ଖେଳିଥିଲେ ମଧ୍ୟ ଘରୋଇ ଦଳ ସହ ଭାରତ ୨-୨ରେ ସିରିଜ୍ ଅମୀମାଂସିତ ରଖିଛି। କିନ୍ତୁ ପ୍ରାଧାନ୍ୟ ବିସ୍ତାର କରୁଥିବା ଦଳକୁ ସର୍ବଦା ବିଜୟ ମିଳେନାହିଁ। ୨୦୧୮ରେ ଇଂଲଣ୍ଡଠାରୁ ୪-୧ରେ ଟେଷ୍ଟ ସିରିଜ୍ ହାରିବା ପରେ ଏକଥା କହିଥିଲେ ବିରାଟ କୋହଲି। ୨୦୨୧-୨୨ ଓ ୨୦୨୫ରେ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍ ଖୁବ୍ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଉଭୟ ସିରିଜ୍‌ରେ ଭାରତ ପ୍ରାଧାନ୍ୟ ବିସ୍ତାର କରିଥିଲେ ମଧ୍ୟ ବିଜୟୀ ହୋଇ ପାରି ନ ଥିଲା। କିନ୍ତୁ ସିରିଜ୍‌ର ତଥ୍ୟକୁ ତର୍ଜମା କଲେ ଜଣାଯାଏ, ଗୁରୁତ୍ୱପୂର୍ଣ୍ଣ ସମୟରେ ଭାରତୀୟ ଖେଳାଳିଙ୍କ ଅନିଚ୍ଛାକୃତ ତ୍ରୁଟି ଓ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଭାଗ୍ୟ ସହାୟ ହେବାରୁ ଭାରତ ଏହି ସିରିଜ୍‌ରେ ବିଜୟୀ ହେବାରୁ ବଞ୍ଚିତ ହୋଇଥିଲା।

ଅନ୍ୟପକ୍ଷରେ ଦେଖିବାକୁ ଗଲେ ୨୦୧୯ ପରଠାରୁ ଅଷ୍ଟ୍ରେଲିଆ ଓ ଭାରତ ପରି ଶକ୍ତିଶାଳୀ ଦେଶ ବିପକ୍ଷରେ ଇଂଲଣ୍ଡ ଉଭୟ ଘରୋଇ ଓ ବିଦେଶ ମାଟିରେ ୪ଟି ଟେଷ୍ଟ ସିରିଜ୍ ଖେଳିଥିଲେ ମଧ୍ୟ ଗୋଟିଏ ହେଲେ ଜିତିପାରିନାହିଁ। ବର୍ତ୍ତମାନ ଖେଳାଯାଇଥିବା ସିରିଜ୍‌ରେ ଭାରତୀୟ ବ୍ୟାଟର ୩୯.୭୭ ହାରରେ ରନ୍ ସଂଗ୍ରହ କରି ୧୨ଟି ଶତକ ହାସଲ କରିଥିଲେ। ଇଂଲଣ୍ଡ ବ୍ୟାଟର ୩୬.୫୩ ହାରରେ ରନ୍ ସଂଗ୍ରହ କରିବା ସହ ୯ଟି ଶତକ ହାସଲ କରିଥିଲେ। ଭାରତୀୟ ପେସ୍ ବୋଲରମାନେ ୱିକେଟପ୍ରତି ୩୪.୯୫ ଓ ଇଂଲଣ୍ଡ ପେସର ୩୬.୫୩ ହାରରେ ରନ୍ ବ୍ୟୟ କରିଥିଲେ। ଅବଶ୍ୟ ଏହା ସମ୍ଭବ ହୋଇଛି ଇଂଲଣ୍ଡର 'ବାଜ୍‌ବଲ' ନୀତି ଯୋଗୁଁ।

ଯେଉଁ ସିରିଜ୍‌ରେ ଭାରତ ଅନେକ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିଲେ ମଧ୍ୟ ଅନିଚ୍ଛାକୃତ ବା ଅନାବଶ୍ୟକ ତ୍ରୁଟି ଯୋଗୁଁ ସଫଳତା ମିଳିନାହିଁ। ନିୟନ୍ତ୍ରଣରେ ଥିବା ବଲ୍‌ରେ ଭାରତୀୟ ବ୍ୟାଟର ୨୨ଥର ଆଉଟ ହୋଇଥିଲାବେଳେ ଇଂଲଣ୍ଡର ମାତ୍ର ୯ଜଣ ଖେଳାଳି ଆଉଟ ହୋଇଛନ୍ତି। ପ୍ରଥମ ଟେଷ୍ଟରେ ଏହିପରି ବଲ୍‌ରେ ଆଉଟ ହୋଇ ଅଧିନାୟକ ଶୁବମନ ଗିଲ୍ ଏହି ଧାରା ଆରମ୍ଭ କରିଥିଲେ। ଏହା ପରେ ଭାରତର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଟେଷ୍ଟରେ ଏକଦା ଭାରତ ୩ ୱିକେଟରେ ୪୩୦ ରନ୍ କରିଥିଲାବେଳେ ଗିଲ୍‌ଙ୍କ ଅନାବଶ୍ୟକ ଆଉଟ ପରେ ଦଳ ୪୭୧ରେ ଅଲଆଉଟ ହୋଇଥିଲା। ଏହି ଟେଷ୍ଟର ଦ୍ୱିତୀୟ ଇନିଂସରେ ଉପଅଧିନାୟକ ଋଷଭ ପନ୍ତ ଦମ୍‌ର ସହ ବ୍ୟାଟିଂ କରୁଥିଲାବେଳେ ପ୍ରତିପକ୍ଷ ସୋଏବ ବସିରଙ୍କୁ ଅନାବଶ୍ୟକ ସଟ୍ ମାରି ଆଉଟ ହୋଇଥିଲେ। ଯାହା ଫଳରେ ଭାରତ ଏକଦା ୩ ୱିକେଟରେ ୨୮୭ ରନ୍ କରିଥିଲାବେଳେ ୩୬୪ରେ ଅଲଆଉଟ ହୋଇଥିଲା। ଲର୍ଡ୍ସରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ଋଷଭ ପନ୍ତ ଲଞ୍ଚ ପୂର୍ବରୁ ଅନାବଶ୍ୟକ ଭାବେ ରନ୍ ଆଉଟ ହେବା, ସୋଏବ ବସିରଙ୍କ ବଲରେ ମହମ୍ମଦ୍ ସିରାଜ ଭଲ ଖେଳିବା ପରେ ମଧ୍ୟ ପ୍ଲେଡ ଅନ୍ ହେବା ଭାରତୀୟ ଖେଳାଳିଙ୍କ ଦ୍ୱାରା ହୋଇଥିବା ଅନିଚ୍ଛାକୃତ ତ୍ରୁଟି ମଧ୍ୟରେ ଅନ୍ୟତମ। ଯେଉଁ ସିରିଜ୍‌ରେ ୨ଟି ଟେଷ୍ଟ ୨୫ରୁ କମ୍ ରନ୍ ମଧ୍ୟରେ ଫଳାଫଳ ମିଳିଛି, ସେଠାରେ ଏଭଳି ଅନିଚ୍ଛାକୃତ ଓ ଅନାବଶ୍ୟକ ତ୍ରୁଟିରୁ ପ୍ରତିପକ୍ଷ ଦଳକୁ ଫାଇଦା ମିଳିଛି। ଭାରତ ପ୍ରାଧାନ୍ୟ ବିସ୍ତାର କରି ମଧ୍ୟ ସିରିଜ୍ ଜିତିବାରେ ସମର୍ଥ ହୋଇନାହିଁ।

### ଡ୍ରପ୍ କ୍ୟାଚ୍‌ରୁ ଇଂଲଣ୍ଡକୁ ଫାଇଦା


ଯେଉଁ ପିଚ୍‌ରେ ବ୍ୟାଟରକୁ ସୁହାଇଥାଏ, ସେଠାରେ ବୋଲରମାନେ ନିଜ ଫିଲ୍ଡରଙ୍କଠାରୁ କିଛି ଅଧିକ ସହାୟତା ଆଶା କରିଥାନ୍ତି। କିନ୍ତୁ ଏହି ଟେଷ୍ଟ ସିରିଜ୍‌ରେ ଠିକ୍ ଓଲଟା ହୋଇଛି। ଭାରତୀୟ ଫିଲ୍ଡରମାନେ ଏହି ସିରିଜ୍‌ରେ ୨୩ଟି ଓ ଇଂଲଣ୍ଡ ଖେଳାଳି ୧୭ଟି କ୍ୟାଚ୍ ଡ୍ରପ୍ କରିଛନ୍ତି। ଯାହା ଫଳରେ ଏମାନେ ୭୧୮ ରନ୍ ଅଧିକ ବ୍ୟୟ କରିଛନ୍ତି। ଭାରତୀୟମାନେ ଡ୍ରପ୍ କ୍ୟାଚ୍‌ରୁ ୫୮୭ ରନ୍ ଉଠାଇଛନ୍ତି। ଜଣେ ବ୍ୟାଟରଙ୍କ ପ୍ରଥମ କ୍ୟାଚ୍ ଡ୍ରପ୍ ହେବା ପରେ ସେ ଯେତିକି ଅଧିକ ରନ୍ ସଂଗ୍ରହ କରିଛନ୍ତି ତାହାକୁ ହିସାବ କରାଯାଇଛି। ଏହି ଡ୍ରପ୍ କ୍ୟାଚ୍ ଯୋଗୁଁ ସର୍ବାଧିକ ଫାଇଦା ମିଳିଛି ଇଂଲଣ୍ଡର ହ୍ୟାରୀ ବ୍ରୁକ୍‌ଙ୍କୁ। ସେ ସିରିଜ୍‌ରେ ୪୮୧ ରନ୍ କରିଥିଲାବେଳେ କ୍ୟାଚ୍ ଡ୍ରପ୍ ଯୋଗୁଁ ୨୪୦ ରନ୍‌ର ଫାଇଦା ପାଇଥିଲେ। ଲିଡ୍ସ ଟେଷ୍ଟରେ ସେ ଖାତା ଖୋଲିବା ପୂର୍ବରୁ ବୁମ୍‌ରାଙ୍କ ଦ୍ୱାରା ଆଉଟ ହୋଇଥିଲେ। କିନ୍ତୁ ତାହା ନୋ ବଲ ହେବାରୁ ୯୯ ରନ୍ କରିଥିଲେ। ଏହି କ୍ୟାଚ୍ ଡ୍ରପ୍‌ରୁ ଜେମି ସ୍ମିଥ୍ ୧୩୦, ଓଲି ପୋପ୍ ୧୨୩ ରନ୍ ଅଧିକ କରିଥିଲେ। ଭାରତୀୟମାନେ ମଧ୍ୟ ଶେଷ ୨ଟି ଟେଷ୍ଟରୁ ଡ୍ରପ୍ କ୍ୟାଚ୍ ଯୋଗୁ ଫାଇଦା ଉଠାଇଥିଲେ। ମାଞ୍ଚେଷ୍ଟରରେ ରବୀନ୍ଦ୍ର ଜାଡେଜା, ଓଭାଲ ଟେଷ୍ଟରେ ୨ଥର ଯଶସ୍ୱୀ ଜୟସ୍ୱାଲଙ୍କ କ୍ୟାଚ୍ ଡ୍ରପ୍ ହେବା ପରେ ଶତକ ହାସଲ କରିଥିଲେ। ଶେଷ ଟେଷ୍ଟରେ ନାଇଟ୍‌ୱାଚ୍‌ମ୍ୟାନ୍ ଭାବେ ଆସି ଆକାଶଦୀପ ୬୬ ରନ୍ କରିଥିଲେ। କିନ୍ତୁ ସେ ୨୧ ରନ୍ କରିଥିଲାବେଳେ ତାଙ୍କ ପ୍ରଥମ କ୍ୟାଚ୍ ଡ୍ରପ୍ ହୋଇଥିଲା। ସିରିଜ୍‌ରେ ଗିଲ୍ ୭୫୪ ରନ୍ କରିଥିଲେ ମଧ୍ୟ କ୍ୟାଚ୍ ଡ୍ରପ୍ ପରେ ମାତ୍ର ୫୭ ରନ୍ କରିଥିଲେ।

## ଦୁଲୀପ୍ ଟ୍ରଫିରୁ ଘରୋଇ କ୍ରିକେଟ ସିଜନ ଆରମ୍ଭ

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଭାରତରେ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦୁଲୀପ ଟ୍ରଫିରୁ ଆରମ୍ଭ ହେବ। ଏହା ମଧ୍ୟରେ ବେଙ୍ଗାଲୁରୁରେ ଅଗଷ୍ଟ ୨୮ରୁ ଆରମ୍ଭ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆନ୍ତଃଜୋନ୍ ନକ୍‌ଆଉଟ ଭିତ୍ତିରେ ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୧୫ରେ ଶେଷ ହେବା ପରେ ଅକ୍ଟୋବର ୧ରୁ ୫ ତାରିଖଯାଏ ଇରାନି କପ୍ ଖେଳାଯିବ। ରଣଜୀ ଟ୍ରଫି ଚାମ୍ପିଅନ ବିଦର୍ଭ ଓ ଅବଶିଷ୍ଟ ଭାରତ ଏକାଦଶ ମଧ୍ୟରେ ଏହି ୫ ଦିନିଆ ମ୍ୟାଚ୍ ଖେଳାଯିବ। ଏହା ପରେ ଆରମ୍ଭ ହେବ ଘରୋଇ କ୍ରିକେଟର ସବୁଠାରୁ ବଡ଼ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫି। ଗତବର୍ଷ ଭଳି ଏଥର ମଧ୍ୟ ଦୁଇଟି ପର୍ଯ୍ୟାୟରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ଏଲିଟ କାଟାଗୋରୀର ପ୍ରଥମ ପର୍ଯ୍ୟାୟ ଅକ୍ଟୋବର ୧୫ରୁ ନଭେମ୍ବର ୧୯ଯାଏ ଆରମ୍ଭ ହେବ। ଏଲିଟ ରଣଜୀ ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ ୨୦୨୬ ଜାନୁଆରୀ ୨୨ରୁ ଫେବୃଆରୀ ୧ ଯାଏ ଖେଳାଯିବ। ଫେବୃଆରୀ ୬ରୁ ୨୯ ମଧ୍ୟରେ ରଣଜୀ ନକ୍‌ଆଉଟ ଟୁର୍ଣ୍ଣାମେଣ୍ଟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ରଣଜୀ ପ୍ଲେଟ୍ ଲିଗ୍‌ର ପ୍ରଥମ ପର୍ଯ୍ୟାୟ ଅକ୍ଟୋବର ୧୫ରୁ ନଭେମ୍ବର ୧୯ ଖେଳାଯିବ। ଜାନୁଆରୀ ୨୨ରୁ ୨୬ ତାରିଖ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।

ନଭେମ୍ବର ୧୯ରୁ ଜାନୁଆରୀ ୨୨ ମଧ୍ୟରେ ସୀମିତ ଓଭର ଫର୍ମାଟର ଦୁଇଟି ବଡ଼ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏହା ମଧ୍ୟରୁ ସୟଦ ମୁସ୍ତାକ ଅଲି ଟି-୨୦ ଟୁର୍ଣ୍ଣାମେଣ୍ଟ ନଭେମ୍ବର ୨୬ରୁ ଆରମ୍ଭ ହୋଇ ଡିସେମ୍ବର ୧୮ରେ ଶେଷ ହେବ। ଏହା ପରେ ବିଜୟ ହଜାରେ ଟ୍ରଫି ଲିଷ୍ଟ-ଏ' (ଦିନିକିଆ ଫର୍ମାଟ) ଡିସେମ୍ବର ୨୪ରୁ ଆରମ୍ଭ ହୋଇ ଜାନୁଆରୀ ୧୮ରେ ଶେଷ ହେବ। ରଣଜୀ ଟ୍ରଫି ଭଳି କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି ମଧ୍ୟ ୨ଟି ପର୍ଯ୍ୟାୟରେ ଖେଳାଯିବ। ପ୍ରଥମ ପର୍ଯ୍ୟାୟ ଖେଳ ଅକ୍ଟୋବର ୧୬ରୁ ନଭେମ୍ବର ୫, ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ୨୩ରୁ ଫେବୃଆରୀ ୨ ଓ ନକ୍‌ଆଉଟ ପର୍ଯ୍ୟାୟ ଫେବୃଆରୀ ୨୧ରୁ ମାର୍ଚ୍ଚ ୧୨ଯାଏ ଅନୁଷ୍ଠିତ ହେବ। ଏହାରି ମଧ୍ୟରେ ଜୁନିଅର ବିଭାଗ ଖେଳାଯିବ।

## ୧୯ ବର୍ଷରୁ କମ୍ ଅଷ୍ଟ୍ରେଲୀୟ ଦଳରେ ଦୁଇ ଭାରତୀୟ ବଂଶୋଦ୍ଭବ ଆର୍ଯ୍ୟନ ଓ ଯଶ୍






ମେଲବୋର୍ଣ୍ଣ,୮।୮ (ଏଜେନ୍ସି): ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳ ଏକ ମଲ୍ଟିପଲ ଫର୍ମାଟରେ ଖେଳିବାକୁ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ସେପ୍ଟେମ୍ବର ୨୧ରୁ ଆରମ୍ଭ ହେବାକୁ ଥିବା ଏହି ଗସ୍ତ ଲାଗି ଟିମ୍ ନେଲସନଙ୍କ ପ୍ରଶିକ୍ଷଣରେ ଅଷ୍ଟ୍ରେଲିଆ ଜୁନିଅର ଦଳ ପ୍ରସ୍ତୁତି ଆରମ୍ଭ କରିଛି। ପ୍ରଥମ ଦଫାରେ ଏହି ଟୁର ଲାଗି ଏକ ୧୫ ଜଣିଆ ୧୯ ବର୍ଷରୁ କମ୍ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଦୁଇ ଭାରତୀୟ ବଂଶୋଦ୍ଭବ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଆର୍ଯ୍ୟନ ଶର୍ମା ଓ ଯଶ ଦେଶମୁଖ। ଅଷ୍ଟ୍ରେଲିଆର ଘରୋଇ କ୍ରିକେଟରେ ସଫଳତା ପାଇବା ପରେ ଏମାନଙ୍କୁ ଜାତୀୟ ଦଳରେ ସାମିଲ କରାଯାଇଛି। ଭିକ୍ଟୋରିଆ ପକ୍ଷରୁ ଖେଳୁଥିବା ଆର୍ଯ୍ୟନ ଜଣେ ଟପ୍ ଅର୍ଡର ବ୍ୟାଟର। ସେହପରି ଦେଶମୁଖ ଜଣେ ପେସ୍ ବୋଲିଂ ଅଲରାଉଣ୍ଡର। ଏବେ ଅଷ୍ଟ୍ରେଲୀୟ କ୍ରିକେଟରେ ଭାରତୀୟ ବଂଶୋଦ୍ଭବ ଖେଳାଳି ସ୍ଥାନ ପାଉଛନ୍ତି। ଲେଗ୍ ସ୍ପିନର ତନବୀର ସାଙ୍ଗା ଏବେ ଅଷ୍ଟ୍ରେଲିଆ-ଏ ଦଳର ନେତୃତ୍ୱ ନେଇଥିଲେ। ଏଣୁ ଅଷ୍ଟ୍ରେଲିଆରେ ମଧ୍ୟ ଅନ୍ୟ ଦେଶର ଖେଳାଳିଙ୍କୁ ସ୍ଥାନ ମିଳୁଛି। ଏହି ଗସ୍ତରେ ୩ଟି ଦିନିକିଆ ଓ ୨ଟି ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

## ଡେଭନ-୧୫୩, ହେନରୀ-୧୫୦*, ରାଚିନ-୧୬୫*
## ନ୍ୟୁଜିଲାଣ୍ଡ ୬୦୧/୩

ବୁଲାୱାୟୋ,୮।୮ (ଏଜେନ୍ସି): ଓପନର ଡେଭନ କନୱେଙ୍କ ୧୫୩, ହେନରୀ ନିକୋଲସଙ୍କ ୧୫୦ ଓ ରାଚିନ ରବୀନ୍ଦ୍ରଙ୍କ ୧୬୫ ରନ୍ ସହାୟତାରେ ଏଠାରେ ଜିମ୍ବାୱେ ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୩ ୱିକେଟରେ ୬୦୧ ରନ୍‌ର ବିଶାଳ ସ୍କୋର ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅବିଭକ୍ତ ୪ର୍ଥ ୱିକେଟ ଯୋଡିରେ ୨୫୬ ରନ୍ ଉଠାଇଥିବା ହେନରୀ ଓ ରାଚିନ ଅପରାଜିତ ଅଛନ୍ତି। ପୂର୍ବରୁ ଜିମ୍ବାୱେ ପ୍ରଥମ ଇନିଂସରେ ମାତ୍ର ୧୨୫ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଫଳରେ ୩ ଦିନ ଖେଳ ବାକିଥିଲାବେଳେ ୪୭୬ ରନ୍‌ରେ ନ୍ୟୁଜିଲାଣ୍ଡ ଆଗୁଆ ରହିଛି।

## ଦୁଷ୍କର୍ମ ଅଭିଯୋଗରେ ପାକିସ୍ତାନୀ କ୍ରିକେଟର ହାଇଦର୍ ଅଲି ଗିରଫ



ଲଣ୍ଡନ,୮।୮ (ଏଜେନ୍ସି): ବ୍ରିଟେନର ଜଣେ ମହିଳାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ପାକିସ୍ତାନର ଜଣେ ପ୍ରତିଷ୍ଠିତ ଟି-୨୦ କ୍ରିକେଟ ଖେଳାଳି ହାଇଦର ଅଲିଙ୍କୁ ମାଞ୍ଚେଷ୍ଟର ଗ୍ରେଟର ପୁଲିସ୍ ଗିରଫ୍ କରିଛି। ହାଇଦର ଏବେ ଜେଲ୍‌ରେ ଥିଲାବେଳେ ଅଗଷ୍ଟ ୪ ତାରିଖ ଦିନ ତାଙ୍କୁ ଗିରଫ କରାଯାଇଥିଲା। ପାକିସ୍ତାନ-ଏ' ଦଳର ଇଂଲଣ୍ଡ ଗସ୍ତବେଳେ ମାଞ୍ଚେଷ୍ଟରର ଏକ ସ୍ଥାନରେ ଏହି ଘଟଣା ଗତ ଜୁଲାଇ ୨୩ରେ ଘଟିଥିଲା। ଗିରଫ୍ ହେବା ପରେ ହାଇଦରଙ୍କୁ ପାକିସ୍ତାନ କ୍ରିକେଟ ବୋର୍ଡ ସସ୍‌ପେଣ୍ଡ କରିଛି। ବିଚାର ଶେଷ ନ ହେବା ଯାଏ ଏହା ବଳବତ୍ତର ରହିବ। ୨୦୨୦ରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିବା ହାଇଦର ପାକିସ୍ତାନ ସିନିଅର ଟିମ୍ ପକ୍ଷରୁ ୩୫ଟି ଟି-୨୦ ଓ ୨ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି।

### କାନାଡ଼ିଆନ୍ ଓପନ ଟେନିସ

## ଓସାକାଙ୍କୁ ହରାଇ ବୋକୋ ଚାମ୍ପିଅନ



ଟରଣ୍ଟୋ,୮।୮ (ଏଜେନ୍ସି): କାନାଡାର ଟିନ୍ ଏଜ୍ ଖେଳାଳି ଭିକ୍ଟୋରିଆ ବୋକୋ ୪ଥରର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ନାଓମି ଓସାକାଙ୍କୁ ପରାସ୍ତ କରି କାନାଡିଆନ୍ ଓପନ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଗୁରୁବାର ରାତିରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମ ସେଟ ୨-୬ରେ ହାରିବା ପରେ ୧୮ ବର୍ଷିଆ ବୋକୋ ପରବର୍ତ୍ତୀ ୨ଟି ସେଟ୍‌କୁ ୬-୪, ୬-୧ ରେ ଜିତିବା ସହ ଟାଇଟଲ କବ୍‌ଜା କରିଥିଲେ। ଏବେ ବିଶ୍ୱରେ ୮୫ ନମ୍ବର ଖେଳାଳି ହୋଇଥିବା ବୋକୋଙ୍କ କ୍ୟାରିୟରରେ ଏହା ପ୍ରଥମ ଡବ୍ଲ୍ୟୁଟିଏ ୧୦୦୦ ଟାଇଟଲ। ବୋକୋ ମଧ୍ୟ କାନାଡାର ପ୍ରଥମ ଖେଳାଳି ଭାବେ ଓପନ ଏରାରେ ୩ଜଣ ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ସୋଫିଆ କେନିନ, କୋକୋ ଗଫ୍ ଓ ଏଲେନା ରିବାକିନାଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

## ଘାନା ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନରେ ଭାଗନେବେ କିଟ୍‌ର ଅବିନାଶ



ଭୁବନେଶ୍ୱର,୮।୮ (ସମିସ): ଓଡ଼ିଶା ତଥା କିଟ୍‌ର ଛାତ୍ର ଅବିନାଶ ମହାନ୍ତି ଭାରତ ପକ୍ଷରୁ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ମନୋନିତ ହୋଇଛନ୍ତି। ଘାନାରେ ଅଗଷ୍ଟ ୧୧ରୁ ୧୭ ଯାଏ ଜେଇ ୱିଲସନ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ଅବିନାଶ ଭାରତୀୟ ଦଳର ପ୍ରତିନିଧିତ୍ୱ କରିବେ। ନିକଟରେ ଜର୍ମାନୀରେ ଅନୁଷ୍ଠିତ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ ବୋଲି କିଟ୍ ପକ୍ଷରୁ ସୂଚନା ଦିଆଯାଇଛି।

## ଲଣ୍ଡନରେ କୋହଲିଙ୍କ ଅଭ୍ୟାସ



ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ସୁପରଷ୍ଟାର ବିରାଟ କୋହଲି ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରିବା ଲାଗି ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଲଣ୍ଡନରେ ବସବାସ କରୁଥିବା ଆଇପିଏଲ୍ ଟିମ୍ ଗୁଜରାଟ ଟାଇଟନ୍ସର ଆସିଷ୍ଟାଣ୍ଟ କୋଚ୍ ନଇମ ଅମିନଙ୍କ ତତ୍ତ୍ୱାବଧାନରେ ସେ ଶୁକ୍ରବାର ଅଭ୍ୟାସ କରିଥିଲେ। ଧୂସର ରଙ୍ଗର ଏକ ଟି-ସାର୍ଟ ପିନ୍ଧି ବ୍ୟାଟିଂ ଅଭ୍ୟାସ କରୁଥିବା ଦେଖାଯାଇଥିଲା। ନଇମ ଅମିନ ସହାୟତା କରିଥିବାରୁ କୋହଲି ସାମାଜିକ ଗଣମାଧ୍ୟମରେ ତାଙ୍କୁ ଧନ୍ୟବାଦ ଦେବାକୁ ପଛାଇ ନ ଥିଲେ। ଏବେ ଭାରତ ସେପ୍ଟେମ୍ବର ୯ରୁ ଟି-୨୦ ଫର୍ମାଟରେ ଏସିଆ କପ୍ ଖେଳିବ। କିନ୍ତୁ କୋହଲି ଟି-୨୦ରୁ ଅବସର ନେଇସାରିଥିବାରୁ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିପାରିବେ ନାହିଁ। କିନ୍ତୁ ଭାରତୀୟ ଦଳ ତାହାର ପରବର୍ତ୍ତୀ ଦିନିକିଆ ସିରିଜ୍ ଅଷ୍ଟ୍ରେଲିଆ ସହ ଅକ୍ଟୋବର ୧୯ରୁ ୨୫ ଯାଏ ଖେଳିବ। ଏହି ସିରିଜ୍‌ରେ ସେ ଦଳରେ ସାମିଲ ହେବେ ବୋଲି ଆଶା କରାଯାଉଛି। ଅଗଷ୍ଟରେ ବାଂଲାଦେଶ ସହ ଭାରତର ଦିନିକିଆ କ୍ରିକେଟ ଖେଳିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଏହି ଗସ୍ତ ବାତିଲ ହେବାରୁ କୋହଲିଙ୍କ ଫେରିବା ବିଳମ୍ବିତ ହୋଇଛି। କୋହଲି ଏବେ ଦମ୍‌ର ସହ ଅଭ୍ୟାସ କରୁଥିବା ଦେଖାଯାଇଛି।


## ୱାର୍ଲ୍ଡ ଆଥ୍‌ଲେଟିକ୍ କଣ୍ଟିନେଣ୍ଟାଲ୍ ଟୁର୍ ଲାଗି କଳିଙ୍ଗ ପ୍ରସ୍ତୁତ

ଭୁବନେଶ୍ୱର, ୮।୮ (ସମିସ):

ଆଉ ଗୋଟିଏ ଦିନ ପରେ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଛି ଦିନିକିଆ ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ୍) ପ୍ରତିଯୋଗିତା। ଆଥ୍‌ଲେଟିକ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଏହି ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟ ଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଏସିଆନ୍ କପ୍ ଆଥଲେଟିକ୍ସ ପରେ ଏହା ଦ୍ୱିତୀୟ ଅନ୍ତର୍ଜାତୀୟ ଇଭେଣ୍ଟ। ଏଣୁ ଏହାକୁ କିପରି ସଫଳତାର ସହ ଆୟୋଜନ କରାଯାଇପାରିବ ସେଥିଲାଗି ଆୟୋଜକମାନେ ଜୋରସୋର ଉଦ୍ୟମ ଚଳାଇଛନ୍ତି। ଏହି ଇଭେଣ୍ଟର ସଫଳତା ବଳରେ କଳିଙ୍ଗରେ ଅଧିକ ଅନ୍ତର୍ଜାତୀୟ ଆଥ୍‌ଲେଟିକ ପ୍ରତିଯୋଗିତା ଆୟୋଜିତ ହେବାର ରାସ୍ତା ପରିଷ୍କାର ହେବ। କଳିଙ୍ଗରେ ଏକାଧିକ ଅନ୍ତର୍ଜାତୀୟ ପ୍ରତିଯୋଗିତା, ବିଶେଷ କରି ହକି ଖେଳରେ ଦୁଇଥର ବିଶ୍ୱକପ୍ ସଫଳତାର ସହ ଆୟୋଜିତ ହେବା ପରେ ଏହି ଷ୍ଟାଡିୟମର ଗୁରୁତ୍ୱ ଅନେକ ପରିମାଣରେ ବଢ଼ିଯାଇଛି। କ୍ରିକେଟକୁ ବାଦ୍ ଦେଇ ଅନେକ ଅଲିମ୍ପିକ୍ ଖେଳରେ ଏଠାରେ ଅନ୍ତର୍ଜାତୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି।

ରବିବାର ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତା ଲାଗି ୧୫ଟି ଦେଶରୁ ୧୬୦ଜଣ କ୍ରୀଡ଼ାବିତ ପଞ୍ଜିକରଣ କରିଛନ୍ତି। ଶୁକ୍ରବାର ଦ୍ୱିତୀୟ ସର୍ବାଧିକ ପ୍ରତିଯୋଗୀ ୧୩ ଜଣଙ୍କୁ ନେଇ ନେପାଳ ଦଳ ଏଠାରେ ପହଞ୍ଚିଛନ୍ତି। ସେମାନଙ୍କୁ ଭବ୍ୟସ୍ୱାଗତ ଦିଆଯାଇ ହୋଟେଲରେ ରଖାଯାଇଛି। ଅନ୍ୟ ଦେଶର କିଛି ପ୍ରତିଯୋଗୀ ମଧ୍ୟ ଏଠାରେ ପହଞ୍ଚିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରତିଯୋଗୀ ଆଜି କଳିଙ୍ଗ ଷ୍ଟାଡିୟମ୍ ବୁଲି ଦେଖିଛନ୍ତି। ଏମାନେ ଷ୍ଟାଡିୟମ୍‌ରେ ଥିବା ସୁବିଧା ସୁଯୋଗର ଭୂୟସୀ ପ୍ରଶଂସା କରିଛନ୍ତି। ଭାରତୀୟ ଆଥଲେଟିକ୍ସର ଦୁଇ ବରିଷ୍ଠ ସଂଗଠକ ଆଦିଲ ସୁମରିୱାଲା ଓ ଲଳିତ ଭାନୋଟ ଟୁର୍ଣ୍ଣାମେଣ୍ଟ ଆୟୋଜନର ତଦାରଖ କରୁଛନ୍ତି। ଯୁବ ପିଢ଼ିର ଆୟୋଜକ ତଥା ବାହାଦୁର ସିଂହ ସାଗୋ, ସନ୍ଦୀପ ମେହେଟା ଓ ଟେକ୍ନିକାଲ ଏକ୍ସପର୍ଟ ଷ୍ଟାନ୍‌ଲୀ ବି ଜୋନ୍ସ ଏଠାରେ ଉପସ୍ଥିତ ରହି ପ୍ରତ୍ୟକ୍ଷ ଭାବେ ଆୟୋଜନର ପ୍ରସ୍ତୁତି ଚଳାଇଛନ୍ତି। ଅଢ଼େଇ ଘଣ୍ଟାର ସମୟ ଅବଧି ମଧ୍ୟରେ ୧୯ ଗୋଟି ଇଭେଣ୍ଟ ଆୟୋଜିତ ହେବ। ଭାରତ ପରେ ନେପାଳରୁ ସର୍ବାଧିକ ୧୩ଜଣ, ଶ୍ରୀଲଙ୍କାର ୧୦ଜଣ, ମାଲେସିଆର ୯ଜଣ, ଦକ୍ଷିଣ ଆଫ୍ରିକା ଓ ଗ୍ରେଟ୍ ବ୍ରିଟେନରୁ ୪ଜଣ ଲେଖାଏ ଆଥ୍‌ଲେଟ୍ ଏଥିରେ ଅଂଶଗ୍ରହଣ କରିବେ। ଓଡ଼ିଆ ଆଥ୍‌ଲେଟଙ୍କ ମଧ୍ୟରେ ଜାଭେଲିନ୍ ଫିଙ୍ଗାଳି କିଶୋର ଜେନା, ସ୍ପ୍ରିଣ୍ଟର ଶ୍ରାବଣୀ ନନ୍ଦ, ଲାଲୁପ୍ରସାଦ ଭୋଇଙ୍କଠାରୁ ପଦକ ଆଶା କରାଯାଉଛି। ଓଡ଼ିଶାରେ ଥିବା ହାଇପର୍ଫର୍ମାନ୍ସ ଆଥଲେଟିକ୍ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ଛତିଶଗଡ଼ର ଅନିମେଶ କୁଜୁରଙ୍କ ଉପରେ ଅନେକ ଭରସା ରହିଛି। ଅନିମେଶ ଏବେ ଓଡ଼ିଶାର ଘରେ ଘରେ ପରିଚିତ ହୋଇସାରିଛନ୍ତି।


ଅନିମେଶ କୁଜୁର


ଶ୍ରାବଣୀ ନନ୍ଦ

### ଆୟୋଜିତ ହେବାକୁ ଥିବା ଇଭେଣ୍ଟ

**ପୁରୁଷ:** ୧୦୦, ୨୦୦, ୪୦୦, ୮୦୦ ଓ ୫୦୦୦ ମିଟର, ଲଙ୍ଗ୍ ଜମ୍ପ, ଟ୍ରିପଲ ଜମ୍ପ, ଜାଭେଲିନ୍ ଥ୍ରୋ ଓ ୪ ଗୁଣା ୪୦୦ ମିଟର ରିଲେ।

**ମହିଳା:** ୧୦୦, ୨୦୦, ୪୦୦, ୮୦୦ ଓ ୫୦୦୦ ମିଟର, ୧୦୦ ମିଟର ହର୍ଡଲ୍ସ, ଲଙ୍ଗ୍ ଜମ୍ପ, ଜାଭେଲିନ୍ ଥ୍ରୋ ଓ ୪ ଗୁଣା ୪୦୦ ମିଟର ରିଲେ।

**ମିକ୍ସଡ:** ୪ ଗୁଣା ୪୦୦ ମିଟର ରିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS